# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୫/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, July 5/2024 | Page 16 | ₹ 7.00

୫୦ଶ ଭାଗ ୨୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 221 | ମୂଲ୍ୟ ₹୭/-




**ନୀରଜଙ୍କୁ ଆଥ୍‌ଲେଟିକ୍ସ ଦଳର ନେତୃତ୍ୱ**

ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ଆଥ୍‌ଲେଟିକ୍ସ ଦଳର ନେତୃତ୍ୱ ନେବେ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା।

୧୬

୦୨

**ଆଜି ଓଟିଟିରେ 'ଶ୍ରୀକାନ୍ତ'**

ରାଜକୁମାର ରାଓଙ୍କ ଚଳଚ୍ଚିତ୍ର 'ଶ୍ରୀକାନ୍ତ' ଶୁକ୍ରବାର ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହେବ।





ଟି୨୦ ବିଶ୍ୱକପ ବିଜୟୀ ଭାରତୀୟ କ୍ରିକେଟ ଦଳର ବିଜୟ ପରେଡ୍ ଅବସରରେ ଗୁରୁବାର ମୁମ୍ବାଇର ମେରାଇନ୍ ଡ୍ରାଇଭ୍ ଲୋକାରଣ୍ୟ। (ରିପୋର୍ଟ: ଖେଳପୃଷ୍ଠା)

# ଓଡ଼ିଆରେ ହେବ ଡାକ୍ତରୀ ପାଠପଢ଼ା

## ୨୨ ଜଣିଆ କମିଟି ଗଢ଼ିଲେ ସରକାର

**ଭୁବନେଶ୍ୱର,୪।୭(ବନ୍ଦନା ସେଠୀ)**

ରାଜ୍ୟରେ ଓଡ଼ିଆ ଭାଷାରେ ଡାକ୍ତରୀ ପାଠ ପଢାଯିବ। ଏଥିପାଇଁ କେଉଁସବୁ ବ୍ୟବସ୍ଥା ଆପଣାଯିବ ତାହା ସ୍ଥିର କରିବା ପାଇଁ ରାଜ୍ୟ ସରକାର ଏକ ୨୨ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ଏମ୍‌ବିବିଏସ୍ କୋର୍ସ ପାଇଁ ଆବଶ୍ୟକ ପାଠ୍ୟପୁସ୍ତକକୁ ଓଡ଼ିଆରେ ଅନୁବାଦ କରାଯିବ। ଏଥିପାଇଁ ସମୟ ନିର୍ଘଣ୍ଟ ସାଙ୍ଗକୁ ଆବଶ୍ୟକ ଖର୍ଚ୍ଚ ସମ୍ପର୍କରେ କମିଟି ସରକାରଙ୍କୁ ରିପୋର୍ଟ ଦେବ। ଏନେଇ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଓଡ଼ିଶା ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସେସ (ଓୟୁଏଚ୍‌ଏସ୍)ର କୁଳପତି ପ୍ରଫେସର ମାନସ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଏମ୍ସ ଭୁବନେଶ୍ୱରର ଆଡିଶନାଲ ପ୍ରଫେସର (ଆନାଟୋମି) ଡା. ପ୍ରଭାସ ତ୍ରିପାଠୀ, ବାୟୋକେମ୍ ବିଭାଗର ମୁଖ୍ୟ ପ୍ରଫେସର ମନସ୍ୱିନୀ ମଙ୍ଗରାଜ, ଆଡିଶନାଲ୍ ପ୍ରଫେସର (ଫାର୍ମାଲୋଜି) ଡା. ବିଶ୍ୱରଞ୍ଜନ ପାଢୀ, ଇଏନ୍‌ଟି ବିଭାଗ ମୁଖ୍ୟ ପ୍ରଫେସର ପ୍ରଦୀପ୍ତ ପରିଡ଼ା, ଅର୍ଥୋପେଡିକ୍ ମୁଖ୍ୟ ପ୍ରଫେସର ବିଷ୍ଣୁ ପାତ୍ର, ପେଡିଆଟ୍ରିକ୍ ପ୍ରଫେସର ଭାଗୀରଥି ଦ୍ୱିବେଦୀ, ଡର୍ମାଟୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ବିଶ୍ୱନାଥ ବେହେରା, ରେଡିଓଲୋଜି ବିଭାଗର ଆଡିଶନାଲ ପ୍ରଫେସର ସୁଦୀପ୍ତ ନାୟକ, କଟକ ଏସ୍‌ସିବି ମେଡିକାଲ୍‌ର ସାଇକୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଅର୍ଚ୍ଚନା ମିଶ୍ର, ମନସ୍ତତ୍ତ୍ୱ ବିଭାଗର ପ୍ରଫେସର ମିହିର ରଞ୍ଜନ ନାୟକ, ସୁନ୍ଦରଗଡ଼ ମେଡିକାଲ କଲେଜ୍ ଆଣ୍ଡ୍ ହସ୍ପିଟାଲ୍‌ର ମାଇକ୍ରୋବାୟୋଲୋଜି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡା. ଭରତ ପଟେଲ, ଓୟୁଏଚ୍‌ଏସ୍‌ର ଡେପୁଟି କଣ୍ଟ୍ରୋଲର ଅଫ୍ ଏକ୍ସାମିନେଶନ୍ ଡା. ପ୍ରଦୀପ କୁମାର ନାୟକ, ପୂର୍ବତନ ପ୍ରଫେସର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଶ୍ରେଷ୍ଠ ନୀତି ସାମାଜିକ ନ୍ୟାୟ

# ଗୁଣି ସନ୍ଦେହରୁ ଟ୍ରିପଲ୍ ମର୍ଡର

## ନିଖୋଜର ୫ ଦିନ ପରେ ଜଙ୍ଗଲରୁ ୩ ମୃତଦେହ ଜବତ

**ବାଲେଶ୍ୱର/ଔପଦା,୪।୭ (ମାନସ ବିଶ୍ୱାଳ/ଧରିତ୍ରୀ ପଣ୍ଡା)**

ଗତ ୫ଦିନ ଧରି ନିଖୋଜ ଥିବା ୨ଜଣ ମହିଳା ଏବଂ ଜଣେ ପୁରୁଷଙ୍କ ଗଳିତ ମୃତଦେହ ବାଲେଶ୍ୱର ଜିଲା ଔପଦା ଥାନା ଅଧୀନ ବରପଦା ଗ୍ରାମ ନିକଟସ୍ଥ ଦଲଦଲି ପାହାଡ଼ିଆ ଜଙ୍ଗଲରୁ ଠାବ ହୋଇଛି। ଗୁଣିଗାରେଡ଼ି ସନ୍ଦେହରେ ୩ଜଣଙ୍କୁ ହତ୍ୟାକରି ଜଙ୍ଗଲରେ ଫିଙ୍ଗି ଦିଆଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତକମାନେ ହେଲେ ସମବାରି ସିଂ(୪୫), ଦାମ୍ପା ସିଂ(୫୫) ଏବଂ ତାଙ୍କ ସ୍ତ୍ରୀ ଡାଲିଆ ସିଂ(୪୫)। ଗତ ରବିବାର ରାତିରୁ ଉକ୍ତ ୩ଜଣ ନିଖୋଜ ଥିଲେ। ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱରରେ ରହୁଥିବା ସମବାରିଙ୍କ ପୁଅ ନିରଞ୍ଜନ ସିଂ ଔପଦା ଥାନାରେ ମା' ଏବଂ ଅନ୍ୟ ୨ଜଣଙ୍କ ନିଖୋଜ ନେଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତନାଘନା କରିଥିଲା। ଅଭିଯୋଗକୁ ଆଧାର କରି ପୋଲିସ ଜଣେ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପରେ ଅପରାହ୍ନରେ ସ୍ଥାନୀୟ ଦଲଦଲି ଜଙ୍ଗଲରୁ ୩ଜଣଙ୍କ ଗଳିତ ମୃତଦେହ ଠାବ କରିଥିଲା। ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ସନ୍ଧ୍ୟା ହୋଇଯିବାରୁ ପୋଲିସ ମୃତଦେହ ଜବତ କରିପାରି ନ ଥିବାବେଳେ ଶୁକ୍ରବାର ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବା ପରେ ଉଦ୍ଧାର କରାଯିବ ବୋଲି କହିଛି।

ଥାନାରେ ହୋଇଥିବା ଲିଖିତ ଅଭିଯୋଗ ଅନୁସାରେ ଗତ ରବିବାର ପୂର୍ବାହ୍ନରେ ସମବାରି, ଦାମ୍ପା ଓ ସୁକାନ୍ତିଙ୍କ ମଧ୍ୟରେ ଉକ୍ତ ଗ୍ରାମର ଲାଲା ସିଂ(୩୫) ଏବଂ ପୀତାମ୍ବର ସିଂ(୩୩)ଙ୍କ ସହିତ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏହାପରେ ରବିବାର ରାତିରୁ ସମ୍ବାରି, ଦାମ୍ପା ଓ ଡାଲିଆ ନିଖୋଜ ହୋଇଯାଇଥିଲେ। ସୋମବାର ସମବାରୀଙ୍କ ପୁଅ ନିରଞ୍ଜନ ମା' ସହ ଯୋଗାଯୋଗ କରି ବିଫଳ ହେବାରୁ ସମ୍ପର୍କୀୟ ଏବଂ ଗ୍ରାମବାସୀଙ୍କଠାରୁ ଉକ୍ତ ଦିନ ଝଗଡ଼ା ଘଟଣା ଏବଂ ମା'ଙ୍କ ସହ ଅନ୍ୟ ୨ଜଣ ନିଖୋଜ ଥିବା ଜାଣିବାକୁ ପାଇଥିଲେ। ପରେ ଅଧିକ ପଚରାଉଚରାରୁ ଗ୍ରାମବାସୀଙ୍କଠାରୁ ☞ପୃଷ୍ଠା-୪

# ଓଡ଼ିଆରେ ନଥି ଉପସ୍ଥାପନ କର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୪।୭(ଅନିଲ ଦାସ)**

- ମୁଣ୍ଡିଆ ମାରି ଲୋକସେବା ଭବନକୁ ପ୍ରବେଶ କଲେ ମୁଖ୍ୟମନ୍ତ୍ରୀ
- ନିର୍ମାଣ ହେବ ଓଡ଼ିଆ ଅସ୍ମିତା ଭବନ
- ଗଠନ ହେବ ଓଡ଼ିଆ ଭାଷା କମିଶନ



ଗୁରୁବାର ପୂଜାପାଠ ପରେ ଲୋକସେବା ଭବନସ୍ଥିତ ନିଜ କାର୍ଯ୍ୟାଳୟରେ ପ୍ରବେଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି ୨ ଉପମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ବିଧିବଦ୍ଧ ଭାବେ ସରକାରୀ କାର୍ଯ୍ୟ ଆରମ୍ଭ କରିଛନ୍ତି। ମନ୍ତ୍ରପାଠ ଓ ପୂଜାର୍ଚ୍ଚନା ପରେ ମୁଣ୍ଡିଆ ମାରି ସେ ଲୋକସେବା ଭବନରେ ପ୍ରବେଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ ପାଖକୁ ଆସିବାକୁ ଥିବା ସମସ୍ତ ନଥି ଓଡ଼ିଆରେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଆ ଅସ୍ମିତା ଭବନ ନିର୍ମାଣ କରାଯିବା ସହ ଭାଷା କମିଶନ ଗଠନ ହେବ। ସରକାରୀ ସ୍ତରରେ ଓଡ଼ିଆ ☞ପୃଷ୍ଠା-୪

# ୧,୩୦୦ ବର୍ଷର ଚମତ୍କାରୀ ଖଣ୍ଡା ଉଭାନ

**ପ୍ୟାରିସ୍, ୪।୭**



ଫ୍ରାନ୍ସର ୧,୩୦୦ ବର୍ଷ ପୁରୁଣା ଏକ ପ୍ରାଚୀନ ଚମତ୍କାରୀ ଖଣ୍ଡା ଗୁରୁବାର ହଠାତ୍ ଉଭାନ ହୋଇଯାଇଛି। ସ୍ଥାନୀୟ ରୋକାମଡୋର ସହରରେ ଭୂମିଠାରୁ ୧୦୦ ଫୁଟ୍ ଉଚ୍ଚରେ ପଥର ମଧ୍ୟରେ ଫସିରହିଥିବା ଡୁରଣ୍ଡଲ ନାମକ ଏହି ପ୍ରାଚୀନ ଚମତ୍କାରୀ ଖଣ୍ଡାକୁ ଫେରି ପାଇବା ପାଇଁ ଫ୍ରାନ୍ସ ପୋଲିସ ଦେଶର କୋଣ ଅନୁକୋଣରେ ଖୋଜିବା ଆରମ୍ଭ କରିଛି। ରାକାମଡୋର ସହରର ମୁଖ୍ୟ ଆକର୍ଷଣ ଥିବା ଡୁରଣ୍ଡଲ ଖଣ୍ଡାକୁ ଦେଖିବାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିଲେ। ଏକାଦଶ ଶତାବ୍ଦୀରେ ଲେଖାଯାଇଥିବା ଫ୍ରାନ୍ସ ସାହିତ୍ୟର ସର୍ବପୁରାତନ କବିତା 'ଦି ନାଇଟ୍ ରୋଲାଣ୍ଡ'ରେ ଏହି ପ୍ରାଚୀନ ଖଣ୍ଡା ସମ୍ପର୍କରେ ଉଲ୍ଲେଖ ☞ପୃଷ୍ଠା-୪




## ସଂକ୍ଷେପରେ

### ୮ରୁ ରୁଷିଆ ଯିବେ ମୋଦି

ନୂଆଦିଲ୍ଲୀ,୪।୭(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୮ ତାରିଖରୁ ରୁଷିଆ ଗସ୍ତରେ ଯାଇ ୨୨ତମ ଭାରତ-ରୁଷିଆ ବାର୍ଷିକ ସମିଟ୍‌ରେ ଯୋଗଦେବେ। ଏହି ସମ୍ମିଳନୀରେ ଦୁଇଦେଶ ମଧ୍ୟରେ ବହୁପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ସମୀକ୍ଷା କରାଯିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ରୁଷିଆ ଗସ୍ତ ଶେଷ କରି ମୋଦି ଅଷ୍ଟ୍ରେଲିଆ ଗସ୍ତ କରିବେ। ୪୧ ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଅଷ୍ଟ୍ରେଲିଆ ଗସ୍ତ ହେବ। ସେହିପରି ୫ ବର୍ଷ ପରେ ମୋଦି ରୁଷିଆ ଗସ୍ତରେ ଯାଉଛନ୍ତି। ୨୦୧୯ରେ ସେ ରୁଷିଆର ଭ୍ଲାଡିଭୋଷ୍ଟକ ଯାଇ ଇକୋନୋମିକ୍ କନ୍‌କ୍ଲେଭ୍‌ରେ ଯୋଗ ଦେଇଥିଲେ। ପୂର୍ବରୁ ଭାରତ-ରୁଷିଆ ସମ୍ପର୍କକୁ ନେଇ ୨୧ଟି ସମ୍ମିଳନୀ ହୋଇଥିବାବେଳେ ଶେଷ ସମିଟ୍ ନୂଆଦିଲ୍ଲୀରେ ୨୦୨୧ ଡିସେମ୍ବର ୬ରେ ହୋଇଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଉକ୍ତ ସମିଟ୍‌ରେ ଯୋଗ ଦେଇଥିଲେ ଓ ୨ ଦେଶ ମଧ୍ୟରେ ୨୮ଟି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏହା ବ୍ୟତୀତ ୨୦୨୨ ସେପ୍ଟେମ୍ବର ୧୬ରେ ଉଜ୍‌ବେକିସ୍ତାନର ସମରକନ୍ଦରେ ଅନୁଷ୍ଠିତ ସାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ଅବସରରେ ମୋଦି ଓ ପୁଟିନ୍ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ।

### ନିର୍ବାଚନ ପ୍ରକ୍ରିୟାର ଭିଡିଓ ଦେବାକୁ ଆବେଦନ ଖାରଜ

ନୂଆଦିଲ୍ଲୀ,୪।୭(ପି.ଟି.)

ଉତ୍ତରପ୍ରଦେଶର ଫତେପୁର ସିକ୍ରି ଏବଂ ଆଲିଗଡ଼ ଲୋକ ସଭା ଆସନ ନିର୍ବାଚନ ପ୍ରକ୍ରିୟାର ଭିଡିଓ ରେକର୍ଡିଂ ଯୋଗାଇଦେବା ପାଇଁ ହୋଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। କେବଳ ଦିଲ୍ଲୀରେ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଥିବାରୁ ପିଟିଶନ ଦିଲ୍ଲୀ ହାଇକୋର୍ଟରେ କରାଯାଇପାରିବ ନାହିଁ, କାରଣ ନିର୍ବାଚନର ସମସ୍ତ ପ୍ରକ୍ରିୟା ହାଇକୋର୍ଟଙ୍କ ବିଚାର ପରିସର ବାହାରେ ହୋଇଥିବା ଜଷ୍ଟିସ୍ ପୁରୁଷେନ୍ଦ୍ର କୁମାର କୌରବ କହିଛନ୍ତି। ଆଲିଗଡ଼ ଏବଂ ଫତେପୁର ସିକ୍ରିରେ ବିଜେନ୍ଦ୍ର ସିଂ ଏବଂ ରାମନାଥ ସିଂ ନିର୍ବାଚନ ହାରିଯାଇଥିଲେ। ଭୋଟ ଗଣତି ପ୍ରକ୍ରିୟାରେ କେତେକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ସେମାନେ ନିର୍ବାଚନ ପ୍ରକ୍ରିୟାର ଭିଡିଓ ଫୁଟେଜ୍ ପାଇଁ ଆବେଦନ କରିଥିଲେ।

### ଭାଜପାର ଖରାପ ପ୍ରଦର୍ଶନ ପାଇଁ ମନ୍ତ୍ରୀ ପଦ ଛାଡ଼ିଲେ କିରୋଡ଼ି ମୀନା

ଜୟପୁର,୪।୭(ପି.ଟି.)

ଲୋକ ସଭା ନିର୍ବାଚନରେ ଭାଜପାର ଖରାପ ପ୍ରଦର୍ଶନ ପାଇଁ କିରୋଡ଼ିଲାଲ୍ ମୀନା ରାଜସ୍ଥାନ ମନ୍ତ୍ରୀ ପଦରୁ ଗୁରୁବାର ଇସ୍ତଫା ଦେଇଛନ୍ତି। ତେବେ ତାଙ୍କ ଇସ୍ତଫାପତ୍ର ଏପର୍ଯ୍ୟନ୍ତ ଗୃହୀତ ହୋଇ ନାହିଁ। ରାଜସ୍ଥାନର ଭଜନଲାଲ ଶର୍ମା ମନ୍ତ୍ରିମଣ୍ଡଳରେ ମୀନା କୃଷି, ଗ୍ରାମାଞ୍ଚଳ ବିକାଶ, ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ରହିଛନ୍ତି। ଦଳ ହାଇକମାଣ୍ଡ ତାଙ୍କୁ ଶୁକ୍ରବାର ଦିଲ୍ଲୀ ଡାକିଛନ୍ତି। ସେ ସେଠାରେ ତାଙ୍କ ଇସ୍ତଫାର କାରଣ ସମ୍ପର୍କରେ ଜଣାଇବେ। ତାଙ୍କ ଦାୟିତ୍ୱରେ ଥିବା ଆସନରେ ଭାଜପା ହାରିଲେ ସେ ଇସ୍ତଫା ଦେବେ ବୋଲି ପୂର୍ବରୁ କହିଥିଲେ। ତଦନୁଯାୟୀ ନିଜ ପ୍ରତିଶ୍ରୁତି ରକ୍ଷା କରି ସେ ଇସ୍ତଫା ଦେଇଥିବା କହିଛନ୍ତି। ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ମୋଦି ମୀନାଙ୍କୁ ୭ ଆସନର ଦାୟିତ୍ୱ ଦେଇଥିଲେ।



ଲେବର ପାର୍ଟିର ୬୧ ବର୍ଷୀୟ ନେତା କିର୍ ଷ୍ଟାର୍ମର୍ ନର୍ଥ ଲଣ୍ଡନ ସଂସଦୀୟ ଆସନରେ ସ୍ତ୍ରୀ ଭିକ୍ଟୋରିଆ ଷ୍ଟାର୍ମରଙ୍କ ସହ ମତଦାନ କରିଛନ୍ତି। ପୂର୍ବତନ ମାନବାଧିକାର ଆଇନଜୀବୀ ଷ୍ଟାର୍ମର ଦେଶବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଆଜି ବ୍ରିଟେନ୍ ଏକ ନୂଆ ଅଧ୍ୟାୟ ଆରମ୍ଭ କରିପାରେ। ଆମେ କଞ୍ଜରଭେଟିଭ୍‌ମାନଙ୍କ ଅଧୀନରେ ଆଉ ୫ ବର୍ଷ ଚଳିପାରିବା ନାହିଁ। କିନ୍ତୁ ଆପଣମାନେ ଲେବରକୁ ଭୋଟ ଦେଲେ ପରିବର୍ତ୍ତନ ଆସିବ।

# କ୍ଷମତାକୁ ଫେରୁଛି ଲେବର ପାର୍ଟି

## ବ୍ରିଟେନ୍‌ରେ ନୂଆ ସକାଳ

**ବ୍ରିଟେନ୍‌ରେ ଗୁରୁବାର ସାଧାରଣ ନିର୍ବାଚନ ଚାଲିଥିବାବେଳେ ଦେଶବାସୀ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣାକ୍ରମର ସାକ୍ଷୀ ହେବାକୁ ଯାଉଛନ୍ତି। ଦୀର୍ଘ ୧୪ ବର୍ଷର ବ୍ୟବଧାନ ପରେ କ୍ଷମତା ପରିବର୍ତ୍ତନ ହେବାକୁ ଯାଉଛି। ଲେବର ପାର୍ଟି ଐତିହାସିକ ବିଜୟ ଦିଗରେ ଅଗ୍ରସର ହେବା ସହ କ୍ଷମତାକୁ ଫେରୁଛି। ଲେବର ପାର୍ଟି ନେତା କିର୍ ଷ୍ଟାର୍ମର ବ୍ରିଟେନ୍‌ର ନୂଆ ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ପ୍ରଧାନମନ୍ତ୍ରୀ ଋଷି ସୁନକ୍‌ଙ୍କ ନେତୃତ୍ୱାଧୀନ ଶାସକ କଞ୍ଜରଭେଟିଭ୍ ପାର୍ଟି ପ୍ରାୟ ୨ ଦଶନ୍ଧି ମଧ୍ୟରେ ସବୁଠୁ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇପାରେ ବୋଲି ଅନୁମାନ କରାଯାଉଛି।**

ଲଣ୍ଡନ୍,୪।୭

ବ୍ରିଟେନ୍‌ର ଶାସକ କଞ୍ଜରଭେଟିଭ୍ ପାର୍ଟିରେ ଅନ୍ତର୍କଳହ ଯୋଗୁ ଦେଶ ଗତ ୮ ବର୍ଷରେ ୫ ପ୍ରଧାନମନ୍ତ୍ରୀ ଦେଖିଲାଣି। ୨୦୨୨ ଅକ୍ଟୋବର ଦୀପାବଳି ଦିନ ଋଷି ସୁନକ୍ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଥିଲେ। ଏଥିସହ ଦେଶର ୨୧୦ ବର୍ଷ ଇତିହାସରେ ସର୍ବକନିଷ୍ଠ ଏବଂ ପ୍ରଥମ ଅଣଶ୍ୱେତାଙ୍ଗ ପ୍ରଧାନମନ୍ତ୍ରୀ ରୂପେ ସେ ୧୦ ଡାଉନିଂ ଷ୍ଟ୍ରିଟ୍‌କୁ ପ୍ରବେଶ କରିଥିଲେ। କିନ୍ତୁ ପ୍ରାୟ ୨ ମାସ ତଳେ ସୁନକ୍‌ଙ୍କ କ୍ୟାବିନେଟ୍‌ରୁ ଜଣେ ପରେ ଜଣେ ମନ୍ତ୍ରୀ ଇସ୍ତଫା ଦେବା ପରେ ସେ ପାର୍ଲାମେଣ୍ଟକୁ ଭଙ୍ଗକରି ଆଗୁଆ ସାଧାରଣ ନିର୍ବାଚନ ପାଇଁ ଘୋଷଣା କରିଥିଲେ। ୬୫୦ ଆସନ ବିଶିଷ୍ଟ ବ୍ରିଟେନ୍ ପାର୍ଲାମେଣ୍ଟରେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ହେଉଛି ୩୨୬। ଇଂଲଣ୍ଡ, ସ୍କଟ୍‌ଲାଣ୍ଡ, ୱେଲ୍ସ ଓ ନର୍ଦ୍ଦର୍ନ ଆୟରଲାଣ୍ଡର ସମସ୍ତ ସଂସଦୀୟ ଆସନ ପାଇଁ ପ୍ରାୟ ୪୦,୦୦୦ ମତଦାନ କେନ୍ଦ୍ରରେ ଗୁରୁବାର ସକାଳ ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିଥିଲା। ମଇଦାନରେ ଦୁଇ ବଡ଼ ଦଳ ସମେତ ଲିବରାଲ ଡେମୋକ୍ରାଟ୍ସ, ଗ୍ରୀନ୍ ପାର୍ଟି, ସ୍କଟିଶ୍ ନ୍ୟାଶନାଲ ପାର୍ଟି, ଏସ୍‌ଡିଏଲ୍‌ପି, ଡେମୋକ୍ରାଟିକ୍ ୟୁନିୟନ୍ ପାର୍ଟି, ସିନ୍ ଫିଏନ୍, ପ୍ଲାଇଡ୍ ସିମ୍‌ରୁ, ଆଣ୍ଟି ଇମିଗ୍ରେଶନ୍ ରିଫର୍ମ୍ ପାର୍ଟିର ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ୪୬ ନିୟୁତରୁ ଊର୍ଦ୍ଧ୍ୱ ଭୋଟରଙ୍କ ମଧ୍ୟରୁ ଅଧିକାଂଶ ବାଲଟ୍ ଜରିଆରେ ରାଜନୈତିକ ମତାଧିକାର ସାବ୍ୟସ୍ତ କରି ନୂଆ ପ୍ରତିନିଧିଙ୍କୁ ବାଛିଛନ୍ତି। ଶୁକ୍ରବାର ଭୋଟ ଗଣତି ପରେ ସ୍ଥାନୀୟ ସମୟ ସକାଳ ୭ଟା (ଭାରତୀୟ ସମୟ ପୂର୍ବାହ୍ନ ୧୧ଟା ୩୦ରେ) ଫଳାଫଳ ଘୋଷଣା କରାଯିବ। ଏଥିସହ ନୂଆ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହେବ। ପୋଲିଂ ଡେଟା ଏବଂ ବିଶେଷଜ୍ଞଙ୍କ ମତରେ ବିରୋଧୀ ଲେବର ପାର୍ଟି ସପକ୍ଷରେ ବିପୁଳ ମତଦାନ ହୋଇଛି। ତେଣୁ ଦୀର୍ଘ ୧୪ ବର୍ଷ ଧରି କ୍ଷମତାରୁ ଦୂରରେ ରହିଥିବା ଲେବର ପାର୍ଟିର ନେତା କିର୍ ଷ୍ଟାର୍ମରଙ୍କ ନେତୃତ୍ୱରେ ନୂଆ ସରକାର ଗଠନ ହୋଇପାରେ। ଲେବର ପାର୍ଟି କଞ୍ଜରଭେଟିଭ୍‌ଙ୍କଠାରୁ ୨୦ ପଏଣ୍ଟ ଆଗରେ ଥିବା ଅଧିକାଂଶ ଓପିନିୟନ୍ ପୋଲ୍‌ରୁ ଜଣାପଡ଼ିଛି। ୟୁରୋପୀୟ ରାଷ୍ଟ୍ରଗୁଡ଼ିକ କୋଭିଡ୍-୧୯ ଏବଂ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ଉପୁଜିଥିବା ସ୍ଥିତିର ମୁକାବିଲା କରିବାରେ ବିଫଳତାକୁ ନେଇ ସେମାନଙ୍କ ସରକାରଙ୍କୁ ଦଣ୍ଡିତ କରିଛନ୍ତି। ବ୍ରିଟେନ୍ ମଧ୍ୟ ଏହି ଧାରାକୁ ଅନୁସରଣ କରିପାରେ।

୪୪ ବର୍ଷୀୟ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ପ୍ରତିନିଧିତ୍ୱ କରୁଥିବା ନର୍ଥ ଇଂଲଣ୍ଡର ରିଚ୍‌ମଣ୍ଡସ୍ଥିତ ଇଲେକ୍ଟୋରାଲ ଡିଷ୍ଟ୍ରିକ୍ଟସ୍ଥିତ ଏକ ମତଦାନ କେନ୍ଦ୍ରରେ ତାଙ୍କ ସ୍ତ୍ରୀ ଅକ୍ଷତା ମୂର୍ତ୍ତିଙ୍କ ସହ ଭୋଟ ଦେଇଛନ୍ତି। ଏହାର କିଛି ସମୟ ପୂର୍ବରୁ ସେ ନିଜ ସପକ୍ଷରେ ମତଦାତାଙ୍କୁ ଶେଷ ଅପିଲ୍ କରି କହିଥିଲେ, ଲେବର ପାର୍ଟି ସରକାର ଗଢ଼ିଲେ ଟିକସ ବୃଦ୍ଧି ଘଟିବା ସହ ଅର୍ଥନୀତି ଧରାଶାୟୀ ହୋଇଯିବ। ଭୂରାଜନୈତିକ ଉତ୍ତେଜନା ଲାଗିରହିଥିବାବେଳେ ବ୍ରିଟେନ୍ ପାଇଁ ସଙ୍କଟ ସୃଷ୍ଟି ହେବ। ତେଣୁ ଦେଶକୁ ଏପରି ସଙ୍କଟମୟ ସ୍ଥିତିରୁ ବଞ୍ଚାଇବା ପାଇଁ କଞ୍ଜରଭେଟିଭ୍ ପାର୍ଟିକୁ ଭୋଟ ଦିଅନ୍ତୁ ବୋଲି ସୁନକ୍ ଅନୁରୋଧ କରିଥିଲେ।

୧୯୮୦ ମେ' ୧୨ରେ ସାଉଥ୍‌ଆମ୍ପଟନ୍‌ରେ ଜନ୍ମିତ ଋଷି ହେଉଛନ୍ତି ଇନ୍‌ଫୋସିସ୍ ସହ-ପ୍ରତିଷ୍ଠାତା ଏନ୍.ଆର୍. ନାରାୟଣମୂର୍ତ୍ତି ଏବଂ ଲେଖିକା ତଥା ରାଜ୍ୟ ସଭା ସଦସ୍ୟା ସୁଧା ମୂର୍ତ୍ତିଙ୍କ ଜ୍ୱାଇଁ। ୨୦୦୯ ଅଗଷ୍ଟରେ ସେ ଅକ୍ଷତାଙ୍କୁ ବିବାହ କରିଥିଲେ। ଇନ୍‌ଫୋସିସ୍‌ର ୦.୯୩% ଶେୟାର ଅକ୍ଷତାଙ୍କ ପାଖରେ ରହିଛି। ଗତ ମେ'ରେ ଋଷି ଓ ଅକ୍ଷତାଙ୍କ ସମ୍ପତ୍ତି ୬୧୦ ପାଉଣ୍ଡରେ ପହଞ୍ଚିଥିଲା। ଏଥିସହ ଉଭୟେ ମିଳିତ ଭାବେ ବ୍ରିଟେନ୍‌ର କିଙ୍ଗ୍ ଚାର୍ଲ୍ସ ୩ୟଙ୍କଠାରୁ ଅଧିକ ଧନୀ ପରିଗଣିତ ହୋଇଥିଲେ।



# ୫ ମାସର ଜେଲ ପରେ ମୁଖ୍ୟମନ୍ତ୍ରୀ ହେଲେ ହେମନ୍ତ ସୋରେନ୍

ରାଞ୍ଚି,୪।୭

ଜମି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ୫ ମାସ ଜେଲରେ ରହିବା ପରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ହେମନ୍ତ ସୋରେନ ଗୁରୁବାର ସନ୍ଧ୍ୟାରେ ରାଜ୍ୟର ତ୍ରୟୋଦଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜଭବନରେ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ହେମନ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଶପଥଗ୍ରହଣ ଉତ୍ସବରେ ହେମନ୍ତଙ୍କ ବାପା ତଥା ଦଳର ସୁପ୍ରିମୋ ଶିବୁ ସୋରେନ୍, ମାଆ ରୁପି ସୋରେନ୍, ସ୍ତ୍ରୀ କଳ୍ପନା ସୋରେନ୍, ଜେଏମ୍‌ଏମ୍ ନେତୃତ୍ୱାଧୀନ ମେଣ୍ଟର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ବୁଧବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ଚମ୍ପାଇ ସୋରେନ୍ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

ସୂଚନାଯୋଗ୍ୟ, ଜମି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାନୁଆରୀ ୩୧ରେ ହେମନ୍ତଙ୍କୁ ଗିରଫ କରିଥିଲା। ଏହା ପୂର୍ବରୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଜୁନ୍ ୨୮ରେ ହାଇକୋର୍ଟ ତାଙ୍କୁ ଜାମିନ ମଞ୍ଜୁର କରିବା ପରେ ସେ ଜେଲରୁ ବାହାରିଥିଲେ। ଗୁରୁବାର ସେ ତୃତୀୟ ଥର ପାଇଁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶପଥ ନେବା ପୂର୍ବରୁ ସେ ଏକ୍ସ'ରେ ଏକ ଭିଡିଓ ବାର୍ତ୍ତା ପୋଷ୍ଟ କରିଛନ୍ତି, ଯେଉଁଥିରେ ସେ ଭାଜପା ନାଁ ନ ନେଇ କ୍ଷମତା ନିଶାରେ ବୁଡ଼ିରହି ତାଙ୍କ ମୁହଁ ବନ୍ଦ କରିଦେବାକୁ ଉଦ୍ୟମ କରିଥିବା ଲୋକମାନଙ୍କୁ ସମାଲୋଚନା କରିଛନ୍ତି। ଆଜି ପୁଣିଥରେ ଝାଡ଼ଖଣ୍ଡ ଜନସାଧାରଣଙ୍କ ସ୍ୱର ଉଠିବ ବୋଲି ସେ କହିଛନ୍ତି।



ହେମନ୍ତ ସୋରେନ୍ ଶପଥ ନେଉଛନ୍ତି।

# ଦଳାଚକଟା ମାମଲାରେ ୬ ଗିରଫ

ହାଥ୍‌ରାସ,୪।୭(ପି.ଟି.)

ଉତ୍ତରପ୍ରଦେଶର ହାଥ୍‌ରାସ୍ ଦଳାଚକଟା ମାମଲାରେ ସତ୍‌ସଙ୍ଗ ଆୟୋଜନକାରୀ କମିଟିର ୨ ମହିଳାଙ୍କ ସମେତ ୬ ଜଣଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଗତ ମଙ୍ଗଳବାର ଭୋଲେ ବାବାଙ୍କ ସତ୍‌ସଙ୍ଗରେ ଦଳାଚକଟା ଘଟି ୧୨୧ ଜଣଙ୍କ ମୃତ୍ୟୁ ହୋଇଥିଲା। ଅଥଚ ଏତଲାରେ ନାରାୟଣ ସାକର ହରି ଓରଫ ଭୋଲେ ବାବାଙ୍କ ନାଁ ନ ଥିବାବେଳେ ସେ ଫେରାର ଅଛନ୍ତି। ତଦନ୍ତ ସମୟରେ ଆବଶ୍ୟକ ହେଲେ ତାଙ୍କୁ ଜେରା କରାଯିବ ବୋଲି ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଯେଉଁ ୬ ଜଣଙ୍କୁ ଗିରଫ କରାଯାଇଛି, ସେମାନେ ସତ୍‌ସଙ୍ଗରେ ସେବାଦାର ଭାବେ କାର୍ଯ୍ୟ କରୁଥିଲେ । ମୁଖ୍ୟ ଅଭିଯୁକ୍ତ ଦେବପ୍ରକାଶ ମଧୁକରଙ୍କୁ ଧରାଇଦେଲେ ଲକ୍ଷେ ଟଙ୍କା ପୁରସ୍କାର ଘୋଷଣା କରାଯିବା ସହ ଏନ୍‌ବିଡବ୍ଲ୍ୟୁ ଜାରି ହେବ ବୋଲି ଆଇଜି ବୋଲି ଆଲିଗଡ଼ ଶଲାଭ ମାଥୁର କହିଛନ୍ତି।

# ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଭଳି ସହାୟତା ମିଳୁ

## ପ୍ରଧାନମନ୍ତ୍ରୀଙ୍କୁ ଜଣାଇଲେ ଚନ୍ଦ୍ରବାବୁ

ନୂଆଦିଲ୍ଲୀ,୪।୭(ପି.ଟି.)

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଗୁରୁବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଭଳି ସହାୟତା ଦେବା ନିମନ୍ତେ ସେ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏନ୍‌ଡିଏ ସରକାରରେ ତେଲୁଗୁଦେଶମ୍ ପାର୍ଟି (ଟିଡିପି) ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବାବେଳେ ଏହାର ଅଧ୍ୟକ୍ଷ ଚନ୍ଦ୍ରବାବୁ ରାଜ୍ୟର ବିକାଶ ପାଇଁ ଅନେକ ପ୍ରସ୍ତାବ ପ୍ରଧାନମନ୍ତ୍ରୀଙ୍କ ନିକଟରେ ରଖିଛନ୍ତି। କିଛିଦିନ ପୂର୍ବରୁ ଏନ୍‌ଡିଏର ଅନ୍ୟତମ ସହଯୋଗୀ ଜେଡିୟୁର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ବିହାରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଯୋଗାଇଦେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଭେଟୁଛନ୍ତି।

### ମୋଦିଙ୍କ ବିଭ୍ରାନ୍ତିକର ବୟାନ: କାର୍ଯ୍ୟାନୁଷ୍ଠାନ ଦାବିକଲା କଂଗ୍ରେସ

ନୂଆଦିଲ୍ଲୀ,୪।୭(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ଏମ୍‌ପି ଅନୁରାଗ ଠାକୁର ତଥ୍ୟଗତ ଦୃଷ୍ଟିରୁ ତ୍ରୁଟିପୂର୍ଣ୍ଣ, ତଥା ବିଭ୍ରାନ୍ତିକର ବୟାନ ଲୋକ ସଭାରେ ଦେଇଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ଏମ୍‌ପି ମାଣିକମ୍ ଟାଗୋର ବାଚସ୍ପତି ଓମ୍ ବିର୍ଲାଙ୍କୁ ପତ୍ର ଲେଖିଛନ୍ତି। ପ୍ରଧାନମନ୍ତ୍ରୀ ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ଦେଉଥିବାବେଳେ କଂଗ୍ରେସ ମହିଳାଙ୍କୁ ମାସିକ ୮,୫୦୦ ଟଙ୍କା ଦେବ ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇଥିବା କହିଥିଲେ। ତେବେ କଂଗ୍ରେସ ଏଥିପାଇଁ ନିର୍ବାଚନରେ ବିଜୟୀ ହୋଇ ସରକାର ଗଢ଼ିବା ସର୍ତ୍ତ ରଖିଥିଲା ବୋଲି ମାଣିକମ୍ କହିଛନ୍ତି।

# ଇସ୍ରାଏଲ୍‌କୁ ୨୦୦ ରକେଟ୍ ଛାଡ଼ିଲା ହେଜ୍‌ବୋଲ୍ଲା

ବେରୁଟ୍,୪।୭

ଲେବାନନ୍‌ର ହେଜ୍‌ବୋଲ୍ଲା ଗୋଷ୍ଠୀ ଗୁରୁବାର ଇସ୍ରାଏଲ୍‌ର ଅନେକ ସେନା ଘାଟିକୁ ଟାର୍ଗେଟ କରି ୨୦୦ରୁ ଊର୍ଦ୍ଧ୍ୱ ରକେଟ ଛାଡ଼ିଥିବା କହିଛି। ଇସ୍ରାଏଲର ଏକ ଏୟାର ଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲାର ଜଣେ ବରିଷ୍ଠ କମାଣ୍ଡର ନିହତ ହେବା ପରେ ଇରାନ ସମର୍ଥିତ ଉକ୍ତ ସଶସ୍ତ୍ର ଆତଙ୍କବାଦୀ ସଙ୍ଗଠନ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡ଼ିଛି। ଏହା ପରେ ଲେବାନନ୍-ଇସ୍ରାଏଲ୍ ସୀମାରେ ଉତ୍ତେଜନା ବୃଦ୍ଧି ପାଇଛି। ଅନ୍ୟପକ୍ଷେ ଅନେକ ପ୍ରୋଜେକ୍ଟାଇଲ୍ ଓ ସନ୍ଦିଗ୍ଧ ଏରିଏଲ୍ ଟାର୍ଗେଟକୁ ଇସ୍ରାଏଲୀ ସେନା ପ୍ରତିହତ କରିଥିବା କହିଛି। ଏହି ଆକ୍ରମଣରେ କେହି ମୃତାହତ ହୋଇଥିବା ଜଣାପଡ଼ିନାହିଁ। ଲେବାନନ୍‌ର ଦକ୍ଷିଣାଞ୍ଚଳରେ ଥିବା ୩ ରିଜିଓନାଲ ଡିଭିଜନ୍ ମଧ୍ୟରୁ ଗୋଟିଏର ନେତୃତ୍ୱ ନେଉଥିବା ହେଜ୍‌ବୋଲ୍ଲା କମାଣ୍ଡର ମହମ୍ମଦ ନାମେହ ନାସିରଙ୍କୁ ବୁଧବାର ହତ୍ୟା କରିଥିବା ଇସ୍ରାଏଲୀ ସେନା କହିଥିଲା। ଏହାର କିଛି ଘଣ୍ଟା ପରେ ହେଜ୍‌ବୋଲ୍ଲା ଅନେକ କାତ୍ୟୁଶା ରକେଟ ଓ ଫଲକ୍ ରକେଟ୍ ଇସ୍ରାଏଲ୍‌ର ଉତ୍ତର ଭାଗ ଏବଂ ଅଧିକୃତ ସିରିଆନ୍ ଗୋଲାନ୍ ହାଇଟ୍ସକୁ ଛାଡ଼ିଥିଲା।

୨୦୨୩ ଅକ୍ଟୋବର ୭ରେ ଗାଜା ଶାସକ ହମାସ୍ ଇସ୍ରାଏଲ୍‌କୁ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ୧୨୦୦ରୁ ଊର୍ଦ୍ଧ୍ୱ ଇସ୍ରାଏଲୀ ନିହତ ହୋଇଥିବାବେଳେ ହମାସ୍ ପ୍ରାୟ ୨୦୦ ଜଣଙ୍କୁ ପଣବନ୍ଦୀ କରିନେଇଥିଲା। ଏହାର ଜବାବରେ ଇସ୍ରାଏଲ୍ ପକ୍ଷରୁ ଗାଜାରେ ଚାଲିଥିବା ଯୁଦ୍ଧରେ ୩୮,୦୧୧ ପାଲେଷ୍ଟିନୀୟ ନିହତ ହୋଇଥିବାବେଳେ ୮୭,୪୪୫ ଆହତ ହୋଇଛନ୍ତି। ଏହି ଯୁଦ୍ଧକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗିରହିଛି।



ଅଧିକୃତ ୱେଷ୍ଟ ବ୍ୟାଙ୍କସ୍ଥିତ ତୁଲ୍‌କାର୍ମର ନୁର୍ ଶାମ୍ସ ଶିବିରରେ ମଙ୍ଗଳବାର ଇସ୍ରାଏଲୀ ସେନାର ଆକ୍ରମଣରେ ୪ ଯୁବକ ନିହତ ହୋଇଥିଲେ। ଗୁରୁବାର ସେମାନଙ୍କ ଶେଷକୃତ୍ୟ ବେଳେ ମୃତକ ମହମ୍ମଦ ଶେହାଦାଙ୍କ ଭଉଣୀ ହନିନ୍ ଭାଇଙ୍କ ରାଇଫଲକୁ ଚୁମ୍ବନ ଦେଉଛନ୍ତି।

## ଫୁରସତ

# ପ୍ରଥମ ଏଆଇ ପୋଷାକ

**ନୂଆଦିଲ୍ଲୀ:** ସମ୍ପ୍ରତି କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ମଣିଷର ବ୍ୟକ୍ତିଗତ ଜୀବନ ସହ ବୃତ୍ତିଗତ ଜୀବନକରେ ମଧ୍ୟ ପ୍ରବେଶ କରି ସାରିଛି। ତେବେ ଏହି ଏଆଇ ଟେକ୍ନୋଲୋଜି ଫ୍ୟାଶନ ଇଣ୍ଡଷ୍ଟ୍ରିରେ ମଧ୍ୟ ପ୍ରବେଶ କରିବାକୁ ଯାଉଛି। 'ଗୁଗଲ'ର କ୍ରିଷ୍ଟିନା ଏର୍ନଷ୍ଟ ନାମ୍ନୀ ଜଣେ ସଫ୍ଟୱେର ଇଞ୍ଜିନିୟର ଅନେକ ରୋବୋଟିକ୍ସ ସାପ ସହିତ ବିଶ୍ୱର ପ୍ରଥମ ଏଆଇ ପୋଷାକ ପ୍ରସ୍ତୁତ କରିଛନ୍ତି। ସୋସିଆଲ ମିଡିଆରେ ସେ ଏହି ପୋଷାକର ପ୍ରସ୍ତୁତିକୁ ନେଇ ଏକ ଭିଡିଓ ଶେୟାର କରିଛନ୍ତି।

କ୍ରିଷ୍ଟିନା ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରି ଲେଖିଛନ୍ତି, ଏହି ରୋବୋଟିକ୍ସ ଡ୍ରେସର ନାମ ହେଉଛି ମେଡୁସା। ଅନେକ ଦିନ ପରେ ଶେଷରେ ଏହି ଡ୍ରେସ୍ ପ୍ରସ୍ତୁତ ହୋଇଛି। ନୂତନ ଯୁବପିଢ଼ିଙ୍କୁ ରୋବୋଟ ନିର୍ମାଣ କରିବା ଶିଖାଇବା ଉଦ୍ଦେଶ୍ୟରେ ସେ ଏହି ରୋବୋଟିକ୍ସ ପୋଷାକକୁ ପ୍ରସ୍ତୁତ କରିଛନ୍ତି। ତେବେ କ୍ରିଷ୍ଟିନା କିପରି ଏହି ରୋବୋଟିକ୍ସ ସାପ ଥିବା ପୋଷାକ ତିଆରି କରିଥିଲେ, ତାହା ଏହି ଭିଡିଓରେ ବିସ୍ତୃତ ଭାବେ ବଖାଣିଛନ୍ତି। ବିଭିନ୍ନ ଚେହେରାକୁ ଚିହ୍ନିବା ପାଇଁ ଏହି ପୋଷାକରେ ଥିବା ରୋବୋଟିକ୍ସ ସାପଗୁଡ଼ିକୁ ସେ ପ୍ରୋଗ୍ରାମିଂ କରିଥିବା କ୍ରିଷ୍ଟିନା କହିଛନ୍ତି। ସେ ଏହା ମଧ୍ୟ କହିଛନ୍ତି, ରୋବୋଟିକ୍ସ ସାପ ତିଆରି କରିବା ତାଙ୍କ ପାଇଁ ସହଜ ଥିଲା, କିନ୍ତୁ ଏହାକୁ ପୋଷାକରେ ଫିଟ୍ କରିବା ହେଉଛି ଏକ କଷ୍ଟସାଧ୍ୟ କାର୍ଯ୍ୟ। ଏହି ଏଆଇ ପୋଷାକର ବିଶେଷତ୍ୱ ହେଉଛି ଏହା ଉପରେ ଥିବା ରୋବୋଟିକ୍ସ ସାପଗୁଡିକ ଲୋକଙ୍କୁ ଦେଖି ସେମାନଙ୍କ ଆଡ଼କୁ ମୁହଁ କରିଥାନ୍ତି, ଯାହାଫଳରେ ଲୋକମାନଙ୍କୁ ଲାଗିବ ପୋଷାକରେ ଥିବା ସାପଗୁଡ଼ିକ ତାଙ୍କ ଆଡ଼କୁ ଚାହିଁ ରହିଛନ୍ତି। କ୍ରିଷ୍ଟିନାଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଅନେକ ୟୁଜର୍ସଙ୍କୁ ଆଶ୍ଚର୍ଯ୍ୟ କରିବା ସହ ବେଶ୍ ଭାଇରାଲ ହେବାରେ ଲାଗିଛି। ଅନେକ ୟୁଜର୍ସ କ୍ରିଷ୍ଟିନାଙ୍କ ଏହି କ୍ରିଏଟିଭିଟିକୁ ପ୍ରଶଂସା କରିଛନ୍ତି।




# ଆଜି ଓଟିଟିରେ 'ଶ୍ରୀକାନ୍ତ'

**ମୁମ୍ବାଇ:** ରାଜକୁମାର ରାଓଙ୍କ ଚଳଚ୍ଚିତ୍ର 'ଶ୍ରୀକାନ୍ତ' ଗତ ମେ ୧୦ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା। ବକ୍ସ ଅଫିସରେ ଭଲ ବ୍ୟବସାୟ କରିଥିବା ଏହି ଚଳଚ୍ଚିତ୍ରରେ ରାଜକୁମାର ରାଓଙ୍କୁ ପ୍ରସିଦ୍ଧ ଅନ୍ଧ ବ୍ୟବସାୟୀ ଶ୍ରୀକାନ୍ତ ବୋଲ୍ଲାଙ୍କ ଭୂମିକାରେ ଦେଖିବାକୁ ମିଳିଛି। ଫିଲ୍ମରେ ରାଜକୁମାରଙ୍କ ଅଭିନୟକୁ ପ୍ରଶଂସକମାନେ ବେଶ୍ ପସନ୍ଦ କରିଛନ୍ତି। ତେବେ ପ୍ରେକ୍ଷାଳୟରେ ଯାଦୁ ଦେଖାଇବା ପରେ ଶୁକ୍ରବାର ଏହି ଚଳଚ୍ଚିତ୍ରଟି ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହେବାକୁ ଯାଉଛି। ନେଟ୍‌ଫ୍ଲିକ୍ସ ଇଣ୍ଡିଆ ପକ୍ଷରୁ ନିଜ ଆଧିକାରିକ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ 'ଶ୍ରୀକାନ୍ତ'ର ଏକ ପୋଷ୍ଟର ଶେୟାର କରାଯାଇ ଏହି ଫିଲ୍ମ ଜୁଲାଇ ୫ରେ ଷ୍ଟ୍ରିମିଂ ହେବ ବୋଲି ସୂଚନା ଦିଆଯାଇଛି। ଯେଉଁ ଦର୍ଶକମାନେ ପ୍ରେକ୍ଷାଳୟରେ ତୁଷାର ହିରାନନ୍ଦାନୀଙ୍କ ନିର୍ଦ୍ଦେଶିତ ଶ୍ରୀକାନ୍ତ ଫିଲ୍ମ ଦେଖିବାରୁ ବଞ୍ଚିତ ହୋଇଛନ୍ତି, ସେମାନେ ଏହି ଫିଲ୍ମକୁ ଶୁକ୍ରବାରଠାରୁ ନେଟ୍‌ଫ୍ଲିକ୍ସ ମାଧ୍ୟମରେ ଦେଖିପାରିବେ ବୋଲି ଏହି ପୋଷ୍ଟରେ କୁହାଯାଇଛି।

ଏହି ଚଳଚ୍ଚିତ୍ର ପ୍ରସିଦ୍ଧ ନେତ୍ରହୀନ ବ୍ୟବସାୟୀ ଶ୍ରୀକାନ୍ତ ବୋଲ୍ଲାଙ୍କ ଯାତ୍ରା ସହ ଦର୍ଶକଙ୍କୁ ପରିଚିତ କରାଇବାରେ ସଫଳ ହୋଇଛି। ଉଭୟ ଆଖି ନ ଥାଇ ମଧ୍ୟ ସେ ନିଜର ସ୍ୱପ୍ନକୁ ଅନୁସରଣ କରିଥିଲେ। ସେ ବିଦେଶରେ ଅଧ୍ୟୟନ କରି ଭାରତ ଆସି ବୋଲ୍ଲା ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠା କରିଥିଲେ। ଏହି ଚଳଚ୍ଚିତ୍ରରେ ରାଜକୁମାରଙ୍କ ବ୍ୟତୀତ, ଆଲାୟା ଏଫ୍, ଜ୍ୟୋତିକା ଓ ଶରଦ କେଲକର ମଧ୍ୟ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ରାଜକୁମାରଙ୍କୁ ଶେଷ ଥର ପାଇଁ ଅଭିନେତ୍ରୀ ଜାହ୍ନବୀ କପୁରଙ୍କ ସହ 'ମିଷ୍ଟର ଆଣ୍ଡ ମିସେସ୍ ମାହି'ରେ ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ତାଙ୍କୁ ଖୁବ୍‌ଶୀଘ୍ର ଶ୍ରଦ୍ଧା କପୁରଙ୍କ ସହ ହରର କମେଡି ଫିଲ୍ମ 'ସ୍ତ୍ରୀ ୨'ରେ ଦେଖିବାକୁ ମିଳିବ।



ରାଜକୁମାର ରାଓ




# ମୁଖ୍ୟମନ୍ତ୍ରୀଙ୍କ ଅଫିସରେ କାର୍ଯ୍ୟ କରୁଥିବା ୪ ଓଏଏସ୍ ଅଫିସରଙ୍କୁ ବଦଳି

**ଭୁବନେଶ୍ୱର, ୪।୭(ସୁନିତ୍ ମିଶ୍ର)**

ରାଜ୍ୟରେ ଭାଜପା ସରକାର ଆସିବା ପରଠାରୁ ଅଫିସରସ୍ତରରେ ବ୍ୟାପକ ଅଦଳବଦଳ ଚାଲିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କୁ ବଦଳି କରାଯାଉଛି। ସେହି କ୍ରମରେ ଗୁରୁବାର ୪ ଜଣ ଓଏଏସ୍ ଅଫିସର ଯେଉଁମାନେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ ସେମାନଙ୍କୁ ବଦଳି କରାଯାଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିବା ବରିଷ୍ଠ ଓଏଏସ୍ ଅଧିକାରୀ ଲାଲା ମନୋଜ କୁମାର ରାଏ, ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ଭାବେ କାର୍ଯ୍ୟରତ ଥିଲା ବରିଷ୍ଠ ଓଏଏସ୍ ଅଫିସର ରବୀନ୍ଦ୍ର କୁମାର ସେଠୀ, ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଓଏଏସ୍ ଅଫିସର ଶୁଭ୍ରାଂଶୁ ମିଶ୍ର ଯିଏକି ଅତିରିକ୍ତ ଦାୟିତ୍ୱ ଭାବେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗରେ କାର୍ଯ୍ୟରତ ଥିଲେ ଏବଂ ଯୁଗ୍ମ ସଚିବ ମନୋଜ କୁମାର ସ୍ୱାଇଁଙ୍କୁ ବଦଳିକରି ସାଧାରଣ ପ୍ରଶାସନ ବିଭାଗରେ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ସେମାନଙ୍କୁ ତାଙ୍କର ପରବର୍ତ୍ତୀ ନିଯୁକ୍ତି ସମ୍ପର୍କରେ ଜଣାଇ ଦିଆଯିବ ବୋଲି କୁହାଯାଇଛି। ଏହି ବିଜ୍ଞପ୍ତିର ନକଲ ସଂସଦୀୟ ବ୍ୟାପାର, କ୍ରୀଡ଼ା ଓ ଯୁବ ବ୍ୟାପାର, ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ, ଅତିରିକ୍ତ ମୁଖ୍ୟ ସଚିବଙ୍କ ବ୍ୟକ୍ତିଗତ ସଚିବ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପଠାଯାଇଛି।






# ସହରାଞ୍ଚଳ ବନ୍ୟା ପରିଚାଳନା ପାଇଁ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ପ୍ରସ୍ତୁତ ହେବ: ମୁଖ୍ୟମନ୍ତ୍ରୀ



ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଧ୍ୟକ୍ଷତା କରୁଛନ୍ତି। ନିକଟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଅଛନ୍ତି।

- **ଓଡ୍ରାଫ୍ ୟୁନିଟ୍ ସଂଖ୍ୟା ୩୦କୁ ବଢ଼ିବ**
- **ଅଗ୍ନିଶମ ବିଭାଗ ଦକ୍ଷତା ବୃଦ୍ଧି ପାଇଁ ୨୦୦ କୋଟି ବ୍ୟୟବରାଦ**
- **୫ ଆଞ୍ଚଳିକ ଅଗ୍ନିଶମ ସେବା ହବ୍ କାର୍ଯ୍ୟକ୍ଷମ କରାଯିବ**
- **ଭୁବନେଶ୍ୱର ବନ୍ୟା ପରିଚାଳନା ପାଇଁ ୨୦୦ କୋଟି**
- **ଦୁର୍ବଳ ନଦୀବନ୍ଧ,ଘାଇକୁ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ**

**ଭୁବନେଶ୍ୱର,୪।୭(ଅନିଲ ଦାସ)**

କଟକ, ଭୁବନେଶ୍ୱର ଓ ଅନ୍ୟାନ୍ୟ ସହରାଞ୍ଚଳରେ ବନ୍ୟା ପରିଚାଳନା ପାଇଁ ଆଇଆଇଟି ଦିଲ୍ଲୀର ବୈଷୟିକ ସହାୟତା ନିଆଯାଇ ଏକ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ। ରାଜ୍ୟ, ଜିଲା ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟରେ ୨୪ ଘଣ୍ଟା କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଗୁରୁବାର ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମଗ୍ର ଦେଶରେ ଓଡ୍ରାଫ୍ ହେଉଛି ପ୍ରଥମ ରାଜ୍ୟସ୍ତରୀୟ ଡିଜାଷ୍ଟର ରେସ୍‌ପନ୍ସ ଫୋର୍ସ ଏବଂ ଏହା ସର୍ବଭାରତୀୟ ସ୍ତରରେ ମଧ୍ୟ ଶ୍ରେଷ୍ଠ। ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରେ ବିଭିନ୍ନ ବିପର୍ଯ୍ୟୟ ସମୟରେ ଖୋଜିବା ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ଓଡ୍ରାଫ୍ ଓଡ଼ିଶା ପାଇଁ ସୁନାମ ଆଣିଛି। ବର୍ତ୍ତମାନ ଓଡ୍ରାଫ୍‌ର ୨୦ଟି ୟୁନିଟ୍ ଥିବାବେଳେ ଏହାକୁ ୩୦କୁ ବୃଦ୍ଧି କରି ଏକ ଉତ୍ସର୍ଗୀକୃତ ଫୋର୍ସ କରିବାକୁ ଗୃହ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ। ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି (ଏସ୍‌ଡିଆର୍‌ଏଫ୍)ରୁ ୩୧୯୪ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅଗ୍ନିଶମ ବିଭାଗର ଦକ୍ଷତା ବୃଦ୍ଧି କରାଯାଉଛି। ଏଥିପାଇଁ ଆଉ ୨୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରବଳ ବର୍ଷା ଯୋଗୁ ସହରାଞ୍ଚଳରେ ବନ୍ୟା ସୃଷ୍ଟି ହେଉଥିବାରୁ ନଗର ଉନ୍ନୟନ ବିଭାଗ ପୌରାଞ୍ଚଳରେ ଥିବା ଡ୍ରେନ୍‌ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ଏବଂ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭୁବନେଶ୍ୱର ମହାନଗର ନିଗମ ସହରାଞ୍ଚଳ ବନ୍ୟା ପରିଚାଳନା ନିମନ୍ତେ ୨୦୦ କୋଟି ଟଙ୍କାର ଏକ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସତର୍କ ମୋବାଇଲ ଆପ୍ ମାଧ୍ୟମରେ ଯେପରି ଜନସାଧାରଣଙ୍କୁ ବିଭିନ୍ନ ବିପର୍ଯ୍ୟୟ ବିଷୟରେ ଆଗୁଆ ସୂଚନା ଦିଆଯାଇପାରିବ ସେଥିପାଇଁ ପଦକ୍ଷେପ ନିଆଯିବ ଏବଂ ଜନସାଧାରଣଙ୍କ ମଧ୍ୟରେ ଏହି ଆପ୍ ସମ୍ପର୍କରେ ସଚେତନ ସୃଷ୍ଟି କରାଯିବ। ବର୍ଷାଦିନେ ସାପ କାମୁଡ଼ାର ଅଧିକ ସମ୍ଭାବନା ରହିଥିବା ହେତୁ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ କାମୁଡ଼ା ଇଞ୍ଜେକ୍ସନ(ଆଣ୍ଟି ସ୍ନେକ୍ ଭେନମ୍) ଗଚ୍ଛିତ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବାହାନଗାର ଟ୍ରେନ୍ ଦୁର୍ଘଟଣା ଭଳି ବିଭିନ୍ନ ଆକସ୍ମିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ୫ଟି ଆଞ୍ଚଳିକ ଅଗ୍ନିଶମ ସେବା ହବ୍ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟ ମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନେ ଉପସ୍ଥିତ ଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

# ମିଶନ ଶକ୍ତିକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୪।୭(ସୁନିତ୍ ମିଶ୍ର)**

ଭାରତ ସରକାରଙ୍କ ସମନ୍ୱିତ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ 'ମିଶନ ଶକ୍ତି'କୁ ଓଡ଼ିଶାରେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୋଜନାରେ ମହିଳାଙ୍କ ସୁରକ୍ଷା, ନିରାପତ୍ତା ଓ ସଶକ୍ତୀକରଣକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିରେ ୱାନ୍ ଷ୍ଟପ୍ ସେଣ୍ଟର, ମହିଳା ହେଲ୍ପଲାଇନ୍, ବେଟି ବଚାଓ ବେଟି ପଢ଼ାଓ, ମହିଳା ସଶକ୍ତୀକରଣ ପାଇଁ ହବ୍‌ନିର୍ମାଣ, ସଖୀ ନିବାସ, ଶକ୍ତିସଦନ, ଶିଶୁଗୃହ ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଭଳି କାର୍ଯ୍ୟକ୍ରମ ରହିଛି। ଏହି ନିଷ୍ପତ୍ତି ଦ୍ୱାରା ଓଡ଼ିଶା ଓ ଭାରତ ସରକାରଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିବ। ସୂଚନାଯୋଗ୍ୟ, ବିଭିନ୍ନ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାର ପୂର୍ଣ୍ଣ ଲାଭ ନେବା ପାଇଁ ନୂତନ ସରକାର ସ୍ଥିର କରିଛନ୍ତି।

# ୮ରେ ରତ୍ନଭଣ୍ଡାର ଖୋଲିବା ସମ୍ଭାବନା କମ୍: ଜଷ୍ଟିସ୍ ପଶାୟତ

**ଭୁବନେଶ୍ୱର, ୪।୭(ସୁନିତ୍ ମିଶ୍ର)**

- **ଆଜି ପୁରୀରେ ରତ୍ନଭଣ୍ଡାର ଇନ୍‌ଭେଣ୍ଟୋରି କମିଟିର ବୈଠକ**
- **୨୭ ପର୍ଯ୍ୟନ୍ତ ପୁରୀରେ ରହିବେ ଜଷ୍ଟିସ୍ ପଶାୟତ**

ଆସନ୍ତା ଜୁଲାଇ ୮ ତାରିଖରେ ରତ୍ନଭଣ୍ଡାର ଖୋଲି ନ ପାରେ। ସେହିଦିନ ରଥଯାତ୍ରା ଥିବାରୁ ରତ୍ନଭଣ୍ଡାର ଖୋଲାଯିବା ସମ୍ଭାବନା କମ୍। ସରକାର ଯେବେ ନିଷ୍ପତ୍ତି ନେବେ ସେବେ ଏହା ଖୋଲାଯିବ ବୋଲି ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧ୍ୟକ୍ଷ ତଥା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍



ଅରିଜିତ୍ ପଶାୟତ ଗୁରୁବାର ଭୁବନେଶ୍ୱରଠାରେ ପହଞ୍ଚିବା ପରେ ଏପରି ମନ୍ତବ୍ୟ ଦେଇଛନ୍ତି। ସେ ଶୁକ୍ରବାରଠାରୁ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ପୁରୀରେ ରହିବେ। ବିମାନବନ୍ଦର ଠାରେ ପହଞ୍ଚିବା ପରେ ସେ ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି, ୮ ତାରିଖରେ ରଥଯାତ୍ରା ଥିବା ଯୋଗୁ ରତ୍ନଭଣ୍ଡାର ଖୋଲିବା ଆଶା କ୍ଷୀଣ। ଏ ସମ୍ପର୍କରେ ସରକାର ନିଷ୍ପତ୍ତି ନେବେ। ଖୋଲାଗଲା ପରେ ଗଣତି ଲାଗି କେଉଁ ମୋଡାଲିଟି ଗ୍ରହଣ କରାଯିବ ସେନେଇ ସ୍ଥିର ହେବ ବୋଲି ସେ କହିଛନ୍ତି। ଶୁକ୍ରବାର ପୁରୀରେ ପହଞ୍ଚିବା ପରେ ରତ୍ନଭଣ୍ଡାର ଇନ୍‌ଭେଣ୍ଟୋରି କମିଟିର ବୈଠକରେ ଜଷ୍ଟିସ୍ ପଶାୟତ ଯୋଗଦେବେ। ରତ୍ନଭଣ୍ଡାର ମରାମତି ଓ ରତ୍ନ ଗଣତି ଉପରେ କ'ଣ ନିଷ୍ପତ୍ତି ହେଉଛି ତା' ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଏଥର ରତ୍ନଭଣ୍ଡାର କେବେ ଖୋଲାଯିବ, କେବେ ଗଣତି ହେବ ସେନେଇ ସବୁ ବୈଠକରେ ନିଷ୍ପତ୍ତି ହୋଇପାରେ। ଏହା ପୂର୍ବରୁ ୧୯୭୮ରେ ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ଗଣତି କରାଯାଇଥିଲା। ସେତେବେଳେ ଏଥିଲାଗି ମେ ୧୩ରୁ ଜୁଲାଇ ୨୩ ଏପରି ୭୦ ଦିନ ଲାଗିଥିଲା। ଏବେ ନୂଆ ଟେକ୍ନୋଲୋଜି ଉପଯୋଗ କରାଯାଇ ମରାମତି ସାଙ୍ଗକୁ ଗଣତି ଓ ମଣତି ହେବ ବୋଲି ସେ କହିଛନ୍ତି।




**ଆଜିର ମନ୍ତବ୍ୟ**

ଅନିୟନ୍ତ୍ରିତ ଆତଙ୍କବାଦ ବୈଶ୍ୱିକ ଶାନ୍ତି ପ୍ରତି ବିପଦ ସୃଷ୍ଟି କରିଛି। ଆତଙ୍କବାଦୀଙ୍କୁ ସୁରକ୍ଷା ଓ ଆଶ୍ରୟ ଦେଉଥିବା ଦେଶଗୁଡ଼ିକୁ ଏସ୍‌ସିଓ ରାଷ୍ଟ୍ରସମୂହ ଏକଘରିକିଆ କରିବା ଉଚିତ।
– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ ବନ ମହୋତ୍ସବ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁମଡୁମା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୩ୟ ଆଇସିସି ଇଷ୍ଟର୍ନ ଇଣ୍ଡିଆ ଏନର୍ଜି କନକ୍ଲେଭ, ସ୍ଥାନ: ଆଇଟିସି ୱେଲକମ ହୋଟେଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫିଲ୍ମ 'ସୀତା'ର ପ୍ରିମିୟର ଶୋ' ସ୍ଥାନ: ସିନେପଲିସ, ନେକ୍ସସ ଇକ୍ସପ୍ଲାନେଡ୍, ସମୟ: ଅପରାହ୍ନ ୪ଟା ୧୫।

## କଟକ

- ମା' ଦୁଲ୍ଲାଦେବୀ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଅବସରରେ ସଂକୀର୍ତ୍ତନ, ସ୍ଥାନ: ଦୁଲ୍ଲାଦେବୀ ମନ୍ଦିର ପ୍ରାଙ୍ଗଣ, ଅନ୍ଦରପୁର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ, ସ୍ଥାନ: ବ୍ରହ୍ମଗିରି, ସମୟ: ପ୍ରାତଃ ୫ଟା ୩୦।

## ଖୋର୍ଦ୍ଧା

- ଶନିଶ୍ଚର ଦେବଙ୍କ ନୂତନ ପ୍ରାସାଦ, ବିଗ୍ରହ ପ୍ରତିଷ୍ଠା ଓ ଗର୍ଭଗୃହ ପ୍ରବେଶ, ସ୍ଥାନ: ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ନିକଟ, ଜଟଣୀ, ସମୟ: ଅପରାହ୍ନ ୧ଟା।

## ବାଲେଶ୍ୱର

- ରୂପ୍‌ସା ଝୋଟ କାରଖାନା ଶ୍ରମିକ ସଂଘର ୨୯ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଝୋଟ କାରଖାନା ପରିସର, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଉଠାଜଳ ସେଚନ ନିଗମ କର୍ମଚାରୀ ସଂଘ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲା ୫୦ବର୍ଷ ପୂର୍ତ୍ତି ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଦିବସ, ସ୍ଥାନ: ବାଲେଶ୍ୱର ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିକଲ ସେଲ ସଚେନତନତା କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ୟୁନିଭରସିଟି, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।

## ଭଦ୍ରକ

- ସମୀକ୍ଷା ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ୭୫ତମ ବନ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ବିଭିନ୍ନ ସ୍କୁଲ, ଚାନ୍ଦବାଲି ଏନ୍‌ଏସି, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ମା' ରାମଚଣ୍ଡୀଙ୍କ ମନ୍ଦିରରେ ଅମାବାସ୍ୟା ଉପଲକ୍ଷେ ପୂଜାର୍ଚ୍ଚନା, ସ୍ଥାନ: ପୋଡ଼ାସିଙ୍ଗିଡ଼ି, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ମା' ଗଡ଼ଚଣ୍ଡୀଙ୍କ ପୀଠରେ ବିଜୟା ଅମାବାସ୍ୟା ପୂଜା, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ବନ ମହୋତ୍ସବ ସପ୍ତାହ ଅବସରରେ ବନ ବିଭାଗ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦୁଝର ଓଡ଼ିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ, ସମୟ: ସକାଳ ୯ ଟା।
- ମା' ମଙ୍ଗଳାଙ୍କ ମନ୍ଦିରରେ ଅମାବାସ୍ୟା ଉପଲକ୍ଷେ ପୂଜାର୍ଚ୍ଚନା, ସ୍ଥାନ: ଇଂଚୋଳ, ହାଟଡ଼ିହୀ, ସମୟ: ସକାଳ ୯ ଟା।
- ବନମହୋତ୍ସବ ସପ୍ତାହ ଅବସରରେ ସଭା, ସ୍ଥାନ: କେନ୍ଦୁଝର ଅଡିଟରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଆକାଂକ୍ଷିତ ବ୍ଲକ୍ କାର୍ଯ୍ୟକ୍ରମ, ସଂପୂର୍ଣ୍ଣତା ଅଭିଯାନ ଶୁଭ ଉଦ୍‌ଘାଟନ, ସ୍ଥାନ: ବାଂଶପାଳ, ସମୟ: ପୂର୍ବାହ୍ନ ୧୦ ଟା।
- ଆକାଂକ୍ଷିତ ବ୍ଲକ କାର୍ଯ୍ୟକ୍ରମ, ସମ୍ପୂର୍ଣ୍ଣତା ଅଭିଯାନ, ସ୍ଥାନ: ହରିଚନ୍ଦନପୁର, ସମୟ: ପୂର୍ବାହ୍ନ ୧୦ ଟା।
- ପାଟଣା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପାଟଣା ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୧ ଟା।
- ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଡିଟ, ସ୍ଥାନ: ହାଟଡ଼ିହୀ ବ୍ଲକ୍, ସମୟ: ପୂର୍ବାହ୍ନ ୧୧ ଟା।
- ନୂତନ ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଜେଏମ୍‌ଏଫସି କୋର୍ଟ ପରିସର, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ସ୍ୱେଚ୍ଛାକୃତ ରକ୍ତଦାନ ଦିବସ, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ସକାଳ ୮ଟା।
- ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ମୋରଡ଼ା ବ୍ଲକ କାର୍ଯ୍ୟାଳୟ, ଚିତ୍ରଡ଼ା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଏନ୍‌ଜିଓ ହଲ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- ବନ ମହୋତ୍ସବ ସପ୍ତାହ ପାଳନ, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ୍ ଜାମଗୋରଡା ଆଦର୍ଶ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବର୍ଦ୍ଧନା ସଭା, ସ୍ଥାନ: ଭଞ୍ଜନଗର ବ୍ଲକ ସାନକୋଦଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଡିଏଲଏସଏ ପକ୍ଷରୁ ଚାରାରୋପଣ. ସ୍ଥାନ: ଫୁଲବାଣୀ ସରକାରୀ ପଲିଟେକ୍ନିକ କଲେଜ, ସମୟ: ଅପରାହ୍ନ ୫ଟା ୩୦।

## ରାୟଗଡ଼ା

- ଗୁଡାରି ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳନ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ଗୁଡାରି, ସମୟ: ସକାଳ ୯ ଟା।
- ଜିଲାସ୍ତରୀୟ ରାଜସ୍ୱ ବିଭାଗୀୟ ବୈଠକ, ସ୍ଥାନ: ସଦ୍‌ଭାବନା ଗୃହ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- କାଉନସିଲରମାନଙ୍କ ବୈଠକ, ସ୍ଥାନ: ପୌର ପରିଷଦ ଗୃହ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନାଗାବଳି ଲାୟନ୍ସ କ୍ଲବର ନୂତନ କର୍ମକର୍ତ୍ତା ଚୟନ, ସ୍ଥାନ: ସଂସ୍କୃତି କ୍ଲବ, ରାୟଗଡ଼ା, ସମୟ: ସନ୍ଧ୍ୟା ୭ ଟା।

## କୋରାପୁଟ

- ବନ ବିଭାଗର ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: କୁନ୍ଦୁରା ବନ ବିଭାଗ କାର୍ଯ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ୧୨ଟା।
- ପ୍ରଫେସର ଅଜିତ କୁମାର ମିତ୍ର ମେମୋରିଆଲ ପକ୍ଷରୁ ବକ୍ତୃତା, ସ୍ଥାନ: କୋଟସ ପରିସର, କୋରାପୁଟ ସମୟ: ଅପରାହ୍ନ ୫ଟା।

## ମାଲକାନଗିରି

- ରାଜଲିଙ୍ଗେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ:ପୁରୁଣା ବାଲିମେଳା ଛକ, ସମୟ:ସକାଳ ୬ଟା।

## ନବରଙ୍ଗପୁର

- ସମ୍ପୂର୍ଣ୍ଣତା ଅଭିଯାନ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ତେନ୍ତୁଲିଖୁଣ୍ଟି, ସମୟ: ସମୟ ପୂର୍ବାହ୍ନ ୧୦ଟା।
- ଜିଲା ସଂସ୍କୃତି ପରିଷଦ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଆର୍‌ସିଡି ନୋଡାଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲା ପଞ୍ଚାୟତ ସାଧନା କେନ୍ଦ୍ର, ସମୟ: ପୂର୍ବାହ୍ନ୧୧ଟା।
- ନିର୍ବାଚନ ଖର୍ଚ୍ଚ ସଂକ୍ରାନ୍ତୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ, ସ୍ଥାନ : ଗ୍ରୀନ ପାର୍କ ପରିସର, ସମୟ: ସକାଳ ୮ଟା।
- ସମ୍ବଲପୁର ବନଖଣ୍ଡ ପକ୍ଷରୁ ବନ ମହୋତ୍ସବ, ସ୍ଥାନ : ପୋତାପାଲି, ସମୟ: ସକାଳ ୯ଟା।
- ଉପଖଣ୍ଡ ସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା ୩୦।

## ବଲାଙ୍ଗୀର

- ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ବାବା ବଳିଆଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଏସଜେ ରିଜେନ୍ସି, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହା ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳନ, ସ୍ଥାନ: କୁଶଙ୍ଗ ଡ଼ିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବନ ମହୋତ୍ସବ ଓ ବୃକ୍ଷରୋପଣ, ସ୍ଥାନ: ଘୁନସର ହାଇସ୍କୁଲ ପଡିଆ,ଖପ୍ରାଖୋଲ ବ୍ଲକ, ସମୟ: ପୂର୍ବାହ୍ନ ୧୧ ଟା।

## ରାଉରକେଲା

- ବିଜେଡି ପକ୍ଷରୁ ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ବିଦ୍ୟା ମନ୍ଦିରରେ ବନ ମହୋତ୍ସବ କାର୍ଯ୍ୟକ୍ରମ,ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା୩୦।
- ମାସିକ ସାହିତ୍ୟ ଆସର, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ଝୁରୀମାଲ ବନ ସୁରକ୍ଷା ସମିତି ପକ୍ଷରୁ ବନ ମହୋତ୍ସବ,ସ୍ଥାନ: ଝୁରିମାଲ ଗ୍ରାମ୍ୟ ଜଙ୍ଗଲ ଲାଲ ଛକ,ସମୟ: ସକାଳ ୭ଟା୩୦।
- ସୁନ୍ଦରଗଡରେ ଜିଲା ସ୍ତରୀୟ ୭୫ତମ ବନ ମହୋତ୍ସବ ପାଳନ, ସ୍ଥାନ: ପାରିଜାତ ଜୈବ ବିବିଧତା ଉଦ୍ୟାନ, ଶଙ୍କରା, ସମୟ: ସକାଳ ୯ଟା।
- ସମ୍ପୂର୍ଣ୍ଣତା ଅଭିଯାନର ଶୁଭାରମ୍ଭ,ସ୍ଥାନ: ବାଲିଶଙ୍କରା ସରକାରୀ ହାଇସ୍କୁଲ, ସମୟ:ମଧ୍ୟହ୍ନ ୧୨ଟା।
- ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଛାତ୍ର ସଂସଦର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର,ସମୟ: ଅପରାହ୍ନ ୩ଟା।

## ବରଗଡ଼

- ଇଣ୍ଟର ହାଉସ୍ ପ୍ରତିଯୋଗିତା, ସ୍ଥାନ: ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୯ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(ସାହିତ୍ୟ ସୃଜନୀ), ସ୍ଥାନ: ତାଲପାଲି ଉଚ୍ଚ ବିଦ୍ୟାଳୟ, ଗାଇସିଲେଟ୍, ସମୟ: ପୂର୍ବାହ୍ନ ୧୦ଟା।
- ପଦ୍ମପୁର ବନ ବିଭାଗ ପକ୍ଷରୁ ବନ ମହୋତ୍ସବ, ସ୍ଥାନ: ଚର୍ଦାପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ବନମହୋତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ବିକାଶ ଆବାସିକ ବିଦ୍ୟାଳୟରେ ବିନିଯୋଗ ସମାରୋହ, ସ୍ଥାନ: ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସମ୍ପର୍କିତ ଜିଲାସ୍ତରୀୟ ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା କୃଷକମୋର୍ଚ୍ଚା ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବାଲ୍ୟ ବିବାହ ରୋକିବା ନେଇ ବୈଠକ, ସ୍ଥାନ: ଜିଲାପାଳଙ୍କ ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବନ ମହୋତ୍ସବ ପାଳନ, ସ୍ଥାନ: ହରଭଙ୍ଗା କୋର୍ଟ କାର୍ଯ୍ୟାଳୟ, ଚାରିଛକ, ସମୟ: ଅପରାହ୍ନ ୨ଟା।

## ଦେବଗଡ଼

- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ପକ୍ଷରୁ ଯୋଗ ଶିବିର, ସ୍ଥାନ: ସଂସ୍କୃତି ଭବନ, ଦେବଗଡ, ସମୟ: ପ୍ରାତଃ ୫ଟା।
- ନୂତନ ଭାବେ ସିଭିଲ ଜଜ୍ (ସିନିୟର ତଥା ଆସିଷ୍ଟାଣ୍ଡ ସେସନ ଜଜ୍ କୋର୍ଟ ଭର୍ଚୁଆଲ ମୋଡ୍‌ରେ ଶୁଭାରମ୍ଭ, ସ୍ଥାନ: ଦେବଗଡ କୋର୍ଟ, ସମୟ: ପୂର୍ବାହ୍ନ ୧୦ଟା।
- ବନମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ମଡେଲ ଡିଗ୍ରୀ କଲେଜ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବନମହୋତ୍ସବ ସପ୍ତାହ ପାଳନ, ମା'ଙ୍କ ନାମରେ ଗଛ ଟିଏ, ସ୍ଥାନ: ରିଆମାଳ ବ୍ଲକ ବନାଞ୍ଚଳ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ସରକାରୀ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବୈଠକ, ସ୍ଥାନ: ସର୍କିଟ ହାଉସ, ଦେବଗଡ, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ବନମହୋତ୍ସବ ଓ ସାମୂହିକ ବୃକ୍ଷରୋପଣ, ସ୍ଥାନ: ସୋନପୁର ସହର ଉପକଣ୍ଠ ଛନ୍‌ଛାନ୍ ଡୁଙ୍ଗୁରି, ସମୟ: ସକାଳ ୯ଟା।
- ୨୦୨୪ ଖରିଫ୍ ଋତୁ ପାଇଁ ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: କୋମନା ବ୍ଲକ ସୁନାବେଡା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।
- ସମ୍ପୂର୍ଣ୍ଣତା ଦିବସ ଶୁଭାରମ୍ଭ, ସ୍ଥାନ: ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ବୋଡେନ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ସହ ହୋମଯଜ୍ଞ, ସ୍ଥାନ: ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡ ସନ୍ତୋସି ମନ୍ଦିର, ସମୟ: ସକାଳ ୭ଟା।
- ରାଜସ୍ୱମନ୍ତ୍ରୀଙ୍କ ବ୍ରଜରଜନଗର ନିର୍ବାଚନମଣ୍ଡଳୀ ଗସ୍ତ ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ସ୍ଥାନ: ହିଲଟପ କଲୋନୀ, ସୁପର ମାର୍କେଟ, ଗାନ୍ଧିଛକର, ସମୟ: ସକାଳ ୯ଟା।
- ଜିଲା ଛାତ୍ର କଂଗ୍ରେସର ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାସ୍ଥିତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମୁସଲିମ ସମ୍ପ୍ରଦାୟର ସାମୂହିକ ନମାଜପାଠ, ସ୍ଥାନ: ସହରସ୍ଥିତ ମଙ୍ଗଳ ବଜାର ଓ ହଟଲୀପଡ଼ା ମସଜିଦ, ସମୟ: ମଧ୍ୟାହ୍ନ ୧୨ଟା୩୦।

## ଢେଙ୍କାନାଳ

- ମା' ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା, ବିଶ୍ୱଶାନ୍ତି ଯଜ୍ଞ ଓ କଳସ ଯାତ୍ରା ସ୍ଥାନ: ନିହଲପ୍ରସାଦ ଗଁନ୍ଦିଆ ବ୍ଲକ, ସମୟ: ସକାଳ ୬ଟା।
- ଫ୍ୟାଲେରିଆ ନିରାକାରଣ ସଚେତନତା କର୍ମଶାଳା, ସ୍ଥାନ: ଉପଖଣ୍ଡ ଚିକିତ୍ସାଳୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମା' ତାରିଣୀଙ୍କ ପୀଠ ନିହଲ ପ୍ରସାଦ ଗଁନ୍ଦିଆ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଘେରାଉ, ସ୍ଥାନ: କଂଗ୍ରେସ ଭବନ ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ରୋଟାରୀ କ୍ଲବ ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ବେଥାନୀ କନ୍‌ଭେଣ୍ଟ ସ୍କୁଲ, ମଧୁବନ, ପାରାଦୀପ ସମୟ: ସକାଳ ୭ଟା।
- ପ୍ରଭୁ ଜଗନ୍ନାଥଙ୍କ ବିଜୟ ଦିବସ ପାଳନ, ସ୍ଥାନ: ବ୍ରଜକିଶୋର ମନ୍ଦିର ଓ ସରବନ୍ତ ଝାଡୁଆ ଜଗନ୍ନାଥ ମନ୍ଦିର, ଏରସୀମା, ସମୟ: ପୂର୍ବାହ୍ନ ୧୧ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ମିଶନ ଶକ୍ତି ଗୃହ ନିକଟସ୍ଥ ପଡ଼ିଆ, ସ୍ଥାନ: ଅଳାଭର ପଞ୍ଚାୟତ, ବାଲିକୁଦା, ଜଗତ୍‌ସିଂହପୁର ସମୟ: ଅପରାହ୍ନ ୩ଟା।
- ନୂଆପାଟଣାସ୍ଥିତ ନଂ.୧ ବୁଣାକାର ତନ୍ତୁବାୟ ସମିତିର ୭୫ ତମ ବାର୍ଷିକ ସାଧାରଣ ସଭା, ସ୍ଥାନ: ନଂ.୧ ସମିତି ପରିସର, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ବ୍ଲକସ୍ତରୀୟ ମିଶନ ଶକ୍ତି ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ବ୍ଲକ ପରିସର, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଶିରିଡି ସାଇନାଥଙ୍କ ୭ମ ବାର୍ଷିକ ପୂଜା, ସ୍ଥାନ: ବ୍ୟାସନଗରସ୍ଥିତ ହାଉସିଂ ବୋର୍ଡ କଲୋନୀ, ଯାଜପୁରରୋଡ୍, ସମୟ: ସକାଳ ୬ଟା।

## ନୟାଗଡ଼

- ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ରକ୍ତହୀନତା ସମ୍ପର୍କିତ ସଚେତନତା କର୍ମଶାଳା, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଚାରା ରୋପଣ, ସ୍ଥାନ: ଖଣ୍ଡପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଏନଏସି ପକ୍ଷରୁ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଖଣ୍ଡପଡ଼ା ଏନଏସି କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ଚନ୍ଦ୍ର ଓ ବୁଧଙ୍କ କ୍ଷେତ୍ର ବିନିମୟ ଯୋଗ ହେତୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂରେଇଯିବ। ଉପର ଅଧିକାରୀମାନେ ଆପଣଙ୍କ କାର୍ଯ୍ୟର ପ୍ରଶଂସା କରିପାରନ୍ତି। ସମ୍ପତ୍ତିକୁ କେନ୍ଦ୍ରକରି ପରିବାରରେ ଟଣାଓଟରା ଲାଗିପାରେ। ଶିଳ୍ପ, ଭାସ୍କର୍ଯ୍ୟ, କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତାରେ ପ୍ରଶଂସିତ ଓ ସମ୍ମାନିତ ହେବେ।

**ବୃଷ**: ଦ୍ୱାଦଶସ୍ଥ ମଙ୍ଗଳ ପ୍ରଭାବରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି କିମ୍ବା ଜମିଜମା କ୍ରୟବିକ୍ରୟର ଚିନ୍ତା କରିପାରନ୍ତି। କଥାବାର୍ତ୍ତାରେ ସଂଯମତା ରକ୍ଷା ନ କଲେ ବିବାଦ ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହି ଘର କାମକୁ ପାଶୋରି ଦେଇ ପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାର ସୂଚନା ରହିଛି।

**ମିଥୁନ**: ବୁଧଙ୍କ ପ୍ରଭାବରେ ଅପ୍ରିୟ ସତ୍ୟ କହି ବନ୍ଧୁ ଗହଣରେ ସମାଲୋଚିତ ହେବେ। ସମ୍ପର୍କୀୟଙ୍କ ବିରୋଧାଭାବ ଆଶା ପୂରଣରେ ପ୍ରତିବନ୍ଧକ ସୃଷ୍ଟି କରିବ। ଉତ୍ତେଜିତ ହେବା କାରଣରୁ ଚିନ୍ତାଧାରା ବିକ୍ଷିପ୍ତ ରହିପାରେ। ଶିକ୍ଷା, ସନ୍ତାନ, ଅଧ୍ୟୟନ, ଅଧ୍ୟାପନା, ସୃଜନଶୀଳ ସାହିତ୍ୟ, ସାମ୍ବାଦିକତା ଓ ସଙ୍ଗୀତାଦି କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**କର୍କଟ**: କେତୁଙ୍କ ହେତୁ ଭ୍ରାତୃସମ୍ପର୍କରେ ବ୍ୟତିକ୍ରମ ପରିଲକ୍ଷିତ ହେବ କିନ୍ତୁ କର୍ମକ୍ଷେତ୍ର ଭଲ ରହିବ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସାଙ୍ଗକୁ କାର୍ଯ୍ୟାରମ୍ଭର ପରିକଳ୍ପନା କରିବେ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିରୁ ଝଗଡ଼ା ଲାଗିପାରେ। ଅଭାବ ନ ଥିଲେ ମଧ୍ୟ ଋଣ ପରିଶୋଧ, ଦୂରଯାତ୍ରା, ପରିବାରଠାରୁ ବିଚ୍ଛିନ୍ନ ହୋଇ ଦୁଶ୍ଚିନ୍ତାରେ ରହିବେ।

**ସିଂହ**: ଏକାଦଶରେ ତିନୋଟି ଗ୍ରହ ରହିଥିବାରୁ ଆପଣଙ୍କ ଚେଷ୍ଟା ନିଷ୍ଫଳ ହେବନାହିଁ। ଯେଉଁ କାର୍ଯ୍ୟ ସକାଶେ ଚେଷ୍ଟା କରୁଛନ୍ତି, ସେଥିରେ ସଫଳତା ମିଳିବା ନିଶ୍ଚିତ। ମଙ୍ଗଳଙ୍କ ପ୍ରତି ଶନିଙ୍କ ଦୃଷ୍ଟିରୁ ପଡ଼ୋଶୀ, ସହକର୍ମୀ କିମ୍ବା ବନ୍ଧୁଙ୍କ ସହ କଳହର ଆଶଙ୍କା ରହିଛି। ଶତ୍ରୁମାନେ ଦୂରେଇ ରହିବେ କିମ୍ବା ମୁହଁ ସାମନାରେ କହିବାକୁ ସାହସ କରିପାରିବେ ନାହିଁ।

**କନ୍ୟା**: ବୃହସ୍ପତି ଭାଗ୍ୟସ୍ଥାନରେ ଅବସ୍ଥାନ କରି ସମସ୍ତ କାର୍ଯ୍ୟ ସାଧନରେ ସହାୟକ ହେବେ। ଶିକ୍ଷା, ପରୀକ୍ଷା, ସନ୍ତାନ, ଲେଖାପଢ଼ା କ୍ଷେତ୍ରରେ ବ୍ୟତିକ୍ରମ ଅନୁଭବ କରିପାରନ୍ତି। ଯାତ୍ରା ସ୍ଥଗିତ ରହିବା ସହ ବ୍ୟୟ ସଂକୁଚିତ ହୋଇପାରେ। ସହନଶୀଳତା, ତ୍ୟାଗ ସ୍ୱୀକାର ଓ ପରୋପକାର ପ୍ରବୃତ୍ତି ହେତୁ ସର୍ବସାଧାରଣରେ ସମ୍ମାନିତ ହେବେ।

**ତୁଳା**: ଧନସ୍ଥାନକୁ ଧନାଧିପତିଙ୍କ ଦୃଷ୍ଟି ଆର୍ଥିକ ସ୍ଥିତିକୁ ମଜଭୁତ କରାଇବ। ପରିବେଶ ଓ ପରିସ୍ଥିତି ଅନୁକୂଳ ଥିବାରୁ ମନ ଅନୁସାରେ ପ୍ରତ୍ୟେକ କାମ ସମ୍ପନ୍ନ କରିବେ। ଦ୍ୱାଦଶସ୍ଥ କେତୁଙ୍କ ପ୍ରଭାବରୁ ଅପବ୍ୟୟ ଓ ମନସ୍ତାପ କାରଣରୁ ଶାନ୍ତିରେ ଶୋଇପାରିବେନି। ଆନୁଷ୍ଠାନିକ କାର୍ଯ୍ୟକ୍ରମ ସାଙ୍ଗକୁ ସାହିତ୍ୟ, ସାମ୍ବାଦିକତା, ବନ୍ଧୁମିଳନ ହେତୁ ମନ ପ୍ରଫୁଲ୍ଲ ରହିବ।

**ବିଛା**: ଆଜିର ଅଷ୍ଟମଚନ୍ଦ୍ର ପ୍ରଭାବରେ ଚିନ୍ତା କରୁଥିବା କାମ ଓ ଯୋଜନାଗୁଡ଼ିକ ଓଲଟ ପାଲଟ ହୋଇଯିବାରୁ ମନ ଭଲ ରହିବ ନାହିଁ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। ଆଲୋଚନାରେ କାହାର କଥା ନ ମିଶିବା ଫଳରେ ସ୍ଥିର ସିଦ୍ଧାନ୍ତ ନେଇ ପାରିବେ ନାହିଁ। ଶାରୀରିକ ଓ ମାନସିକ ସ୍ଥିତି କେତେକାଂଶରେ ଅନୁରାଧା ପାଇଁ ଭଲ ରହିବ।

**ଧନୁ**: ଅଷ୍ଟମାଧିପତି ଚନ୍ଦ୍ରଙ୍କ ସପ୍ତମସ୍ଥ ରହି ବାଣିଜ୍ୟ, ବ୍ୟବସାୟ ଓ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟର କାରଣ ହେବ। ଉତ୍ତରାଷାଢ଼ା ନକ୍ଷତ୍ରର କୌଣସି କାମ ଅଟକିବ ନାହିଁ। ଅସହିଷ୍ଣୁ ମନୋଭାବର ସୁଯୋଗ ଉଣ୍ଡି ବେଳକାଳ ଦେଖି ନିଜ ଲୋକମାନେ ଦାଉ ସାଧିପାରନ୍ତି। ବାଣିଜ୍ୟ, ପରିବହନ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ମନୋଭାବ ଉପୁଜି ପାରେ।

**ମକର**: ଭାଗ୍ୟାଧିପଙ୍କ ରାଶି ପ୍ରତି ଦୃଷ୍ଟି ସମସ୍ୟା ସମାଧାନ, କାର୍ଯ୍ୟସିଦ୍ଧି, ଋଣ ସୂତ୍ରରେ ଅର୍ଥଲାଭ କରାଇବ। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କର୍ତ୍ତବ୍ୟ ପରାୟଣତା ଓ କାର୍ଯ୍ୟଦକ୍ଷତା କାରଣରୁ କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ**: କେନ୍ଦ୍ରସ୍ଥ ବୃହସ୍ପତି ଏକାଧାରରେ ଆପଣଙ୍କୁ ଅର୍ଥ, ସମ୍ମାନ, ଲୋକ ସମ୍ପର୍କ ବୃଦ୍ଧି କ୍ଷେତ୍ରରେ ସହାୟକ ହେବେ। ବୁଝାମଣା ଠିକ୍ ରହିବା ହେତୁ ବ୍ୟବସାୟ, କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ବ୍ୟବସାୟରେ ଲାଭ ମିଳିବ କିନ୍ତୁ ଅନ୍ୟ ବାଟରେ ତାହା ବ୍ୟୟ ହେବାର ସୂଚନା ରହିଛି।

**ମୀନ**: ଶୁଭଚନ୍ଦ୍ର ପ୍ରଭାବରୁ ମନ ପ୍ରଫୁଲ୍ଲ ରହିବ ଏବଂ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ। ପରିବାରରେ ନିଜର ପ୍ରତିକ୍ରିୟା ଶତ୍ରୁତା କରୁଥିବା ଲୋକଙ୍କ ଖୋରାକ ଯୋଗାଇବାପରି କାମ କରିପାରେ। ପିଲାଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିବେ। ସାହିତ୍ୟ ଚର୍ଚ୍ଚା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

ଆଜି ଜୁଲାଇ ୫ ତାରିଖ, ଆଷାଢ଼ ମାସର ବିଜୟା ଅମାବାସ୍ୟା ଶୁକ୍ରବାର। ଅମାବାସ୍ୟାର ନିଶା ପାଳନ, ରାଶିନକ୍ଷତ୍ର-ଆରର୍ଦ୍ରା/ ମିଥୁନ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୦୯ମି. ଗତେ ଘ.୦୭।୦୧ମି ମଧ୍ୟେ, ଘ.୧୨।୧୭ମି. ଗତେ ଘ.୦୨।୫୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୨ମି. ଗତେ ଘ.୧୧।୫୧ମି. ମଧ୍ୟେ ରାହୁ କାଳ।

**ପ୍ରଥମ ପୃଷ୍ଠାରୁ...**

## ଗୁଣି ସନ୍ଦେହରୁ...

ଜାଣିବାକୁ ପାଇଥିଲେ ଯେ, ଉକ୍ତ ୩ଜଣଙ୍କୁ ଗ୍ରାମର ଲାଲା ଓ ପୀତାମ୍ବରଙ୍କ ସମେତ କିଛି ଲୋକ ଯୋଜନା କରି ସଂଘବଦ୍ଧ ଭାବେ ହତ୍ୟା କରି ସେମାନଙ୍କ ମୃତଦେହକୁ ନିକଟସ୍ଥ ପାହାଡ଼ ଉପରେ ଥିବା ଜଙ୍ଗଲରେ ଫୋପାଡ଼ି ଦେଇଛନ୍ତି। ଏହି କଥା ଜାଣିବା ପରେ ଗୁରୁବାର ନିରଞ୍ଜନ ଔପଦାରେ ପହଞ୍ଚି ଥାନାରେ ଲିଖିତ ଅଭିଯୋଗ କରିଥିଲା। ପୋଲିସ ସଙ୍ଗେ ସଙ୍ଗେ ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରାଉଚରା କରି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲା। ମୃତଶରୀରରଗୁଡ଼ିକୁ ପାହାଡ଼ ଉପର ଜଙ୍ଗଲରୁ ଠାବ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୫ ଜଣଙ୍କୁ ମଧ୍ୟ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ଏନେଇ ପୋଲିସ ଘଟଣା ସମ୍ପର୍କରେ କୌଣସି ସବିଶେଷ ସୂଚନା ଦେଇ ନ ଥିଲେ ମଧ୍ୟ ସ୍ଥାନୀୟ ଲୋକମାନେ ଏହି ଘଟଣାକୁ ଗୁଣିଗାରେଡ଼ିକୁ ନେଇ ହୋଇଥିବା କହୁଛନ୍ତି।

ଏନେଇ ଔପଦା ଆଇଆଇସି ଶ୍ରବଣ କୁମାର ମହାରଣା କୁହନ୍ତି, ଗୁରୁବାର ସକାଳେ ବରପଦା ଗ୍ରାମର ନିରଞ୍ଜନ ତାଙ୍କ ମା' ନିଖୋଜ ଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ସେଥିରେ ଉକ୍ତ ଗ୍ରାମର ଦୁଇ ଜଣ ଯୁବକ ତାଙ୍କ ମା'କୁ ମାରି ଫୋପାଡ଼ି ଦେଇଥିବା ସନ୍ଦେହ କରୁଥିବା ପ୍ରକାଶ କରିଥିଲେ। ଅଭିଯୋଗକୁ ଆଧାରକରି ଜଣେ ଯୁବକଙ୍କୁ ଥାନାରେ ପଚରାଉଚରା କରିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। କିଛିଦିନ ତଳେ ସମବାରୀ ଜଳେଣି କାଠ ଆଣିବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଫେରିବାବେଳେ ଗଛର ଡାଳ ବାଜି ତାଙ୍କ ଆଖିରେ କ୍ଷତ ହୋଇଥିଲା। ଏହା ଭଲ ନ ହେବାରୁ ଲାଲା ଏବଂ ପୀତାମ୍ବର ଗୁଣିଗାରେଡ଼ି କରିଥିବା ସନ୍ଦେହ କରି ସମବାରୀ ରବିବାର ସକାଳେ ସେମାନଙ୍କୁ ପଚାରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ମାରପିଟ ସ୍ଥିତି ଉପୁଜିଥିଲା। କିଛି ସମୟ ପରେ ଦାମ୍ପା ଏବଂ ଡାଲିଆ ଘଟଣାସ୍ଥଳରେ ପହଞ୍ଚି ସମବାରୀଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାରୁ ରାଗ ରଖି ଲାଲା, ପୀତାମ୍ବର ଏବଂ ଅନ୍ୟମାନେ ସେହିଦିନ ରାତିରେ ସମବାରୀ, ଦାମ୍ପା ଏବଂ ଡାଲିଆଙ୍କୁ ହତ୍ୟା କରି ଗ୍ରାମଠାରୁ ୫କି.ମି ଦୂର ଦଲଦଲି ପାହାଡ଼ ଉପରେ ଥିବା ପଥର ଗୁମ୍ଫାରେ ଫୋପାଡ଼ି ଦେଇଥିଲେ। ମୃତଦେହଗୁଡ଼ିକୁ ଠାବ କରାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ଥାନା ଅଧିକାରୀ ମହାରଣା ସୂଚନା ଦେଇଛନ୍ତି।

## ଓଡ଼ିଆରେ ହେବ ଡାକ୍ତରୀ...

ନିରଞ୍ଜନ ରାଉତ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ୍ ଆଣ୍ଡ୍ ହସ୍ପିଟାଲ୍‌ର ଏସ୍‌ପିଏମ୍ ବିଭାଗ ମୁଖ୍ୟ ଡା. ଦୁର୍ଗା ଶତପଥୀ, ବାରିପଦା ମେଡିକାଲ ଆଣ୍ଡ୍ କଲେଜ ମେଡିସିନ ବିଭାଗର ଆସୋସିଏଟ୍ ପ୍ରଫେସର ପ୍ରସନ୍ନ କୁମାର ରାଠୋର୍, ପୁରୀ ଏସ୍‌ଜେଏମ୍‌ସିଏଚ୍ ସର୍ଜରି ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଲଛମନ ବାଗ୍, ବାରିପଦା ଓ ଆଣ୍ଡ୍ ଜି ପିଆର୍‌ଏମ୍‌ଏମ୍‌ସିଏଚ୍‌ର ପ୍ରଫେସର ରୀତାଞ୍ଜଳୀ ବେହେରା, ଯାଜପୁର ଜେକେଏମ୍‌ସିଏଚ୍ ଆନାସ୍ଥେସିଓଲୋଜି ବିଭାଗର ପ୍ରଫେସର ରଞ୍ଜିତା ମହାପାତ୍ର, କୋରାପୁଟ ଏସ୍‌ଏଲ୍‌ଏନ୍‌ଏମ୍‌ସିଏଚ୍ ଅପ୍‌ଥାମୋଲୋଜି ବିଭାଗର ଅସୋସିଏଟ୍ ପ୍ରଫେସର ରାଜଶ୍ରୀ ରାଉତ, ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରୋଗ୍ରାମ୍ ଉପଦେଷ୍ଟା ଡ. ପ୍ରେମାନନ୍ଦ ମହାପାତ୍ର ସଦସ୍ୟ ଭାବେ ରହିଛନ୍ତି। ସେହିପରି ଓୟୁଏଚ୍‌ଏସ୍‌ର ରେଜିଷ୍ଟ୍ରାର ଏହି କମିଟିର ମେମ୍ବର କନ୍‌ଭେନର ରହିଛନ୍ତି।

ଓଡ଼ିଆରେ ମେଡିକାଲ ପାଠପଢ଼ା ହେଲେ ଛାତ୍ରୀଛାତ୍ର କେତେ ଉପକୃତ ହେବେ ସେସମ୍ପର୍କରେ ପଚରାଯିବାରୁ ଏସ୍‌ସିବି ମେଡିକାଲ କଲେଜର ମେଡିସିନ ପ୍ରଫେସର ଜୟନ୍ତ ପଣ୍ଡା କହିଛନ୍ତି, ଚାଇନା, ରୁଷିଆ ଭଳି ଦେଶରେ ନିଜ ମାତୃଭାଷାରେ ମେଡିକାଲ ପାଠ ପଢ଼ାଯାଉଛି। ନିଟ୍ ପରୀକ୍ଷା ମଧ୍ୟ ଓଡ଼ିଆ, ଇଂଲିଶ ଏବଂ ହିନ୍ଦୀରେ ଦିଆଯାଉଛି। ତେଣୁ ଓଡ଼ିଆରେ ମେଡିକାଲ ପାଠ ପଢ଼ିବା ସହଜ ହେବ ଏବଂ ଶୀଘ୍ର ବୁଝିବେ। ସବୁ ମେଡିକାଲ ପାଠ ପଢୁଥିବା ପିଲା ଇଂଲିଶ ଜାଣିଛନ୍ତି। ତେଣୁ ଜାତୀୟ ଅନ୍ତର୍ଜାତୀୟସ୍ତରରେ କିଛି ସେମିନାର ହେଲେ ସେମାନଙ୍କୁ ନିଜ କଥା ରଖିବାରେ ସମସ୍ୟା ହେବନାହିଁ। ତେବେ ପୁସ୍ତକର ଅନୁବାଦ କରିବା ସମୟରେ ଏନେଇ ବିଶେଷ ଧ୍ୟାନଦେବାକୁ ପଡିବ। ବହିର ପ୍ରତ୍ୟେକ ଶବ୍ଦକୁ ଅନୁବାଦ ନ କରି ତାହାର ଥିମ୍‌କୁ ଅନୁବାଦ କରିବା ଆବଶ୍ୟକ। ନଚେତ୍ ପ୍ରତିଟି ଶବ୍ଦକୁ ଅନୁବାଦ କରିବା ଦ୍ୱାରା ତାହାର ଅର୍ଥ ବଦଳିଯିବ। ସେହିପରି କମିଟିର ସଦସ୍ୟ ଭାବେ ସ୍ଥାନ ପାଇଥିବା ଡା. ପ୍ରଭାସ ତ୍ରିପାଠୀ କହିଛନ୍ତି, ଏବେ କମିଟି ଗଠନ ହୋଇଛି, ତେଣୁ ଏତେ ଶୀଘ୍ର ଯୋଜନାକୁ ନେଇ ବେଶି କିଛି ମତାମତ ଦେବା ଠିକ୍ ହେବନାହିଁ। ସରକାରଙ୍କର ଏହା ଏକ ଭଲ ପଦକ୍ଷେପ। ଓଡ଼ିଆ ଭାଷାରେ ପଢ଼ିଲେ ସମସ୍ତେ ଭଲ ଭାବେ ବୁଝି ପାରିବେ। କିଛି ଶବ୍ଦ ମେଡିକାଲ୍ ଲାଙ୍ଗୁଏଜ୍‌ରେ କଷ୍ଟକର ହୋଇଥାଏ। ଛାତ୍ରୀଛାତ୍ରମାନେ ଧୀରେଧୀରେ ସେଥିରେ ଅଭ୍ୟସ୍ତ ହୋଇଥାନ୍ତି। ପୂରା କୋର୍ସକୁ ଓଡ଼ିଆରେ କରିବା ପାଇଁ ନିହାତି ପକ୍ଷେ ସମୟ ଲାଗିବ। କିଛି ନୂଆ କରିବା ପୂର୍ବରୁ ଆମେ ସବୁବେଳେ ଆଶାବାଦୀ ଥାଉ, ଏବେ ବି ଅଛୁ।

## ଓଡ଼ିଆରେ ନଥି ଉପସ୍ଥାପନ...

ଭାଷାର ବ୍ୟବହାରକୁ ବ୍ୟାପକ କରିବା ପାଇଁ ଆବଶ୍ୟକ ପଡ଼ିଲେ ସରକାରୀ ଭାଷା ଆଇନରେ ସଂଶୋଧନ କରାଯିବ। ଏଥିସହିତ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୁନର୍ଗଠନ କରାଯିବ। ଓଡ଼ିଶାର ଭୌତିକ ପ୍ରଗତି ସହ ସାଂସ୍କୃତିକ ପ୍ରଗତିକୁ ପ୍ରାଥମିକତା ଦିଆଯିବ। ତିନୋଟି ଏକାଡେମୀ ତଥା ସାହିତ୍ୟ, ସଙ୍ଗୀତ, ନାଟକ ଓ ଲଳିତକଳା ଏକାଡେମୀର ପୁନର୍ଗଠନ ଓ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ। ଓଡ଼ିଶୀ ଗବେଷଣା କେନ୍ଦ୍ରକୁ ଅଧିକ କ୍ରିୟାଶୀଳ କରାଯିବ। ଓଡ଼ିଆ ଅସ୍ମିତା ଉପରେ ଗୁଣାତ୍ମକ ଗବେଷଣାକୁ ପ୍ରୋତ୍ସାହିତ କରାଯିବ। ଓଡ଼ିଶାରେ ପଠନ ଅଭ୍ୟାସ ବୃଦ୍ଧି ପାଇଁ ଲାଇବ୍ରେରି ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ବ୍ୟବସ୍ଥିତ କରାଯିବ। ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର ପାଇଁ ଅନୁବାଦ ଏକାଡେମୀ ପ୍ରତିଷ୍ଠା ହେବ। ଭାଷା ପାଇଁ ଆଧୁନିକ, ସରଳ ଓ ସୁଗମ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଲାଗି ବ୍ୟବସ୍ଥା ହେବ। ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାରକୁ ସହଜ, ସରଳ ଓ ସୁଗମ କରିବା ପାଇଁ ଉପଯୁକ୍ତ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ନିମନ୍ତେ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରତ୍ୟେକ ଜିଲାରେ ସମନ୍ୱିତ ସଂସ୍କୃତି ଭବନ ନିର୍ମାଣ ସହ ଜିଲାର କଳା ସଂସ୍କୃତିକୁ ପ୍ରୋତ୍ସାହିତ କରାଯିବ। ହାଇସ୍କୁଲ ସ୍ତରରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ବିଚାର କରାଯିବ। ବରୁଣେଇଠାରେ ପାଇକ ଏକାଡେମୀ ଓ ସ୍ମାରକୀ ନିର୍ମାଣ ତ୍ୱରାନ୍ୱିତ କରାଯିବ। ରାଜ୍ୟର ବିଭିନ୍ନ ଐତିହ୍ୟ ପୀଠର ବିକାଶକୁ ଗୁରୁତ୍ୱ ଦେବାକୁ ସରକାର ସଂକଳ୍ପବଦ୍ଧ। ସବୁ କାର୍ଯ୍ୟ ଲୋକମାନଙ୍କ ସହଯୋଗ, ସହଭାଗିତା ଓ ପରାମର୍ଶରେ ହେବ। ଓଡ଼ିଆ ଅସ୍ମିତା କ୍ଷେତ୍ରରେ ଆଉ କ'ଣ କରାଯିବା ଦରକାର, ସେଥିପାଇଁ ଲୋକମାନଙ୍କର ପ୍ରସ୍ତାବ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପୂର୍ବାହ୍ନ ୯ଟା ୪୦ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ଲୋକସେବା ଭବନକୁ ଆସିଥିଲେ। ସେଠାରେ ପହଞ୍ଚିବା ପରେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ାଙ୍କ ସମେତ ବହୁ କ୍ୟାବିନେଟ ମନ୍ତ୍ରୀ ଉପସ୍ଥିତ ରହି ପାଛୋଟି ନେଇଥିଲେ। ସେହିପରି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଓଏଏସ୍ କର୍ମଚାରୀ ସଂଘ ଏବଂ ସଚିବାଳୟ କର୍ମଚାରୀ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଯେଉଁ ଚାମ୍ବରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବସୁଥିଲେ ସେହି ଚାମ୍ବରରେ ମୋହନ ମାଝୀ ନିଜର କାର୍ଯ୍ୟ ଆରମ୍ଭ କରିଛନ୍ତି। କେବଳ ଟେବୁଲ ଓ ଚେୟାରର ଦିଗ ବଦଳିଛି।

ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ଲୋକସେବା ଭବନ ପରିସରକୁ ରଙ୍ଗୋଲି ଓ ରଙ୍ଗବେରଙ୍ଗ ଫୁଲରେ ସଜାଯାଇଥିଲା। ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ନେବା ପରେ ୨୨ ଦିନ ଧରି ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅସ୍ଥାୟୀ କାର୍ଯ୍ୟାଳୟ ଚାଲିଥିଲା।

## ୧,୩୦୦ ବର୍ଷର ଚମତ୍କାରୀ...

ରହିଛି। କବିତାରେ ଖଣ୍ଡାର ଯାଦୁକରି କ୍ଷମତା ବିଷୟରେ ବର୍ଣ୍ଣନା କରାଯାଇଛି। ଏହି ମହାକାବ୍ୟର ଶେଷ ପୁସ୍ତକ ଏବେ ମଧ୍ୟ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ବୋର୍ଡଲିୟନ ଲାଇବ୍ରେରିରେ ସଂରକ୍ଷିତ ହୋଇରହିଛି। କିମ୍ବଦନ୍ତୀ ଅନୁଯାୟୀ, ଅଷ୍ଟମ ଶତାବ୍ଦୀରେ ଜଣେ ଦେବଦୂତ ରୋମାନ ସମ୍ରାଟ୍ ଚାର୍ଲାମେଗେନ୍‌ଙ୍କୁ ଏହି ଖଣ୍ଡା ଉପହାରରେ ଦେଇଥିଲେ। କେବଳ ଗୋଟିଏ ଚୋଟରେ ବଡ଼ରୁ ବଡ଼ ପଥରକୁ କାଟିବାର ଅସାଧାରଣ କ୍ଷମତା ଏହି ଖଣ୍ଡାର ରହିଥିଲା। ତେବେ ସମ୍ରାଟ୍ ଚାର୍ଲାମେଗେନ ରୋଲାଣ୍ଡ ନାମକ ନିଜର ଜଣେ ସୈନ୍ୟଙ୍କ ସାହସିକତାରେ ପ୍ରସନ୍ନ ହୋଇ ତାଙ୍କୁ ଏହି ଖଣ୍ଡା ଉପହାରରେ ଦେଇଥିଲେ। ଏକାଦଶ ଶତାବ୍ଦୀରେ ଏକ ଯୁଦ୍ଧରେ ପ୍ରାଣ ହରାଇବା ପୂର୍ବରୁ ରୋଲାଣ୍ଡ ଉକ୍ତ ଖଣ୍ଡାକୁ ନଷ୍ଟ କରିବାକୁ ଅନେକ ପ୍ରୟାସ କରିଥିଲେ। ଏହାସତ୍ତ୍ୱେ ମଧ୍ୟ ଖଣ୍ଡାଟି ଭାଙ୍ଗି ନଥିଲା କି ଏହାର ଧାର କମିନଥିଲା। ତେଣୁ ରୋଲାଣ୍ଡ ବାଧହୋଇ ଖଣ୍ଡାକୁ ଜନବସତି ନ ଥିବା ଅଞ୍ଚଳକୁ ଫିଙ୍ଗି ଦେଇଥିଲେ, ଫଳରେ ଖଣ୍ଡାଟି ଶହ ଶହ କିଲୋମିଟର ଅତିକ୍ରମ କରି ରୋକାମଡୋର ସହରର ଏକ ପଥରରେ ଫସି ହୋଇ ରହିଥିଲା। ଭୂମିର ୧୦୦ ଫୁଟ୍ ଉଚ୍ଚରୁ ଦୀର୍ଘ ୧,୩୦୦ ବର୍ଷ ପରେ ଏହି ଐତିହାସିକ ଖଣ୍ଡା ଉଭାନ ହୋଇଯାଇଥିବାରୁ ଅନେକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଘଟଣାକୁ ନେଇ ଫ୍ରାନ୍ସ ସରକାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ସବ୍‌ଇନ୍ସପେକ୍ଟରଙ୍କୁ କାବୁକଲା ଭିଜିଲାନ୍ସ ଟିମ୍

କୁଜଙ୍ଗ,୪।୭(ମନୋଜ ପ୍ରଧାନ)

ଜଣେ ବ୍ୟକ୍ତିଙ୍କଠାରୁ ଗୁରୁବାର ସନ୍ଧ୍ୟାରେ ୮ହଜାର ଟଙ୍କା ଲାଞ୍ଚ ନେଇ ଥାନାରୁ ପଳାଇ ଯାଉଥିବାବେଳେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ସବ୍‌ଇନ୍ସପେକ୍ଟର(ଏସ୍‌ଆଇ) ବିବେକାନନ୍ଦ ସାହୁଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଛି। ପରେ ତାଙ୍କ ନାମରେ କଟକ ଭିଜିଲାନ୍ସଥାନାରେମାମଲା(ନଂ.୧୭/୨୪) ରୁଜୁ କରାଯିବା ସହ ଗିରଫ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ କୁଜଙ୍ଗ ଥାନା ଅନ୍ତର୍ଗତ ବାଗୋଇ ଗ୍ରାମର ସରୋଜ ସ୍ୱାଇଁଙ୍କ ଜମିବାଡ଼ିକୁ ନେଇ ପଡ଼ୋଶୀଙ୍କ ସହ ବିବାଦ ଲାଗି ରହିଥିଲା। ଏନେଇ ସେ ଗତ ମେ'୧୪ରେ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ଆଇ ବିବେକାନନ୍ଦଙ୍କୁ ଉକ୍ତ ଅଭିଯୋଗର ତଦନ୍ତ ଦାୟିତ୍ୱ ଦିଆଯାଇଥିଲେ ସୁଦ୍ଧା ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିଲେ। ଅପରପକ୍ଷେ ପଡ଼ୋଶୀଙ୍କ ଅଭିଯୋଗକୁ ଭିତ୍ତିକରି ସରୋଜ ଓ ତାଙ୍କ ପୁଅଙ୍କ ନାମରେ ଥାନାରେ ସେ ପାଲଟା ମାମଲା ରୁଜୁ କରିଥିଲେ। ଏଥିରେ ସରୋଜ ହତୋତ୍ସାହିତ ହୋଇ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହି ମାସ ୨୯ତାରିଖରେ ଅଦାଲତ ଅଭିଯୋଗକାରୀଙ୍କୁ ଜାମିନ ପ୍ରଦାନ ପାଇଁ ତଦନ୍ତକାରୀ ଅଧିକାରୀ ବିବେକାନନ୍ଦଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ମାତ୍ର ସେ ଜାମିନ ଦେବା ପରିବର୍ତ୍ତେ ଲାଞ୍ଚ ମାଗିବା ସହ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିଲେ।ଏପରି କି ଏସ୍‌ଆଇ ବିବେକାନନ୍ଦ ଯେତେବେଳେ ସରୋଜଙ୍କୁ ବଜାରରେ ଦେଖୁଥିଲେ, ତାଙ୍କୁ ବିଭିନ୍ନ ଜିନିଷ ବରାଦ କରୁଥିଲେ। ଏଥିରେ ଅତିଷ୍ଠ ହୋଇ ସରୋଜ କଟକ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତାବକ, ଭିଜିଲାନ୍ସ ଟିମ୍ ଗୁରୁବାର ସକାଳ ପ୍ରାୟ ୮ଟାରୁ କୁଜଙ୍ଗ ଓ ଆଖପାଖ ଅଞ୍ଚଳ ସମେତ ବିଭିନ୍ନ ଜାଗାରେ ଛକି ରହିଥିଲେ। ସରୋଜ ଓ ତାଙ୍କ ପୁଅ ଥାନାକୁ ଜାମିନ ପାଇଁ ଯାଇଥିବାବେଳେ ଏସ୍‌ଆଇ ବିବେକାନନ୍ଦ ଥାନାରେ ଉଭୟଙ୍କୁ ଦେଢ଼ ଘଣ୍ଟା ଅଟକ ରଖି ଟଙ୍କା ମାଗିଥିଲେ। ପରେ ସରୋଜଙ୍କୁ ଜାମିନ୍‌ରେ ଆଣିବାକୁ ଯାଇଥିବା ଜାମିନଦାର୍ ମଧ୍ୟସ୍ଥତା କରି ୮ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ଥାନା ଭିତରେ ସରୋଜଙ୍କ ସାନ ପୁଅ ଟଙ୍କା କାଢ଼ିବାରୁ ବିବେକାନନ୍ଦ ତାଙ୍କ ହାତରୁ ନେବାକୁ ମନା କରି ଜାମିନଦାରଙ୍କ ହାତକୁ ଟଙ୍କା ଦେବା ପାଇଁ କହିଥିଲେ। ଜାମିନଦାର ଟଙ୍କା ଦେବା ମାତ୍ରେ ସବ୍‌ଇନ୍ସପେକ୍ଟର ବିବେକାନନ୍ଦ ୮ ହଜାର ଟଙ୍କା ଧରି ନିଜ ବୁଲେଟରେ ଜଗତ୍‌ସିଂହପୁର ଅଭିମୁଖେ ଚାଲିଯାଇଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍‌ର ୨ଜଣ ସଦସ୍ୟ ଅନ୍ୟ ଏକ ମୋଟର ସାଇକେଲରେ ପିଛାକରି କଟକ ପାରାଦୀପ ରାସ୍ତାର ଷଣ୍ଢପୁର ନିକଟରେ ଅଟକାଇ ମାଡ଼ି ବସିଥିଲେ। ସେ ଭିଜିଲାନ୍ସ ଟିମ୍‌ର ଦୁଇଜଣ ସଦସ୍ୟଙ୍କ

## ୮ହଜାର ଲାଞ୍ଚ ନେଇ ଥାନାରୁ ଖସି ପଳାଉଥିଲେ

ସହ ଧସ୍ତାଧସ୍ତି କରି ଖସିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ।

ସୂଚନାଯୋଗ୍ୟ, କୁଜଙ୍ଗ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାସ ଓ କାର୍ଯ୍ୟରତ ଏସ୍‌ଆଇ ବିବେକାନନ୍ଦଙ୍କ ଦୁର୍ବ୍ୟବହାର ଓ ମିଥ୍ୟା ମକଦ୍ଦମା ଭୟରେ ସ୍ଥାନୀୟ ଅଞ୍ଚଳବାସୀ କେହି ମୁହଁ ଖୋଲିବାକୁ ସାହାସ କରୁ ନ ଥିଲେ। ଉକ୍ତ ଥାନାକୁ ଯଦି କେହି ପୀଡ଼ିତ କି ପୀଡ଼ିତା ଅଭିଯୋଗ ନେଇକି ଯାଆନ୍ତି, ଥାନା ଅଧିକାରୀ ଜଣକ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଅଭିଯୁକ୍ତଙ୍କୁ ଡାକି ଓଲଟା ଅଭିଯୋଗକାରୀଙ୍କ ବିରୋଧରେ ଏତଲା ଗ୍ରହଣ କରି ଫସାଇ ଦିଅନ୍ତି। ଥାନା ଅଧିକାରୀଙ୍କୁ ତୁରନ୍ତ ହଟାଇବା ସହ ଉଚ୍ଚସ୍ତରୀୟ ତଦନ୍ତ କଲେ ଏବଂ ତାଙ୍କ ଚାକିରି କାର୍ଯ୍ୟକାଳର ସମସ୍ତ ଘଟଣା ତଦନ୍ତ ହେଲେ ଅସଲ ମୁଖା ପଦାକୁ ଆସିପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏସମ୍ପର୍କରେ ଥାନା ଅଧିକାରୀ ଦାସଙ୍କ ମତାମତ ନେବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେବାକୁ ମନା କରିଦେଇଛନ୍ତି।

# ଏଏସ୍‌ଓଙ୍କ ଝୁଲନ୍ତା ମୃତଦେହ ଜବତ

## ଇସ୍ପାତ ଓ ଖଣି ବିଭାଗରେ କାର୍ଯ୍ୟରତ ଥିଲେ

ଭୁବନେଶ୍ୱର,୪।୭
(ସୂର୍ଯ୍ୟକାନ୍ତ ବେହେରା)

ଲୋକସେବା ଭବନର ଇସ୍ପାତ ଓ ଖଣି ବିଭାଗରେ କାର୍ଯ୍ୟରତ ଜଣେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ)ଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଭୁବନେଶ୍ୱର ଆଚାର୍ଯ୍ୟ ବିହାରସ୍ଥିତ ଭଡ଼ାଘରୁ ମିଳିଛି। ମୃତକ ହେଲେ ମୟୂରଭଞ୍ଜର ମାରା ମାରାଣ୍ଡି(୨୬)। ଖବରପାଇ ଶହୀଦନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ରଶିରେ ଝୁଲୁଥିବା ଅବସ୍ଥାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ହେଲେ କେଉଁ ପରିସ୍ଥିତିରେ ସେ ଏଭଳି ଚରମ ପଦକ୍ଷେପ ନେଲେ ଓ ଅଫିସ୍ କାର୍ଯ୍ୟ କିମ୍ବା ଅନ୍ୟ କୌଣସି ଚାପ ରହିଥିଲା, ସେନେଇ ଖୋଳତାଡ଼ ଚାଲିଛି। ପରିବାର ଲୋକେ ଆସିଲେ ଶୁକ୍ରବାର ବ୍ୟବଚ୍ଛେଦ ହେବ ଓ ଅଭିଯୋଗ ଆଧାରରେ ତଦନ୍ତ ଆଗେଇବ ବୋଲି ପୋଲିସ ସୂଚନା ଦେଇଛି।

ସୂଚନାନୁସାରେ, ଆଚାର୍ଯ୍ୟ ବିହାରସ୍ଥିତ ପୋଲିସ ବାଟାଲିୟନ ପଛ ପାର୍ଶ୍ୱରେ ୨ସାଙ୍ଗଙ୍କ ସହ ମାରା ରହୁଥିଲେ। ଗୁରୁବାର ଦୁଇ ସାଙ୍ଗ ଅଫିସ ଯାଇଥିବାବେଳେ ଘରେ ସେ ଏକୁଟିଆ ଥିଲେ। ପୂର୍ବାହ୍ନରେ ଘର ଲୋକ ତାଙ୍କୁ ଫୋନ୍ କରିଥିଲେ ମଧ୍ୟ ତାଙ୍କ ମୋବାଇଲ୍ ଲାଗି ନ ଥିଲା। ପରେ ପରିବାର ଲୋକେ ତାଙ୍କ ସାଙ୍ଗକୁ ଫୋନ୍ କରି ଜଣାଇବା ପରେ ଅପରାହ୍ନରେ ଜଣେ ସାଙ୍ଗ ଅଫିସ୍‌ରୁ ଘରକୁ ଯାଇଥିଲେ। ହେଲେ ଭିତରପଟୁ କବାଟ ବନ୍ଦ ଥିବା ଦେଖି ମାରାଙ୍କୁ ଡାକିଥିଲେ। ମାରା ଜବାବ ଦେଇ ନ ଥିଲେ କି କବାଟ ଖୋଲି ନ ଥିଲେ। ଝରକା ବାଟେ ଭିତରକୁ ଚାହିଁବାରୁ ମାରାଙ୍କ ମୃତଦେହ ଫ୍ୟାନ୍‌ରେ ରଶିରେ ଝୁଲୁଥିବା ଦେଖିଥିଲେ। ଏନେଇ ସାଙ୍ଗ ଜଣକ ୧୧୨କୁ କଲ୍ କରି ଜଣାଇଥିଲେ। ଶହୀଦନଗର ଥାନା ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାସ୍ଥଳକୁ ଯାଇଥିଲା। ବନ୍ଦ ଥିବା କବାଟକୁ ଭାଙ୍ଗି ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବାରୁ ତାହାର ଭିଡିଓ ଗ୍ରାଫି କରିବା ପରେ ତଳକୁ ଓହ୍ଲାଇ ବ୍ୟବଚ୍ଛେଦ ପାଇଁ ନେଇଥିଲା। ମାରାଙ୍କ ଉପରେ ଉପରିସ୍ଥ ଅଧିକାରୀଙ୍କ ଚାପ ରହୁଥିବା ତାଙ୍କ ସାଙ୍ଗମାନେ ଅଭିଯୋଗ କରିଛନ୍ତି।

# ରାସ୍ତାରେ ହାଣିଲେ,କଟାମୁଣ୍ଡ ଧରି ନାଚିଲେ

## ବଡ଼ସାହିରେ ବୃଦ୍ଧାଙ୍କୁ ବୀଭତ୍ସ ହତ୍ୟା

ବାରିପଦା, ୪।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାମାନ୍ୟ ବଚସାରୁ ରାସ୍ତା ମଝିରେ ହାଣିଦେଲେ। ଏତିକିରେ ରାଗ ଶାନ୍ତ ହେଲାନି ଯେ, ପୁଣି କଟାମୁଣ୍ଡ ଧରି ନାଚିବାକୁ ଲାଗିଲେ। ଏଭଳି ଛାତିଥରା ଘଟଣା ଘଟିଛି ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ନିଶ୍ଚନ୍ତପୁର ଗ୍ରାମରେ। ଅଭିଯୁକ୍ତ ଯୁବକ ଏକ କୁରାଢ଼ିରେ ହାଣି ଜଣେ ବୃଦ୍ଧାଙ୍କ ଗଣ୍ଡିରୁ ମୁଣ୍ଡକୁ ଅଲଗା କରିଦେଇଛନ୍ତି। ମୃତ ବୃଦ୍ଧା ହେଲେ ଗୌରୀ ବେହେରା (୬୭)। ପୋଲିସ ଅଭିଯୁକ୍ତ ସେହି ଗ୍ରାମର ବାବୁଲା ମହାକୁଡ଼(୩୫)ଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୧୮୪/୨୪)ରୁଜୁହୋଇଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟାରେ ଗୌରୀ ଗାଁ ରାସ୍ତାରେ ଯାଉଥିବା ବେଳେ କୌଣସି କାରଣକୁ ନେଇ ବାବୁଲାଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବାବୁଲା ତାଙ୍କୁ ଆକ୍ରମଣ କରିଥିଲେ। ଗୌରୀ ତଳେ ପଡ଼ିଯିବାରୁ ବାବୁଲା ସାଙ୍ଗରେ ଆଣିଥିବା ଏକ କୁରାଢ଼ିରେ ହାଣି ତାଙ୍କ ଗଣ୍ଡିରୁ ମୁଣ୍ଡକୁ ଅଲଗା କରିଦେଇଥିଲେ। ହତ୍ୟାକାଣ୍ଡ ଘଟାଇ ବାବୁଲା କଟାମୁଣ୍ଡକୁ ଧରି ନୃତ୍ୟ କରିବା ସହ ରାସ୍ତା ମଝିରେ ରଖିଦେଇ ପଳାଇଥିଲେ। ପରେ ନିକଟସ୍ଥ ବୁଢ଼ାବଳଙ୍ଗ ନଦୀରେ କୁରାଢ଼ିକୁ ଧୋଇ ଓ ନିଜେ ଗାଧୋଇ ଘରକୁ ଫେରୁଥିବା ବେଳେ ପୋଲିସ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶ ଓ ବଡ଼ସାହି ଥାନାଧିକାରୀ ଉମାଶଙ୍କର ନାୟକ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛନ୍ତି।



ଅଭିଯୁକ୍ତ ବାବୁଲା ମହାକୁଡ଼

# ଆହୁଜା ଆଣ୍ଡ୍ ଆସୋସିଏଟ୍ସ ମାଲିକ ଗିରଫ

## ନକଲି ଚେକ୍‌ରେ ଡିଏମ୍‌ଏଫ୍ ଆକାଉଣ୍ଟରୁ ୯.୬ କୋଟି ହଡ଼ପ ମାମଲା

ଭୁବନେଶ୍ୱର,୪।୭(ସତ୍ୟଜିତ୍ ରାଉତ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ରେ ଥିବା ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍)ର ଆକାଉଣ୍ଟରୁ ନକଲି ଚେକ୍ ଜରିଆରେ ୯.୬ କୋଟି ଟଙ୍କା ହଡ଼ପ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଛତିଶଗଡ ରାୟପୁରସ୍ଥିତ ରବିଗ୍ରାମ ଅଞ୍ଚଳର ଘନଶ୍ୟାମ ଆହୁଜା ଓରଫ ରିକି କିଙ୍ଗ୍ରାଣି (୩୦)। ଘନଶ୍ୟାମ ହେଉଛନ୍ତି 'ଆହୁଜା ଆଣ୍ଡ୍ ଆସୋସିଏଟ୍‌ସ' ଫାର୍ମର ମାଲିକ। ତାଙ୍କ ନିକଟରୁ ଲାପଟପ୍, ମୋବାଇଲ, ପେନ୍‌ଡ୍ରାଇଭ, ଏଟିଏମ୍ କାର୍ଡ ଆଦି ଜବତ ହୋଇଛି। ଛତିଶଗଡରୁ ଘନଶ୍ୟାମଙ୍କୁ ଗିରଫ ପରେ ବିଳାଶପୁରସ୍ଥିତ ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ତାଙ୍କୁ ଇଓଡବ୍ଲ୍ୟୁ ଓଡ଼ିଶା ଆଣି ଗୁରୁବାର ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ପରେ ଘନଶ୍ୟାମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ଗତ ଏପ୍ରିଲ ତୃତୀୟ ସପ୍ତାହରେ ମଧ୍ୟପ୍ରଦେଶରୁ ସହଯୋଗୀ ତଥା ପିଟି କନ୍‌ଷ୍ଟ୍ରକ୍ସନ୍ ଆଣ୍ଡ୍ ସପ୍ଲାୟରର ମାଲିକ ପୋମେଶ ଡେମ୍ବାରେଙ୍କୁ ଗିରଫ କରାଯାଇଥିବା ବେଳେ ସେ ଏବେ ଜେଲରେ ଅଛନ୍ତି।

ଠକେଇ ଜଣାପଡିବା ପରେ ବ୍ୟାଙ୍କର ଚିଫ୍ ମ୍ୟାନେଜର ସୁଜାତା କାନୁନ୍‌ଗୋ ଭଞ୍ଜପୁର ଥାନାରେ ଏତଲା ଦେଇଥିଲେ। ଏପ୍ରିଲ ୧୯ରେ ପୋଲିସ ମାମଲା (ନଂ.୯୫/୨୦୨୪) ରୁଜୁକରିଥିଲା। ପରେ ଇଓଡବ୍ଲ୍ୟୁ ଏହାର ତଦନ୍ତ ଭାର ନେଇ ନିଜ ପକ୍ଷରୁ ଏକ ମାମଲା (ନଂ.୫/୨୦୨୪) ରୁଜୁ କରିଥିଲା। ଅଭିଯୁକ୍ତମାନେ ନକଲି ଚେକ୍ ଜରିଆରେ ଏହି ଟଙ୍କା ହଡ଼ପ କରିଥିଲେ। ଠକ ଗ୍ୟାଙ୍ଗ ଗତ ଏପ୍ରିଲ ୧୦ରେ ୨ଟି ନକଲି ଚେକ୍ ଜରିଆରେ ଡିଏମ୍‌ଏଫ୍ ଜମାଖାତାରୁ ୪.୫୨ କୋଟି ଓ ୧୮ ତାରିଖରେ ଆଉ ୨ଟି ନକଲି ଚେକ୍ ଜରିଆରେ ୫.୦୪ କୋଟି ଟଙ୍କା ଉଠାଇ ନେଇଥିଲେ। ମୋଟ ୯ କୋଟି ୫୬ ଲକ୍ଷ ୭୬ ହଜାର ୬୦୦ଟଙ୍କା ପିଟି କନ୍‌ଷ୍ଟ୍ରକ୍ସନ୍ ଆଣ୍ଡ୍ ସପ୍ଲାୟର ଓ ଏସ୍‌କେ ଏଣ୍ଟରପ୍ରାଇଜେସ୍ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଥିଲା। ପରେ ପିଟି କନ୍‌ଷ୍ଟ୍ରକ୍ସନ୍ ଆଣ୍ଡ୍ ସପ୍ଲାୟର ଆକାଉଣ୍ଟରୁ ଆହୁଜା ଆଣ୍ଡ୍ ଆସୋସିଏଟ୍‌ସର ଆକାଉଣ୍ଟକୁ ୬୩.୬୯ ଲକ୍ଷ ଯାଇଥିବା ବେଳେ ୧୧.୬୯ ଲକ୍ଷ ଏଟିଏମ୍‌ରୁ ଉଠାଯାଇଥିବା ଜଣାପଡିଥିଲା। ଗିରଫ ଭୟରେ ଅଭିଯୁକ୍ତ ଘନଶ୍ୟାମ ତାଙ୍କ ନାମକୁ ରାକେଶ କିଙ୍ଗ୍ରାଣି (ରିକି)କୁ ବଦଳାଇ ନୂଆ ଆଧାର କାର୍ଡ କରିଦେଇଥିଲେ। ଘନଶ୍ୟାମ ଏକ ବଡ଼ ଗ୍ୟାଙ୍ଗର ସଦସ୍ୟ ଥିବାବେଳେ ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ତାଙ୍କର ର୍‍ୟାକେଟ ସକ୍ରିୟ ରହିଛି।



ଘନଶ୍ୟାମ ଆହୁଜା



ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। –ଶ୍ରୀମା

-ଅମାବାସ୍ୟା, ନଷ୍ଟ ଚନ୍ଦ୍ରୋପବାସ
ଓ ଉତ୍କଳମଣି ଗୋପବନ୍ଧୁଙ୍କ ଶ୍ରାଦ୍ଧ

# ଶ୍ରେଷ୍ଠ ନୀତି ସାମାଜିକ ନ୍ୟାୟ



ଗିଲ୍‌ବର୍ଟ ଏଫ୍.ହୁଙ୍ଗ୍‌ବୋ
ମହାନିର୍ଦ୍ଦେଶକ, ଅନ୍ତଃରାଷ୍ଟ୍ରୀୟ ଶ୍ରମ ସଙ୍ଗଠନ



ଲୁଇଜ୍ ଇନାସିଓ ଲୁଲା ଡି ସିଲ୍‌ଭା
ବ୍ରାଜିଲ ରାଷ୍ଟ୍ରପତି

ବର୍ତ୍ତମାନର ବିପଦପୂର୍ଣ୍ଣ ତଥା ଅନିଶ୍ଚିତ ସମୟରେ ଯେକେହି ନିରାଶାବାଦୀ ହେବା ସ୍ୱାଭାବିକ। ବିଶ୍ୱରେ ଅସ୍ଥିରତା ବଢ଼ିବାରେ ଲାଗିଛି । ପ୍ରତିଦିନ ଆମ ଦେଖିବାରେ ସଂଘର୍ଷ ବ୍ୟାପିବାରେ ଲାଗିଛି। କୋଭିଡ୍ ପରବର୍ତ୍ତୀ ଅର୍ଥନୈତିକ ପୁନରୁଦ୍ଧାର ଅସମାନ ତଥା ପକ୍ଷପାତପୂର୍ଣ୍ଣ ବୋଲି ପ୍ରମାଣିତ ହେଉଛି। ବର୍ତ୍ତମାନର ସୁବିଧା(ଆର୍ଥିକ ବୃଦ୍ଧି)ରୁ ମହିଳା ଏବଂ ସବୁଠୁ ଗରିବ ଲୋକ ସର୍ବନିମ୍ନ ଲାଭ ପାଉଛନ୍ତି। ଏପରିକି ବୈଶ୍ୱିକ ହାରାହାରି ବେରୋଜଗାର ହାର ଚଳିତ ବର୍ଷ କମ୍ ହ୍ରାସ ପାଇବ ବୋଲି ଆମେ ଅନୁମାନ କରୁଛୁ। ଏହା ୨୦୨୩ରେ ଥିବା ୫%ରୁ ୪.୯% ହେବ ବୋଲି ଆଶା କରାଯାଉଛି। ଏବେ ବି ମଣିଷର ମୌଳିକ ଅଧିକାର ଓ ଶ୍ରମିକଙ୍କ ଅଧିକାରକୁ ସମ୍ମାନ ଜଣାଉଥିବା ନିଯୁକ୍ତିରେ ଲଗାତର ଅଭାବ ରହୁଛି। ଉଦାହରଣ ସ୍ୱରୂପ, ୱାର୍କିଂ ଏଜ୍ ବା କାମ କରିବାକୁ ଯୋଗ୍ୟ ୧୫-୬୪ ବର୍ଷ ବୟସର ମହିଳାଙ୍କ ମଧ୍ୟରୁ କେବଳ ୪୫.୬% ଔପଚାରିକ ଭାବେ ନିଯୁକ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ୱାର୍କିଂ ଏଜ୍‌ର ପୁରୁଷଙ୍କ କ୍ଷେତ୍ରରେ ଏହା ୬୯.୨% ରହିଛି। ତଥାପି ଉଚ୍ଚ ଆୟକାରୀ ଦେଶଗୁଡ଼ିକରେ ହାରାହାରିରେ ପୁରୁଷମାନଙ୍କ ଆୟ କରୁଥିବା ପ୍ରତି ଡଲାରର ଶହେ ଭାଗରୁ ୭୩ ଭାଗ ମହିଳା ଆୟ କରନ୍ତି ଏବଂ ନିମ୍ନ ଆୟକାରୀ ଦେଶଗୁଡ଼ିକରେ ଏହା ୪୪କୁ ଖସିଆସିଛି।

ଏହି ସମୟରେ ଜଳବାୟୁ ସଙ୍କଟ ଲଗାତର ପୃଥିବୀ ଓ ଅସୁରକ୍ଷିତ ଗୋଷ୍ଠୀର ବିନାଶକାରୀ କ୍ଷତି ଘଟାଇଚାଲିଛି। ଗତ ୧୨ ମାସ ସବୁଠୁ ଉତ୍ତପ୍ତ ଭାବେ ରେକର୍ଡ କରାଯାଇଛି ଏବଂ ଏହାଦ୍ୱାରା ଅନେକ କୋଟି ଲୋକଙ୍କ ଜୀବନ, ଜୀବିକା ଏବଂ ସ୍ୱାସ୍ଥ୍ୟ ଅତ୍ୟଧିକ ପ୍ରଭାବିତ ହୋଇଛି। ଅତ୍ୟଧିକ ଉତ୍ତାପ ବୈଶ୍ୱିକ ଶ୍ରମ ଶକ୍ତିର ପ୍ରତିନିଧିତ୍ୱ କରୁଥିବା ୭୦% ଅର୍ଥାତ୍ ୨.୪ ବିଲିୟନ ଲୋକଙ୍କୁ ପ୍ରଭାବିତ କରିବା ସହ ପ୍ରତିବର୍ଷ ୧୯,୦୦୦ ଶ୍ରମିକଙ୍କ କୌଶଳକୁ ମଧ୍ୟ କ୍ଷତି ପହଞ୍ଚାଇଛି। ଏହାସହ ମରୁଡ଼ି ଓ ଅନ୍ୟାନ୍ୟ କାରଣ ହେତୁ କ୍ଷୁଧା ବ୍ୟାପିବାରେ ଲାଗିଛି ଏବଂ ମୌଳିକ ଆବଶ୍ୟକତା ମଧ୍ୟ ପୂରଣ କରାଯାଇପାରୁନାହିଁ। ଏ ସମ୍ପର୍କିତ ଘଟଣାରେ କ୍ଷତିଭରଣା କରିବା ଏକ ବିଶେଷାଧିକାର ପ୍ରାପ୍ତ ଗୋଷ୍ଠୀଙ୍କ ଦ୍ୱାରା ଏକଚାଟିଆ ହୋଇଯାଇଛି। ଯଦିଓ ଘଟୁଥିବା ଏହିସବୁ ଘଟଣା ଅଧିକ ଗମ୍ଭୀର ନୁହେଁ, ତଥାପି ଯୁଦ୍ଧ ଏବଂ ସଂଘର୍ଷ ଅନେକ ଲକ୍ଷ ନିରୀହ ଲୋକଙ୍କ ଜୀବନ ନେଇସାରିଲାଣି। ଏହି ସ୍ଥିତି ଧୀରେ ଧୀରେ ସୁଦୃଢ଼ ହୋଇଯାଇଥିବା ଜଣାପଡୁଛି। ଏହା



ଏହିପରି ହେବା ଉଚିତ ନୁହେଁ । ବିକାଶ, ଜଳବାୟୁ ପଦକ୍ଷେପ ଏବଂ ବୈଶ୍ୱିକ ଶାସନ ପାଇଁ ଏକ ସୁଦୃଢ଼ ଆଭିମୁଖ୍ୟ ଆବଶ୍ୟକ ଏବଂ ଏହା ସାମାଜିକ ନ୍ୟାୟ ଉପରେ ଆଧାରିତ ହେବା ଉଚିତ। ଏକ ଉତ୍ତମ, ଅଧିକ ନିଷ୍ପକ୍ଷ ଓ ନ୍ୟାୟସଙ୍ଗତ ବିକାଶ ପାଇଁ ମିଳିତ ଜାତିସଂଘର ୨୦୩୦ ଏଜେଣ୍ଡାକୁ ସାମାଜିକ ନ୍ୟାୟ ଏକତ୍ର କରେ । କିନ୍ତୁ ଏକ ଠୋସ୍ ନୀତିଗତ ଲକ୍ଷ୍ୟ ପରିବର୍ତ୍ତେ ଏହାକୁ ସିଦ୍ଧାନ୍ତ ଆଧାରିତ ସଂକ୍ଷିପ୍ତ ଲେଖାରେ ସୀମିତ କରାଯାଇଛି। ଏହାକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ତାହା ହିଁ ପରିବର୍ତ୍ତନ ହେବା ଆବଶ୍ୟକ। ସାମାଜିକ ନ୍ୟାୟକୁ ସମାନ ଭାବେ ଜରୁରୀ ମନେକରି ଆପଣାଇବା ଦରକାର । ଶକ୍ତି ପରିବର୍ତ୍ତନ( ଇନ୍ଧନ ଶକ୍ତିରୁ ଅକ୍ଷୟ ଶକ୍ତିକୁ) ଏବଂ ନ୍ୟାୟଯୁକ୍ତ ବାଣିଜ୍ୟ ନିୟମ କ୍ଷେତ୍ରରେ ଥିବା ପ୍ରତିବଦ୍ଧତା ସ୍ତରକୁ ଅନୁସରଣ କରିବା ଆବଶ୍ୟକ। ବାସ୍ତବରେ ଏହି ଲକ୍ଷ୍ୟଗୁଡ଼ିକ ପରସ୍ପର ଉପରେ ନିର୍ଭରଶୀଳ, କାରଣ ପ୍ରତ୍ୟେକଟି କ୍ଷେତ୍ରରେ ଅଗ୍ରଗତି କରିବା ଅର୍ଥ ଆମକୁ ଅନ୍ୟଗୁଡ଼ିକ ଉପରେ ଅଗ୍ରଗତି କରିବାରେ ସାହାଯ୍ୟ କରିବ ।

ଜଳବାୟୁ ପରିବର୍ତ୍ତନର କ୍ଷତିକାରକ ପ୍ରଭାବରୁ ଯଦି ଆମେ ଶ୍ରମିକ ଏବଂ ବ୍ୟବସାୟକୁ ସୁରକ୍ଷା ନ ଦେବା ତେବେ ଆମେ ସାମାଜିକ ନ୍ୟାୟ ହାସଲ କରିପାରିବା ନାହିଁ। ମୌଳିକ ବୃତ୍ତିଗତ ସୁରକ୍ଷା ଏବଂ ଜୀବିକାର ମଜୁରି ସହିତ କାରଖାନାଗୁଡ଼ିକରେ ଓ ଯୋଗାଣ ଶୃଙ୍ଖଳାରେ ଚାକିରି ସବୁ ଯଦି ଭଲ ନ ଥାଏ ତେବେ ଆମ ପାଖରେ ସ୍ଥାୟୀ ପରିବେଶ ଉପଯୋଗୀ ବାଣିଜ୍ୟ ରହିପାରିବ ନାହିଁ । ଯଦି ବ୍ୟକ୍ତିମାନେ ନିଜ କାର୍ଯ୍ୟ ମାଧ୍ୟମରେ ନିଜକୁ ଏବଂ ପରିବାରକୁ ବଞ୍ଚାଇବାକୁ ଅସମର୍ଥ ତେବେ ଆମେ ନିଶ୍ଚିତ କରିପାରିବୁ ନାହିଁ ଯେ ଆମ ସମାଜ ଶାନ୍ତିପୂର୍ଣ୍ଣ ରହିବ। ସମାନ ଭାବେ ଶାନ୍ତି ବିନା କୌଣସି ସମୃଦ୍ଧି ଆସିପାରିବ ନାହିଁ । ବହୁ ସମୟରେ ଯୁଦ୍ଧଗୁଡ଼ିକ ଦାରିଦ୍ର୍ୟ, ପରିବେଶଗତ ଅବକ୍ଷୟ ଏବଂ ଅନ୍ୟାୟ ସଙ୍କେତଗୁଡ଼ିକ ସହ ଜଡ଼ିତ ରହୁଛି। କିନ୍ତୁ ଏଗୁଡିକ ମଧ୍ୟରୁ ଯେକୌଣସି କ୍ଷେତ୍ରରେ ଅଗ୍ରଗତି କରିବାକୁ ହେଲେ ଶ୍ରମ ବଜାରରେ ତଥା ବାହାରେ ସମାନତା, ଅଧିକାର ଏବଂ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଅଧିକ ଦୃଢ଼ ନୀତି ଆବଶ୍ୟକ ହେବ। ଏହାର ଅର୍ଥ ହେଉଛି ନ୍ୟାୟସଙ୍ଗତ ଚାକିରି, ଉଚ୍ଚମାନର ସ୍ୱାସ୍ଥ୍ୟସେବା ଓ ଶିକ୍ଷା, ଦକ୍ଷତା ତାଲିମ, ଆଜୀବନ ପ୍ରଶିକ୍ଷଣ ଏବଂ ଏକ ନିରାପଦ ତଥା ସୁସ୍ଥ ପରିବେଶ ପାଇଁ ସମାନ ସୁବିଧା ଉପଲବ୍ଧତା ସୁନିଶ୍ଚିତ କରିବା।

ସାମାଜିକ ନ୍ୟାୟର ଆବଶ୍ୟକତାକୁ ବାସ୍ତବତାରେ ପରିଣତ କରିବା ଦରକାର। ଏଥିପାଇଁ ଯେଉଁମାନେ ସହଭାଗିତା, ସହଯୋଗ, ସାମାଜିକ ଆଲୋଚନା ଏବଂ ବହୁ ରାଷ୍ଟ୍ରୀୟ ମେଣ୍ଟର ଶକ୍ତିରେ ବିଶ୍ୱାସ କରନ୍ତି, ସେମାନଙ୍କୁ ସଙ୍ଗଠିତ କରିବା ଆବଶ୍ୟକ । ଚଳିତ ଜୁନ୍‌ରେ ଜେନେଭାରେ ଉଦ୍‌ଘାଟନୀ ଫୋରମ ଆୟୋଜନ କରିଥିବା ଗ୍ଲୋବାଲ କୋଆଲିଶନ ଫର୍ ସୋସିଆଲ ଜଷ୍ଟିସ୍ ଏହାର ଏକ ଉତ୍କୃଷ୍ଟ ଉଦାହରଣ । ବିଭିନ୍ନ ଦେଶର ସରକାର, ନିଯୁକ୍ତିଦାତା ଓ ଶ୍ରମିକ ସଙ୍ଗଠନ, ଜାତିସଂଘ ଓ ଆଞ୍ଚଳିକ ଅନ୍ତର୍ଜାତୀୟ ସଙ୍ଗଠନ, ଆଞ୍ଚଳିକ ବିକାଶ ବ୍ୟାଙ୍କ, ଉଦ୍ୟୋଗ, ଏନ୍‌ଜିଓ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ନେଇ ୩୦୦ରୁ ଅଧିକ ଅଂଶୀଦାର ଏହି କାର୍ଯ୍ୟକ୍ରମରେ ଯୋଗଦେଇସାରିଛନ୍ତି। ତାହା ସୂଚିତ କରୁଛି ଯେ, ବିଶ୍ୱ, ଆଞ୍ଚଳିକ, ଜାତୀୟ ଏବଂ ସ୍ଥାନୀୟ ସ୍ତରରେ ନିଷ୍ଠାର ସହ ସମ୍ମିଳିତ ନୀତି ପ୍ରଣୟନ କରାଯିବା ଆବଶ୍ୟକ।

ଆମେ ଏକ ଐତିହାସିକ କ୍ଷଣରେ ଅଛୁ । ଆସନ୍ତା ବର୍ଷ ଜାତିସଂଘ ସାମାଜିକ ବିକାଶ ପାଇଁ ଦ୍ୱିତୀୟ ବିଶ୍ୱ ସମ୍ମିଳନୀ ଡକାଇଥିବାବେଳେ ବିଶ୍ୱ ସମୁଦାୟ ସାମାଜିକ ନ୍ୟାୟ ଲକ୍ଷ୍ୟକୁ ଆଗକୁ ବଢ଼ାଇବାକୁ ଏକ ସୁଯୋଗ ପାଇବ। ସ୍ଥାୟୀ ବିକାଶ ଲକ୍ଷ୍ୟରେ ଅନ୍ତର୍ଭୁକ୍ତ ହୋଇଥିବା ଦେଶ ସହ ଅନ୍ୟ ସମସ୍ତ ଦେଶ ଅନ୍ତର୍ଜାତୀୟ ପ୍ରତିବଦ୍ଧତା ପ୍ରକାଶ କରିବା ସହ ସେମାନଙ୍କ ପଦକ୍ଷେପଗୁଡ଼ିକ ଉପରେ ସହମତି ଆଣିବାରେ ସାହାଯ୍ୟ କରିବା ଏହି ସମ୍ମିଳନୀର ଲକ୍ଷ୍ୟ। ପର୍ଯ୍ୟାପ୍ତ ତଥା ବୈଶ୍ୱିକ ସାମାଜିକ ସୁରକ୍ଷା କିଭଳି ସମସ୍ତଙ୍କ ପାଖରେ ପହଞ୍ଚିବ, ପ୍ରମୁଖ ଅର୍ଥନୈତିକ ପରିବର୍ତ୍ତନ ଏବଂ ବିଶ୍ୱସ୍ତରୀୟ ଅସ୍ଥିରତା ଭଳି କଠିନ ସ୍ଥିତିରେ ଦେଶଗୁଡ଼ିକ କିଭଳି କାର୍ଯ୍ୟ କରିବେ, ତାହା ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରିବାକୁ ସରକାର ଏବଂ ନାଗରିକ-ସମାଜର ନେତାମାନେ ମଧ୍ୟ ଏକ ସୁଯୋଗ ପାଇବେ। ଆମେ ଆମ କାର୍ଯ୍ୟ କରିବା ଏବଂ ବିଶ୍ୱ ସମ୍ମିଳନୀରେ ତଥା ତା'ପରେ ସାମାଜିକ ନ୍ୟାୟ ପାଇଁ ଗ୍ଲୋବାଲ ସମନ୍ୱୟ ସମିତି ମାଧ୍ୟମରେ ପ୍ରଗତି ପାଇଁ ବାହକ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ। ଆମ ସହ ଯୋଗଦେବାକୁ ଅନ୍ୟମାନଙ୍କୁ ମଧ୍ୟ ଆମନ୍ତ୍ରଣ କରୁ । ଭବିଷ୍ୟତ ବର୍ତ୍ତମାନର ପରି ହେବା ଆବଶ୍ୟକ ନୁହେଁ। କିନ୍ତୁ ଯଦି ଆମେ ସାମାଜିକ ନ୍ୟାୟ ସନ୍ଧାନରେ ଜଡ଼ିତ ଥିବା ନୀତିକୁ ପ୍ରାଥମିକତା ଦେବା ଲାଗି ଏକ ନୂତନ ମାନସିକତା ଗ୍ରହଣ ନ କରିବା, ତେବେ ଶାନ୍ତି ଓ ସ୍ଥିରତା ଆପଣାଇବାରେ ସଫଳ ହେବା ନାହିଁ।

# ମହଙ୍ଗା ମାଡ଼



ସୌଭାଗ୍ୟ ରଞ୍ଜନ ମହାନ୍ତି

ସାଧାରଣତଃ ନିର୍ବାଚନ ପରେ ଆମ ଦେଶରେ ତେଜରାତିଠାରୁ ଆରମ୍ଭ କରି ପନିପରିବା ଏବଂ ବିଭିନ୍ନ ଖାଦ୍ୟ ସାମଗ୍ରୀ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ଥାଏ, ଏପରି ଏକ ଧାରଣା ଲୋକଙ୍କ ମନରେ ସ୍ୱାଧୀନତା ପରବର୍ତ୍ତୀ ପ୍ରଥମ ସାଧାରଣ ନିର୍ବାଚନ ପରଠାରୁ ରହିଆସିଛି। କିନ୍ତୁ ଏହା ନିଃସନ୍ଦେହ ଯେ, ଲୋକଙ୍କ ମନରେ ଏପରି ଧାରଣା ଅମୂଳକ ନୁହେଁ। ଦେଶରେ ଅଷ୍ଟାଦଶ ଲୋକ ସଭା ଏବଂ ଚାରୋଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ଦୀର୍ଘ ଦିନ ଧରି ଚାଲିଥିବା ପ୍ରକ୍ରିୟାରେ ଅନ୍ତିମ ପର୍ଯ୍ୟାୟ ଭୋଟ ଗ୍ରହଣ ଗତ ଜୁନ ପହିଲାରେ ଶେଷ ହେବା ପରେ ନିର୍ବାଚନ ଫଳାଫଳ ଘୋଷଣା ନ ହେଉଣୁ ପ୍ରଥମେ ଅମୂଲର ମୂଲ୍ୟ ବୃଦ୍ଧି ଘୋଷଣା କରାଯାଇଥିଲା। ପରେ ପରେ ଡାଲି, ଚାଉଳ, ଅଟା, ଖାଇବା ତେଲଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାବଶ୍ୟକ ଖାଦ୍ୟସାମଗ୍ରୀ ସହ ଆଳୁ, ପିଆଜ ପନିପରିବା ଏବଂ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଘରକରଣା ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ପାଇଲାଣି । ଆଳୁ, ପିଆଜ, ଚାଉଳ, ଅଟା, ଡାଲି, ତେଲ ଜୀବନ ଧାରଣ ପାଇଁ ଅତ୍ୟନ୍ତ ଦରକାରୀ ସାମଗ୍ରୀ ହୋଇଥିବାବେଳେ ଏହାର ମୂଲ୍ୟ ହୁ ହୁ ହୋଇ ବଢିଚାଲିଛି। ବଜାରରେ କେଜି ପ୍ରତି ଆଳୁ ୩୫ ହେଲାଣି। ସେହିପରି କୌଣସି ସବୁଜ ପନିପରିବାର ମୂଲ୍ୟ ଆଉ ୪୦/ ୫୦ଟଙ୍କା ତଳେ ନାହିଁ। ଟମାଟୋ ୮୦ରୁ ୧୦୦ଟଙ୍କାରେ ବିକ୍ରି ହେଉଛି। ଉତ୍ପାଦନ ତୁଳନାରେ ଚାହିଦା ଅଧିକ ଥିବାରୁ ଦର ବଢ଼ିବା ସ୍ୱାଭାବିକ ବୋଲି କୁହାଯାଏ। କିନ୍ତୁ ଆଳୁ ପଶ୍ଚିମବଙ୍ଗରୁ ଏବଂ ପିଆଜ ମହାରାଷ୍ଟ୍ରର ନାସିକରୁ ଆମଦାନୀ ହୋଇଥାଏ। ସେଠାରେ ଦରବଢିଥିବାରୁ ପରିବହନ ବ୍ୟୟ ଓ ଲାଭ ପାଇଁ ଓଡ଼ିଶାରେ ଦର ବଢିଛି, ଯାହାକି ସ୍ୱାଭାବିକ ବୋଲି ସରକାର କହିଛନ୍ତି।

ସରକାରୀ ତଥା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ରିପୋର୍ଟ ଅନୁଯାୟୀ ଦେଶରେ ମୋଟ ମୁଦ୍ରାସ୍ଫୀତି ହାର ସାମାନ୍ୟ ହ୍ରାସ ପାଇଥିବାବେଳେ ଖାଦ୍ୟ ମୁଦ୍ରାସ୍ଫୀତି କ୍ରମାଗତ ଭାବେ ବଢିଚାଲିଛି। ଖାଉଟି ମୂଲ୍ୟ ସୂଚକାଙ୍କ ୧୩ ପ୍ରତିଶତରୁ ୨.୬ ପ୍ରତିଶତକୁ ବଢିଥିବାବେଳେ ହୋଲ୍‌ସେଲ ମୂଲ୍ୟ ସୂଚକାଙ୍କ ୪.୭%କୁ ବୃଦ୍ଧି ପାଇଛି। ସେହିପରି ଖାଦ୍ୟ ମୁଦ୍ରାସ୍ଫୀତି ୮.୬୯ ପ୍ରତିଶତ ରହିଛି। ଏଥିରୁ ଖାଦ୍ୟସାମଗ୍ରୀ ସହ ବିଭିନ୍ନ ସାମଗ୍ରୀର ମୂଲ୍ୟ ନିର୍ବାଚନ ପରେ କିପରି ବଢି ଚାଲିଛି, ତାହା ଅନୁମାନ କରାଯାଇପାରେ। ପନିପରିବାର ମୁଦ୍ରାସ୍ଫୀତି କ୍ରମାଗତ ଷଷ୍ଠ ମାସରେ ୨୭.୩ ପ୍ରତିଶତ ବଢିଥିବାବେଳେ ବର୍ଷକ ଭିତରେ ଅର୍ଥାତ୍ ଅମଳ ମାସଠାରୁ ଆଳୁର ମୂଲ୍ୟ ୪୪ ପ୍ରତିଶତ, ପିଆଜ ୫୮ ପ୍ରତିଶତ, ଟମାଟୋ ୩୫ପ୍ରତିଶତ ବଢିଛି। ଅଦା, ରସୁଣ ପରି ସାମଗ୍ରୀ ଏବେ ଉପରମୁହାଁ। ପ୍ରତି ସପ୍ତାହରେ ଏହାର ମୂଲ୍ୟ ବଢିଚାଲିଥିବା ଖାଉଟି ଅଭିଯୋଗ କରନ୍ତି। କେବଳ ଏତିକି ନୁହେଁ, ଚାଉଳର ମୂଲ୍ୟ ୧୫ ପ୍ରତିଶତ ବଢିଥିବାବେଳେ ଗହମଜାତ ସାମଗ୍ରୀ ତଥା ଅଟାର ମୂଲ୍ୟ ୪.୭ ପ୍ରତିଶତ, ସୁଜି, ମଇଦା ଆଦି ୫.୭ ପ୍ରତିଶତ, ହରଡ ଡାଲି ପ୍ରାୟ ୩୦ପ୍ରତିଶତ, ଚଣା ଡାଲି ୧୭ପ୍ରତିଶତ, ମୁଗଡାଲି ୮.୫ ଶତାଂଶ ମହଙ୍ଗା ହୋଇଛି। ଦୁଗ୍ଧଠାରୁ ଆରମ୍ଭ କରି ଅନ୍ୟାନ୍ୟ ଘରକରଣା ସାମଗ୍ରୀ ମଧ୍ୟ ମହରଗ ହୋଇଛି । ଏହା ନିଃସନ୍ଦେହ ଯେ, ନିର୍ବାଚନ ପୂର୍ବରୁ ଦରଦାମ୍ ବୃଦ୍ଧି ନେଇ ଜନସାଧାରଣ ଯେଉଁ ଆଶଙ୍କା କରିଥିଲେ, ତାହା ସତ୍ୟରେ ପରିଣତ ହୋଇଛି। ନିର୍ବାଚନ ମାହୋଲ ଯାଇଛି, ନୂଆ ସରକାର ଉଭୟ କେନ୍ଦ୍ର ଓ ରାଜ୍ୟରେ ଗଠିତ ହୋଇଛି। କିନ୍ତୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ ଖାଉଟି ଏବେ ହନ୍ତସନ୍ତ। ଯାହାକି ହାଣ୍ଡିଶାଳ ଉପରେ ସିଧାସଳଖ ଚଡକ ପଡିଛି ବୋଲି କୁହାଗଲେ, ହୁଏତ ଅତିରଞ୍ଜିତ ହେବ ନାହିଁ। ଦରଦାମ୍ ମଧ୍ୟ ଆହୁରି ବଢିବା ଆଶଙ୍କାକୁ ଏଡାଇ ଦେଇ ହେଉନାହିଁ। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ନେଇ ମହଜୁଦକାରୀ, କଳା ବେପାରୀଙ୍କୁ ସରକାର କେବଳ ଚେତାବନୀ ଦେଇ ଦରଦାମ୍ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇ ଦାୟିତ୍ୱ ସାରିଦେଇଛନ୍ତି। ଏହା ନିଃସନ୍ଦେହ ଯେ, କେବଳ ପନିପରିବା ବ୍ୟତୀତ ଅନ୍ୟ ସାମଗ୍ରୀର ମୂଲ୍ୟ ଥରେ ବଢିଲେ, ତାହା ଆଉ କମିବାର ନାଁ ଧରେ ନାହିଁ। ନିର୍ବାଚନ ପରେ ପେଟ୍ରୋଲ, ଡିଜେଲର ମୂଲ୍ୟ ବଢିବା ଯେଉଁ ଜନରବ ହେଉଥିଲା, ତାହା ଭୁଲ୍ ପ୍ରମାଣିତ ହୋଇଛି। ଗତ ୨୦୨୨ ମେ' ମାସଠାରୁ ଦେଶରେ ଇନ୍ଧନର ମୂଲ୍ୟ ସ୍ଥିର ରହିଛି। କେବେ ପେଟ୍ରୋଲ, ଡିଜେଲର ମୂଲ୍ୟ ବଢିବ ତାକୁ ଅପେକ୍ଷା।

**ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**
**ମୋ: ୯୪୩୭୯୯୪୩୭୯**

## ଏଇ ଭାରତରେ

ଚିକେନ ସେଣ୍ଟରରୁ ବାହାରୁଥିବା ପର ଓ ବର୍ଜ୍ୟରୁ ଉଲ ଭଳି ସୂତା ପ୍ରସ୍ତୁତ କରୁଛନ୍ତି ରାଜସ୍ଥାନର ରାଧେଶ ଅଗରହାରି। କେବଳ ଏତିକି ନୁହେଁ ଏହି ବର୍ଜ୍ୟରୁ ସେ କାଗଜ ପ୍ରସ୍ତୁତ କରୁଛନ୍ତି। 'ଗୋଲ୍ଡେନ ଫିଦର' ଷ୍ଟାର୍ଟଅପ୍ ମାଧ୍ୟମରେ ସେ ଏହା କରୁଛନ୍ତି ଏବଂ ଏବେ ସୁଦ୍ଧା ସେ ୭୩ ଲକ୍ଷ କେଜି ଚିକେନ ବର୍ଜ୍ୟ କାମରେ ଲଗାଇ ସାରିଲେଣି। ଏହା ଦ୍ୱାରା ମୁଖ୍ୟତଃ ନଦୀ ଜଳ ପ୍ରଦୂଷଣ ରୋକାଯାଇପାରୁଛି ବୋଲି କହନ୍ତି ରାଧେଶ। ଏହି କାର୍ଯ୍ୟରେ ସଫଳତା ପାଇବା ଲାଗି ତାଙ୍କୁ ୧୩ ବର୍ଷ ଲାଗିଯାଇଛି। ଚିକେନ ବର୍ଜ୍ୟରୁ ପ୍ରସ୍ତୁତ ସୂତାରୁ ଶାଲ, ଷ୍ଟଲ୍, ବେଡ୍‌ଶିଟ ଆଦି ତିଆରି କରାଯାଉଛି । ଏହା ସହ କାଗଜରେ ଡାଏରୀ କରାଯାଉଛି। ବର୍ଜ୍ୟରୁ ମଧ୍ୟ ଖତ ଓ ମାଛ ଖାଦ୍ୟ ପ୍ରସ୍ତୁତ ହେଉଛି। ରାଧେଶ ଟେକ୍ସଟାଇଲ ଡିଜାଇନରେ ନର୍ଦ୍ଦର୍ନ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫ୍ୟାଶନ ଟେକ୍ନୋଲୋଜିରୁ ଡିଗ୍ରୀ ହାସଲ କରିବା ପରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରାଫ୍ଟ, ଜୟପୁରରୁ ଶିକ୍ଷା ଲାଭ କରିଛନ୍ତି। ସେ ରାଜସ୍ଥାନର ୧୨୦୦ ଆଦିବାସୀ ମହିଳାଙ୍କୁ ପ୍ରଶିକ୍ଷଣ ଦେଇ ଏହି କାର୍ଯ୍ୟରେ ନିଯୁକ୍ତ କରିଛନ୍ତି। ଜୟପୁର ଓ ପୁଣେରେ ସେ କମ୍ପାନୀ ପ୍ରତିଷ୍ଠା କରି ଉତ୍ପାଦନ ଆରମ୍ଭ କରିଛନ୍ତି ଓ ବାର୍ଷିକ ୧.୫ କୋଟି ଟଙ୍କା ରୋଜଗାର କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୫ ଜୁଲାଇ ୧୯୭୫**

- ଓଡ଼ିଶା ଟାୟାର ଲିମିଟେଡ୍‌କୁ ୩୦ କୋଟି ଟଙ୍କା ସାହାଯ୍ୟ କରିବ ବୋଲି ଭାରତୀୟ ଶିଳ୍ପ ଉନ୍ନୟନ ବ୍ୟାଙ୍କ ସମ୍ମତି ପ୍ରକାଶ କରିଛି।
- ସଙ୍ଗୀତଜ୍ଞ ବୀରେନ୍ଦ୍ର କିଶୋର ରାୟଚୌଧୁରୀଙ୍କ ୭୨ ବର୍ଷ ବୟସରେ ପରଲୋକ।
- ଶ୍ରୀହରିକୋଟା ଭୂପୃଷ୍ଠ କେନ୍ଦ୍ରରୁ ଅନ୍ତରୀକ୍ଷ ପ୍ରଦକ୍ଷିଣ କରୁଥିବା ଭାରତୀୟ ଉପଗ୍ରହ 'ଆର୍ଯ୍ୟଭଟ୍ଟ' ଜରିଆରେ ବେଙ୍ଗାଲୁର କେନ୍ଦ୍ରକୁ ସଫଳତା ସହକାରେ 'ମନୁଷ୍ୟର ସ୍ୱର' ପ୍ରେରଣ କରାଯାଇଛି।

# ପ୍ରକୃତି ଓ ମାନସିକ ସ୍ୱାସ୍ଥ୍ୟ



ପ୍ର.ରମେଶ ଚନ୍ଦ୍ର ପରିଡ଼ା

ଏକ ସୁସ୍ଥ ଓ ସମୃଦ୍ଧ ଜୀବନଧାରଣ ଲାଗି ମଣିଷ ପ୍ରକୃତି ଏବଂ ଏହାର ବିଭେଦତା ଉପରେ ଏକାନ୍ତ ନିର୍ଭରଶୀଳ। ବୃକ୍ଷଲତା, ପଶୁପକ୍ଷୀଙ୍କଠାରୁ ଆରମ୍ଭ କରି କୀଟପତଙ୍ଗ ଓ ସୂକ୍ଷ୍ମଜୀବ ପର୍ଯ୍ୟନ୍ତ ସମସ୍ତେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ତାକୁ ଯୋଗାଇଥାନ୍ତି ଏଥିପାଇଁ ବିବିଧ ଉପାଦାନ। ତେବେ ବିଗତ ପ୍ରାୟ ଏ ଶତାବ୍ଦୀ ଧରି ତା'ର ଅପରିଣାମଦର୍ଶୀ କାର୍ଯ୍ୟକଳାପ ହେତୁ ଏହି ବିଭେଦତାର ଅବକ୍ଷୟ ଦ୍ରୁତରୁ ଦ୍ରୁତତର ଭାବେ ଘଟିଚାଲିଛି। ଫଳରେ ପ୍ରାକୃତିକ ପରିବେଶ ଦିନକୁ ଦିନ ବାସୋପଯୋଗିତା ହରାଇବାରେ ଲାଗିଛି। ଏହା ତା'ଠାରେ ସୃଷ୍ଟି କରୁଛି ନାନାଦି ସ୍ୱାସ୍ଥ୍ୟଜନିତ ସମସ୍ୟା, ବିଶେଷକରି ମାନସିକ।

ବର୍ତ୍ତମାନ ବିଶ୍ୱର ପ୍ରାୟ ୯୭୦ ନିୟୁତ ଲୋକ ଅର୍ଥାତ୍ ପ୍ରତି ୮ଜଣରେ ଜଣେ ମାନସିକ ଚାପ, ଅବସାଦ ଏବଂ ଦୁଶ୍ଚିନ୍ତାଗ୍ରସ୍ତ ହୋଇଥିବାର ଜଣାପଡ଼ିଥିଲା ୨୦୧୯ରେ ହୋଇଥିବା ଏକ ସର୍ବେକ୍ଷଣରୁ। ତେବେ ବର୍ତ୍ତମାନ ପ୍ରାପ୍ତବୟସ୍କମାନଙ୍କ ମଧ୍ୟରେ (୧୮ରୁ ୬୫ ବର୍ଷୀୟ) ଏହା ପହଞ୍ଚିଗଲାଣି ୧୦ଜଣରୁ ୪ ଜଣରେ। ବିଶେଷକରି ଯୁବପିଢ଼ି (୧୮ରୁ ୨୪ ବର୍ଷୀୟ) ଏହାଦ୍ୱାରା ଅଧିକ ପ୍ରଭାବିତ। ସେମାନଙ୍କ ମଧ୍ୟରେ ୬୬ ଶତାଂଶ ସାଧାରଣ ଭାବେ ମାନସିକ ଚାପଗ୍ରସ୍ତ ହେଲାବେଳେ, ୨୭ ଶତାଂଶ ବିଷାଦଗ୍ରସ୍ତ ଏବଂ ୧୨ ଶତାଂଶ ଗଭୀରଭାବେ ଦୁଶ୍ଚିନ୍ତାଗ୍ରସ୍ତ। ଅନ୍ୟପକ୍ଷରେ, ମଧ୍ୟବୟସ୍କ (୩୫ରୁ ୪୪ବର୍ଷୀୟ)ଙ୍କ ମଧ୍ୟରେ ଏହା ଯଥାକ୍ରମେ ୫୭ ଶତାଂଶ, ୨୦ ଶତାଂଶ ଏବଂ ୮ ଶତାଂଶ, ଯାହାକି ବୟସ୍କମାନଙ୍କ କ୍ଷେତ୍ରରେ (୫୫ରୁ ୬୪ ବର୍ଷୀୟ) ୩୮ ଶତାଂଶ, ୧୧ ଶତାଂଶ ଏବଂ ୩ ଶତାଂଶ। ଆଧୁନିକ ଜୀବନଶୈଳୀ, ଉଚ୍ଚାକାଂକ୍ଷା, ନିଃସଙ୍ଗତା ଇତ୍ୟାଦିକୁ ଏହାର କାରଣ ରୂପେ ଦର୍ଶାଯାଇଛି। ତେବେ, ଶିଳ୍ପ ତଥା ସହରୀ ସଭ୍ୟତାର ସମ୍ପ୍ରସାରଣ ହେତୁ ପ୍ରକୃତି ତଥା ତା'ର ବିବିଧତାଠାରୁ ଦୂରେଇ ଯିବା ମଣିଷର ଅଧିକାଂଶ ମାନସିକ ରୋଗକୁ ତୀବ୍ରତର କରୁଛି ବୋଲି ମତ ଦେଉଛନ୍ତି କେତେଜଣ ମନସ୍ତତ୍ତ୍ୱବିତ୍।

ନିକଟରେ 'ହେଲ୍‌ଥ' ପତ୍ରିକା (ମେ, ୨୦୨୪)ରେ ପ୍ରକାଶିତ ଏକ ଗବେଷଣାପତ୍ରରେ ଆଣ୍ଡ୍ରେ ମେଚେଲି ଏବଂ ସହଯୋଗୀମାନେ ସୂଚନା ଦେଇଛନ୍ତି ଯେ, ବୃକ୍ଷଲତା, ପଶୁପକ୍ଷୀ ଓ କୀଟପତଙ୍ଗଭରା ଗ୍ରାମାଞ୍ଚଳର ଅପେକ୍ଷାକୃତ ଉନ୍ନତ ପରିବେଶରେ ବାସ କରୁଥିବା ଲୋକଙ୍କ ତୁଳନାରେ ଏହା ନ ଥିବା ସହରାଞ୍ଚଳର ଲୋକଙ୍କର ମାନସିକ ଚାପ ଓ ଦୁଶ୍ଚିନ୍ତା ପ୍ରାୟ ୭୧ ଶତାଂଶ ଅଧିକ। ଅନ୍ୟପକ୍ଷରେ, ଯେଉଁସବୁ ସହରାଞ୍ଚଳରେ ବୃକ୍ଷଲତା, ଜଳାଶୟ ଏବଂ ପକ୍ଷୀ ଓ କୀଟ ପତଙ୍ଗ ଅଛନ୍ତି ସେଠାର ଅଧିବାସୀଙ୍କଠାରେ ଏହା ଅପେକ୍ଷାକୃତ କମ୍। ଅତଏବ ପ୍ରାକୃତିକ ପରିବେଶ ତଥା ଜୈବ ବିଭିନ୍ନତା ମଣିଷର ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ବୋଲି ସେମାନେ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଏହି ଅଧ୍ୟୟନ କରାଯାଇଥିଲା ଆମେରିକାର ୧୫୦୦୦ ପରିବାର ଉପରେ। ଏହା ପରେ ସେମାନେ ଅଧିକ ମାନସିକ ଚାପ, ବିଷାଦ ଏବଂ ଦୁଶ୍ଚିନ୍ତାଗ୍ରସ୍ତ ସହରାଞ୍ଚଳର ଲୋକଙ୍କୁ ଅରଣ୍ୟ, ବଡ଼ ବଡ଼ ଉଦ୍ୟାନ, ଜଳାଶୟ ଆଦି ଥିବା ଉନ୍ନତ ପ୍ରାକୃତିକ ପରିବେଶ ମଧ୍ୟରେ ରହିବାକୁ ଦେଇ ଅନ୍ୟ ଏକ ପରୀକ୍ଷା କରିଥିଲେ। ଫଳରେ ମାତ୍ର ୮ ଘଣ୍ଟାରୁ ୧୨ ଘଣ୍ଟା ମଧ୍ୟରେ ସେମାନଙ୍କ ମାନସିକ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହେଲା।

ପ୍ରକୃତି ଏବଂ ଜୈବ ବିବିଧତା ଆମ ଇନ୍ଦ୍ରିୟମାନଙ୍କୁ ଉଦ୍ଦୀପିତ କରେ। ଫଳରେ ବୃଦ୍ଧିପାଏ ଆମର କୌଣସି କାର୍ଯ୍ୟରେ ମନୋନିବେଶ କରିବାର



ସାମର୍ଥ୍ୟ, ହ୍ରାସପାଏ ମାନସିକ କ୍ଳାନ୍ତି ଓ ଅବସାଦ ଏବଂ ପୁନରୁଦ୍ଧାର ହୁଏ ସ୍ମରଣଶକ୍ତି, ସଚେତନତା ଆଦି ବୋଧଶକ୍ତି। ଏପରି କି ଏହା ଆଲର୍ଜି, ଶ୍ୱାସରୋଗ, ଉଚ୍ଚରକ୍ତଚାପ ଆଦି ଶାରୀରିକ ବ୍ୟାଧିରୁ ସୁରକ୍ଷା ଦେଇପାରେ। ଅତଏବ ଆମ ସାମଗ୍ରିକ ସନ୍ତୁଷ୍ଟି ପରିବର୍ଦ୍ଧିତ ହୁଏ। ଫଳରେ ଆମଠାରେ ଏଣ୍ଡୋର୍ଫିନ୍‌ସ୍ ଏବଂ ଅନ୍ୟାନ୍ୟ 'ଆନନ୍ଦଦାୟୀ ଜୀବରସ'ର କ୍ଷରଣ ବୃଦ୍ଧି ଏବଂ ମାନସିକଚାପ ସୃଷ୍ଟିକାରୀ 'କୋର୍ଟିସଲ' କ୍ଷରଣ ହ୍ରାସ ପାଏ ଅତଏବ ଆମେ ଅଧିକ ଶାରୀରିକ ପରିଶ୍ରମ କରିବାକୁ ସମର୍ଥ ହେଉ ଏବଂ ବିବିଧ ସାମାଜିକ କାର୍ଯ୍ୟକଳାପରେ ଭାଗନେବାକୁ ଉତ୍ସାହିତ ଅନୁଭବ କରୁ।

ବୈଜ୍ଞାନିକମାନେ ଏ ପ୍ରକାର ଅନୁଭୂତିକୁ 'ବାଇଓଫିଲିଆ' ବା 'ଜୈବିକ ଜଗତ ପ୍ରତି ପ୍ରେମ' ବୋଲି ଆଖ୍ୟା ଦେଇଛନ୍ତି। ଜର୍ମାନୀର ମନସ୍ତତ୍ତ୍ୱ ଏନ୍‌ରିକ ଫ୍ରୋମ ତାଙ୍କ ଦ୍ୱାରା ପ୍ରକାଶିତ ନିବନ୍ଧ "ଦ ଆନାଟୋମି ଅଫ୍ ହ୍ୟୁମାନ ଡେଷ୍ଟ୍ରକ୍‌ଟିଭ୍‌ନେସ"ରେ ୧୯୭୩ ମସିହାରେ ସୂଚାଇ ଥିଲେ ଯେ, ମଣିଷର ପ୍ରକୃତି ଏବଂ ଜୀବଜଗତ ସହିତ ସମ୍ପର୍କ ସ୍ଥାପନ ଲାଗି ଏକ ଅନ୍ତର୍ନିହିତ ପ୍ରବୃତ୍ତି ରହିଛି। ତତ୍‌ପରେ ଏହାକୁ ନେଇ ୧୯୮୪ରେ ପୁସ୍ତକଟିଏ ରଚନା କଲେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ବିବର୍ତ୍ତନ ଜୀବ ବିଜ୍ଞାନୀ ଏଡ୍‌ୱାର୍ଡ ଓ ଉଇଲସନ। "ବାଇଓଫିଲିଆ: ଦ ହ୍ୟୁମାନ ବଣ୍ଡ ଉଇଥ ଅଦର ସ୍ପେସିଜ୍" ନାମକ ଏହି ପୁସ୍ତକରେ ସେ ମତ ଦେଇଛନ୍ତି ଯେ, ଏହି ପ୍ରବୃତ୍ତି ମଣିଷର ଜିନ୍ ସହିତ ସମ୍ପୃକ୍ତ ଜନ୍ମଗତ ହୋଇପାରେ କିମ୍ବା ପରିବେଶ ପ୍ରଭାବଜନିତ ହୋଇପାରେ। ଏହା ସେମାନଙ୍କଠାରେ ସୃଷ୍ଟି କରିଥାଏ ପ୍ରାକୃତିକ ପରିବେଶ ତଥା ଜୈବ ବିବିଧତା ପ୍ରତି ଭାବପ୍ରବଣତା ସ୍ତରରେ ସମ୍ପୃକ୍ତି। ଏଣୁ ସେମାନେ ଏହାକୁ ଆପଣାର ମନେକରନ୍ତି ଏବଂ ଏହାର ଯତ୍ନ ନିଅନ୍ତି। ତାହା ପରିସଂସ୍ଥା ପାଇଁ ମଙ୍ଗଳକର। ଅତଏବ ଏହା ସମସ୍ତ ଜୀବଜଗତ ତଥା ପୃଥିବୀର ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଉପଯୋଗୀ ହୁଏ। କିନ୍ତୁ ଏହି ସ୍ୱାଭାବିକ ପ୍ରବୃତ୍ତିକୁ ବର୍ତ୍ତମାନ ଓଲଟାଇ ଦେଇଛି ଆଧୁନିକ ବସ୍ତୁବାଦୀ ଶୈଳୀ ଏବଂ ଲୋଭ। ପରିଣାମ ସ୍ୱରୂପ ଦ୍ରୁତ କ୍ଷୟପ୍ରାପ୍ତ ହୋଇଚାଲିଛି ପ୍ରକୃତି ଏବଂ ଏହାର ବିବିଧତା।

ପ୍ରତିବର୍ଷ ପୃଥିବୀରୁ ପ୍ରାୟ ୧୦ ନିୟୁତ ହେକ୍ଟର ଜଙ୍ଗଲ କ୍ଷୟ ହେଉଛି। ଅବଶ୍ୟ ପୁନଃବନୀକରଣ ଦ୍ୱାରା ଏଥିରୁ କିଛି ଅଂଶ ଭରଣା ହେଉଛି। ତଥାପି ଏବେ ସୁଦ୍ଧା (୨୦୨୩-୨୦୨୪) ଏହା ସମଗ୍ର ଭୂଭାଗର ୩୧ ଶତାଂଶକୁ ହ୍ରାସ ପାଇସାରିଲାଣି, ଯାହାକି ପ୍ରାକ୍ ଶିଳ୍ପବିପ୍ଳବ କାଳରେ ଥିଲା ୫୭ ଶତାଂଶ। ଆମ ଦେଶ ଏହା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛି। ଏକ ଆକଳନ ଅନୁସାରେ କାନାଡ଼ାରେ ମୁଣ୍ଡ ପିଛା ଗଛ ସଂଖ୍ୟା ୧୦,୧୬୩ ହେଲା ବେଳେ ଗ୍ରୀନଲ୍ୟାଣ୍ଡ, ଅଷ୍ଟ୍ରେଲିଆ, ଆମେରିକା, ଫ୍ରାନ୍ସ, ଇଥିଓପିଆ, ଚାଇନା ଏବଂ ଇଂଲଣ୍ଡରେ ତାହା ଯଥାକ୍ରମେ ୪୯୬୪, ୩୨୬୬, ୬୯୯, ୨୦୩, ୧୪୩, ୧୩୦ ଏବଂ ୪୭ କିନ୍ତୁ ଭାରତରେ ୨୮ଟି। ଚଳିତବର୍ଷ ଆମ ଦେଶରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ଏହା ଅନ୍ୟତମ କାରଣ। ଅନ୍ୟପକ୍ଷରେ, ପ୍ରକୃତି ନିୟମ ଅନୁସାରେ ପ୍ରତି ୧୦,୦୦୦ ବର୍ଷରେ ଧରାପୃଷ୍ଠରୁ ୨ଟି ଲେଖାଏ ପ୍ରଜାତି ବିଲୁପ୍ତ ହେବା କଥା, ତେବେ, ମନୁଷ୍ୟର ଅପରିଣାମଦର୍ଶୀ କାର୍ଯ୍ୟକଳାପ ହେତୁ ପ୍ରାକୃତିକ ପରିବେଶର ଅବକ୍ଷୟ ଘଟିବା ଫଳରେ ତାହା ୧୦୦୦ରୁ ୧୦,୦୦୦ ଗୁଣ ବୃଦ୍ଧି ପାଇଛି। ୱାର୍ଲ୍ଡ ୱାଇଲ୍ଡ ଲାଇଫ ଫଣ୍ଡ୍ ଦ୍ୱାରା ୨୦୨୩ରେ ଅନୁଷ୍ଠିତ ଆକଳନ ଅନୁସାରେ ପୃଥିବୀରେ ୧୯୭୦ ମସିହାରୁ ଏହା ମଧ୍ୟରେ ୬୯ ଶତାଂଶ ପ୍ରଜାତି ହ୍ରାସ ପାଇଛନ୍ତି ଏବଂ ବିଲୁପ୍ତ ହେବା ଆଶଙ୍କାଗ୍ରସ୍ତ ଅଛନ୍ତି ପ୍ରାୟ ୨ ନିୟୁତ ପ୍ରଜାତି। ଆଧୁନିକ ମଣିଷର ମାନସିକ ଚାପ, ଦୁଶ୍ଚିନ୍ତା ଏବଂ ସେଥି ସହିତ ସମ୍ପୃକ୍ତ ବିବିଧ ମାନସିକ ତଥା ଶାରୀରିକ ରୋଗର ଏହା ଅନ୍ୟତମ ମୁଖ୍ୟ କାରଣ ପାଲଟିଛି।

**ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ: ୯୯୩୭୩୦୧୪୬୦**

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | | 7 | 1 |
| | 4 | 3 | | | | | | |
| | | | 4 | | | | | |
| | | | | | | | | 4 |
| | 9 | 7 | | | 1 | 3 | 6 | |
| | | 6 | 2 | | | | 1 | |
| 8 | | 9 | | | 2 | | 5 | |
| 3 | | 1 | | | | | | |
| 7 | 5 | | 6 | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 6 | 2 | 9 | 7 | 4 | 5 | 1 |
| 1 | 9 | 4 | 6 | 5 | 3 | 2 | 8 | 7 |
| 5 | 7 | 2 | 8 | 4 | 1 | 9 | 6 | 3 |
| 9 | 6 | 3 | 7 | 8 | 2 | 1 | 4 | 5 |
| 7 | 4 | 8 | 5 | 1 | 6 | 3 | 9 | 2 |
| 2 | 5 | 1 | 9 | 3 | 4 | 6 | 7 | 8 |
| 4 | 1 | 7 | 3 | 6 | 8 | 5 | 2 | 9 |
| 3 | 2 | 9 | 4 | 7 | 5 | 8 | 1 | 6 |
| 6 | 8 | 5 | 1 | 2 | 9 | 7 | 3 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କର୍ମଜୀବୀ ମହିଳାଙ୍କୁ ସମ୍ମାନ ମିଳୁ

ମହାଶୟ,

ଆଜି ସର୍ବତ୍ର ମହିଳା ଓ ପୁରୁଷ ଏକତ୍ର ବିଭିନ୍ନ କ୍ଷେତ୍ରରେ କର୍ମରେ ନିୟୋଜିତ। କର୍ମଜୀବୀ ମହିଳା ଗୃହକାର୍ଯ୍ୟ ଓ ବୃତ୍ତି ଉଭୟ କ୍ଷେତ୍ର ସମ୍ଭାଳିଥାନ୍ତି। ଶାରୀରିକ କ୍ଷେତ୍ରରେ ମଧ୍ୟ ମହିଳାଙ୍କ ଭିନ୍ନ ଭିନ୍ନ ସମସ୍ୟା ଓ ଶକ୍ତିର ନ୍ୟୂନତା ଥାଏ। ପୁରୁଷ ସହ ସମକକ୍ଷ ଶାରୀରିକ ବଳ ଖଟାଇ ସମାନ କାର୍ଯ୍ୟ କରିବା କଷ୍ଟକର। ଏଣୁ କାର୍ଯ୍ୟକ୍ଷେତ୍ରରେ ମହିଳା ବୈଶିଷ୍ଟ୍ୟଭିତ୍ତିକ କାର୍ଯ୍ୟରେ ମହିଳାଟିଏ କାମ କଲେ ଅଧିକ ଫଳପ୍ରସୂ ହେବ। ଏତଦ୍‌ବ୍ୟତୀତ ନାରୀକୁ ନ୍ୟୂନ ମଣି କାର୍ଯ୍ୟକ୍ଷେତ୍ରରେ ହେୟଜ୍ଞାନ କରିବା ଅନୁଚିତ। ଦେଖାଦେଇଛି ଯେ, କାର୍ଯ୍ୟକ୍ଷେତ୍ରରେ ମହିଳାଗଣ କାର୍ଯ୍ୟଭାର ସମ୍ଭାଳିବା, ପରିବେଶକୁ ଶାନ୍ତ ରଖିବା, ଭାବପ୍ରବଣତା ଭରିବା, ସହାନୁଭୂତିଶୀଳ ହେବା ଗୁଣ ସେମାନଙ୍କ ନିକଟରେ ଅଧିକ ଥାଏ। ଏଣୁ ମହିଳାଙ୍କ ଦକ୍ଷତାକୁ ହେୟ ନ ମଣି ସମ୍ମାନ ପ୍ରଦର୍ଶନ ପୂର୍ବକ ବୈଶିଷ୍ଟ୍ୟଭିତ୍ତିକ କର୍ମ ନିୟୋଜନ ହେଲେ ମହିଳା ବାସ୍ତବ ଉନ୍ନତିର ପଥପ୍ରଦର୍ଶକ ସାଜିବେ।

**–ଅଜୟ କୁମାର ସାମନ୍ତରାୟ, ପାଟିନୂଆଗାଁ, ବାଣପୁର, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କୋମଳ କାକୁତିଭରା ଏ ଦୃଷ୍ଟି ଦୟିନୀ
ବୁହାଇଛି ଶତ ସ୍ରୋତସ୍ୱିନୀ
କରୁଣାର, ଏ ଲୋତକ ବିନ୍ଦୁ
ଭରିଛି ଅସୀମ ମହାସିନ୍ଧୁ।
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# समस्त झारखण्ड एवं समस्त देशवासियों को



# हूल जोहार

## सत्यमेव जयते!



प्रिय झारखण्डवासियों,

आपके अटूट समर्थन और विश्वास के लिए हम आभारी हैं। आपके भरोसे पर खरा उतरने का निरंतर प्रयास पूर्व की भांति जारी रहेगा। हम पुन: एक नए युग की शुरुआत कर रहे हैं, एक ऐसा युग जहाँ विकास और समावेशिता साथ साथ चलेंगे।

**श्री हेमंत सोरेन**
मुख्यमंत्री, झारखण्ड

**सूचना एवं जनसंपर्क विभाग, झारखण्ड सरकार**

PR-328711 (IPRD) 2024-25

# ମାଛ ମାର୍କେଟ ସ୍ଥାନାନ୍ତର ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଯାଜପୁର ଟାଉନ,୪।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବ୍ୟବସାୟୀମାନେ।

ଯାଜପୁର ସହର ନିକଟ ମୋଟରଗଁାପାଳଠାରେ ଆର୍‌ଏମ୍‌ସି ପକ୍ଷରୁ ପରିବା, ମାଛ ଓ ଅନ୍ୟାନ୍ୟ ବ୍ୟବସାୟୀମାନଙ୍କ ପାଇଁ ଦୀର୍ଘଦିନ ଧରି ମାର୍କେଟକମ୍ପ୍ଲେକ୍ସ ଏବଂ ପିଣ୍ଡି ନିର୍ମାଣ କରାଯାଇଥିଲେ ମଧ ଏ ପର୍ଯ୍ୟନ୍ତ ମାଛ ବେପାରୀଙ୍କୁ ସେଠାରେ ବସିବା ପାଇଁ ଅନୁମତି ଦିଆଯାଉନାହିଁ। ଗୁରୁବାର ମାଛ ବେପାରୀମାନେ ଏକାଠି ହେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ସେମାନଙ୍କୁ ତୁରନ୍ତ ଆରଏମସି ମାର୍କେଟ୍‌କୁ ସ୍ଥାନାନ୍ତରିତ କରିବା ପାଇଁ ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବାଳାଶ୍ରମ ପଡିଆରେ ଦୀର୍ଘଦିନ ଧରି ପରିବା ଓ ମାଛ ମାର୍କେଟ ଅସ୍ଥାୟୀ ଭାବେ ଚାଲୁ ରହିଛି। ରାସ୍ତା ଉପରେ ପରିବା ବେପାରୀ ପରିବା ବିକ୍ରି କରୁଥିବାବେଳେ ପଡିଆ ଭିତରେ ମାଛ ବେପାରୀଙ୍କୁ ମାଛ ବିକ୍ରି ପାଇଁ ଅସ୍ଥାୟୀ ଭାବେ ଦିଆଯାଇଛି। ପ୍ରାୟ ୨ବର୍ଷ ଧରି ସେମାନେ ଏହିଠାରେ ବେପାର କରୁଥିବାବେଳେ ଆରଏମସି ମାର୍କେଟ ନିର୍ମାଣ କରାଯାଇଥିଲେ ମଧ ସେମାନଙ୍କ ସେଠାରେ ବେପାର କରିବା ପାଇଁ ଗୃହ କିମ୍ବା ପିଣ୍ଡି ଯୋଗାଡ଼ ଦିଆଯାଉ ନାହିଁ।

ସୂଚନାଯୋଗ୍ୟ, ଯାଜପୁର କିଆନାଳୀକୂଳ ଛକଠାରେ ଆରଏମସି ପକ୍ଷରୁ ଏକ ମାର୍କେଟ୍ କମ୍ପ୍ଲେକ୍ସ ରହିଥିଲା। ମେଡିକାଲ କଲେଜ ସମ୍ମୁଖରେ ଏହି ମାର୍କେଟ କମ୍ପ୍ଲେକ୍ସ ରହିଥିବାରୁ ଏହାକୁ ଭଙ୍ଗାଯାଇଥିଲା। ଏଠାରେ ବ୍ୟବସାୟ କରୁଥିବା କିଛିବ୍ୟବସାୟୀ ଓ ଶହଶହ ପରିବା ବେପାରୀଙ୍କୁ ମୋଟରଗଁାପାଳଠାରେ ଆରଏମସି ପକ୍ଷରୁ ଏକ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ମାର୍କେଟ୍ କମ୍ପ୍ଲେକ୍ସ ଦୀର୍ଘଦିନ ଧରି ନିର୍ମାଣ ସରିଥିଲେ ମଧ ବ୍ୟବସାୟୀମାନଙ୍କୁ ଏଠାରେ ବେପାର କରିବାପାଇଁ ଗୃହ ଆବଣ୍ଟନ କରାଯାଇପାରି ନାହିଁ। ମାଛ ବେପାରୀମାନେ ବାଳାଶ୍ରମ ପଡିଆରରେ ବେପାର କରୁଥିବାବେଳେ ବର୍ଷା ଦିନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସ୍ଥାନ କାଦୁଅରେ ପରିପୂର୍ଣ୍ଣ ଥିବାବେଳେ ଗ୍ରାହକମାନେ ସେଠାକୁ ଯିବାପାଇଁ ଅମଙ୍ଗ ହେଉଛନ୍ତି ବୋଲି ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି।

## ବାଇକ୍ ଚୋରି ଅଭିଯୋଗରେ ଯୁବକ ଗିରଫ

ଚଣ୍ଡିଖୋଲ,୪।୭(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଛକରୁ ବାଇକ୍ ଚୋରି ଅଭିଯୋଗରେ ଗୁରୁବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜେନାପୁର ଥାନା ଅନ୍ତର୍ଗତ ରେଖିଦେଇପୁର ଗ୍ରାମର ସାଗର ସ୍ୱାଇଁ(୧୯)।

ସୂଚନା ଅନୁଯାୟୀ, ବଡ଼ଚଣା ଥାନା ଅନ୍ତର୍ଗତ ବଦାଳ ପଞ୍ଚାୟତ ଢିଅ କରନ୍ଦା ଗ୍ରାମର ପ୍ରଦୀପ କୁମାର ସାହୁ ଚଣ୍ଡିଖୋଲରୁ କିଛି ସାମଗ୍ରୀ କିଣିବାକୁ ବାଇକ୍‌ରେ ଯାଇଥିଲେ। ସେ ସାମଗ୍ରୀ କିଣି ସାରି ଆସିଲାବେଳକୁ ତାଙ୍କ ବାଇକ୍ ନ ଥିଲା। ବହୁ ଖୋଜାଖୋଜି ପରେ ନ ପାଇବାରୁ ବଡ଼ଚଣା ଥାନାରେ ଅଭିଯୋଗ କରିଥିଲେ। ବୁଧବାର ସାଗର ଚଣ୍ଡିଖୋଲରେ ଆଉ ଏକ ବାଇକ୍ ଚୋରି କରିବାକୁ ଯୋଜନା କରୁଥିବାବେଳେ ସ୍ଥାନୀୟ ବ୍ୟବସାୟୀ ତାଙ୍କୁ ଧରି ପୋଲିସକୁ ଖବର ଦେଇଥିଲେ। ପୋଲିସ ସାଗରଙ୍କୁ ନେଇ ପଚରା ଉଚରା କରିବା ପରେ ସେ ହିଁ ବାଇକ୍ ଚୋରି କରିଥିବା ସ୍ୱୀକାର କରିଥିଲେ। ତାଙ୍କ ନିକଟରୁ ପୋଲିସ ବାଇକ୍ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନଂ.୩୩୭/୨୪ରେ ଏକ ମାମଲା ରୁଜୁ ହୋଇଛି।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଚଣ୍ଡିଖୋଲ,୪।୭(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁରଗ୍ରାମର ଜଣେ ଯୁବକଙ୍କ ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ସୌମ୍ୟରଞ୍ଜନ ବାରିକ(ମୁନା)। ସେ ଗତ କିଛି ଦିନ ତଳେ ୫୩ନଂ.ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। କଟକରେ ରହି ଚିକିତ୍ସିତ ହେଉଥିବାବେଳେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା। ମୁନା ଦୀର୍ଘ ବର୍ଷ ହେବ ବାଲିଚନ୍ଦ୍ରପୁର ବଜାର ବ୍ୟାଙ୍କ ରୋଡରେ ସେଲୁନ କରି ଜୀବିକା ନିର୍ବାହ କରୁଥିଲେ। ତାଙ୍କ ଅକାଳ ବିୟୋଗରେ ଷ୍ଟେଟ ବ୍ୟାଙ୍କ ରୋଡ୍‌ର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି। ଶୋକସନ୍ତପ୍ତ ପରିବାରକୁ ଭେଟି ବ୍ୟବସାୟୀମାନେ ସମବେଦନା ଜଣାଇଛନ୍ତି।

## ନାଉବାଙ୍କ-ହଲଦିଡ଼ିହ ନଦୀ ବନ୍ଧ ରାସ୍ତା ଶୋଚନୀୟ



ସିଂହପୁର,୪।୭ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ଜଳ ସମ୍ପଦ ବିଭାଗ ଅଧୀନ ସିଂହପୁର ସେକ୍ସନର ନାଉବାଙ୍କ-ହଲଦିଡ଼ିହ ନୁଆମହାର ଦକ୍ଷିଣ ପାର୍ଶ୍ୱ ନଦୀ ବନ୍ଧ ରାସ୍ତା ଶୋଚନୀୟ ହୋଇପଡିଛି। ନାଉବାଙ୍କ ଗ୍ରାମ ନିକଟରେ ପୂର୍ବରୁ ବନ୍ଧ ଧସିଥିଲା। ସେବେଠାରୁ ଏହି ସ୍ଥାନ ଦୀର୍ଘ ଦିନ ବିପଦପୂର୍ଣ୍ଣ ଅବସ୍ଥାରେ ଥିଲେ ମଧ ଏ ପର୍ଯ୍ୟନ୍ତ କାର୍ଯ୍ୟ କରାଯାଇନାହିଁ। ଆଗକୁ ବର୍ଷା ଓ ବନ୍ୟା ଥିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏହି ସ୍ଥାନରେ ପୁଣି ବନ୍ଧ ଧସିବା ଆଶଙ୍କା ରହିଛି। ତେଣୁ ତୁରନ୍ତ ଏହି ସ୍ଥାନରେ ମରାମତି କରାଯିବାର ଆବଶ୍ୟକତା ରହିଛି। ନଚେତ ବନ୍ୟାରେ ଅଘଟଣକୁ ଏଡ଼ାଇ ଦିଆଯାଇ ନ ପାରେ। ସେହିପରି ଏହି ରାସ୍ତାରେ କେତେକ ସ୍ଥାନରେ ମାଟି ରହିଥିବାରୁ ବର୍ଷା ହେଲେ କାଦୁଅରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ରାସ୍ତା ମରାମତି କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

## ଶ୍ରୀସତ୍ୟସାଇ ପୁନର୍ବସତି ଏସ୍‌ଆର୍‌ପି ଶିବିର

ଧର୍ମଶାଳା,୪।୭(ବଟକୃଷ୍ଣ ପରିଡା):

ଜାରକା ଶ୍ରୀସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ପଣ୍ଡୁଆ ସ୍ଥିତ ସାଇ ଆରୋଗ୍ୟମ୍ ପକ୍ଷରୁ ସତ୍ୟସାଇ ପୁନର୍ବସତୀ ସ୍ୱାସ୍ଥ୍ୟ ସେବା ଶିବିର (ଏସଆରପି) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶାନ୍ତି ବାଙ୍ଗାଲୋରସ୍ଥିତ ହ୍ୱାଇଟଫିଲ୍ଡ ଓ ରାଜକୋଟ ଚିକିତ୍ସାଳୟରେ ହୃଦ୍‌ରୋଗ ଅସ୍ତ୍ରୋପଚାର ହୋଇଥିବା ୧୫ ରୋଗୀଙ୍କ ପିଟିଏନଆରଆଇ ଓ ୨୮ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ ଶତପଥୀ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସାଇ ଆରୋଗ୍ୟମର ପ୍ରତିଷ୍ଠାତା ରଶ୍ମିରଞ୍ଜନ ରାୟଙ୍କ ତତ୍ତ୍ୱାବଧାନରେ ସତ୍ୟସାଇ ସେବା ସମିତି ଜାରକାର ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, ସୁଶାନ୍ତ ନାୟକ, ବିକ୍ରମ କେଶରୀ ମହାନ୍ତି, ପ୍ରଣତୀ ନାୟକ ଓ ସାଗରିକା ଶ୍ୟାନ୍ତିଙ୍କ ସହ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାତୀୟ ଚିକିତ୍ସକ ଦିବସରେ ଜନହିତକର କାର୍ଯ୍ୟକ୍ରମ

ଯାଜପୁରରୋଡ୍,୩।୭(ପବିତ୍ର ରଞ୍ଜନ ମହାନ୍ତି):




କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଜାତୀୟ ଚିକିତ୍ସକ ଦିବସ ଅବସରରେ ଭାରତୀୟ ଚିକିତ୍ସକ ସଂଘ ଯାଜପୁରରୋଡ୍ ପକ୍ଷରୁ ଏକାଧିକ ଜନହିତକର କାର୍ଯ୍ୟକ୍ରମ କରାଯାଇଛି। ପ୍ରଥମେ ବ୍ୟାସସରୋବର ଗୋଶାଳା ପରିସରରେ ଶ୍ରୀସତ୍ୟସାଇ ସେବା ସମିତି ସହଯୋଗରେ ଚାରାରୋପଣ କରାଯାଇଛି। ଏଥିରେ ସେବା ସମିତିର ସାଇଭକ୍ତମାନେ ସହଯୋଗ କରିଥିଲେ। ସଂଘ ସଭାପତି ଡାକ୍ତର ସୁରେନ୍ଦ୍ର କୁମାର ସାହୁ, ସମ୍ପାଦକ ଡାକ୍ତର ଗୌରୀଶଙ୍କର ଷଡ଼ଙ୍ଗୀ, ଡାକ୍ତର ସଦାନନ୍ଦ ମହାନ୍ତି, ଡାକ୍ତର ପ୍ରସନ୍ନ କୁମାର ସାହୁ ଓ ଡାକ୍ତର ରୁଦ୍ର ପ୍ରତାପ କର ଯୋଗଦେଇ ୨୦୦ ଚାରାରୋପଣ କରିଥିଲେ। ପରେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କଳିଙ୍ଗନଗର ଏଡିଏମ ଲଙ୍କେଶ୍ୱର ଅମାତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଦାତାଙ୍କ ମଧ୍ୟରେ ପ୍ରମୁଖ ଥିଲେ ଡାକ୍ତର ବିକାଶ ନାୟକ, ଡାକ୍ତର ଦିବ୍ୟରଞ୍ଜନ ମଲ୍ଲିକ ଓ ଅତିରିକ୍ତ ଜିଲାପାଳଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ରୁଦ୍ର ପ୍ରସାଦ ସାହୁ। ଅନ୍ୟ ସ୍ୱେଚ୍ଛାସେବୀମାନେ ହେଲେ ସର୍ବଶ୍ରୀ ନିରାକାର ସେଠୀ, ବିଚିତ୍ରାନନ୍ଦ ମହାନ୍ତି, ଚନ୍ଦନ ବେହେରା, ପାପୁନ ଦାସ, ରବିନ୍ଦ୍ର ତରାଇ, ଶିତେନ୍ଦୁ ମଲ୍ଲିକ, ପ୍ରଦୀପ ବାରିକ, ବିପିନ ବାରିକ ଓ ଦୀପକ ବେହେରା। ପରେ ସନ୍ଧ୍ୟାରେ ଏକ ମନୋଜ୍ଞ ପରିବେଶରେ ବ୍ରାହ୍ମଣୀ ହୋଟେଲରେ ଜାତୀୟ ଚିକିତ୍ସକ ଦିବସ ପାଳନ କରାଯାଇଥିଲା। ଉତ୍ସବ ପ୍ରାରମ୍ଭରେ ନିରନ୍ତର ଶିକ୍ଷାଦାନ କର୍ମଶାଳା ଅନୁଷ୍ଠିତ ହୋଇଥିଲା ଓ ଡାକ୍ତର ସେବନ୍ତି ରାଉଳ ସେଫଡିଟୋରେନ ଆଣ୍ଟିବାୟୋଟିକ ବ୍ୟବହାର ଉପରେ ଏକ ସାରଗର୍ଭକ ଆଲୋଚନା କରିଥିଲେ। ଏଥିରେ କୋରେଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ଅତିଥି ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶିବାଶିଷ ମହାରଣା ସମ୍ମାନିତ ଅତିଥିଭାବେ ଯୋଗଦେଇ ଉପସ୍ଥିତ ଚିକିତ୍ସକମାନଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ ସେବା ନିମିତ୍ତ ଧନ୍ୟବାଦ ଦେବା ସହିତ ସୁଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ମୁଖ୍ୟ ଅତିଥି ବିଧାୟକ ଦାସନାୟକ, ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହାରଣାଙ୍କୁ ସ୍ମୃତି ଫଳକ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର ସୁଧାକର ପୃଷ୍ଟିଙ୍କୁ ଆଜୀବନ ସାଧନା ସମ୍ମାନ ଓ ଡାକ୍ତର ସେବନ୍ତି ରାଉଳଙ୍କୁ ନିରନ୍ତର ଶିକ୍ଷାଦାନ କାର୍ଯ୍ୟକ୍ରମ ପାଇଁ ଫଳକ ପ୍ରଦାନ କରାଯାଇଥିଲା। ଉତ୍ସବରେ ସଂଘର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ୪୦ ଜଣ ଚିକିତ୍ସକ ଭାଗ ନେଇଥିଲେ। ସଭାପତି ଡାକ୍ତର ସୁରେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଡାକ୍ତର ଗୌରୀଶଙ୍କର ଷଡ଼ଙ୍ଗୀ ବିବରଣୀ ପ୍ରଦାନ କରିଥିଲେ। ଡାକ୍ତର ପ୍ରସନ୍ନ କୁମାର ସାହୁ ସଭା ପରିଚାଳନା କରିଥିଲେ। ସଂଘ ଉପସଭାପତି ଡାକ୍ତର ପ୍ରଶାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# ସମ୍ପର୍କୀୟ ଭାଇଙ୍କୁ ହତ୍ୟା, ଜଣେ ଅଟକ

ପାଣିକୋଇଲି,୪।୭(ବିକାଶ ମଲ୍ଲିକ):

ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ପଞ୍ଚାୟତରେ ଜଣେ ଯୁବକଙ୍କୁ ବିଲ ମଝିରେ ହତ୍ୟା କରାଯାଇଛି। ମୃତକ ହେଲେ ଗ୍ରାମର ମଦନ ଓଝାଙ୍କ ପୁଅ ଶରତ(୨୯)। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଗ୍ରାମର ରଞ୍ଜନ ଓଝାଙ୍କୁ ହତ୍ୟା ସନ୍ଦେହରେ ଅଟକ ରଖିଛି।

ଅଭିଯୋଗ ମୁତାବକ, ରଞ୍ଜନ ଓ ଶରତ ସମ୍ପର୍କୀୟ ଭାଇ। ଗତ କିଛି ମାସ ତଳେ ଶରତଙ୍କ ଏକ ମୋବାଇଲ ଫୋନ ଚୋରି ହୋଇଥିଲା। ରଞ୍ଜନ ତାଙ୍କ ମୋବାଇଲକୁ ଚୋରି କରିନେଇଛନ୍ତି ବୋଲି ଶରତ ଗ୍ରାମରେ କହି ବୁଲୁଥିଲେ। ବୁଧବାର ସନ୍ଧ୍ୟାରେ ଶରତ ନିକଟ ବରୁଣ୍ଡାଇ ବଜାରକୁ ଯାଇ ଆଉ ଫେରି ନ ଥିଲେ। ପରିବାରବର୍ଗ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଶରତଙ୍କ ପତ୍ତା ମିଳି ନ ଥିଲା। ପରେ ସକାଳୁ ଗ୍ରାମର କିଛି ବ୍ୟକ୍ତି ବିଲକୁ ଯାଉଥିବା ବେଳେ ବିଲ ମଝିରେ ଶରତଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବର ପାଇ ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ, ଏସ୍‌ଆଇ ପ୍ରକାଶ ପ୍ରଧାନ ଓ ମନମୋହନ ବାରିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ କେନ୍ଦୁଝର ସାଇଣ୍ଟିଫିକ ଟିମର ଏକ୍ସପର୍ଟ ଧର୍ମେନ୍ଦ୍ର ପାତ୍ର, ସହଯୋଗୀ ମନ୍ମଥ ରାଉତ ଓ ଅବିନାଶ ପାତ୍ର ପ୍ରମୁଖ ଆସି ନମୁନା ସଂଗ୍ରହ କରିଥିଲେ। ଘଟଣାସ୍ଥଳରୁ ମୃତ ଶରତଙ୍କ ଜୋତା, ଏକ ମଦ ବୋତଲ ଠିପି ଓ ମୋବାଇଲ ଫୋନର ଇଅରକର୍ଡକୁ ପୋଲିସ ଜବତ କରିଛି। ଏନେଇ ମୃତକଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୩୩୪/୨୪) ରୁଜୁ କରି ତଦନ୍ତ କରୁଛି। ତେବେ ଉକ୍ତ ଘଟଣାରେ ରଞ୍ଜନ ହିଁ ଏକମାତ୍ର ସମ୍ପୃକ୍ତ ନା ତାଙ୍କୁ ଉକ୍ତ କାର୍ଯ୍ୟରେ ଆଉ କିଏ ସହଯୋଗ କରିଥିଲେ, ତାହାକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ରଞ୍ଜନ ପ୍ରତିଶୋଧ ପରାୟଣ ହୋଇ ଶରତଙ୍କୁ ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

## ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ବଣ୍ଟନ




ବିଞ୍ଝାରପୁର,୪।୭(ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକେଲ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବିଡିଓ ଦିବ୍ୟେନ୍ଦୁ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ୍ ଇର୍ସାଦ, ସମିତିସଭ୍ୟ କୈଳାସ ମଲ୍ଲିକ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନେ ସମାଜର ବୋଝ ନୁହଁନ୍ତି ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ଆଉଁରୀ, ମାଁସଡା, କଲ୍ୟାଣପୁର, ଓଳେଇ-ଚନ୍ଦନପୁର ପଞ୍ଚାୟତର ୮ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଧର୍ମେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# କାଦୁଅ ରାସ୍ତାରେ ଦାମୋଦରପୁର ଗ୍ରାମବାସୀ

ପାଣିକୋଇଲି,୪।୭(ବିକାଶ ମଲ୍ଲିକ):



ପୂର୍ତ୍ତ ବିଭାଗ ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥରୁ ଦାମୋଦରପୁର ଗ୍ରାମ ମଧ୍ୟ ଦେଇ ନରପଦା ପର୍ଯ୍ୟନ୍ତ ଏକ ନୂତନ ରାସ୍ତା ନିର୍ମାଣ କରାଯିବା ସହ ପୁରୁଣା ରାସ୍ତାର ସମ୍ପ୍ରସାରଣ କରାଯାଉଛି। ଉକ୍ତ କାର୍ଯ୍ୟ କରୁଥିବା ଠିକାଦାର ରାସ୍ତା ସମ୍ପ୍ରସାରଣ କରିବା ଲାଗି କେଲୁଅ ମାଟି ଆଣି ପକାଇଛନ୍ତି। ବର୍ତ୍ତମାନ ବର୍ଷା ଋତୁ ଚାଲୁଥିବାରୁ ରାଜପଥରୁ ଯାଇଥିବା ମୁଖ୍ୟ ରାସ୍ତାଟି କାଦୁଅରେ ପଚପଚ ହୋଇଛି। ରାସ୍ତାଟିକୁ ମରାମତି କରିବା ଲାଗି ଗ୍ରାମର କିଛି ବ୍ୟକ୍ତିଙ୍କ ଉଦ୍ୟମରେ ବିଭାଗ ତରଫରୁ ମୋରମ ଓ ଡଷ୍ଟ ପକାଯାଇ ସମତୁଲ କରାଯାଇଥିଲା। ମାତ୍ର ବର୍ଷା ଋତୁ ଆସିବା ପୂର୍ବରୁ କାର୍ଯ୍ୟ ନ ସାରି ଏବେ କାର୍ଯ୍ୟ ଆରମ୍ଭ କରିବା ଦ୍ୱାରା ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ସ୍କୁଲ, କଲେଜକୁ ଯାଉଥିବା ଛାତ୍ରୀଛାତ୍ର, ମହିଳା ସ୍କୁଟି ଆରୋହୀ ରାସ୍ତାରେ ଯିବା ସମୟରେ ଖସି ପଡ଼ି ଆହତ ହେଉଛନ୍ତି। ମାଟି ପକାଇବା ବେଳେ ବର୍ଷା ହେବାରୁ ଠିକାଦାର କାମକୁ ସମ୍ପୂର୍ଣ୍ଣ କରିବା ପରିବର୍ତ୍ତେ ଅଧାରୁ ଛାଡ଼ି ପଳାଇଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**OFFICE OF THE SUPERINTENDENT C.H.C. NAIKENPALI, SUBARNAPUR**

**TENDER CALL NOTICE FOR HIRING OF VEHICLE**

No. E-90: Sealed quotations are invited from Travel Agencies/ Transporters/Tour Operator/Individuals/Private Organization/NGOs situated for supply of vehicle on monthly hiring basis to be used in NAIKENPALI CHC. Last date for submitting the documents is 18.07.2024 by Regd. Post/Speed Post/Courier by 2 P.M. and the same will be opened on the same day 18.07.2024 at 4.00 P.M. For detail information and documents please visit BPMU CHC, NAIKENPALI. The authority has reserve the right to cancel the whole process without any notice.

Sd./- Superintendent C.H.C., Naikenpali, Subarnapur
OIPR-10196/11/0002/2425

**P.G. DEPARTMENT OF ENVIRONMENTAL SCIENCES SAMBALPUR UNIVERSITY, JYOTI VIHAR - 768019, SAMBALPUR, ODISHA**

Letter No. 4/ENS/SERB/24 Date. 02.07.2024

No.CAD-426: Applications are invited from qualified candidates for temporary position of "Project Associate - I" for the SERB-CRG Project funded by Department of Science and Technology, Govt. of India. The details of the advertisement can be obtained from the undersigned during office hour or may visit Sambalpur University Website (www.suniv.ac.in).

Sd./- Principal Investigator
SERB-CRG Project
OIPR-11145/11/0003/2425

**OFFICE OF THE DIRECTOR GENERAL OF POLICE, ODISHA, CUTTACK**

**DETAILS OF THE TERMS OF EMPLOYMENT, REMUNERATION, PLACE OF POSTING, APPLICATION FORM, ETC FOR ENGAGEMENT OF LEGAL ADVISORS ON CONTRACTUAL BASIS**

No.D-82: Applications are invited from the Retired Districts Judges / Addl. Districts Judges / Public Prosecutors / Addl. Public prosecutors for engagement on a reemployment basis as Legal advisors, in the Office of the Director General of Police, Odisha, Cuttack on a contractual basis to render legal advice / opinion in various Court cases, service matters and other issues / matters etc. with the following stipulations with reference to Home Department letter No. 11284/D&A dt. 30.03.2024.

i. The age of the candidate should be below 65 years as on 01.08.2024.
ii. Should be able to read, write, and speak in Odia language.
iii. The engagements shall be made in a transparent manner for one year initially.
iv. The performance of the Legal Advisor is to be reviewed periodically and documented, at least once in a quarter.
v. Continuance of the system of legal Advisors after the 1st year would be considered after assessment of the impact of the new system in improving the quality of investigation.
vi. After an initial engagement of one year, the same should be renewed based on satisfactory performance.
vii. Their monthly remuneration is to be fixed on a case-to-case basis as per Finance Department Office Memorandum No. 7022/F dt.17.03.2018 and Office Memorandum No. 24533/F dt. 29.09.2022.

Candidates interested to serve at Cuttack only shall apply to the Director General of Police, Odisha, Cuttack in the given form by e-mail or registered post, which should reach the office on or before 10.08.2024 positively. The selection will be governed by the procedure and rules laid down vide Govt. of Odisha, G.A Department Resolution No. 23750/Gen. dt. 27.08.2014 and Home Department Letter No. 22228/D&A dt. 25.06.2016.

Details of the postal address of the Office of Director General of Police, email, Applicatrion Form and relevant Govt. orders cited above are available on the Odisha Police website : www.odishapolice.gov.in.

Sd./- Addl. D.G. of Police (Hdqrs.)
Odisha, Cuttack
OIPR-12029/11/0011/2425

**OFFICE OF THE COLLECTOR & DISTRICT MAGISTRATE**

Advt. No - Date :

**TENDER / QUOTATION CALL NOTICE FOR AWARD OF CONTRACT FOR PROVIDING VARIOUS SUPPORT SERVICES ON OUTSOURCING BASIS IN KENDRAPARA DISTRICT**

No.F-15: Sealed Tender / Quotation in prescribed format under two bid systems are invited from intending registered firms / out-sourcing agencis for providing support services on outsourcing basis in offices under the administrative control of the Collectorate, Kendrapara. The tender / quotation document containing detail information, terms & conditions etc. may be downloaded from the District website www.kendrapara.nic.in. The tender/quotation should reach in the Office of the Collector & District Magistrate (Establishment Section). At/Po/PS/ Dist - Kendrapara, PIN-754211, Odisha through Speed post/Regd. post/ Courier by 15.07.2024 till 5 PM. The undersigned reserves the right to reject any or all Tender / Quotation without assigning any reason thereof.

OIPR-24040/11/0001/2425 Sd./- Collector & DM, Kendrapara

NANDANKANAN
Web:www.nandankanan.org

**DEPUTY DIRECTOR NANDANKANAN ZOOLOGICAL PARK**

Po.Barang, Dist-Khurda, Pin-754005, Phone:(M) 9437022023
Email:deputydirector.kanan@gmail.com

No.MM-63: **e-PROCUREMENT NOTICE**

Bid Identification No.DD-NKN 19/PMU/NKZP-2024-25, Dt.02.07.2024

| | | | |
|---|---|---|---|
| 1 | Name of the Work | : | Tender for Construction of Hog Deer Enclosure under North East Panorama and its allied works at Nandankanan Zoological Park for the year 2024-2025 |
| 2 | No. of Works | : | 1 (One) No. |
| 3 | Date of availability of bid document in the portal | : | 02.07.2024 |
| 4 | Class of Contractor | : | 'B' Class Contractor |
| 5 | Last date for receipt of bids in the portal | : | 11.07.2024 |
| 6 | Date of Opening of Technical Bid (Cover-I) | : | 12.07.2024 |
| 7 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O-Barang, Dist-Khordha, Pin-754005 |

Further details can be seen from the e-Procurement portal https//tenderodisha.gov.in.

Sd./- Deputy Director
Nandankanan Zoological Park
OIPR-08070/11/0002/2425

**DISTRICT PROJECT OFFICE, SMAGRA SHIKSHA, MAYURBHANJ**

Murgabadi, Baripada, Mayurbhanj, Odisha, Pin-757002
No. 1327 / Dt. 02.07.2024

**TENDER CALL NOTICE**

No.n-30: sealed tenders under two bid system are invited in prescribed format from the intending registered Offset Printers / Firms having valid PAN, GST, Registration certificate & experience in printing of text books with TBPM-BBSR/DPO, Samagra Shiksha for printing & supply of Tribal Language Text Books for Samagra Shiksha, Mayurbhanj for the session 2024-25, on payment of Rs. 5000/- (Rupees five thousand) only as tender application cost. The tender paper/bid document containing details specification with term and condition in two part bidding system (application of technical bid in Part-A & application of finance bid in Part-B) which can be download in website www.osepa.odisha.gov.in & mayurbhanj.odisha.gov.in. The last date of receipt of sealed application is on 18.07.2024 up to 5:00 PM through registered/Speed post only and the same will be opened on 19.07.2024 at 4:00 PM.

The Printers/Firms who have applied tender as per this office Tender call notice No.1556, dtd.10.06.2024 are requested not to apply the same again.

Sd./- Collector-cum-Chairman
samagra Shiksha, Mayurbhanj
OIPR-27140/11/0002/2425

## ମହିଳାଙ୍କୁ ଶାଶୁଘରେ ନିର୍ଯାତନା ଅଭିଯୋଗ

ରାଜନଗର, ୪।୭ (ଭାସ୍କର ରାଉତରାୟ)

ରାଜନଗର ଥାନା ବେଲପାଳ ଗାଁରେ ଆଦିବାସୀ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଗଞ୍ଜାମ ଜିଲାର ସୁନିତା ଥାଟୋଇ ବାଙ୍ଗାଲୋରରେ କାମ କରୁଥିବାବେଳେ ବେଲପାଳ ଗାଁର ନିରଞ୍ଜନ ଥାଟୋଇ ତାଙ୍କୁ ଭଲ ପାଇ ବିବାହ କରିଥିଲେ। ସେତେବେଳେ ସୁନିତାଙ୍କ ପାଖରେ ଥିବା ୫ ଲକ୍ଷ ଟଙ୍କା ନେଇ ନିରଞ୍ଜନ ଘର କରିଛନ୍ତି। ବାହାହୋଇ ଘରକୁ ଆଣିବା ପରେ ୧ ଲକ୍ଷ ଟଙ୍କା ଯୌତୁକ ଦାବି କରି ବାରମ୍ବାର ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ମାଆବାପାଙ୍କୁ ନ ପଚାରି ସ୍ୱାମୀ ସହିତ ପଳାଇ ଆସିଥିବାରୁ ମୋର କେହି ସାହା ଭରସା ନାହାନ୍ତି। ଟଙ୍କା ଦେବାକୁ ଅସମର୍ଥ ହେବାରୁ ସ୍ୱାମୀଙ୍କ ସହିତ ଶାଶୁ, ନଣନ୍ଦ, ନଣନ୍ଦେଇ ମିଶି ଠେଙ୍ଗାରେ ବାଡେଇଥାନ୍ତି। ଗର୍ଭବତୀ ହେଲେ ଔଷଧ ଦେଇ ଗର୍ଭ ନଷ୍ଟ କରି ଦେଉଛନ୍ତି। ମୋତେ ଅଧିକାଂଶ ସମୟ ଉପବାସରେ ରଖିଥାନ୍ତି। ଗୁରୁବାର ସକାଳେ ନିର୍ମମ ଭାବେ ମାଡ ମାରିଥିବା ନେଇ ସୁନିତା ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଜଗତ୍‌ସିଂହପୁରକୁ ସଚିବାଳୟ ସହ ଯୋଡ଼ିବା ଘୋଷଣା ପ୍ରହସନ

ଜଗତ୍‌ସିଂହପୁର, ୪।୭ (ପ୍ରମୋଦ କୁମାର ନାୟକ)

### ସୂଚନା ଅଧିକାର ଆଇନ ଅଭିଯାନ କର୍ମଶାଳା

### ଇ-ଅଫିସ ବ୍ୟବସ୍ଥାରେ ଢିଲାରେ ଚାଲୁଛି

ସଚିବାଳୟରେ ଓସୱାସ୍ (ଓଡ଼ିଶା ସେକ୍ରେଟେରିଏଟ୍ ୱାର୍କଫ୍ଲୋ ଅଟୋମେଶନ୍ ସିଷ୍ଟମ୍) ମାଧ୍ୟମରେ ଫାଇଲ କାମ ହେଉଛି। ଓସୱାସ ମାଧ୍ୟମରେ ଜିଲା ସହ ସଚିବାଳୟକୁ ଯୋଡିବା ବ୍ୟବସ୍ଥା ରାଜ୍ୟରେ କାର୍ଯ୍ୟକାରୀ ହୋଇନାହିଁ। କିନ୍ତୁ ୨୦୨୦ରେ ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ଓସୱାସ୍ କାର୍ଯ୍ୟକାରୀ ହେବ ବୋଲି ନିର୍ଭର ପ୍ରତିଶ୍ରୁତି ମିଳିଥିଲା। ଏହାଦ୍ୱାରା ଜଗତ୍‌ସିଂହପୁରକୁ ସଚିବାଳୟ ସହ ଯୋଡିବା କ୍ଷେତ୍ରରେ ଓସୱାସ୍ ପ୍ରମୁଖ ଭୂମିକା ନିଭାଇବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସୂଚନା ଅଧିକାର ଆଇନ ସମ୍ପର୍କିତ ସଚେତନତା କର୍ମଶାଳାରେ ଯୋଗଦେଇ ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା କହିଥିଲେ। ମହାପାତ୍ର ଏକଥା ମଧ୍ୟ କହିଥିଲେ, ଜିଲାର ସମସ୍ତ ପଞ୍ଚାୟତ ଓ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ କାର୍ଯ୍ୟାଳୟକୁ ଇ-ଅଫିସ ପରିସରଭୁକ୍ତ କରାଯିବ।

ଇ-ଅଫିସ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ରାଜ୍ୟରେ ଜଗତ୍‌ସିଂହପୁର ଜିଲା ମଡେଲ ହେବ। ସୂଚନା ଅଧିକାର ଅଧିନିୟମକୁ ସଫଳ କରିବା କ୍ଷେତ୍ରରେ ଇ-ଅଫିସ ପ୍ରମୁଖ ଭୂମିକା ନିଭାଇବ ବୋଲି ମହାପାତ୍ର କହିବା ପରେ ଜିଲାବାସୀଙ୍କ ମନରେ ଆଶା ସଞ୍ଚରିତ ହୋଇଥିଲା। କିନ୍ତୁ ଏଥିମଧ୍ୟରେ ୪ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ସୁଦ୍ଧା ଜଗତ୍‌ସିଂହପୁରକୁ ସଚିବାଳୟ ସହ ଓସୱାସ ଯୋଡିବା ସମ୍ଭବ ହେଲାନାହିଁ। ଇ-ଅଫିସ ବ୍ୟବସ୍ଥା ମଧ୍ୟ ଢିଲାରେ ଚାଲିଥିବା ଗୁରୁତର ଅଭିଯୋଗ ହେଉଛି। ସେତେବେଳେ କୁହାଯାଇଥିଲା, ଇ-ଅଫିସ ଦ୍ୱାରା ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି ପାଉଛି। ଓସୱାସ୍ କାର୍ଯ୍ୟକାରୀ ହେବା ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ କିଓସ୍କ ଲାଗିବ। ଏହାଦ୍ୱାରା ୫ ମିନିଟ୍ ମଧ୍ୟରେ ବିଭାଗଗୁଡ଼ିକରୁ ସୂଚନା ସର୍ବସାଧାରଣଙ୍କୁ ମିଳିପାରିବ। ଓସୱାସ୍ କାର୍ଯ୍ୟକାରୀ ହେଲାପରେ ଫାଇଲ ଧରି କୌଣସି ଅଧିକାରୀ ଆଉ ସଚିବାଳୟ ଯିବାକୁ ପଡିବ ନାହିଁ। ଇ-ଅଫିସ ଜରିଆରେ ଫାଇଲ ସଚିବ, ଏପରି କି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମଧ୍ୟ ଯିବ। ଅନୁରୂପ ଭାବେ ଫାଇଲ ଫେରିବ। ଏହା ମଧ୍ୟ ସୂଚନା ଅଧିକାର ଆଇନକୁ ଅଧିକ ନିରାପଦ ଓ ସୁଦୃଢ଼ କରିପାରିବ। ରାଜ୍ୟ ସରକାର ଦୁର୍ନୀତିକୁ ଜିରୋ ଟଲରାନ୍ସ ଭାବେ ଗ୍ରହଣ କରୁଥିବାରୁ ଇ-ଅଫିସ ବେଶ୍ ସହାୟକ ହୋଇପାରିବ।

ସୂଚନା ଅଧିକାର ଆଇନ ଲାଗୁ ଦ୍ୱାରା କୋର୍ଟରେ ଜନସ୍ୱାର୍ଥ ମାମଲା ହ୍ରାସ ପାଇଛି। ଜିଲାରେ ସମସ୍ତ ଯୁଗ୍ମ ଜନ ଅଭିଯୋଗଗୁଡ଼ିକ ଡିଜିଟାଇଜେଶନ୍ କରାଯାଇଛି। ଏବେ ପ୍ରତ୍ୟେକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଜରୁରୀ। ପୂର୍ବରୁ ଯେଉଁଭଳି ନାଲିଫିତା ତଳେ ତଥ୍ୟ ଲୁଚି ଯାଉଥିଲା ତାହା ଆଉ ହେବନି ବୋଲି କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସବୁ ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଛି। ଏବେ ତହସିଲ, ବ୍ଲକ, ପୌର ପରିଷଦ ଆଦିରେ ଇ-ଅଫିସ କେବଳ ଉପରଠାଉରିଆ ଭାବେ ଚାଲିଥିବା ଅଭିଯୋଗ ହେଉଛି। ଏପରି କି ଏକ କାର୍ଯ୍ୟାଳୟର କର୍ମଚାରୀଙ୍କ ନିକଟରୁ ଅଧିକାରୀଙ୍କ ପାଖକୁ ଇ-ଅଫିସରେ ଫାଇଲ ଗଲେ କେତେ ଦିନ ପରେ ଅଧିକାରୀଙ୍କ ପ୍ରତିକ୍ରିୟା ଆସିବ ତାହା କହିହେଉନାହିଁ। ଏସବୁ କାର୍ଯ୍ୟାଳୟରେ କେହି କିଛି ଆପତ୍ତି ଅଭିଯୋଗ କଲେ ତା'ର ଶୁଣାଣି ହେଉନାହିଁ କିମ୍ବା ସନ୍ତୋଷଜନକ ଉତ୍ତର ମିଳୁନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ଯେଉଁ ମହତ ଲକ୍ଷ୍ୟ ନେଇ ଇ-ଅଫିସ ଆରମ୍ଭ ହୋଇଥିଲା ସେଥିରେ ବ୍ୟତିକ୍ରମ ଆଣିବାକୁ ଅନେକ ଅଧିକାରୀ ଚେଷ୍ଟା କରୁଥିବା ଆଲୋଚନା ହେଉଛି। ଜିଲାପାଳ ଅନୁପମ ଶାହା ଏହା ଉପରେ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## କାର୍ଯ୍ୟରୁ ଅବସର ଏକ ଚିରନ୍ତନ ପ୍ରକ୍ରିୟା




ରଘୁନାଥପୁର, ୪।୭ (ରାଜେନ୍ଦ୍ର ନାରାୟଣ ସିଂହ)

### ଅଧ୍ୟାପକ, କର୍ମଚାରୀଙ୍କ ବିଦାୟକାଳୀନ ସଭା

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଅଧ୍ୟାପକ ବଳରାମ ପାଲ ଓ ଶିକ୍ଷା କର୍ମଚାରୀ ନକୁଳ ଚରଣ ନାୟକଙ୍କ ବିଦାୟକାଳୀନ ସଭା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ କଲେଜର ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଉଭୟ ଅଧ୍ୟାପକ ପାଲ ଓ କର୍ମଚାରୀ ନାୟକଙ୍କ କର୍ମତତ୍ପରତା ଓ କାର୍ଯ୍ୟ କରିବାର ଇଚ୍ଛାଶକ୍ତିକୁ ପ୍ରଶଂସା କରି ବାକି ଜୀବନ ସାମାଜିକ କ୍ଷେତ୍ରରେ ବିନିଯୋଗ କରିବା ପାଇଁ ଉତ୍ସାହିତ କରିଥିଲେ। ଏହାଛଡା ସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ବ୍ୟକ୍ତି କାର୍ଯ୍ୟରୁ ଅବସର ନେବା ଏକ ଚିରନ୍ତନ ପ୍ରକ୍ରିୟା ବୋଲି ଅଧ୍ୟକ୍ଷ ପଣ୍ଡା ପ୍ରକାଶ କରିଥିଲେ। ସେହିପରି କଲେଜର ସମସ୍ତ ଅଧ୍ୟାପିକା,ଅଧ୍ୟାପକ ଓ ଶିକ୍ଷା କର୍ମଚାରୀମାନେ ଅଧ୍ୟାପକ ପାଲ ଓ କର୍ମଚାରୀ ନାୟକଙ୍କ ନିଃସ୍ୱାର୍ଥପର ସେବା ଓ ସମାୟାନୁବର୍ତ୍ତିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ପ୍ରତାପ କୁମାର ଲେଙ୍କା ସଭା ପରିଚାଳନା କରିଥିଲେ। ଅଧ୍ୟାପକ ଗଦାଧର ପାଣି, ପ୍ରଶାନ୍ତ ରଞ୍ଜନ ନାୟକ, ବାଦଲ ପ୍ରସାଦ ସିଂହ, ହିମାଂଶୁ ଜେନା, ରଞ୍ଜନ ମହାନ୍ତି, ସରୋଜକାନ୍ତ ମିଶ୍ର, ଅଧ୍ୟାପିକା ଯାଜ୍ଞସେନି ରାଉତ, ସୁଜାତା ଦାସ, ସୌମ୍ୟା ମହାନ୍ତି,ସ୍ୱାଗତିକା ଦାସ,ସ୍ୱର୍ଣ୍ଣପ୍ରଭା ମଲ୍ଲିକଙ୍କ ସହ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଶିକ୍ଷା କର୍ମଚାରୀମାନେ ଉପସ୍ଥିତ ଥିଲେ। ସ୍ମିତାରାଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଆଇଆଇସିଙ୍କ ପାତର ଅନ୍ତର ବିରୋଧରେ ଏସ୍‌ପିଙ୍କୁ ଫେରାଦ

କୁଜଙ୍ଗ,୪।୭ (ମନୋଜ ପ୍ରଧାନ)

ଅଭୟଚାନ୍ଦପୁର ଥାନା ଅଧିକାରୀଙ୍କ ପାତର ଅନ୍ତର କରିଥିବା ନେଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ୨ ତାରିଖରେ ଏହି ଥାନା ଅନ୍ତର୍ଗତ ଗଡ଼କୁଜଙ୍ଗ ବଡ଼ଦାଣ୍ଡ ଢ଼ଳେଇ କାମ ଯନ୍ତ୍ରୀଙ୍କ ଅନୁପସ୍ଥିତରେ ହେଉଥିଲା। ସେହି ଗାଁର ସଂଗ୍ରାମ ବେହେରା ଓ ପ୍ରଦୀପ ମହାନ୍ତି ପହଞ୍ଚି କାମର ଭିଡିଓ ସୁଟିଂ କରୁଥିଲେ। ଗଡ଼କୁଜଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ସମ୍ପଦ ବାରିକ ପ୍ରମୁଖ ଭିଡିଓ ସୁଟିଂକୁ ବିରୋଧ କରିଥିଲେ। ସେଠାରେ ଉପସ୍ଥିତ ଥିବା ସମିତି ସଭ୍ୟ ତପନ ସାମଲ ସଂଗ୍ରାମଙ୍କୁ ଧକ୍କା ମାରି ମୋବାଇଲ ଛଡ଼ାଇ ନେଇଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସେହି ସମୟରେ ତପନଙ୍କ ଦୁଇ ଭାଇ ପଞ୍ଚାନନ ଓ ତୋଫାନ ପହଞ୍ଚି ଅନ୍ୟମାନଙ୍କ ସହ ମିଶି ଗଣ୍ଡଗୋଳ କରିଥିଲେ। ଘଟଣାସ୍ଥଳରେ ପ୍ରଦୀପଙ୍କ ମା' ପହଞ୍ଚି ଥିଲେ। ଠେଲା ପଲାରେ ତାଙ୍କ ମୁଣ୍ଡ ଫାଟି ଥିଲା। ଏ ନେଇ ଉଭୟପକ୍ଷଙ୍କ ଅଭିଯୋଗ ଆଧାରରେ ୨ଟା ମାମଲା କରିବା ସହ ପଞ୍ଚାନନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ସଂଗ୍ରାମ, ପ୍ରଦୀପ ଓ ତାଙ୍କ ମା' ଅମ୍ବିକା ମହାନ୍ତି ଏଥିରେ ଅସନ୍ତୁଷ୍ଟ ହୋଇ ଗୁରୁବାର ଜଗତ୍‌ସିଂହପୁର ଏସ୍‌ପି ରାହୁଲ ପିଆରଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ରାଜକିଶୋର ବେହେରା କହିଛନ୍ତି ଆଇନ ଅନୁସାରେ, ୩ ବର୍ଷରୁ କମ ଦଣ୍ଡ ଥିବା କେସରେ ଥାନାରୁ ଜାମିନ ବା ନୋଟିସ କରି ଛାଡ଼ିବା କଥା। କିନ୍ତୁ ସେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଯଥା ଦୁଇ ରାଜନୈତିକ ଗୋଷ୍ଠୀ ମଧ୍ୟରେ ବିବାଦକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଠିକ ନୁହେଁ। ଆଜି ତାଙ୍କର ରକ୍ତ ଭିଜା ଲୁଗା ପ୍ରଭୃତି ଧରିକି ଆସିବା ପାଇଁ କହିଥିବା ବେଳେ ସେ ଯାଇଁ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମୋ ପାଇଁ ସମସ୍ତେ ସମାନ ବୋଲି ଥାନା ଅଧିକାରୀ ରାଜକିଶୋର ବେହେରା କହିଛନ୍ତି।

## ଦେବୀ ନଦୀବନ୍ଧର ସ୍ଥିତି ଅନୁଧ୍ୟାନ କଲେ ବିଧାୟକ



ରଘୁନାଥପୁର,୪।୭(ରାଜେନ୍ଦ୍ର ନାରାୟଣ ସିଂହ)

ଆଗାମୀ ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ଜନଜୀବନ ସୁରକ୍ଷା ପାଇଁ ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇ ଜଳସମ୍ପଦ ବିଭାଗର ଯନ୍ତ୍ରୀଙ୍କୁ ସାଙ୍ଗରେ ନେଇ ବିରିଡି ବ୍ଲକ ଶଙ୍ଖାରିସାହିରୁ ନିଳମହଲ ପର୍ଯ୍ୟନ୍ତ ନଦୀବନ୍ଧର ସ୍ଥିତି ଅନୁଧ୍ୟାନ କରିଛନ୍ତି। ୨୨ ମୌଜା ଦୀପାଞ୍ଚଳରେ ଥିବା ୬ଟି ପଞ୍ଚାୟତର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଧାୟକ ଡ.ଭୋଇ ଯନ୍ତ୍ରୀମାନଙ୍କ ସହ ବୁଲି ବନ୍ଧ ଦେଖୁଥିବା ସମୟରେ ଏକ ସମ୍ପ୍ରସାରଣ କାର୍ଯ୍ୟର ଅନିୟମିତତା ହୋଇଥିବା ତାଙ୍କ ନଜରକୁ ଆସିଥିଲା। ଏନେଇ ସେ ଶଙ୍ଖାରିସାହି ସହକାରୀ ଯନ୍ତ୍ରୀ ସାଗରିକା ବେହେରାଙ୍କ ଉପରେ ବିରକ୍ତି ଭାବ ପ୍ରକାଶ କରିଥିଲେ। ୨୨ ମୌଜା ଅଞ୍ଚଳରେ ଜଳସେଚନର ସୁବନ୍ଦୋବସ୍ତ ପାଇଁ ମାଛଗାଁ କେନାଲ ଅଷ୍ଟଶମ୍ଭୁ ପାଖରୁ ହୋଇଥିବା ସାଇଫନ୍‌ରେ କିଭଳି ଠିକ୍ ଭାବେ ପାଣି ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକ ଡ.ଭୋଇ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସମସ୍ତ ବନ୍ଧ ଓ ଘେରିବନ୍ଧଗୁଡ଼ିକୁ ବୁଲି ଦେଖିଥିଲେ। ବିଧାୟକଙ୍କ ଏହି ପରିଦର୍ଶନ ସମୟରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜେଶ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ସାହୁ, ସହକାରୀ ଯନ୍ତ୍ରୀ ସାଗରିକା ବେହେରା ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ୨୨ ମୌଜା ୬ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟା ସଭ୍ୟ, ବିଜେଡି ବ୍ଲକ ସଭାପତି ରବୀନ୍ଦ୍ର କୁମାର ରାଉଳ, ସରପଞ୍ଚ ନିରଞ୍ଜନ ସେଠୀ, ଜିଲାପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ନେତ୍ରାନନ୍ଦ ପାତ୍ର, ଦେବୀପ୍ରସାଦ ତ୍ରିପାଠୀ, ଶିବପ୍ରସାଦ ଜେନା, କାଳନ୍ଦୀ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ମୌସୁମୀ ବର୍ଷା ବିଳମ୍ବ ସତ୍ତ୍ୱେ ଚାଷକାର୍ଯ୍ୟ ଆରମ୍ଭ

ପଟ୍ଟାମୁଣ୍ଡାଇ, ୪।୭ (କଳ୍ପତରୁ ନାୟକ)



ବଜାରରୁ ବିହନ କିଣି ଚାଷୀ ତଳି ପକାଇଛନ୍ତି।

### ଚାଷୀଙ୍କୁ ମିଳୁନି ସରକାରୀ ବିହନ, ସାର

ଚାଷ ଓ ଚାଷୀଙ୍କ ପାଇଁ ରାଜ୍ୟଠାରୁ ଆରମ୍ଭ କରି କେନ୍ଦ୍ର ସରକାର ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନକରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଚାଷୀଙ୍କ ପାଇଁ ଯୋଜନାରେ ବିହନ, ସାର ଯୋଗାଇଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଉଛନ୍ତି। ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀଙ୍କୁ ଚଳିତବର୍ଷ ରିହାତି ଦରରେ ସାର ଓ ବିହନ ମିଳୁନାହିଁ। ପଟ୍ଟାମୁଣ୍ଡାଇରେ ଥିବା ସମବାୟ ସମିତି ଏ ପର୍ଯ୍ୟନ୍ତ ବିହନ ସାର ଚାଷୀଙ୍କୁ ଯୋଗାଉନାହାନ୍ତି। ଫଳରେ ଚାଷ ପାଇଁ ତରବର ହେଉଥିବା ଚାଷୀ ଗାଁ ଗହଳିରେ ଥିବା ଦୋକାନରେ ବିକ୍ରି ହେଉଥିବା ସରକାରୀ ବିହନ ଅଧିକ ମୂଲ୍ୟରେ କିଣୁଛି ବୋଲି କୃଷକମାନେ ଅଭିଯୋଗ କରୁଛନ୍ତି। ଚାଷ ଆରମ୍ଭରୁ କଳାବଜାର ଚାଷୀଙ୍କୁ ଅଡୁଆ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

କୃଷକ ନେତା ବିଜୟ ଦାସ କହିଛନ୍ତି, ବିଶେଷକରି ପଟ୍ଟାମୁଣ୍ଡାଇରେ ଧାନଚାଷ ଉପରେ ସର୍ବାଧିକ ଚାଷୀ ନିର୍ଭର କରୁଥିବାବେଳେ ମୌସୁମୀ ବର୍ଷା ବିଳମ୍ବ ହେବାରୁ ଏଥର ଚାଷ କାର୍ଯ୍ୟ ଡେରିରେ ଆରମ୍ଭ ହୋଇଛି। ୨ରୁ ୪ ଦିନ ହେବ ପାଗ ଅନୁକୂଳ ହୋଇ ବର୍ଷା ହେଉଛି। ଚାଷୀ ତରବର ହୋଇ ତଳି ପକାଇବାକୁ ଚେଷ୍ଟା କରୁଥିବା ବେଳେ ବିହନ ପାଉନାହାନ୍ତି। ବିହନ କଳାବଜାରକାରୀଙ୍କ କବ୍‌ଜାରେ ରହିଛି। ପାରମ୍ପରିକ ବିହନରେ କେତେଜଣ ଚାଷୀ ଧାନ ବୁଣାବୁଣି କରିଛନ୍ତି। ଧାନଚାଷ ନିମନ୍ତେ ଏଥର ପଟ୍ଟାମୁଣ୍ଡାଇ ଅଞ୍ଚଳ ପାଇଁ ୨ ହଜାର କୁଇଣ୍ଟାଲରୁ ଅଧିକ ବିହନ ଆବଶ୍ୟକ ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ସମବାୟ ସମିତି ବିହନ ଯୋଗାଉ ନ ଥିବାବେଳେ ଡିଲର ୧୨୦ କୁଇଣ୍ଟାଲ ବିହନ ଉଠାଇଛନ୍ତି ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ସରକାର ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତି ମାଧ୍ୟମରେ ବିହନ ଯୋଗାଇବାକୁ ଯୋଜନା କରିଛନ୍ତି। ବିହନ ନିଗମ ପାଖରେ ଯଥେଷ୍ଟ ବିହନ ମହଜୁଦ ଅଛି। କିନ୍ତୁ ସମବାୟ ସମିତି ବିହନ ଉଠାଉ ନ ଥିବାରୁ କଳାବଜାରକାରୀଙ୍କ କବ୍‌ଜାରେ ବିହନ ବିକ୍ରି ହେଉଛି। କଳାବଜାରକାରୀମାନେ ଚାଷ ପାଇଁ ବିହନ ଦରକାର କହି ସରକାରୀ ଦାମରେ ଅଧିକରୁ ଅଧିକ ବିହନ କିଣି କ୍ଷୁଦ୍ରଚାଷୀଙ୍କୁ ଉଚ୍ଚା ଦରରେ ବିକ୍ରି କରୁଛନ୍ତି। ଚାଷୀ ସୁରେନ୍ଦ୍ର ପରିଡ଼ା କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚାଷ ପ୍ରାୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ। ଏଠାରେ ଜଳସେଚିତ ଜମି ଥାଇ ମଧ୍ୟ ନ ଥିବା ସାଙ୍ଗରେ ସମାନ। ଆବଶ୍ୟକ ବେଳେ କେନାଲ ପାଣି ଛଡ଼ା ଯାଏ ନାହିଁ। ସେଥିପାଇଁ ରବିରେ ଚାଷବାସ ପ୍ରାୟ ହୁଏନାହିଁ। ଖରିଫ ଚାଷକୁ ଚାଷୀ ଗୁରୁତ୍ୱ ଦେଉଥିଲା ବେଳେ ଏଥର ସେପରି ବର୍ଷା ଜୁନ୍ ଶେଷ ପର୍ଯ୍ୟନ୍ତ ହୋଇନାହିଁ। ଆଗକୁ ଭଲ ବର୍ଷା ହେବ ବୋଲି ପାଣିପାଗ ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଚାଷ ପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ମାତ୍ର କେନାଲ ପାଣି ନ ଆସିବା ବର୍ଷାର ଅନିୟମିତତା ଯୋଗୁ ଧାନ ବୁଣା ହୋଇପାରି ନ ଥିଲା। ୨ରୁ ୪ ଦିନ ଝିପିଝିପି ବର୍ଷା ହେବାରୁ ଧାନ ଫସଲ ପାଇଁ ବିହନ ବୁଣିବା ଆରମ୍ଭ ହୋଇଛି। ଅଜୟ ନାୟକ, ନରେଶ ଜେନା, ଅଭୟ ବଳ, ନରେନ୍ଦ୍ର ଧଳ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚଳିତ ଖରିଫରେ ପ୍ରାୟ ୧୦,୩୦୦ ହେକ୍ଟର ଜମିରେ ଧାନଚାଷ କରାଯିବ ବୋଲି ଆକଳନ କରାଯାଇଛି। ପ୍ରାୟ ଦେଢ଼ ହଜାର ହେକ୍ଟର ଜମିରେ ଡାଲି ଜାତୀୟ ଓ ୫ ଶହ ହେକ୍ଟର ଜମିରେ ତୈଳବୀଜ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଚାଷୀ ପ୍ରସ୍ତୁତ ହୋଇସାରିଥିଲେ ମଧ୍ୟ ଚାଷୀଙ୍କ ପାଖରେ ବିହନ ପହଞ୍ଚି ନାହିଁ। ମୌସୁମୀ ବର୍ଷା ଯଦି ଏଭଳି ଲାଗି ରୁହେ, ତେବେ ଧାନତଳି ପକାଇବା ପାଇଁ ଚାଷୀ ବାହାର ବିହନ ଉପରେ ନିର୍ଭର କରିବେ। ଚଳିତ ବର୍ଷ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୧୪ଟି ସମବାୟ ସମିତି ସରକାରୀ ଧାନ ବିହନ ଚାଷୀଙ୍କୁ ଯୋଗାଇଦେବାକୁ କେନ୍ଦ୍ରାପଡ଼ା ଏଆର୍‌ସିଏସ୍ ସନ୍ତୋଷ ଦାଶ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି। ମାତ୍ର ଚଳିତବର୍ଷ ସମବାୟ ସମିତିର ସମ୍ପାଦକମାନେ ଚାଷୀଙ୍କୁ କୃଷି ଋଣ ଓ ବିହନ ଯୋଗାଇବା ଉପରେ ଅଣଦେଖା କରିଛନ୍ତି। ବିଶେଷକରି କୃଷି ଋଣ ଫର୍ମ ଏବେ ସୁଦ୍ଧା ଚାଷୀଙ୍କଠାରୁ ସମବାୟ ସମିତି ସମ୍ପାଦକମାନେ ରଖି ନ ଥିବା ବେଳେ ଏବେ ବିହନ ଯୋଗାଣ କରିବା ଦିଗରେ ମଧ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି। ସିସିବି ପଟ୍ଟାମୁଣ୍ଡାଇ ଶାଖାରେ ଜଣେ ସମବାୟ ସମ୍ପାଦକ ତପନ ସ୍ୱାଇଁଙ୍କୁ ବିହନ, ସାର ଓ କୃଷି ଋଣ ବିଷୟରେ ପଚାରିବାରେ ନିର୍ବାଚନ ଡ୍ୟୁଟିରେ ବ୍ୟସ୍ତ ରହୁଥିବା ହେତୁ ଚାଷୀଙ୍କ କଥା ବୁଝିହେଲା ନାହିଁ ବୋଲି କହିଛନ୍ତି।

**OFFICE OF THE SUPERINTENDENT C.H.C. NAIKENPALI, SUBARNAPUR**

**TENDER CALL NOTICE FOR HIRING OF VEHICLE**

No. E-90: Sealed quotations are invited from Travel Agencies/ Transporters/Tour Operator/Individuals/Private Organization/NGOs situated for supply of vehicle on monthly hiring basis to be used in NAIKENPALI CHC. Last date for submitting the documents is 18.07.2024 by Regd. Post/Speed Post/Courier by 2 P.M. and the same will be opened on the same day 18.07.2024 at 4.00 P.M. For detail information and documents please visit BPMU CHC, NAIKENPALI. The authority has reserve the right to cancel the whole process without any notice.

Sd./- Superintendent C.H.C., Naikenpali, Subarnapur

OIPR-10196/11/0002/2425

**P.G. DEPARTMENT OF ENVIRONMENTAL SCIENCES SAMBALPUR UNIVERSITY, JYOTI VIHAR - 768019, SAMBALPUR, ODISHA**

Letter No. 4/ENS/SERB/24 Date. 02.07.2024

No.CAD-426: Applications are invited from qualified candidates for temporary position of "Project Associate - I" for the SERB-CRG Project funded by Department of Science and Technology, Govt. of India. The details of the advertisement can be obtained from the undersigned during office hour or may visit Sambalpur University Website (www.suniv.ac.in).

Sd./- Principal Investigator SERB-CRG Project

OIPR-11145/11/0003/2425

**OFFICE OF THE DIRECTOR GENERAL OF POLICE, ODISHA, CUTTACK**

DETAILS OF THE TERMS OF EMPLOYMENT, REMUNERATION, PLACE OF POSTING, APPLICATION FORM, ETC FOR ENGAGEMENT OF LEGAL ADVISORS ON CONTRACTUAL BASIS

No.D-82: Applications are invited from the Retired Districts Judges / Addl. Districts Judges / Public Prosecutors / Addl. Public prosecutors for engagement on a reemployment basis as Legal advisors, in the Office of the Director General of Police, Odisha, Cuttack on a contractual basis to render legal advice / opinion in various Court cases, service matters and other issues / matters etc. with the following stipulations with reference to Home Department letter No. 11284/D&A dt. 30.03.2024.

i. The age of the candidate should be below 65 years as on 01.08.2024.
ii. Should be able to read, write, and speak in Odia language.
iii. The engagements shall be made in a transparent manner for one year initially.
iv. The performance of the Legal Advisor is to be reviewed periodically and documented, at least once in a quarter.
v. Continuance of the system of legal Advisors after the 1st year would be considered after assessment of the impact of the new system in improving the quality of investigation.
vi. After an initial engagement of one year, the same should be renewed based on satisfactory performance.
vii. Their monthly remuneration is to be fixed on a case-to-case basis as per Finance Department Office Memorandum No. 7022/F dt.17.03.2018 and Office Memorandum No. 24533/F dt. 29.09.2022.

Candidates interested to serve at Cuttack only shall apply to the Director General of Police, Odisha, Cuttack in the given form by e-mail or registered post, which should reach the office on or before 10.08.2024 positively. The selection will be governed by the procedure and rules laid down vide Govt. of Odisha, G.A Department Resolution No. 23750/Gen. dt. 27.08.2014 and Home Department Letter No. 22228/D&A dt. 25.06.2016.

Details of the postal address of the Office of Director General of Police, email, Applicatrion Form and relevant Govt. orders cited above are available on the Odisha Police website : www.odishapolice.gov.in.

Sd./- Addl. D.G. of Police (Hdqrs.) Odisha, Cuttack

OIPR-12029/11/0011/2425

**OFFICE OF THE COLLECTOR & DISTRICT MAGISTRATE**

Advt. No - Date :

**TENDER / QUOTATION CALL NOTICE FOR AWARD OF CONTRACT FOR PROVIDING VARIOUS SUPPORT SERVICES ON OUTSOURCING BASIS IN KENDRAPARA DISTRICT**

No.F-15: Sealed Tender / Quotation in prescribed format under two bid systems are invited from intending registered firms / out-sourcing agencis for providing support services on outsourcing basis in offices under the administrative control of the Collectorate, Kendrapara. The tender / quotation document containing detail information, terms & conditions etc. may be downloaded from the District website www.kendrapara.nic.in. The tender/quotation should reach in the Office of the Collector & District Magistrate (Establishment Section). At/Po/PS/ Dist - Kendrapara, PIN-754211, Odisha through Speed post/Regd. post/ Courier by 1**5.07.2024 till 5 PM**. The undersigned reserves the right to reject any or all Tender / Quotation without assigning any reason thereof.

OIPR-24040/11/0001/2425 Sd./- Collector & DM, Kendrapara

NANDANKANAN

Web:www.nandankanan.org

**DEPUTY DIRECTOR NANDANKANAN ZOOLOGICAL PARK**

Po.Barang, Dist-Khurda, Pin-754005, Phone:(M) 9437022023

Email:deputydirector.kanan@gmail.com

No.MM-63: **e-PROCUREMENT NOTICE**

**Bid Identification No.DD-NKN 19/PMU/NKZP-2024-25, Dt.02.07.2024**

| | | | |
|---|---|---|---|
| 1 | Name of the Work | : | Tender for Construction of Hog Deer Enclosure under North East Panorama and its allied works at Nandankanan Zoological Park for the year 2024-2025 |
| 2 | No. of Works | : | 1 (One) No. |
| 3 | Date of availability of bid document in the portal | : | 02.07.2024 |
| 4 | Class of Contractor | : | 'B' Class Contractor |
| 5 | Last date for receipt of bids in the portal | : | 11.07.2024 |
| 6 | Date of Opening of Technical Bid (Cover-I) | : | 12.07.2024 |
| 7 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O-Barang, Dist-Khordha, Pin-754005 |

Further details can be seen from the e-Procurement portal https//tenderodisha.gov.in.

Sd./- Deputy Director Nandankanan Zoological Park

OIPR-08070/11/0002/2425

**DISTRICT PROJECT OFFICE, SMAGRA SHIKSHA, MAYURBHANJ**

Murgabadi, Baripada, Mayurbhanj, Odisha, Pin-757002

No. 1327 / Dt. 02.07.2024

**TENDER CALL NOTICE**

No.n-30: sealed tenders under two bid system are invited in prescribed format from the intending registered Offset Printers / Firms having valid PAN, GST, Registration certificate & experience in printing of text books with TBPM-BBSR/DPO, Samagra Shiksha for printing & supply of Tribal Language Text Books for Samagra Shiksha, Mayurbhanj for the session 2024-25, on payment of Rs. 5000/- (Rupees five thousand) only as tender application cost. The tender paper/bid document containing details specification with term and condition in two part bidding system (application of technical bid in Part-A & application of finance bid in Part-B) which can be download in website www.osepa.odisha.gov.in & mayurbhanj.odisha.gov.in. The last date of receipt of sealed application is on 18.07.2024 up to 5:00 PM through registered/Speed post only and the same will be opened on 19.07.2024 at 4:00 PM.

The Printers/Firms who have applied tender as per this office Tender call notice No.1556, dtd.10.06.2024 are requested not to apply the same again.

Sd./- Collector-cum-Chairman samagra Shiksha, Mayurbhanj

OIPR-27140/11/0002/2425

# ଜୁଲାଇ ଶେଷ ସୁଦ୍ଧା ଆସବାବପତ୍ର ଯୋଗାଇଦେବୁ

ଡେରାବିଶ,୪।୭ (ବେବର୍ତ୍ତା ଅଜୟ ଦାସ)

ବର୍ଷାଧିକ କାଳ ଡେରାବିଶ ଆଦର୍ଶ ବିଦ୍ୟାଳୟରେ ସମସ୍ୟା ଲାଗି ରହିଛି। ଏହି ବିଦ୍ୟାଳୟର ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିବା ବେଳେ ଆସବାବପତ୍ର ଯଥା ବେଞ୍ଚ, ଡେସ୍କ, ଟେବୁଲ, ଚେୟାର, ଆଲମିରା, ଖେଳ ସାମଗ୍ରୀ, ବିଜ୍ଞାନ ଶ୍ରେଣୀ ଲାଗି କୌଣସି ସାମଗ୍ରୀ ଯୋଗା ଯାଇନାହିଁ। ଜିଲା ଶିକ୍ଷା ବିଭାଗର ଖାମଖିଆଲ ନୀତିକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଉଗ୍ରରୂପ ଧାରଣା କରିଥିଲା। ଏ ସବୁ ସମସ୍ୟାର ସମାଧାନ ପାଇଁ ଅଭିଭାବକମାନେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ବିଭାଗୀୟ ଶାସନ ସଚିବ ଓ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଶିକ୍ଷାମନ୍ତ୍ରୀ ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷାଧିକାରୀ ପ୍ରଦୀପ ନାଗ ବୁଧବାର ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ।

ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସମସ୍ୟା ସମ୍ପର୍କରେ ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକଙ୍କ ସହ ଶିକ୍ଷାଧିକାରୀ ନାଗ ଦୀର୍ଘ ସମୟ ଆଲୋଚନା କରିଥିଲେ। ତଳେ ବସି ପାଠ ପଢୁଥିବା ଛାତ୍ରୀଛାତ୍ରମାନେ କେତେଦିନ କଷ୍ଟ ଭୋଗିବେ ବୋଲି ଉପସ୍ଥିତ ଅଭିଭାବକମାନେ ଶିକ୍ଷାଧିକାରୀଙ୍କୁ ପଚାରିଥିଲେ। ପିଲାଙ୍କ ବେଞ୍ଚ, ଡେସ୍କ ଓ ବିଦ୍ୟାଳୟର ସମସ୍ତ ଆସବାବପତ୍ର ପାଇଁ ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିଲେ ମଧ୍ୟ ଏଥିରେ କାହିଁକି ବିଳମ୍ବ ହେଉଛି ବୋଲି ଅଭିଭାବକ ଦୋଳଗୋବିନ୍ଦ ଦାଶ ଶିକ୍ଷାଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଏଥିସହ ଅଭିଭାବକ ଧରଣୀଧର ପ୍ରଧାନ ବିଦ୍ୟାଳୟର ପାନୀୟ ଜଳ ସମସ୍ୟା, ମଧ୍ୟାହ୍ନଭୋଜନ ପାଇଁ ସ୍ଥାୟୀ ରୋଷେଇ ଘର ଓ ଡାଇନିଂ ହଲ୍ କେବେ ନିର୍ମାଣ କରାଯିବ ବୋଲି ଅନୁରୂପ ଶିକ୍ଷାଧିକାରୀଙ୍କୁ ପଚାରିଥିଲେ। ଶିକ୍ଷାଧିକାରୀ ନାଗ ଆସବାବପତ୍ର ପାଇଁ ମଙ୍ଗଳବାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏହାର ଶେଷ ପରେ ଜୁଲାଇ ଶେଷ ସୁଦ୍ଧା ସମସ୍ତ ଆସବାବପତ୍ର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ନିର୍ମାଣାଧୀନ ବିଦ୍ୟାଳୟ ଗୃହର ସମସ୍ତ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ଅଭିଭାବକଙ୍କୁ ନାଗ କହିଥିଲେ। ଏଥିସହିତ ଶିକ୍ଷାଧିକାରୀ ନାଗ ଷଷ୍ଠ ଶ୍ରେଣୀକୁ ଯାଇ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ମତ ବିନିମୟ କରିଥିଲେ। ଶିକ୍ଷାଧିକାରୀଙ୍କ ସହ ଡେରାବିଶ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସଚ୍ଚିକାନ୍ତ ମିଶ୍ର ଉପସ୍ଥିତ ଥିଲେ। ଜିଲା ଶିକ୍ଷାଧିକାରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମ ସମୟରେ ଅଭିଭାବକ ନିର୍ମଳ କୁମାର ସେଠୀ, ଉପେନ୍ଦ୍ର କୁମାର ମିଶ୍ର, ଜଗବନ୍ଧୁ ମଲ୍ଲିକ, ବେଣୁଧର ଜେନା ଓ ପ୍ରଫୁଲ୍ଲ ମଲ୍ଲ ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ, ବ୍ଲକ ଅଧୀନ କୁରୁଜଙ୍ଗାଠାରେ ୨୦୨୨ ମସିହାରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା।


ଜିଲା ଶିକ୍ଷା ଅଧିକାରୀ ବିଦ୍ୟାଳୟର ପିଲାଙ୍କ ସହ ମତ ବିନିମୟ କରୁଛନ୍ତି।

## ଜିଲା ଶିକ୍ଷାଧିକାରୀଙ୍କ ଡେରାବିଶ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

# ବାବା ବେଲେଙ୍କେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା

ଡେରାବିଶ,୪।୭ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ କାକଟିଆଠାରେ ବୁଧବାର ଶ୍ରୀଶ୍ରୀ ବାବା ବେଲେଙ୍କେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାପନ ହୋଇଛି। ବେଲେଙ୍କେଶ୍ୱର ମହାଦେବ କୃପା ପରିଷଦ ଦ୍ୱାରା ଆୟୋଜିତ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ବୁଧବାର ମନ୍ଦିର ପରିସର ମଧ୍ୟରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସୂର୍ଯ୍ୟପୂଜା କରାଯିବା ପରେ ଗୋପୂଜା, ଅଗ୍ନି ସ୍ଥାପନ, ଯଜ୍ଞକର୍ମ ଓ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଏହି ଯଜ୍ଞ ପାଇଁ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପଣ୍ଡିତ ଲିଙ୍ଗରାଜ ମିଶ୍ର ପୁରୋଧା ଭାବେ କାର୍ଯ୍ୟନିର୍ବାହ କରିଥିବା ବେଳେ କର୍ତ୍ତା ଶୁଭାଶିଷ ବେହେରା ଓ କର୍ତ୍ତ୍ରୀ ଭାବେ ମୀନାକ୍ଷୀ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମକୁ କାକଟିଆ ବଜାରର ସମସ୍ତ ବ୍ୟବସାୟୀ ଓ ଗ୍ରାମବାସୀ ପରିଚାଳନା କରିଥିଲେ।



# ହଟିଲା ଜଳ ନିଷ୍କାସନ ସମସ୍ୟା, ବଢ଼ିଲା ଦୁର୍ଦ୍ଦଶା

ରାଜକନିକା, ୪।୭ (ସଞ୍ଜୟ କୁମାର ଦାଶ)

ବହୁ ଦିନର ଦାବି ପରେ ଜୁନ୍ ୨୯ରେ ଜଳ ନିଷ୍କାସନ ସମସ୍ୟା ଦୂର ହୋଇଛି। ହେଲେ ଅନ୍ୟାନ୍ୟ ସମସ୍ୟା ବଢ଼ିଯାଇଛି। ରାଜକନିକା ବ୍ଲକ ବଳରାମପୁର ପଞ୍ଚାୟତର ଇଚ୍ଛାପୁର, ସାତଘରିଆ ଓ ଗୋବିନ୍ଦପୁର ଆଦି ୩ ଗାଁର ଲୋକମାନେ ଦୀର୍ଘବର୍ଷ ହେବ ବର୍ଷାଦିନରେ ଜଳବନ୍ଦୀ ଜୀବନ ବିତାଉ ଥିଲେ। ଏ ନେଇ ଗ୍ରାମବାସୀଙ୍କ ଆନ୍ଦୋଳନ ଏବଂ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାକୁ ବ୍ଲକ ପ୍ରଶାସନ ଗମ୍ଭିରତାର ସହ ନେଇ ୨୬ ତାରିଖରେ ବିଡିଓ ପୃଥ୍ୱୀରାଜ ପରିଡ଼ା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ପାତ୍ର ଓ ଯନ୍ତ୍ରୀ ଦୀପକ କୁମାର ବେହେରା ଘଟଣାସ୍ଥଳ ପରିଦର୍ଶନ ୨୭ ତାରିଖରେ ବର୍ଷାଜଳ ନିଷ୍କାସନ ସମସ୍ୟାର କାର୍ଯ୍ୟ ଆରମ୍ଭ ହୋଇ ୨୯ ତାରିଖରେ ସମସ୍ୟାର ସମାଧାନ ହୋଇଥିଲା। ହେଲେ ୭ଦିନ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ ସୂଚନା ଫଳକ ଲାଗି ପାରିଲା ନାହିଁ। ଯନ୍ତ୍ରୀ ଆଜିକାଲି କହି ଗଡ଼ାଇ ଚାଲିଛନ୍ତି। ଏପଟେ ଜଳ ନିଷ୍କାସନ ହେବା ପାଇଁ ଜଳସେଚନ ରାସ୍ତାକୁ ବିନା ଅନୁମତିରେ ଖୋଳି କାମଚଳା ଭଳି ପୋତା ଯାଇଛି। ଯାହାଫଳରେ ସେଇ ଜାଗାଟି ଏବେ ମରଣଯନ୍ତା ପାଲଟିଛି। ବର୍ଷାଦିନ ହୋଇଥିବାରୁ ସେଠାରେ କାଦୁଅ ହୋଇଯାଇଛି। ଓଳାଭର ମାର୍କେଟର ଦ୍ୱାରଦେଶରେ ହୋଇଥିବାରୁ କେତେବେଳେ ଯେ, କିଛି ଦୁର୍ଘଟଣା ନ ଘଟିବ କିଛି କହିହେବନି। ଅନ୍ୟପକ୍ଷେ ରାସ୍ତା ଖୋଳିବା ସମୟରେ ପାନୀୟ ଜଳ ପାଇପ୍ ଫାଟି ଯିବା ଦ୍ୱାରା ୭ ଦିନ ହେବ ପିଇବା ପାଣି ପାଇଁ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି। ଏ ସମ୍ପର୍କରେ ବିଡିଓ ପରିଡାଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।


ଫାଟିଯାଇଥିବା ପାଣି ପାଇପ୍‌କୁ ମରାମତି କରାଯାଉଛି।

- ୭ଦିନ ବିତିଥିଲେ ବି ସୂଚନା ଫଳକ ଲାଗିଲାନି
- ବିନା ଅନୁମତିରେ ରାସ୍ତା ଖୋଳିଲେ
- ୭ ଦିନ ହେବ ପାନୀୟ ଜଳ ପାଇପ ଫାଟି ଜଳଯୋଗାଣ ବନ୍ଦ

# ସମାନ କାମକୁ ସମାନ ମଜୁରି ଦାବି

ପାରାଦୀପ,୪।୭ (ଶରତ ରାଉତ)

ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ ପକ୍ଷରୁ ଗୁରୁବାର ବନ୍ଦର ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସଂଘର ସଭାପତି ଅରିନ୍ଦମ ସର୍ଖେଲ (ବାପି) ଦେଇଥିବା ପତ୍ରରେ ୪ଟି ଦାବି ଉପରେ ଗୁରୁତ୍ୱ ଦେବାପାଇଁ ଅନୁରୋଧ କରିଛନ୍ତି। ସେଗୁଡ଼ିକ ହେଲା ବନ୍ଦରରେ କାର୍ଯ୍ୟରତ ଠିକାଶ୍ରମିକ (ଡିଏଲଆର)ମାନଙ୍କୁ ସମାନ କାମ ପାଇଁ ସମାନ ମଜୁରି, ଅବସରକାଳୀନ ୧୫ ଲକ୍ଷ ଟଙ୍କା ସହାୟତା, ୬୦ ବର୍ଷ ପରେ ଅଧିକ ୩ ବର୍ଷ କାମ କରିବା ପାଇଁ ମଞ୍ଜୁରୀ ଓ ସ୍ଥାୟୀ କର୍ମଚାରୀ ଭଳି ଚିକିତ୍ସା ସୁବିଧା ଦେବା ପାଇଁ ଦର୍ଶାଯାଇଛି। ଏହାର ଏକକିତା ଚିଠି କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ, ଶ୍ରମ ବିଭାଗ, ରାଜ୍ୟ ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ ଓ ଜଗତ୍‌ସିଂହପୁର ଏମ୍‌ପିଙ୍କୁ ଦିଆଯାଇଛି।

# ଜୟନଗରଠାରେ ସାପ୍ତାହିକ ହାଟ ଉଦ୍‌ଘାଟିତ

ରାଜକନିକା,୪।୭(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ପୂର୍ବ କନିକା ଅଞ୍ଚଳ ଜୟନଗରସ୍ଥିତ ନିଶାକର ବାବା ମଠ ପରିସରରେ ଆଳି-କନିକା ଉନ୍ନୟନ ପରିଷଦ ଓ ଜୟନଗର ଜନସାଧାରଣଙ୍କ ଉଦ୍ୟମରେ ବୁଧବାର ସାପ୍ତାହିକ ହାଟ ଉଦ୍‌ଘାଟନ ହୋଇଯାଇଛି। ପ୍ରଧାପକ ବୈକୁଣ୍ଠନାଥ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ମୁଖ୍ୟବକ୍ତା ଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ରାଉତ ଏବଂ ଅତିଥି ଭାବେ ଆଳି-କନିକା ଉନ୍ନୟନ ପରିଷଦର ଉପସଭାପତି ନନ୍ଦକିଶୋର ଦାସ, ଯୁଗ୍ମ ସମ୍ପାଦକ ଭାବଗ୍ରାହୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ଜୟନଗର ଅଞ୍ଚଳର ଚାଷୀଭାଇମାନେ ଉତ୍ପାଦିତ ପନିପରିବା ଆଦି କଣ୍ଟପଡା ବା ଚାନ୍ଦବାଲିକୁ ନେଇ ବେପାର କରୁଥିଲେ। ଏହି ହାଟ ହେବାଦ୍ୱାରା ଘର ପାଖରେ ବେପାର କରିବାର ସୁଯୋଗ ପାଇବା ସହ ଗ୍ରାହକମାନେ ମଧ୍ୟ ଆଉ ଦୂରଦୂରାନ୍ତକୁ ଯିବାକୁ ପଡ଼ିନାହିଁ। ଅନ୍ୟମାନଙ୍କ ମଧ୍ୟରେ ନରୋତ୍ତମ ସାମଲ, ଗୟାଧର ଜେନା, ନିମାଇଁ ପ୍ରକାଶ ଦାସ, ନରୋତ୍ତମ ଦାସ, ରାଧାଶ୍ୟାମ ବେହେରା, ସୁଶାନ୍ତ ମଲିକ, ହେମନ୍ତ କୁମାର ନାୟକ, ହେମନ୍ତ କୁମାର ପ୍ରଧାନ, ନିମାଇଁ ଦାସ, କାବେରୀ ରାଉତ, ବେଣୁଧର ସାହୁ, ଜୟନ୍ତ କୁମାର ମଲ୍ଲିକ, ବସନ୍ତ କୁମାର ଦାସ, ପ୍ରକାଶ କୁମାର ରାଉତ ପ୍ରମୁଖ ଯୋଗଦେଇ ସାପ୍ତାହିକ ହାଟକୁ ଉଦ୍‌ଘାଟନ କରିଥିଲେ।


ହାଟ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ଅବସରପ୍ରାପ୍ତ ଉର୍ଦ୍ଦୁ ଶିକ୍ଷକଙ୍କ ପରଲୋକ



ଡେରାବିଶ,୪।୭ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଗୋଲରାହାଟ ଗ୍ରାମର ଅବସରପ୍ରାପ୍ତ ଉର୍ଦ୍ଦୁ ଶିକ୍ଷକ ହାଜି ଅବଦୁଲ ସଲାମ ଖାଁ (୭୧)ଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ହେତୁ ଗତ କିଛି ଦିନ ହେବ ସେ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଏହି ଖବର ଜଣାପଡିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସଲାମଙ୍କ ମୃତଦେହ ତାଙ୍କ ଘରେ ପହଞ୍ଚିବା ପରେ ସରପଞ୍ଚ କାଶିନାଥ କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶିକ୍ଷାବିତ୍ ତାଙ୍କର ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ଖାଁ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ବ୍ଲକ ଅଧିନ ସବଳଙ୍ଗ କଣିପଡା ବିଦ୍ୟାଳୟରେ ଅବସରଗ୍ରହଣ ପର୍ଯ୍ୟନ୍ତ ଦକ୍ଷତାର ସହ ଶିକ୍ଷକତା କରି ଉକ୍ତ ଅଂଚଳରେ ସମସ୍ତଙ୍କ ପ୍ରୀୟଭାଜନ ହୋଇପାରିଥିଲେ।


FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, Sector-7, CDA, Cuttack, Odisha
O.A. No. 113 of 2024
BANK OF INDIA, BHUBANESWAR BRANCH .....Applicant
VERSUS
MANABINA MOHANTY .....Defendant
To,
MANABINA MOHANTY, D/o- Suryamani Mohanty, resident of Plot No. 72, Indraprastha, Phase-2, Pokhariput, PS: Airfield, Bhubaneswar, Dist.: Khurda, PIN-751020.
SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an O.A. No. 113 of 2024 in the Court of the Debts Recovery Tribunal, Cuttack for recovery of Rs.20,60,530/- only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent in support of their defense to show cause within 30 days from the date of publication or on 08.08.2024 at 10.30 am as to why reliefs prayed for should not be granted.
Take notice that in case of default, the application will be heard and determined in your absence.
Given under my hand and seal of this Tribunal on this 13th day of June, 2024.
Sd/- (NIKHILA RANJAN PATI)
REGISTRAR

See Career Appointment on every Wednesday & Saturday

ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍
(ଭାରତ ସରକାରଙ୍କ ଅଧିକୃତ ସଂସ୍ଥା)
କ୍ଷେତ୍ରୀୟ କାର୍ଯ୍ୟାଳୟ, ୧ମ ମହଲା, ଆଲୋକ ଭାରତୀ ଟାୱାର୍ସ, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭
ନୋଟିସ୍
ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଧିକାରପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶାନୁଯାୟୀ ଏବଂ କିଛି ଅନିବାର୍ଯ୍ୟ କାରଣବଶତଃ ବର୍ତ୍ତମାନ ଆମ୍ଭର ଉଦଳା ମାଇକ୍ରୋ ଅଫିସ (୫୫୦୮୦୫) ଯାହା ଥାନା ଛକ, ଉଦଳା ଠାରେ କାର୍ଯ୍ୟରତ, ତା.୩୦.୦୯.୨୦୨୪ରିଖରୁ ବନ୍ଦ ହେବାକୁ ଯାଉଅଛି। ଏଣୁ ବୀମା ସୁବିଧା ପାଉଥିବା ସମସ୍ତ ହିତାଧିକାରୀ ଏବଂ ବକେୟା ଦାବୀ ସମ୍ପର୍କୀତ ସମସ୍ତ ପ୍ରକାରର ସେବା ଯଦି କିଛି ଥାଏ, ଆମ୍ଭର ବର୍ତ୍ତମାନସ୍ଥ ବ୍ୟବସାୟିକ କାର୍ଯ୍ୟାଳୟ ବାରିପଦା ବ୍ୟବସାୟିକ କାର୍ଯ୍ୟାଳୟ (୫୫୦୮୦୨), ଜଗନ୍ନାଥ ମନ୍ଦିର ନିକଟ, ବଡ଼ ବଜାର, ବାରିପଦା ଠାରେ ଉପଲବ୍ଧ କରାଯିବ। ଏହା ଆମ୍ଭର ଉପରୋକ୍ତ ମାଇକ୍ରୋ ଅଫିସ୍ (୫୫୦୮୦୫) ବନ୍ଦ ନିମନ୍ତେ ୬୦ ଦିନର ପ୍ରାକ୍ ନୋଟିସ୍ ବୋଲି ବିବେଚନା କରାଯାଇପାରିବ।
ଉପ-ମହାପ୍ରବନ୍ଧକ,
ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ

संचालनालय खेल एवं युवा कल्याण, छत्तीसगढ़
सरदार वल्लभ भाई पटेल अंतर्राष्ट्रीय हॉकी स्टेडियम, रायपुर
फोन- 0771-2262177, Web.: sportsyw.cg.gov.in, Email: dir-sportsyw.cg@gov.in
क्रमांक/भण्डार-111/2024-25/571 रायपुर, दिनांकः 03.07.2024
तीरंदाजी खेल सामग्री क्रय हेतु निविदा आंमत्रित करने बाबत।
संचालनालय, खेल एवं युवा कल्याण छत्तीसगढ़, रायपुर द्वारा तीरंदाजी खेल सामग्री क्रय हेतु दिनांक 05.07.2024 से दोपहर 12.30 बजे से ऑनलाईन निविदा आंमत्रित की जानी है। निविदा दिनांक 05.08.2024 को उपरान्ह 02.30 बजे खोली जोयगी। प्रपत्र एवं नियम शर्ते छत्तीसगढ़ शासन के ई-प्रोक्यूरमेंट वेबसाइट http://eproc.cgstate.gov.in से डाउनलोड किये जा सकते है।
स्वा./- संचालक
G-242500831/5 खेल एवं युवा कल्याण छ.ग., रायपुर, छत्तीसगढ़

ODISHA POWER GENERATION CORPORATION LIMITED
(A Government Company of the State of Odisha)
CIN : U40104OR1984SGC001429
OPGC Power for Progress
Regd. Office : Zone A, 7th Floor, Fortune Towers, Chandrasekharpur, Bhubaneswar, Odisha - 751023, INDIA
Ph.: +91 674-2303765/66, Fax : +91 674 2303755/56, www.opgc.co.in
NOTICE INVITING TENDER (NIT) FOR SELECTION OF AGENCY FOR PROVIDING HOUSEKEEPING AND FACILITY MANAGEMENT SERVICES AT OPGC CORPORATE OFFICE, BHUBANESWAR
DATE : 5th July 2024
OPGC invites proposals for providing Housekeeping and Facility Management service to OPGC Corporate Office from experienced and credible Agency.
The RFP detailing conditions of participation is available for download at website www.opgc.co.in. Interested Parties may download the RFP available at OPGC website till 16th July 2024. Interested parties may submit the proposals by 19th July 2024.
OPGC reserves the right to reject any of the application or cancel the entire process without assigning any reason thereof. For further information please contact GM- Contracts at contracts.corp@opgc.co.in.
Sd./- GM (Contracts)

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: OPTCL TECH TOWER, Janpath, Saheed Nagar, Bhubaneswar-751007
CIN:U40102OR2004SGC007553
Lifeline of Odisha
No. CAD-446
TENDER ALERT
1)Tender Call Notice No. 01/2024-25: Supply of new cross arm for different type tower (PA, PC) at various locations of 132kV Chatrapur- IRE DC line under EHT (O&M) Division, Chatrapur under EHT (O&M) Circle, Berhampur.
2)Tender Call Notice No. 02/2024-25: Hiring of diesel run commercial registered 7-seater AC Bolero or equivalent for DGM (Elect.) EHT (O&M) Division, Puri under EHT (O&M) Division, Puri.
3)Tender Call Notice No. 04/2024-25: Trimming of trees, platforms cleaning and jungle cutting at different locations of 132kV Mohana-Akhusingh SC Line Under EHT (O&M) Division, Berhampur.
4)Tender Call Notice No. 01/2024-25: Engagement of Commercial AC vehicle (Bolero or equivalent) on monthly basis for EHT(C) Sub-Division, Malkangiri Under EHT (Const.) Circle, Rayagada.
5)Tender Call Notice No. 02/2024-25: Engagement of Commercial AC vehicle (Bolero or equivalent) on monthly basis for EHT(C) Sub-Division, Jeypore Under EHT (Const.) Circle, Rayagada.
6)Tender Call Notice No. 03/2024-25: Engagement of Commercial AC vehicle (Bolero or equivalent) on monthly basis for EHT(C) Sub-Division, Rayagada Under EHT (Const.) Circle, Rayagada.
7)Tender Call Notice No. 01/KHU/2024-25: Hiring of 7 Seater Diesel run commercial registered AC Bolero on monthly hire basis for DGM(Elect.) Under EHT (O&M) Division, Khurda.
7)Tender Call Notice No. 01/2024-25: Repairing and renovation of Control room flooring after removal of 220kV, 132kV, 33kV Control Panels of 220/132/33kV Grid S/S Bidanasi Under EHT (O&M) Division, Cuttack.
For more details please visit OPTCL's website: www.optcl.co.in.
OIPR-04011/11/0016/2425 FIPR-08/2024-25
/optcl.odisha /optcl_odisha

UTKAL UNIVERSITY OF CULTURE
Sanskruti Vihar, Madanpur, Bhubaneswar - 752 054
Website : uuc.ac.in
No. 269/UUC Dt.01.07.2024
ADMISSION NOTIFICATION - 2024-25
No.CAD-430: Utkal University of Culture invites application on ONLINE MODE ONLY for admission in to the following innovative, inter-disciplinary and career oriented courses :

| Courses | Duration | No. of seats |
|---|---|---|
| **School of Culture Studies (M.A. Programme)** | | |
| Culture Studies | 2 years | 32 |
| **School of Architecture and Archaeology (M.A. Programme)** | | |
| Cultural Heritage and Conservation | 2 Years | 16 |
| Museology | 2 Years | 16 |
| **School of Language and Literature (M.A. Programme)** | | |
| Linguistics | 2 Years | 32 |
| Odia Language and Literature | 2 Years | 32 |
| **School of Visual Art (MVA Programme)** | | |
| Painting | 2 Years | 24 |
| Print Making | 2 Years | 16 |
| Applied Art & Design | 2 Years | 24 |
| Sculpture | 2 Years | 16 |
| Art History | 2 Years | 16 |
| **School of Performing Art (M.Mus. Programme)** | | |
| Odissi Vocal | 2 Years | 24 |
| Hindustani Vocal | 2 Years | 24 |
| Odissi Dance | 2 Years | 24 |
| Chhow Dance | 2 Years | 16 |
| Tabla | 2 Years | 16 |
| Mardal | 2 Years | 16 |
| Violin | 2 Years | 16 |
| Flute | 2 Years | 16 |
| Sitar | 2 Years | 16 |
| Drama (Acting, Design and Direction) | 2 Years | 16 |

Eligibility : Any person who has passed the qualifying degree with atleast 45% of marks in aggregate (40% for SC/ST students) of Utkal University of Culture or any other examination conducted by other Universities / Institutions which is recognized as equivalent thereto by Utkal University of Culture fulfilling other eligibility criteria shall be eligible for admission to all the above mentioned courses. The qualifying degree and other details can be seen from the prospectus available for download from uuc.ac.in-Prospectus 2024-25.
Candidates who are appearing / appeared the final examination of qualifying degree and awaits their results are also eligible to apply with the downloaded results, subject to production of final degree mark sheet before the selection process.
Application Procedure : Candidates are required to login to uuc.ac.in (Admissions - 2024) to registered themselves for ON-LINE application on payment of Rs.300/- towards application fee payable on online mode.
Commencement of On-line Application
Form for admission into P.G. and 01-07-2024 to 12-08-2024
Last date for submission of hard copy of application along with required documents 14-08-2024
Other details are available in the E-Prospectus.
By order of Vice-Chancellor
OIPR-03005/11/0005/2425 Sd./-Head, P.G.Teaching Departments

ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OHPC
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com (0663) 2460661,
No. CAD-451 Email-hpschiplima@yahoo.in, Fax No. (0663) 2460505
No.-CHEP/TW-02 (Vol.-V)/2795 Date: 04.07.2024
TENDER CALL NOTICE NO.-CHEP-11/2024-25
Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / Reputed Suppliers meeting Eligibility Criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of Safety Ladders for Chiplima Power House | Rs.2,360/- (Rs.2,000/- + GST @18%) | Rs.2,420/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.09.07.2024 up to 12:30 PM of dtd.22.07.2024.
OIPR-04006/11/0015/2425 Sd/- C & P Head, CHEP, Chiplima

ଦାନ୍‌ଲା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିସମ୍ପତ୍ତି ବିକ୍ରୟ ନିମନ୍ତେ ସର୍ବସାଧାରଣ ଘୋଷଣା (ଆଇବିସି (ପରିସମାପନ ପ୍ରକ୍ରିୟା) ନିୟମାବଳୀ, ୨୦୧୬ ଅଧୀନରେ ପରିସମ୍ପତ୍ତିର ବିକ୍ରୟ ପାଇଁ)
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
ଦାନ୍‌ଲା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ (ପରିସମାପନାଧୀନ)
(ସିଆଇଏନ୍: U27100WB2009PTC138888)
ପଞ୍ଜୀକୃତ କାର୍ଯ୍ୟାଳୟ: ୫/୫୩ ଜଗଡିପୋତା, କ୍ରୀଷନ ମାର୍କେଟ୍ ରୋଡ୍, ପୋଷ୍ଟ- ଧାଲୁଆ, କୋଲକାତା, ପଶ୍ଚିମବଙ୍ଗ, ଭାରତ, ୭୦୦୧୫୨
କର୍ପୋରେଟ୍ ଋଣୀଙ୍କ ପରିସମ୍ପତ୍ତିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ସେଠାରେ ଯାହାବି ଅଛି ଏବଂ ବିନା ଆଶ୍ରୟପନ୍ଥା ଭିତ୍ତିରେ" ବିକ୍ରୟ କରାଯାଉଛି ଏବଂ ଉକ୍ତ ବିକ୍ରୟ କୌଣସି ପ୍ରକାର ୱାରେଣ୍ଟି ଓ କ୍ଷତିପୂରଣ ବିନା କରାଯାଉଛି।

| ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ (ଟଙ୍କାରେ) | ଇଏମ୍‌ଡି @୧୦% (ଟଙ୍କାରେ) |
|---|---|---|
| ୦.୪୯୦୦ ହେକ୍ଟର କିମ୍ବା ୧୨୧.୦୮ ଡେସିମିଲି (ଉଣାଧିକ) ଜମି, ପ୍ଲଟ୍ ନଂ.୫୬୪, ଖାତା ନଂ.୧୭୭/୫୭, ମୌଜା- ଦାନ୍‌ଲା, କିସମ- ଘରବାରି, ଥାନା- କାଞ୍ଜିପାଣି (ଏବେ ନୟାକୋଟ), ଥାନା ନଂ.-୭୨, କେନ୍ଦୁଝର, ଉପ-ନିବନ୍ଧକ- ତେଲକୋଇ, ଜିଲ୍ଲା- କେନ୍ଦୁଝର, ଓଡ଼ିଶା | ଟ.୨୯,୦୦,୦୦୦/- | ଟ.୨,୯୦,୦୦୦/- |

କ୍ଷେତ୍ର ପରିଦର୍ଶନର ତାରିଖ: ତା୨୧।୦୭।୨୦୨୪ରିଖ (ରବିବାର)ରୁ ତା୨୯।୦୭।୨୦୨୪ରିଖ (ସୋମବାର)
ପ୍ରକ୍ରିୟା ଦସ୍ତାବିଜ ଅନୁଯାୟୀ ଯୋଗ୍ୟତା ଦସ୍ତାବିଜ ସମେତ ଆଗ୍ରହର ଅଭିବ୍ୟକ୍ତି (ଇଓଆଇ), ୨୯ଏ, ସତ୍ୟପାଠ, ବଚନପତ୍ର, ଘୋଷଣାନାମା ଆଦି ଦାଖଲ କରିବାର ଶେଷ ତାରିଖ: ତା୧୯।୦୭।୨୦୨୪ (ଶୁକ୍ରବାର) ଅପରାହ୍ଣ ୫.୦୦ ଘଟିକା କିମ୍ବା ତାହା ପୂର୍ବରୁ
ଇଏମ୍‌ଡି ଦାଖଲର ଶେଷ ତାରିଖ: ତା୩୦।୦୭।୨୦୨୪ରିଖ (ମଙ୍ଗଳବାର) ଅପରାହ୍ଣ ୦୭.୦୦ ଘଟିକା କିମ୍ବା ତାହା ପୂର୍ବରୁ
ବିଡ୍ ବୃଦ୍ଧି ମୂଲ୍ୟ: ଟ.୫୦,୦୦୦/-
ନିଲାମର ତାରିଖ ଓ ସମୟ: ତା୦୨।୦୮।୨୦୨୪ରିଖ ଶୁକ୍ରବାର ଅପରାହ୍ଣ ୧.୦୦ରୁ ଅପରାହ୍ଣ ୩.୦୦ ଘଟିକା।
ନିଲାମ/ବିକ୍ରୟ ଇ-ନିଲାମ ପ୍ରକ୍ରିୟା ଜ୍ଞାପନର ନିୟମ ଓ ସର୍ତ୍ତାବଳୀ ଉପରେ ନିର୍ଭର କରିବ। ଡାଉନଲୋଡ୍ କରିବା ପାଇଁ ଦୟାକରି ୱେବ୍‌ସାଇଟ୍: https://ncltauction.auctiontiger.net ପରିଦର୍ଶନ କରନ୍ତୁ।
- ବିଡ୍ ଦସ୍ତାବିଜର ବିବରଣୀ ଏବଂ ଇଏମ୍‌ଡି ପରିଶୋଧ ବିବରଣୀ ପରିସମାପକଙ୍କ କାର୍ଯ୍ୟାଳୟରେ ଭୌତିକ ଆକାରରେ କିମ୍ବା ନିମ୍ନପ୍ରଦତ୍ତ ଇ-ମେଲ୍ ଠିକଣାରେ ପହଞ୍ଚିବା ଆବଶ୍ୟକ।
- ବିକ୍ରୟ ଇ-ନିଲାମ ସେବା ପ୍ରଦାନକାରୀ ଇ-ପ୍ରୋକ୍ୟୋରମେଣ୍ଟ ଟେକ୍ନୋଲୋଜିସ୍ ଲିମିଟେଡ୍ - ଅକ୍ସନ୍ ଟାଇଗର୍ ଦ୍ୱାରା ୱେବ୍‌ସାଇଟ୍ https://ncltauction.auctiontiger.net ଦ୍ୱାରା କରାଯିବ।
- ସମୟରେଖା ଏବଂ/କିମ୍ବା "ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ" ସମେତ ନିୟମ ଓ ସର୍ତ୍ତାବଳୀରେ କୌଣସି ସଂଶୋଧନ ସମ୍ପର୍କରେ ଇ-ନିଲାମ ୱେବ୍‌ସାଇଟ୍‌ରେ ଅଧିସୂଚିତ କରାଯିବ।
- କୌଣସି ପ୍ରଶ୍ନ ପାଇଁ, ଯୋଗାଯୋଗ କରନ୍ତୁ- ଶ୍ରୀ ସଞ୍ଜୟ କୁମାର ଗୁପ୍ତା, ମୋ.-୯୮୭୪୮୭୭୨୨୦, ମେଲ୍ ଆଇଡି- danla.cirp@gmail.com କିମ୍ବା ଯୋଗାଯୋଗ କରନ୍ତୁ: ୯୭୨୨୭୭୮୮୨୮, ଇମେଲ୍ ଆଇଡି: praveen.thevar@auctiontiger.net, nclt@auctiontiger.net

ସ୍ୱା./- ସଞ୍ଜୟ କୁମାର ଗୁପ୍ତା
ପରିସମାପନାଧୀନ ଦାନ୍‌ଲା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ପାଇଁ ପରିସମାପକ
ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୯୨/୨୦୧୭-୧୮/୧୧୦୪୫
ଏଏ୧/୧୧୦୪୫/୦୨/୧୯୧୧୨୪/୧୦୭୩୩୭, ଏଏଫ୍ଏ ବୈଧତା: ୧୯।୧୧।୨୦୨୪
ପଞ୍ଜୀକୃତ/ଯୋଗାଯୋଗ ଠିକଣା
୫ଏ, ଏକେଏମ୍ଏ ହାଇଟ୍ସ, ୨୭ଏ ବାଗମାରି ରୋଡ୍, କୋଲକାତା-୭୦୦୦୫୪
ତାରିଖ: ୦୫।୦୭।୨୦୨୪ (ଶୁକ୍ରବାର) ଇମେଲ୍- danla.cirp@gmail.com / casanjaigupta@gmail.com

# ଭିତରକନିକା ଜଙ୍ଗଲ ଜମିରେ ୫ ହୋଟେଲ

## ଉଚ୍ଛେଦ ପାଇଁ ତହସିଲଦାର, ଡିଏଫ୍‌ଓଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା/ରାଜନଗର, ୪।୭ (ଭାସ୍କର ରାଉତରାୟ/ଜଗନ୍ନାଥ ଧଳ)





ଭିତରକନିକା ସୁରକ୍ଷା ସମିତିର ସଦସ୍ୟାମାନେ ତହସିଲଦାର ଓ ଡିଏଫ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବିଶ୍ୱତାପନ ଯୋଗୁ ପରିବେଶ ଆଜି ସଂକଟରେ ପଡ଼ିଛି। ସବୁସ୍ତରରେ ବ୍ୟାପକ ଚାରାରୋପଣ ଓ ଜଙ୍ଗଲ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉଛି। ମାତ୍ର କେନ୍ଦ୍ରାପଡ଼ା ଜିଲା ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତା ନଷ୍ଟ ହେବାକୁ ବସିଛି। ଭିତରକନିକା ଜାତୀୟ ଉଦ୍ୟାନକୁ ଦେଶ ବିଦେଶର ପରିବେଶପ୍ରେମୀ ଓ ପର୍ଯ୍ୟଟକଙ୍କ ପ୍ରବେଶ ପଥ ଡାଙ୍ଗମାଳ ଏବଂ ବାଙ୍କୁଆଳରେ ଜଙ୍ଗଲ ଜମିରେ ବେଆଇନ ଭାବେ ୫ଟି ହୋଟେଲ ନିର୍ମାଣ ହୋଇଛି। ରେଷ୍ଟୁରାଣ୍ଟ କଟେଜ୍‌ଠାରୁ ଆରମ୍ଭ କରି ୩ ମହଲା ବିଶିଷ୍ଟ ହୋଟେଲ ସବୁ ନିର୍ମାଣ ହୋଇଥିଲେ ମଧ୍ୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ବଦଳରେ ରାଜନଗର ବନଖଣ୍ଡ ଓ ତହସିଲ ପ୍ରଶାସନ ହାତ ବାନ୍ଧି ବସିଛନ୍ତି। ଗୁରୁବାର ଭିତରକନିକା ସୁରକ୍ଷା ସମିତିର ସଞ୍ଜୟ କୁମାର ବାଗ, ପବିତ୍ର ସେଠୀ, ରଞ୍ଜନ ପ୍ରଧାନ, ମାଧବ ସେଠୀ, ସୌମ୍ୟ ରଞ୍ଜନ ଚୌଧୁରୀ, ଦେବଦତ୍ତ ସେଠୀ, ଜଗବନ୍ଧୁ ଖଟୁଆ, ସୂର୍ଯ୍ୟ ନାରାୟଣ ମିଶ୍ର, ସୁଦାମ କୁମାର ଓଝା, ଅଭୟ କୁମାର ରାଉତ, ରାଘବେନ୍ଦ୍ର ମହାନ୍ତି, ଲିଟନ ସେଠୀ, ଜଗବନ୍ଧୁ ଦାସ, ଶମ୍ଭୁ ମଣ୍ଡଳ, ବିବେକାନନ୍ଦ ଦାସ, ସହଦେବ ସେଠୀ, ଦେବବ୍ରତ ମିଶ୍ର, ଦେବାଶିଷ ରାଉଳ ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି ଏବଂ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ଭେଟି ବେଆଇନ ହୋଟେଲ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରମାଣ ସହ ଦାବିପତ୍ର ଦେଇଛନ୍ତି। ଏଥିସହ ୭ଦିନ ଭିତରେ ବେଆଇନ ହୋଟେଲ ଉଚ୍ଛେଦ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି।

ଭିତରକନିକା ସୁରକ୍ଷା ସମିତିର ଅଭିଯୋଗ ମୁତାବକ, ବାଙ୍କୁଆଳ ମୌଜାର ଖାତା ନଂ. ୭, ପ୍ଲଟ ନଂ.୯୨ ଜଙ୍ଗଲ କିସମ ଜମିରେ ହୋଟେଲ ଭିତରକନିକା ନିର୍ମାଣ ହୋଇଛି। ବାଙ୍କୁଆଳ ମୌଜାର ଖାତା ନଂ. ୭, ପ୍ଲଟ ନଂ. ୩୯ ଜଙ୍ଗଲ କିସମ ଜମିରେ ହୋଟେଲ ରେଡକ୍ରାବ ନିର୍ମାଣ ହୋଇଛି। ବାଙ୍କୁଆଳ ମୌଜା ଖାତା ନଂ. ୭, ପ୍ଲଟ ନଂ. ୮୫ ଜଙ୍ଗଲ କିସମ ଜମି, ଖାତା ନଂ. ୯, ପ୍ଲଟ ନଂ. ୮୬, ଜଙ୍ଗଲ କିସମ ଜମି ଓ ଖାତା ନଂ. ୭ ପ୍ଲଟ ନଂ. ୮୭ ପତିତ ଜମି, ୩ଟି ପ୍ଲଟରେ ୩ ମହାଲା ବିଶିଷ୍ଟ ହୋଟେଲ କନିକା ସୁନ୍ଦରୀ ଓ କଟେଜ୍ ନିର୍ମାଣ ହୋଇଛି। ବାଙ୍କୁଆଳ ମୌଜା ଜଙ୍ଗଲ କିସମ ଜମିରେ ହୋଟେଲ ସତ୍ୟପ୍ରିୟ ନିର୍ମାଣ ହୋଇଥିବା ବେଳେ ଡାଙ୍ଗମାଳ ମୌଜା, ଖାତା ନଂ. ୨୪୬, ପ୍ଲଟ ନଂ. ୫୨୫ ଓ ତା' ସମ୍ମୁଖ ଭାଗରେ ଦୁର୍ଗାପ୍ରସାଦ ମୌଜାରେ ପାଣିନାଳ ଉପରେ ହୋଟେଲ ମ୍ୟାନଗ୍ରୁଭ ପିଟା ହୋମ୍‌ଷ୍ଟେ ନିର୍ମାଣ ହୋଇଛି। ଏହି ୪ଟି ହୋଟେଲ ସମ୍ପୂର୍ଣ୍ଣ ଜଙ୍ଗଲ କିସମ ଜମିରେ ଗଢ଼ି ଉଠିଥିବା ବେଳେ ଡାଙ୍ଗମାଳ ଓ ଦୁର୍ଗାପ୍ରସାଦ ମୌଜାରେ ସରକାରୀ ଜମିରେ ଏହା ନିର୍ମାଣ ହୋଇଛି। ଇଏଞ୍ଚ ବି ନିଜସ୍ୱ ଜମି ପଟ୍ଟା ନ ଥାଇ ସରକାରୀ ଓ ଜଙ୍ଗଲ କିସମ ଜମିରେ ହୋଟେଲ ଓ ରିସର୍ଟ ଗଢ଼ି ଉଠିଥିବା ବେଳେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିବା ଘଟଣା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ଅପରପକ୍ଷେ କଂଗ୍ରେସ ନେତା ବିଧୁ ଭୂଷଣ ମହାପାତ୍ର, ଭାଗୀରଥି ଜେନା, ସାମାଜିକ କର୍ମୀ ଭୁବନେଶ୍ୱର ପ୍ରଧାନ ପ୍ରମୁଖ କହିଛନ୍ତି, ବାଙ୍କୁଆଳ ଗ୍ରାମ ଜାତୀୟ ଉଦ୍ୟାନର ଖୁବ୍ ନିକଟତର ରହିଛି। କେନ୍ଦ୍ର ସରକାରଙ୍କ ଇକୋ ସେନ୍‌ସେଟିଭ ଜୋନ ଅଞ୍ଚଳରେ ଏହି ଗ୍ରାମ ସାମିଲ ହୋଇଛି। ଏଠାରେ ନବ ନିର୍ମାଣକୁ ନେଇ ପ୍ରତିବନ୍ଧକ ରହିଥିବା ବେଳେ ଏକ ଅନାବାଦୀ ଓ ଶ୍ମଶାନ ଜମି ଉପରେ ସ୍ୱାଦ ହୋଟେଲ ରହିଥିବା ନେଇ ୨୦୨୩ ଅକ୍ଟୋବରରେ ଆପତ୍ତି ହୋଇଥିଲା। ଜମିର କିସମ ଓ ଅବସ୍ଥିତି ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଏଫ୍‌ଓ ଓ ସ୍ଥାନୀୟ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲା। ଏ ନେଇ ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ କିଛି ସୁଫଳ ମିଳିନାହିଁ। ଜମିର ଅବସ୍ଥିତି ଓ ସ୍ୱାଦ ହୋଟେଲ ମାଲିକାନା ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସାମାଜିକ ଗଣମାଧ୍ୟମରେ ଏବେ ଆଲୋଚନା ଜୋର ଧରିଛି। ଏ ସମ୍ପର୍କରେ ତହସିଲଦାର ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରେ ସାମାଜିକ ଗଣମାଧ୍ୟମରେ ସ୍ୱାଦ ହୋଟେଲ ଆଲୋଚନା ଘଟଣା ନଜରକୁ ଆସିଛି। ଖୁବ୍‌ଶୀଘ୍ର ଏ ନେଇ ଅନୁସନ୍ଧାନ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ରାଜପଥରେ ବେଆଇନ ଗାଡ଼ି ପାର୍କିଂ

## ୨୭ ଟ୍ରକ୍‌ରୁ ୭୨ ହଜାର ଜରିମାନା ଆଦାୟ

ପାଣିକୋଇଲି,୪।୭(ବିକାଶ ମଲ୍ଲିକ):



ବେଆଇନ ପାର୍କିଂ ସ୍ଥଳରେ ପୋଲିସ ଚଢ଼ାଉ କରୁଛି।

ଯାଜପୁର ଜିଲା ପରିବହନ ବିଭାଗ ଓ ପୋଲିସର ବାରମ୍ବାର ଚଢ଼ାଉ ସତ୍ତ୍ୱେ ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲଗେଟଠାରୁ ଓଭରବ୍ରିଜ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ରାସ୍ତାରେ ବେଆଇନ ପାର୍କିଂ ଜାରି ରହିଛି। ସ୍ଥାନୀୟ କେତେଜଣ ଗ୍ୟାରେଜ ବ୍ୟବସାୟୀ ଓ ଟ୍ରକ ମାଲିକଙ୍କ ସମେତ ସ୍ଥାନୀୟ ଅଟା ମିଲକୁ ଆସୁଥିବା ଟ୍ରକ୍‌ଗୁଡ଼ିକ ସର୍ଭିସ ରୋଡ୍‌କୁ କବଳିତ କରି ରଖୁଛନ୍ତି। ଫଳରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ମୂଲ୍ୟବାନ ଜୀବନ ଅକାଳରେ ଝଡ଼ିପଡୁଥିବାବେଳେ ଅନେକ ମଧ୍ୟ ଆହତ ହେଉଛନ୍ତି। ଗତ ବୁଧବାର ରାତିରେ ବେଆଇନ ପାର୍କିଂ ଯୋଗୁ ଏକ ଟ୍ରକ ଓ କାର ମଧ୍ୟରେ ଦୁର୍ଘଟଣା ଘଟି ଦୁଇଟି ମୂଲ୍ୟବାନ ଜୀବନ ଲିଭିଯିବା ପରେ ଜିଲା ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଚଢ଼ାଉ କରାଯାଇଛି। ଜୁନିୟର ଏମ୍‌ଭିଆଇ ପ୍ରଦୀପ୍ତ ବେହେରା, ଟ୍ରାଫିକ ଇନିସପେକ୍ଟର ରଜତ ଶତପଥୀ, ଏଏସ୍‌ଆଇ ରାଜେଶ ମଙ୍ଗରାଜ, କନଷ୍ଟେବଲ ବିଜନ ସେଠୀ, କିଶୋର କୁମାର, ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପ୍ରମୁଖ ଚଢ଼ାଉ କରି ଉକ୍ତ ଅଟା ମିଲର କର୍ମଚାରୀଙ୍କୁ ତାଗିଦ କରିବା ସହିତ ବେଆଇନ ପାର୍କିଂ କରିଥିବା ୨୭ ଟ୍ରକରୁ ୭୨,୦୦୦ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏହାପରେ ସଂଯୋଗୀକରଣ ରାସ୍ତା ବେଆଇନ ପାର୍କିଂରୁ ମୁକ୍ତ ହୋଇଛି। ଗତ ମାସ ୨୪ ତାରିଖରେ ଜିଲା ପରିବହନ ବିଭାଗ, ରାଜସ୍ୱ ବିଭାଗ ଓ ପାଟ୍ରୋଲିଂ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ରଟିମ ସେଠାରେ ଚଢ଼ାଉ କରି ବେଆଇନ ପାର୍କିଂ ବନ୍ଦ କରିବା ଲାଗି ଚେତାବନୀ ଦେବା ସହିତ ଜବରଦଖଲ ହଟେଇବା ଲାଗି ମଧ୍ୟ ତାଗିଦ କରିଥିଲା। ଯାଜପୁର ଉପଜିଲାପାଳ ଅଂଶୁମାନ ଶତପଥୀଙ୍କ ନେତୃତ୍ୱରେ ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନ, ଜୁନିୟର ଏମ୍‌ଭିଆଇ ପ୍ରଦୀପ୍ତ ବେହେରା, ଟ୍ରାଫିକ ଇନ୍ସପେକ୍ଟର ରଜତ ଶତପଥୀ, ଏଏସ୍‌ଆଇ ରାଜେଶ ମଙ୍ଗରାଜ, କନଷ୍ଟେବଲ ବିଜନ ସେଠୀ, କିଶୋର କୁମାର, ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ, ପାଣିକୋଇଲି ରାଜସ୍ୱ ନିରୀକ୍ଷକ ଲକ୍ଷ୍ମୀପ୍ରିୟା ପାତ୍ର ଓ ପଥରପଦା ରାଜସ୍ୱ ନିରୀକ୍ଷକ ସରୋଜ ମଲିକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ମାତ୍ର ଯଥା ପୂର୍ବ ତଥା ପରଂ ହେବା ଭଳି ଉକ୍ତ ବ୍ୟବସାୟୀ ଓ ଟ୍ରକ ମାଲିକମାନେ ସର୍ଭିସ ରୋଡ୍‌ରେ ଟ୍ରକ ଥୋଇ ଅବରୋଧ କରି ରଖୁଥିଲେ। ନିୟମିତ ଯଦି ଏପରି ଚଢ଼ାଉ ଜାରି ରୁହନ୍ତା ତେବେ ଉକ୍ତ ରାସ୍ତାଟି ଅବରୋଧ ମୁକ୍ତ ହୋଇପାରନ୍ତା ବୋଲି ସ୍ଥାନୀୟ ବ୍ୟକ୍ତି ବିଶେଷ ମତପ୍ରକାଶ କରିଛନ୍ତି।

## ମନସା ପୂଜାକୁ ନେଇ ବିବାଦ: ଗଛରେ ବାନ୍ଧି ଆକ୍ରମଣ ଅଭିଯୋଗ

ଏରସମା,୪।୭ (ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଗୋଡା ପଞ୍ଚାୟତସ୍ଥିତ ଭଜାଖିଆ ଗ୍ରାମରେ ମନସା ପୂଜାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଭିନ୍ନ ମୋଡ଼ ନେଇଛି। ଗତ ୧ ତାରିଖ ଦିନ ଜଣେ ବ୍ୟକ୍ତିଙ୍କୁ ଗଛରେ ବାନ୍ଧି ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମନସା ପୂଜାକୁ ନେଇ ସୌମିତ୍ର ଦାସ ସେହି ଗ୍ରାମର କେତେଜଣ ବ୍ୟକ୍ତିଙ୍କ ସହ ବିବାଦ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରତାପ ସାମନ୍ତ, ପିଦୁସ ମଣ୍ଡଳ, ଆଲୋକ ଜାନା, ଦିଲୀପ ଦାସ, ପ୍ରଦୀପ ଜେନା, ସୁଶିଲ ଜେନା, ଧୀରେନ ସାମନ୍ତ, ରବୀନ୍ଦ୍ର ପାଳ ମିଳିତ ହୋଇ ସୌମିତ୍ରଙ୍କୁ ଶିତଳା ଠାକୁରାଣୀ ନିକଟସ୍ଥ ବରଗଛରେ ବାନ୍ଧି ଆକ୍ରମଣ କରିଥିଲେ। ଏଥିସହ ସେମାନେ ସେହି ଗ୍ରାମର ରଞ୍ଜନଙ୍କ ସ୍ତ୍ରୀ ରଞ୍ଜୁଙ୍କୁ ମଧ୍ୟ ଅଶ୍ଳୀଳ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଉଭୟଙ୍କ ଅଭିଯୋଗ ଉପରେ ଯଥାକ୍ରମେ ମାମଲା (ନଂ.୨୯୨/୨୪) ଓ (ନଂ.୨୯୪/୨୪) ରୁଜୁ ହୋଇଛି। ଅପରପକ୍ଷରେ ଭବାନୀ ଦାସ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ

## ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନିମେଶ



@ ହିମାଂଶୁ



@ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଖବରଦାତାଙ୍କ ଆଡ଼କୁ କୁକୁର ଛାଡ଼ିବା ମାମଲା

## ହାଇକୋର୍ଟରେ ଆଗୁଆ ଜାମିନ ଆବେଦନକଲେ ରଘୁନନ୍ଦନ ଦାସ

କଟକ,୪।୭ (କାର୍ତ୍ତିକ ସାହୁ):

ଜଣେ କର୍ତ୍ତବ୍ୟରତ ମହିଳା ଖବରଦାତା ଖବର ସଂଗ୍ରହ କରୁଥିବାବେଳେ ତାଙ୍କ ଆଡ଼କୁ କୁକୁର ଛାଡ଼ିବା ମାମଲାରେ ଗିରଫଦାରି ଏଡ଼ାଇବାକୁ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ପ୍ରକାଶ ଯେ, ବିଜେଡି ନେତା ପ୍ରଣବ ପ୍ରକାଶ ଦାସଙ୍କ ଆଲିସାନ୍ ଏମ୍‌ଏଲ୍ କ୍ୱାର୍ଟର୍ସ ଭଙ୍ଗାଯିବା ଘଟଣା ସମ୍ପର୍କରେ ସମ୍ପୃକ୍ତ ମହିଳା ଖବରଦାତା ଗତ ଜୁନ୍ ୨୫ରେ ରଘୁନନ୍ଦନଙ୍କ ବାସଭବନ ନିକଟରୁ ଖବର ସଂଗ୍ରହ କରୁଥିଲେ। ଏହି ସମୟରେ ରଘୁନନ୍ଦନ ତାଙ୍କ କୁକୁରକୁ ମହିଳା ଖବରଦାତାଙ୍କ ଆଡ଼କୁ ଛାଡ଼ିଥିବା ନେଇ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ କ୍ୟାପିଟାଲ୍ ଥାନାରେ ଖବରଦାତା ଜଣଙ୍କ ରଘୁନନ୍ଦନଙ୍କ ବିରୋଧରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଏଥିସହ ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ଥାନାରେ ଏତଲା ରୁଜୁ ହେବା ପରେ ବହୁ ସାମ୍ବାଦିକ ସଙ୍ଗଠନ ପକ୍ଷରୁ ଏହି ଘଟଣାକୁ ନିନ୍ଦା କରାଯିବା ସହ ଏହାକୁ ବିରୋଧ କରାଯାଇଥିଲା। ସେହିପରି ରଘୁନନ୍ଦନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଥିଲା। ଏହି ମାମଲାରେ ଗିରଫଦାରିକୁ ଏଡ଼ାଇବାକୁ ଯାଇ ରଘୁନନ୍ଦନ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି।




ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନର ସର୍ବଭାରତୀୟ ପ୍ରତିବାଦ ଦିବସ ଡାକରାରେ ନିଟ୍-ୟୁଜି ଏବଂ ୟୁଜିସି- ନେଟ୍ ପ୍ରବେଶିକା ପରୀକ୍ଷାରେ ଘଟିଥିବା ଅନିୟମିତତା ପ୍ରତିବାଦରେ ଗୁରୁବାର ଯାଜପୁର ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିଧାୟକଙ୍କ ନିର୍ଦ୍ଦେଶ ଅପେକ୍ଷାରେ ବ୍ଲକ୍ ପ୍ରଶାସନ

### ନିର୍ବାଚନ ଫଳ ଘୋଷଣାକୁ ମାସେ ପୂରିଲା

ରସୁଲପୁର,୪।୭(ରଂଜିତ ରାଉତ):




ରସୁଲପୁର ବ୍ଲକଟି ବରୀ, ଧର୍ମଶାଳା ଓ କୋରେଇ ନିର୍ବାଚନମଣ୍ଡଳୀରେ ବିଭକ୍ତ ହୋଇଛି। ମାତ୍ର ୩ ବିଧାୟକଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏଠାରେ ସମୀକ୍ଷାକାର୍ଯ୍ୟ ସମ୍ପନ୍ନ ହୋଇପାରୁ ନାହିଁ। ଧର୍ମଶାଳା ଓ କୋରେଇରେ ଭାଜପା ବିଧାୟକ ରହିଥିବାବେଳେ ବରୀରେ ବିଜେଡି ବିଧାୟକ ରହିଛନ୍ତି। ଏହି ତିନି ବିଧାୟକଙ୍କ ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସ୍ଥିତି ପରଖିବା ପରେ ବ୍ଲକ କାର୍ଯ୍ୟ ସ୍ୱାଭାବିକ ହେବ ବୋଲି କୁହାଯାଉଛି। ନିର୍ବାଚନ ଫଳାଫଳ ଘୋଷଣାକୁ ମାସେ ପୁରିସାରିଲାଣି। ମାତ୍ର ବ୍ଲକ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ଆରମ୍ଭ ପୂର୍ବରୁ ବିଧାୟକମାନଙ୍କ ନିର୍ଦ୍ଦେଶନାମାକୁ ଅପେକ୍ଷା କରିଛି ବ୍ଲକ ପ୍ରଶାସନ। ଯେ ପର୍ଯ୍ୟନ୍ତ ୩ ବିଧାୟକଙ୍କ ପକ୍ଷରୁ ବ୍ଲକରେ ସମୀକ୍ଷା ସରିନାହିଁ, ସେ ଯାଏ ବ୍ଲକରୁ ଅଚଳାବସ୍ଥା ଦୂର ହୋଇପାରୁନାହିଁ। କର୍ମଚାରୀମାନେ ପଞ୍ଚାୟତ ହେଡକ୍ୱାର୍ଟରକୁ ନ ଯାଇ ବ୍ଲକ କାର୍ଯ୍ୟାଳୟରେ ସମୟ ବିତାଇ ଫେରୁଥିବା ଲକ୍ଷ୍ୟ କରାଯାଉଛି।

୨୦୨୪ ସାଧାରଣ ନିର୍ବାଚନ ଆଦର୍ଶ ଆଚରଣବିଧି ଲାଗୁ ହେବା ଆଳରେ ବହୁ ସ୍ଥାନରେ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଥିଲା। ସରକାରୀ କର୍ମଚାରୀମାନେ ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ହେବାରୁ ଅଧିକାଂଶ ସ୍ଥାନରେ କାର୍ଯ୍ୟ ଅଗ୍ରଗତି କରିବାର ସମ୍ଭାବନା ଥାଇ ବି ତାହା ସମ୍ଭବପର ହୋଇପାରି ନ ଥିଲା। ଏପରି କି ପଞ୍ଚାୟତଗୁଡ଼ିକରେ ନିୟମିତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ନିର୍ବାଚନ ପ୍ରକ୍ରିୟା ଶେଷ ହେବାର ମାସକ ପରେ ବି ବ୍ଲକ ଅଞ୍ଚଳରେ ନିୟମିତ କାର୍ଯ୍ୟ ସ୍ୱାଭାବିକ ହୋଇପାରୁ ନାହିଁ। ଏହାରି ଭିତରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଧର୍ମଶାଳା ନିର୍ବାଚନକ୍ଷେତ୍ର ସହ ଯୋଡି ହୋଇଥିବା ୯ ପଞ୍ଚାୟତର ଉନ୍ନୟନ କାର୍ଯ୍ୟସମୀକ୍ଷା କରିସାରିଛନ୍ତି। ଆଗରୁ ଶୁଣା ଯାଉଥିଲା କି କୋରେଇ ଓ ଧର୍ମଶାଳାର ୨ ବିଧାୟକ ଭାଜପାରୁ ହୋଇଥିବାରୁ ସେମାନେ ଏକ ସଙ୍ଗରେ ଉଭୟ ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ମୋଟ ୧୮ ପଞ୍ଚାୟତର ସ୍ଥିତିକୁ ସମୀକ୍ଷା କରିବେ, ମାତ୍ର ସେଭଳି କିଛି ଘଟିଲାନାହିଁ। ଏଯାଏ କୋରେଇ ଓ ବରୀ ବିଧାୟକଙ୍କ ପାଦ ରସୁଲପୁର ବ୍ଲକ୍‌ରେ ପଡି ପାରିଲାନାହିଁ। ଉଭୟ ବିଧାୟକଙ୍କ ସମୀକ୍ଷା କାର୍ଯ୍ୟ ଶେଷ ହେବା ପରେ ଯାଇ ବ୍ଲକରୁ ଅଚଳା ବସ୍ଥା ଦୂର ହେବ ବୋଲି କୁହାଯାଉଛି। ୩ ବିଧାୟକଙ୍କ ସମୀକ୍ଷା ପରବର୍ତ୍ତୀ ଅବସ୍ଥାରେ ଯେଉଁ ପ୍ରକାର ନିର୍ଦ୍ଦେଶନାମା ଜାରି କରିବେ ସେହି ଅନୁଯାୟୀ ବ୍ଲକ ଓ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ଜାରି ରହିବ। ଅପରପକ୍ଷରେ ଅଧିକାଂଶ ପଞ୍ଚାୟତସ୍ତରର ପ୍ରତିନିଧି ଓ ବିଧାୟକମାନଙ୍କ ମଧ୍ୟରେ ସମନ୍ୱୟ ରହି ନ ଥିବା କାରଣକୁ ନେଇ ଉଭୟଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। ପଞ୍ଚାୟତ ପ୍ରତିନିଧିମାନଙ୍କ ସହ ଉତ୍ତମ ବୁଝାବଣା ହୋଇ ନ ପାରିଲେ ଉନ୍ନୟନ କାର୍ଯ୍ୟ ଆଗେଇବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଆଗକୁ ବ୍ଲକର ଦୈନନ୍ଦିନ କାର୍ଯ୍ୟ କିପରି ଆଗଉଛି ତା'ଉପରେ ସମସ୍ତଙ୍କ ନଜର ରହିଛି।

## ସାଙ୍ଗଙ୍କ ଏଟିଏମ୍ କାର୍ଡ ବଦଳାଇ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍

ଚଣ୍ଡିଖୋଲ,୪।୭(ପ୍ରଦୀପ୍ତ କୁମାର ପୃଷ୍ଟି):

ସାଙ୍ଗଙ୍କ ଏଟିଏମ୍ କାର୍ଡ ବଦଳାଇ ତାଙ୍କ ଅନ୍ତରଙ୍ଗ ସାଙ୍ଗ ୨ ଲକ୍ଷ ୪୨ ହଜାର ଟଙ୍କା ଲୁଟି ନେଇଥିବା ବଡ଼ଚଣା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଲୁଟେରା ସାଙ୍ଗ ଜଣେ ନାବାଳିକାଙ୍କୁ ନେଇ ଫେରାର ହୋଇ ଯାଇଥିବା ପୋଲିସ ଜାଣିବାକୁ ପାଇଛି।

ଅଭିଯୋଗ ଅନୁଯାୟୀ, ବଡ଼ଚଣା ଥାନା ଓଲର ଗ୍ରାମର କୁନ୍ଦୁର ପିଙ୍ଗୁଆ ଜଣେ ଆଦିବାସୀ ଯୁବକ। ସେ ବୈରୀ ଷ୍ଟେଟ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଟଙ୍କା ଜମା କରିଥିଲେ। ସେହି ଗ୍ରାମ ନିକଟ ବାପତପଡ଼ା ସାହିର ରମାକାନ୍ତ ପଲେଇ ତାଙ୍କ ସାଙ୍ଗ। ରମାକାନ୍ତ ବ୍ୟାଙ୍କରେ ଥିବା ଆକାଉଣ୍ଟରୁ ପଇସା ନ ଉଠାଇଲେ ବ୍ୟାଙ୍କ ଖାତା ବନ୍ଦ ହୋଇଯିବ ବୋଲି କହିଥିଲେ। ତେଣୁ ସାଙ୍ଗ ହୋଇ ଏଟିଏମ୍‌କୁ ଯାଇ ୫୦୦ ଟଙ୍କା ଉଠାଇଲେ। ଏହି ସମୟରେ ରମାକାନ୍ତ ତାଙ୍କ ସିକ୍ରେଟ ନମ୍ବର ଦେଖି ଦେଇଥିଲେ। ପରେ କୌଶଳ କରି କୁନ୍ଦୁର ପାଖରୁ ଏଟିଏମ କାର୍ଡ ବଦଳାଇ ନେଇ ମେ' ୧୭ରୁ ଜୁନ ୧୧ ମଧ୍ୟରେ ୧ ଲକ୍ଷ ୩୭ ହଜାର ୯୦୦ ଟଙ୍କା ପର୍ଯ୍ୟାୟ କ୍ରମେ ଉଠାଇ ନେଇଥିଲେ। ଏହାପରେ ଜୁନ୍ ୧୨ରୁ ୨୮ ମଧ୍ୟରେ ୧ଲକ୍ଷ ୭ ହଜାର ଟଙ୍କା ଏଟିଏମରୁ ଟ୍ରାନ୍ସଫର କରି ନେଇଥିଲେ। କୁନ୍ଦୁରଙ୍କ ଟଙ୍କା ଆବଶ୍ୟକତା ପଡ଼ିବାରୁ ସେ ଏଟିଏମରୁ ଟଙ୍କା ଉଠାଇବା ପାଇଁ ଚେଷ୍ଟା କରିବା ପରେ ଟଙ୍କା ଉଠି ନ ଥିଲା। ସେ ବ୍ୟାଙ୍କ ଶାଖାକୁ ଯାଇ ଖୋଳ ତାଡ଼ କରିବା ପରେ ଆକାଉଣ୍ଟରେ ମାତ୍ର ୧,୩୭୪ ଟଙ୍କା ଥିବା ଜାଣିବାକୁ ପାଇଥିଲେ। ବ୍ୟାଙ୍କରୁ ସମସ୍ତ ତଥ୍ୟ ସଂଗ୍ରହ କରିବା ପରେ ତାଙ୍କ ସାଙ୍ଗ ରମାକାନ୍ତ ଏଟିଏମ କାର୍ଡ ବଦଳାଇ ଟଙ୍କା ଲୁଟି ନେଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ।

## କ୍ରଶରରେ ମିଳିତ ଚଢ଼ାଉ

ଧର୍ମଶାଳା,୪।୬(ବଟକୃଷ୍ଣ ପରିଡ଼ା):

ଯାଜପୁର ଜିଲା ଲଘୁ ଖଣିଜ ବିଭାଗ ପକ୍ଷରୁ ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡ଼ପୁର ଓ ଡଙ୍କାରୀସ୍ଥିତ ୧୨ କ୍ରଶରରେ ଗୁରୁବାର ମିଳିତ ଚଢ଼ାଉ କରାଯାଇଛି। ଜିଲା ଲଘୁ ଖଣିଜ ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କ ନେତୃତ୍ୱରେ ଖଣି ଅଧିକାରୀ ଯଶକେତନ ସେଠୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜିଲା ଅଧିକାରୀ, ରାଜସ୍ୱ ନିରୀକ୍ଷକ ଚନ୍ଦନ ସାହୁ, ମାନସ ରଞ୍ଜନ ବେଜ, ମାଧବାନନ୍ଦ ଆଇଚ ଓ ସତ୍ୟସୁନ୍ଦର ସାହୁଙ୍କ ସମେତ ଜେନାପୁର ପୋଲିସ ମିଳିତ ଭାବେ ଏହି ଚଢ଼ାଉ କରିଛନ୍ତି। ଏହି ଟିମ ପୂର୍ବାହ୍ନରେ ରାହାଡ଼ପୁରସ୍ଥିତ ୯ ଓ ଡଙ୍କାରୀରେ ୩ କ୍ରଶରରେ ଚଢାଉ କରି ଏଠାରେ କେତେପରିମାଣର କଳାପଥର ରହିଛି ଏବଂ ତାହାର ଟ୍ରାନଜିଟ ପାସ ଅଦି ଯାଞ୍ଚ କରିଛି। ଏହି କ୍ରଶରଗୁଡିକରେ ତ୍ରୁଟି ପରିଲିଖିତ ହେଲେ ମାଲିକମାନଙ୍କୁ ନୋଟିସ ଦିଆଯାଇ ଜରିମାନା ଆଦାୟ କରାଯିବ ବୋଲି ଲଘୁ ଖଣିଜ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଲଘୁଖଣିଜ ବିଭାଗ ପକ୍ଷରୁ ୨ ଦିନ ହେଲା ବିଭିନ୍ନ କ୍ରଶରରେ ଚଢ଼ାଉ ଜାରିରହିଛି। ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରିରହିବ ବୋଲି ଜିଲା ଲଘୁ ଖଣିଜ ଉପନିର୍ଦ୍ଦେଶକ ନାୟକ ସୂଚନା ଦେଇଛନ୍ତି।

# ଗ୍ୟାସ୍ ସିଲିଣ୍ଡର ଫାଟି ଭାପୁର ତହସିଲ ଛାତ ଉଡ଼ିଗଲା

■ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ନିଆଁ ଲାଗି ବିସ୍ଫୋରଣ

■ ଗୋଟିଏ ପରିବାରର ୩ ଆହତ

**ଭାପୁର,୪।୭(ଭରତ କୁମାର ବେହେରା)**

ବୁଧବାର ବିଳମ୍ବିତ ରାତିରେ ନୟାଗଡ଼ ଜିଲା ଭାପୁର ତହସିଲ କାର୍ଯ୍ୟାଳୟରେ ଗ୍ୟାସ୍ ସିଲିଣ୍ଡର ଫାଟି ବିସ୍ଫୋରଣ ଘଟିବାରୁ ବ୍ୟାପକ କ୍ଷତି ଘଟିଛି। ଏହି ବିସ୍ଫୋରଣ ଏତେ ଭୟାନକ ଥିଲା ଯେ ତହସିଲ କାର୍ଯ୍ୟାଳୟ ଛାତ, କାନ୍ଥ ଉଡିଯାଇଥିବା ବେଳେ ଗୋଟିଏ ବଡ଼ ଜାମୁ ଗଛ ପୋଡି ଯାଇଛି। ସେଠାରେ ରହୁଥିବା ଗୋଟିଏ ପରିବାରର ୩ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ତହସିଲ କାର୍ଯ୍ୟାଳୟ ପରିସରରେ ଥିବା ଏକ ସରକାରୀ କ୍ୱାର୍ଟର୍ସରେ ତହସିଲର କିରାଣି କୈଳାସ ଦାଶଙ୍କ ପରିବାର ରହୁଥିଲେ। ବୁଧବାର ରାତିରେ ପରିବାରର ସମସ୍ତ ସଦସ୍ୟ ଶୋଇଥିବା ବେଳେ ରାତି ପ୍ରାୟ ସାଢେ ୩ଟା ସମୟରେ ଘର ଭିତରେ ଥିବା ଗ୍ୟାସ ସିଲିଣ୍ଡରଟି ହଠାତ୍ ଫାଟି ବଡ ଧରଣର ବିସ୍ଫୋରଣ ଘଟିଥିଲା। ପରିବାର ଲୋକେ ଭୟଭୀତ ହୋଇ ଚିତ୍କାର କରିବା ସହିତ ଜୀବନ ବିକଳରେ ଘରର ବାଡିପଟକୁ ଚାଲି ଯାଇଥିଲେ। ଏଥିରେ କିରାଣି କୈଳାସ ଦାଶ,ତାଙ୍କ ସ୍ତ୍ରୀ ଓ ମାଆ ଆହତ ହୋଇ ହୋଇଛନ୍ତି। ସମସ୍ତଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ କୈଳାସଙ୍କ ୨ ଝିଅ ଓ ପୁଅ ରକ୍ଷା ପାଇଯାଇଛନ୍ତି।

ସୂଚନା ଅନୁଯାୟୀ, କୈଳାସ କାଠ ପଲଙ୍କ ଉପରେ ଶୋଇଥିବା ବେଳେ ମଶାରୀ ଭିତରେ ଟେବୁଲ ଫ୍ୟାନ ଲଗାଇ ଥିଲେ। ଫ୍ୟାନରେ ମଶାରି ଗୁଡେଇ ହୋଇ ବିଦ୍ୟୁତ୍ ଶର୍ଟସର୍କିଟ ଘଟି ନିଆଁ ଲାଗି ଯାଇଥିଲା। ସେହି ନିଆଁରେ ଖଟ, ଆସବାବପତ୍ର ପୋଡି ଯିବା ସହ ଦାଣ୍ଡପଟ ଘରେ ଥିବା ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗି ବିସ୍ଫୋରଣ ଘଟିଥିଲା। ଫଳରେ ଘରର ଛାତ, କାନ୍ଥ ଉଡିଯାଇଥିବା ବେଳେ ଘର ଆଗରେ ଥିବା ଏକ ବଡ ଜାମୁଗଛ ମଧ୍ୟ ପୋଡ଼ିଯାଇଛି। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ବିସ୍ଫୋରଣ ଏତେ ଭୟାନକ ଥିଲା ଯେ, ଗ୍ୟାସ୍ ସିଲିଣ୍ଡରର କୌଣସି ଅଂଶ ଘଟଣାସ୍ଥଳରେ ପଡିଥିବା ଦେଖିବାକୁ ମିଳିନାହିଁ। ଫତେଗଡ଼ ପୋଲିସ ତଦନ୍ତ ଜାରି ରଖିଛି।



ବିସ୍ଫୋରଣରେ ଭାଙ୍ଗିପଡ଼ିଥିବା ତହସିଲ ଅଫିସ ଛାତ ଓ କାନ୍ଥ। ଆହତ କିରାଣିଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

# ରଥଯାତ୍ରା ପାଇଁ ପ୍ରଶାସନର ରୁଦ୍ଧଦ୍ୱାର ବୈଠକ

## ଖବରଦାତାଙ୍କୁ ଡାକିଲେ, ପହଞ୍ଚିବା ବେଳକୁ ତଡ଼ିଦେଲେ

**ନୟାଗଡ଼,୪।୭(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ହେଉଥିବା ରଥଯାତ୍ରା ପାଇଁ ଗୁରୁବାର ପୋଲିସ ପ୍ରଶାସନ ପକ୍ଷରୁ ଏକ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗ ଦେବାକୁ ଖବରଦାତାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ବୈଠକ ଆରମ୍ଭ ହେବା ବେଳକୁ ଖବରଦାତାମାନଙ୍କୁ ତଡି ଦିଆଯାଇଥିଲା। ଏହାକୁ ନେଇ ଏଠାରେ ବିବାଦ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ନୟାଗଡ଼ ଜିଲାପାଳ ସ୍ୱାଧଦେବ ସିଂଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଗୁରୁବାର ରଥଯାତ୍ରା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲଗୁନି ସାରଥି ମଲିକ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଉପଜିଲାପାଳ କର୍ଣ୍ଣଦେବ ସମାଦାରଙ୍କ ସମେତ ତହସିଲଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଦେବୋତ୍ତର ବିଭାଗ ଅଧିକାରୀ ଓ କର୍ମଚାରୀ ମଧ୍ୟ ସାମିଲ ଥିଲେ। ବୈଠକ ପାଇଁ ନୟାଗଡ଼ ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ଗୁରୁବାର ସକାଳ ୮ଟା ୫୪ ମିନିଟରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ସୂଚନାକୁ ଆଧାର କରି ସମସ୍ତ ଗଣମାଧ୍ୟମ ପ୍ରତିନିଧି ନିର୍ଦ୍ଧାରିତ ସମୟ ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଅପରାହ୍ନ ୪ଟା ୩୦ରେ ବୈଠକ ଆରମ୍ଭ ହେବାକୁ ଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା ଏହା ଏକ ଆଭ୍ୟନ୍ତରିଣ ବିଭାଗୀୟ ବୈଠକ ବୋଲି ହ୍ୱାଟସଆପ୍ ଗ୍ରୁପରେ ସୂଚନା ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ଏହି ବୈଠକର ଭିଡିଓ ଓ ଫଟୋ ସଂଗ୍ରହ କରି ଚାଲି ଯାଆନ୍ତୁ। କବାଟ ବନ୍ଦ କରାଯାଇ ବୈଠକ ଅନୁଷ୍ଠିତ ହେବ ବୋଲି ଉଲ୍ଲେଖ କରିଥିଲେ। ଯାହାକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ଖବରଦାତାମାନଙ୍କୁ ବୈଠକ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ହେଲେ ବୈଠକ ଆରମ୍ଭ ପୂର୍ବରୁ ତଡି ଦିଆଯିବାକୁ ନେଇ ଅନେକ ଗଣମାଧ୍ୟମ ପ୍ରତିନିଧି କ୍ଷୋଭ ପ୍ରକାଶ କରିଛନ୍ତି। ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ କିଛିଦିନ ହେବ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ଏଭଳି ବ୍ୟବହାରକୁ ନେଇ ଜିଲାରେ ଅସନ୍ତୋଷ ସୃଷ୍ଟି ହୋଇଛି। ରଣପୁରରେ ରଥଯାତ୍ରା ପ୍ରସ୍ତୁତି ବୈଠକରୁ ଖବରଦାତାଙ୍କୁ ଜିଲାପାଳ ବିଦା କରିବା ପରଠାରୁ ଜିଲାରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି।


ରଥଯାତ୍ରା ବୈଠକରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

## ତଦନ୍ତ ପାଇଁ ଡିଆର୍‌ସିଏସ୍‌ଙ୍କୁ ନିର୍ଦ୍ଦେଶ

### ବେଆଇନ ପଦୋନ୍ନତି, ନିଯୁକ୍ତିର ବାତିଲ ପାଇଁ ଅଭିଯୋଗ

**ନୟାଗଡ଼,୪।୭(ଲୋକନାଥ ମିଶ୍ର)**

ନୟାଗଡ଼ ସହର ଉପକଣ୍ଠ ସନ୍ଧୁରିଆସ୍ଥିତ ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ବେଆଇନ ନିଯୁକ୍ତି, ପଦୋନ୍ନତି ପରି ବିଭିନ୍ନ ବେଆଇନ କାର୍ଯ୍ୟ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ନୟାଗଡ଼ର ଓକିଲ ସୌମ୍ୟ ରଞ୍ଜନ ପ୍ରଧାନ ରାଜ୍ୟ ସମବାୟ ସମିତି ସମୂହର ନିବନ୍ଧକଙ୍କୁ ଫେରାଦ୍ ହୋଇଥିଲେ। ରାଜ୍ୟ ସମବାୟ ସମିତି ସମୂହର ନିବନ୍ଧକ ଅଭିଯୋଗ ପାଇବା ପରେ ତଦନ୍ତ ପାଇଁ ନୟାଗଡ଼ ଜିଲା ସମବାୟ ସମିତି ସମୂହର ଉପନିବନ୍ଧକ(ଡିଆରସିଏସ୍)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦବୀ ଖାଲିପଡିଛି। ପରିଚାଳନା ପରିଷଦର ସଭ୍ୟମାନେ ଶାଖା ପରିଚାଳକସ୍ତରର ଅଧିକାରୀ ପ୍ରସନ୍ନ କୁମାର ପାଳଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ବ୍ୟାଙ୍କର ପରିଚାଳନା ପରିଷଦର ସଦସ୍ୟ ସନ୍ୟାସୀ ପ୍ରଧାନଙ୍କ ସମ୍ପର୍କୀୟଙ୍କୁ ଅବସ୍ଥାପିତ କରିଛନ୍ତି ବୋଲି ଅଭିଯୋଗ ରହିଛି। ଯାହାକି ବେଆଇନ। ସେହିପର ୧୫ଜଣ କର୍ମଚାରୀଙ୍କୁ ବେଆଇନ ଭାବେ ପଦୋନ୍ନତି ଦିଆଯାଇଛି। ପୁଣି ବେଆଇନ ଭାବେ ୨୦ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି। ସେହିଭଳି ବକେୟା ଋଣ ଆଦାୟ ହେଉ ନ ଥିବାରୁ ପରିଚାଳନା ପରିଷଦ ଉପରେ ଦୋଷ ଲଦାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନିମେଷ


@ ହିମାଂଶୁ


@ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ବନ ମହୋତ୍ସବ

**ନୟାଗଡ଼,୪।୭(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଜିଲା ଓ ଦୌରାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ପୃଷ୍ଠପୋଷକତାରେ ଏବଂ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳୀ ମଛଖଣ୍ଡଙ୍କ ତତ୍ତ୍ୱାବଧାନରେ ଜିଲା କୋର୍ଟ ପରିସରରେ ଚାରା ରୋପଣ କରାଯାଇଛି। ପରିବାର ଅଦାଲତ ବିଚାରପତି ସୁବ୍ରତ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲା ଓ ଦୌରାଜଜ ରିଜା ରାଏ, ଅତିରିକ୍ତ ଜିଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ମାନସ କୁମାର ପଣ୍ଡା, ରେଜିଷ୍ଟ୍ରାର ନିଶାକର ସାହୁ, ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ, ଓକିଲ ସଂଘ ସଭାପତି ବୃନ୍ଦାବନ ପଣ୍ଡା, ସମ୍ପାଦକ ସଦେଶ ମିଶ୍ର, ଜିଲା ଜଙ୍ଗଲ, ପରିବେଶ ଅଧିକାରୀ କ୍ଷମା ଷଡଙ୍ଗୀ ଓ ବିଭାଗୀୟ ଅଧିକାରୀମାନେ ଏଥିରେ ସହଯୋଗ କରିଥିଲେ। ପରେ ସିନ୍ଧୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରସରରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ମଛଖଣ୍ଡଙ୍କ ସହିତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କ ସହ ମିଶି ଚାରା ରୋପଣ କରିଥିଲେ। ସହକାରୀ ଶିକ୍ଷକ ଶେଖ ଅବ୍ଦୁଲ ଖାଲିକ, ସରକାରୀ ଓକିଲ ଦଣ୍ଡପାଣି ସ୍ୱାଇଁ, ବରିଷ୍ଠ ଆଇନଜୀବି ରମେଶ ଚନ୍ଦ୍ର ମହାରଣା, ଗୋଷ୍ଠୀ ଶିକ୍ଷା ଅଧିକାରୀ ନିମାଇଁ ଚରଣ ପ୍ରଧାନ, ପ୍ରାଧିକରଣ ସଦସ୍ୟ ମହମ୍ମଦ ଓମାର ମାଲିକ, ସଦସ୍ୟା କ୍ଷଣପ୍ରଭା କର ବକ୍ତବ୍ୟ ରଖିଥିଲେ। ଛାତ୍ରୀ ମାନିନୀ ରାଉତ, ପ୍ରତୀକ୍ଷା ପ୍ରିୟଦର୍ଶିନୀ ଓ ମିତାଲି ଲେଙ୍କା ବନ ମହୋତ୍ସବ ଉପରେ ଉଦ୍‌ବୋଧନ ଦେଇଥିଲେ। ସଚିବ ଶପଥ ପାଠ ମାଧ୍ୟମରେ ଚାରା ରୋପଣର ପ୍ରତିବଦ୍ଧତା ଦର୍ଶାଇଥିଲେ। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ନାରାୟଣ ସାହୁ, ପୁରାତନ ଛାତ୍ର ସଂଘ ସଭାପତି ଭଗବାନ ଜେନା ପ୍ରମୁଖ ଚାରା ରୋପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଝୁମୁରି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚାରାରୋପଣ କରାଯାଉଛି।

# ନିର୍ଦ୍ଧାରିତ ସମୟରେ କର୍ମଚାରୀଙ୍କୁ ମିଳୁନି ଦରମା

**ନୂଆଗାଁ,୪।୭(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟ ଅଧୀନରେ କାମ କରୁଥିବା ଅନେକ କର୍ମଚାରୀ ଠିକ୍ ସମୟରେ ଦରମା ନ ପାଇ ହଇରାଣ ହେଉଥିବା ଅଭିଯୋଗ ହେଉଛି। ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ପ୍ରତି ମାସରେ ଠିକ୍ ସମୟରେ ବେତନ ଦେବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ସେଥିରେ ବ୍ୟତିକ୍ରମ ହେଉଥିବା ନେଇ ଅଭିଯୋଗ ହେଉଛି। ବ୍ଲକ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟକରୁଥିବା ଅନେକ ପଞ୍ଚାୟତ ନିର୍ବାହୀ ଅଧିକାରୀ ୨୦୨୩ ଅଗଷ୍ଟ ମାସର ବେତନ ଅଦ୍ୟାବଧି ପାଇ ନ ଥିବା ଅଭିଯୋଗ ହେଉଛି। ସେହିଭଳି ଜଣେ ନବ ନିଯୁକ୍ତି ପାଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ନୂଆଗାଁ ବ୍ଲକରେ ଯୋଗ ଦେବାର ୪ ମାସ ବିତି ଯାଇଥିଲେ ମଧ୍ୟ ଆଜି ସୁଦ୍ଧା ତାଙ୍କୁ ଦରମା ଦିଆଯାଇ ନାହିଁ। ନବ ନିଯୁକ୍ତି ପାଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ମୀରା ସାହୁ ମାର୍ଚ୍ଚ ୨୦୨୪ରେ ନୂଆଗାଁ ବ୍ଲକରେ କାର୍ଯ୍ୟରେ ଯୋଗ ଦେଇଛନ୍ତି ହେଲେ ଦରମା ପାଉ ନାହାନ୍ତି। ଏ ନେଇ ନୂଆଗାଁ ବ୍ଲକ କର୍ମଚାରୀଙ୍କ ଦରମାର କାଗଜ ପତ୍ର କରୁଥିବା (ଏଷ୍ଟାବ୍ଲିଶମେଣ୍ଟ ବିଭାଗ) କର୍ମଚାରୀ ସୁମିତ୍ରା ମଲିକଙ୍କୁ ପଚାରିବାରେ ମୀରାଙ୍କ ଅନ୍ ଲାଇନ କାମ କରିବା ସମୟରେ ମୀରାଙ୍କ ଜନ୍ମ ତାରିଖ ପରିବର୍ତ୍ତେ ତାଙ୍କ ସ୍ୱାମୀଙ୍କ ଜନ୍ମ ତାରିଖ ପଡିଯାଇଥିବାରୁ ଦରମା ହୋଇ ପାରୁ ନାହାନ୍ତି। ଏ ବାବଦରେ ମୁଁ ଜିଲା ଅଧିକାରୀଙ୍କ ସହ ଆଲୋଚନା କରି ଶୀଘ୍ର ଦରମା କରାଇବାର ବ୍ୟବସ୍ଥା କରୁଛି ବୋଲି କହିଛନ୍ତି ସୁମିତ୍ରା। ଅବସର ପ୍ରାପ୍ତ ପିଇଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ୫ ମାସ ହେଲା ଅବସର ଗ୍ରହଣ କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କର ପେନସନ ପାଇବାର ବ୍ୟବସ୍ଥା କରାଯାଇ ନାହିଁ। ସ୍ୱାସ୍ଥ୍ୟଗତ ସମସ୍ୟା ଥିଲେ ମଧ୍ୟ ପେନସନ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଧାଇଁ ଧାଇଁ ଥକି ଗଲେଣି ବୋଲି କହିଛନ୍ତି ପିଇଓ ପ୍ରଧାନ। କର୍ମଚାରୀମାନେ ଠିକ ସମୟରେ ଦରମା ନ ପାଇବା ବାବଦରେ ଉପ-ଜିଲାପାଳ କର୍ଣ୍ଣଦେବ ସମାଦାରଙ୍କୁ ପଚାରିବାରେ ମୁଁ ଏ ସମସ୍ୟା ସଂକ୍ରାନ୍ତରେ ନୂଆଗାଁ ବିଡିଓଙ୍କ ସହ କଥା ହେବି ବୋଲି କହିଛନ୍ତି।

# ମଧ୍ୟାହ୍ନଭୋଜନରେ ଲୁଣ ଖାଇ ୧୭ ଛାତ୍ରୀଛାତ୍ର ଅସୁସ୍ଥ

**ଓଡ଼ଗାଁ/ନୂଆଗାଁ,୪।୭(ଆଦର୍ଶ କୁମାର ପଟ୍ଟନାୟକ/ଧନେଶ୍ୱର ସାହୁ)**

ମଧ୍ୟାହ୍ନ ଭୋଜନରେ ଲୁଣ ଖାଇ ୧୭ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ନୟାଗଡ଼ ଜିଲା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏଭଳି ଅଭାବନୀୟ ଘଟଣା ଓଡ଼ଗାଁ ଆଦର୍ଶ ଥାନା ଅଧୀନ କାପ୍ତାପଲ୍ଲୀ ଉନ୍ନୀତ ବିଦ୍ୟାଳୟରେ ଗୁରୁବାର ଘଟିଛି।

ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ଜଣେ ତୃତୀୟ ଶ୍ରେଣୀର ଛାତ୍ର ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ସାଙ୍ଗରେ ଲୁଣ ଆଣିଥିଲେ। ମଧ୍ୟାହ୍ନ ଭୋଜନ ଖାଇବା ସମୟରେ ସେ ସମସ୍ତଙ୍କୁ ଆଣିଥିବା ଲୁଣ ଦେଇଥିଲେ। ସେହି ଲୁଣ ଖାଇବା ମାତ୍ରେ କେତେଜଣ ଛାତ୍ରୀଛାତ୍ର ବାନ୍ତି କରିବା ସହ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏ ସଂକ୍ରାନ୍ତରେ ଜାଣିବା ପରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ୧୦୮ ଆମ୍ବୁଲାନ୍ସ ଯୋଗେ ଅସୁସ୍ଥ ୧୭ ଛାତ୍ରୀଛାତ୍ରଙ୍କୁ ନେଇ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାକୁ ଆସିବା ସମୟରେ ୧୧ ଛାତ୍ରୀଛାତ୍ର ସୁସ୍ଥ ଅନୁଭବ କରିଥିଲେ। ଅନ୍ୟ ୬ ଛାତ୍ରୀଛାତ୍ରଙ୍କୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଚିକିତ୍ସା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି।

ଏ ବାବଦରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ପଚାରିବାରେ ମୁଁ ଏହି ଖବର ପାଇବା ପରେ ସିଆରସିସିଙ୍କୁ ଘଟଣାସ୍ଥଳକୁ ପଠାଇ ଘଟଣା ବିଷୟରେ ବୁଝିଛି। ଅସୁସ୍ଥ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଚିକିତ୍ସା କରାଇବା ପରେ ସେମାନେ ସୁସ୍ଥ ଅଛନ୍ତି ବୋଲି ବ୍ଲକ ଶିକ୍ଷାଧିକାରୀ ସାହୁ କହିଛନ୍ତି।



ଅସୁସ୍ଥ ଛାତ୍ରୀଛାତ୍ରମାନଙ୍କ ଡାକ୍ତରଖାନା ଅଣାଯାଇଛି।

# ଷ୍ଟ୍ରେଚରରେ ୧ କି.ମି. ବୁହାହେଲେ ଗୁରୁତର ରୋଗୀ

**ନୟାଗଡ଼/ଦଶପଲ୍ଲା,୪।୭(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)**

ରାସ୍ତା ନ ଥିବାରୁ ଗାଁକୁ ଯାଇ ପାରିଲା ନାହିଁ ଆମ୍ବୁଲାନ୍ସ। ଗୁରୁତର ରୋଗୀଙ୍କୁ ପ୍ରାୟ ୧କି.ମି. କାଦୁଅ ରାସ୍ତାରେ ଷ୍ଟ୍ରେଚର ଯୋଗେ ବୁହା ଯାଇଥିଲା। ଏଭଳି ଘଟଣା ଘଟିଛି ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା କୁଲୁରୁକୁମ୍ପା ପଞ୍ଚାୟତ ଜାମୁସାହି ଦୁଡୁକିପାଜୁ ଗାଁରେ।

ସୂଚନା ଅନୁଯାୟୀ, ଦୁଡୁକିପାଜୁ ଗାଁର ମାନସୀ ନାୟକ କିଛି ଦିନ ହେଲା ଅସୁସ୍ଥ ହୋଇ କଷ୍ଟ ପାଉଛନ୍ତି। ସ୍ୱାମୀ ଦିନ ମଜୁରିଆ ହୋଇଥିବାବେଳେ ପରିବାରର ସ୍ଥିତି ଭଲ ନ ଥିବାରୁ ମାନସୀଙ୍କୁ କେହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପାରୁ ନ ଥିଲେ। ଖବର ପାଇ ମଧଖଣ୍ଡ ପବନପୁତ୍ର ସେବା ସମିତିର ସଭ୍ୟମାନେ ମାନସୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ଗୁରୁବାର ଆମ୍ବୁଲାନ୍ସ ଡାକିଥିଲେ। ହେଲେ ଗାଁକୁ ରାସ୍ତା ନ ଥିବାରୁ ଗାଁ ଠାରୁ ୧ କି.ମି.ଦୂରରେ ଆମ୍ବୁଲାନ୍ସ ଅଟକି ରହିଥିଲା। ଏଭଳିସ୍ଥଳେ ଆମ୍ବୁଲାନ୍ସ କର୍ମଚାରୀ ଓ ପବନପୁତ୍ର ସେବା ସମିତିର ସଭ୍ୟମାନେ ମାନସୀଙ୍କୁ ଷ୍ଟ୍ରେଚର ଯୋଗେ ପ୍ରାୟ ୧ କି.ମି. କାଦୁଅ ରାସ୍ତାରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ପରେ ତାଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।


ରୋଗୀଙ୍କୁ ଷ୍ଟ୍ରେଚରରେ ଆମ୍ବୁଲାନ୍ସକୁ ନିଆଯାଉଛି।

## ଦୁଡୁକିପାଜୁ ଗାଁକୁ ଯାଇପାରିଲାନି ଆମ୍ବୁଲାନ୍ସ

ସୂଚନାଯୋଗ୍ୟ, ସରକାର ପରେ ସରକାର ବଦଳୁଛି। ହେଲେ ଡିଜିଟାଲ ଯୁଗରେ ଦଶପଲ୍ଲା ବ୍ଲକର ଅନେକ ଗାଁକୁ ରାସ୍ତା ନାହିଁ। ଏଣୁ ବିଭିନ୍ନ ସମୟରେ ଦଶପଲ୍ଲାର ଅନେକ ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁ ନାହିଁ। ଗାଁକୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ କେତେବେଳେ ରୋଗୀ ପ୍ରାଣ ହରାଉଛନ୍ତି ଆଉ କେତେବେଳେ ହଟହଟା ହେଉଛି। ଏନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇ ଆସୁଥିଲେ ମଧ ରାସ୍ତା ନ ଥିବା ଗାଁର ଚିତ୍ର ବଦଳି ପାରୁ ନାହିଁ। ଗାଁକୁ ରାସ୍ତା ନ ଥିବା ଲୋକମାନେ ଅସୁସ୍ଥ ସମୟରେ ଅଭିଶପ୍ତ ଜୀବନଯାପନ କରୁଛନ୍ତି।

# ପରିଚୟପତ୍ର ସହ ଆବେଦନପତ୍ର ଦେଇ ନାମ ପଞ୍ଜୀକରଣ

### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପଞ୍ଜୀକରଣ

**ଭୁବନେଶ୍ୱର,୪।୭(ଅନିଲ ଦାସ)**

ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କୁ ସିଧାସଳଖ ଭେଟୁଛନ୍ତି ଓ ସେମାନଙ୍କ ଅଭିଯୋଗ ଶୁଣୁଛନ୍ତି। ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ ପରେ ମୁଖ୍ୟମନ୍ତ୍ରୀ ଅସ୍ଥାୟୀ ଭାବେ ରାଜ୍ୟ ଅତିଥି ଭବନରେ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣୁଥିଲେ। ତେବେ ଜୁଲାଇ ୧ ତାରିଖରୁ ପ୍ରତ୍ୟେକ ସୋମବାର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି କରିବାକୁ ନିଷ୍ପତ୍ତି ହୋଇଛି। ଅଭିଯୋଗ ଶୁଣାଣି ପାଇଁ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପଞ୍ଜୀକରଣ କରାଯିବ। ଆଗ୍ରହୀ ବ୍ୟକ୍ତିମାନେ ଏହି ସମୟ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହି ପଞ୍ଜୀକରଣ କରିପାରିବେ ଓ ସେମାନଙ୍କ ଅଭିଯୋଗ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ଜଣାଇବା ପାଇଁ ବହୁ ସଂଖ୍ୟକ ଲୋକ ଆସୁଥିବା ଦେଖାଯାଇଛି। ତେବେ ପଞ୍ଜୀକରଣ କିପରି ହେବ ସେମାନେ ଜାଣିପାରୁନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅଭିଯୋଗକାରୀ ସକାଳ ୯ଟାରୁ ୧୨ଟା ମଧ୍ୟରେ ସିଧାସଳଖ ଆସି ନିଜର ନାମ ପଞ୍ଜୀକରଣ କରିପାରିବେ। ଏଥିପାଇଁ କେଉଁ ବିଷୟରେ ଅଭିଯୋଗ କରୁଛନ୍ତି ସେ ନେଇ ଏକ ଦରଖାସ୍ତ ସହ ପରିଚୟପତ୍ର(ଆଧାର କାର୍ଡ କିମ୍ବା ଭୋଟର ପରିଚୟପତ୍ର) ଦେବାକୁ ହେବ। ଦରଖାସ୍ତ ପଞ୍ଜୀକରଣ ହେବା ପରେ ଆବେଦନକାରୀଙ୍କୁ ଏକ ଟୋକନ ମିଳିବ। ଟୋକନ ସିରିଏଲ ନମ୍ବର ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନିଜର ଅଭିଯୋଗ ଜଣାଇପାରିବେ। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ନ ଆସି ମଧ୍ୟ ଆବେଦନକାରୀ ୱେବ୍‌ସାଇଟ janasunani.odisha.gov.in, ଇ-ମେଲ cmo@nic.in ଜରିଆରେ ନିଜର ଅଭିଯୋଗ ପଞ୍ଜୀକରଣ କରିପାରିବେ। ସେହିପରି ଜନଶୁଣାଣି ଆପ୍, ହ୍ୱାଟସ୍‌ଆପ୍ ନଂ. ୬୩୭୦୯୫୧୯୩୯ ଏବଂ ଚିଠି ଜରିଆରେ ମଧ୍ୟ ନିଜର ଅଭିଯୋଗ ପଞ୍ଜୀକରଣ କରିପାରିବେ। ଏହି ଅଭିଯୋଗଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ଅନୁଯାୟୀ ସମାଧାନ ହେବ ଓ ଆବେଦନକାରୀଙ୍କୁ ଅନ୍‌ଲାଇନ କିମ୍ବା ଚିଠି ଜରିଆରେ ଜଣାଇ ଦିଆଯିବ। ଏଥିରେ ପଞ୍ଜୀକୃତ ଆବେଦନକାରୀ ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭେଟିବା ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ଜିଲାପାଳ ଓ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଜିଲାସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣିର ବ୍ୟବସ୍ଥା ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ସିଡବ୍ଲ୍ୟୁସି ଅଧ୍ୟକ୍ଷା, ଶିଶୁ ସୁରକ୍ଷା ବିଭାଗ, ପୋଲିସର ଛାନ୍‌ଭିନ୍

### ଲକ୍ଷେ ଟଙ୍କାରେ ଶିଶୁପୁତ୍ର ବିକ୍ରି ଘଟଣା

### ■ ମା', ବିକ୍ରିରେ ସହଯୋଗ କରିଥିବା ବ୍ୟକ୍ତି ଫେରାର

**ପାରାଦୀପ,୪।୭(ଶରତ ରାଉତ)**

ଜଗତ୍‌ସିଂହପୁର ଜିଲା ପାରାଦୀପରେ ବୁଧବାର ୪ ଦିନର ଶିଶୁପୁତ୍ରକୁ ମା' ବିକ୍ରି କରି ଦେଇଥିଲେ। ନବଜାତକଙ୍କୁ କିଣିଥିବା ବ୍ୟକ୍ତି ଜଣକ ପାରାଦୀପରୁ ଆନ୍ଧ୍ର ପ୍ରଦେଶକୁ ନେଇ ପଳାଇଛନ୍ତି। ଏ ସମ୍ପର୍କରେ 'ଧରିତ୍ରୀ'ରେ ଗୁରୁବାର 'ଲକ୍ଷେ ଟଙ୍କାରେ ଶିଶୁପୁତ୍ର ବିକ୍ରି' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସିଡବ୍ଲ୍ୟୁସି (ଚାଇଲ୍ଡ ୱେଲଫେୟାର କମିଟି) ଅଧ୍ୟକ୍ଷା ଶକୁନ୍ତଳା ଚୌଧୁରୀ, ଶିଶୁ ସୁରକ୍ଷା ବିଭାଗର ୨ ଜଣ ଅଧିକାରୀ, ପାରାଦୀପ ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ, ଜଟାଧାର ମୁହାଣ ସାମୁଦ୍ରିକ ଥାନା ଅଧିକାରିଣୀ ସୁଜାତା ବେହେରା ପ୍ରମୁଖ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ସମସ୍ତ ଘଟଣାର ଭିଡିଓ ରେକର୍ଡିଂ କରାଯିବା ସହ ସ୍ଥାନୀୟ ଲୋକଙ୍କ ମତାମତ ତଦନ୍ତ ଟିମ୍ ସଂଗ୍ରହ କରିଛି। ଶେଷରେ ରାତିରେ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଆନୁଷ୍ଠାନିକ ଭାବେ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରାଯାଇଛି ବୋଲି ଚାଇଲ୍ଡ ହେଲ୍ପ ଲାଇନ ସଂଯୋଜକ ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ କହିଛନ୍ତି। ଏ ସମ୍ପର୍କରେ ସିଡବ୍ଲ୍ୟୁସି ଅଧ୍ୟକ୍ଷା ଚୌଧୁରୀ କହିଥିଲେ,



ସିଡବ୍ଲ୍ୟୁସି ଟିମ୍ ପକ୍ଷରୁ ଶିଶୁ ବିକ୍ରି ଘଟଣାର ତଦନ୍ତ କରାଯାଉଛି।

ଶିଶୁପୁତ୍ର ବିକ୍ରି ଘଟଣା ସମ୍ପୂର୍ଣ୍ଣ ସତ୍ୟ। ଆମେ ବିଜୁ ମେମୋରିଆଲ ହସ୍ପିଟାଲ ଡାକ୍ତରଙ୍କଠାରୁ ଆରମ୍ଭ କରି ଆଶାକର୍ମୀ, ମା'ଙ୍କୁ ଗର୍ଭ ସମୟରେ ସହଯୋଗ କରିଥିବା ମହିଳା, ବିକ୍ରି ହୋଇଥିବା ସ୍ଥାନ ନୁଆବଜାର ମୁଣ୍ଡାପଡ଼ା ବସ୍ତିର ଲୋକ, ଜନ୍ମ ଦେଇଥିବା ମା'ଙ୍କ ନିଜ ମାଉସୀ, କାଉନ୍‌ସିଲର ମନୋଜ କୁମାର ନାୟକ ପ୍ରମୁଖଙ୍କ ବୟାନ ରେକର୍ଡ କରାଯାଇଛି। ସ୍ଥାନୀୟ ପୋଲିସ ଜରିଆରେ ସମସ୍ତଙ୍କୁ ତାଗିଦା କରିଛୁ। ଆସନ୍ତା ୨୪ରୁ ୪୮ ଘଣ୍ଟା ମଧ୍ୟରେ ବିକ୍ରି କରାଯାଇଥିବା ଶିଶୁପୁତ୍ରକୁ ଉଦ୍ଧାର କରାଯିବ। ତା'ପରେ ଏହି ଘଟଣାରେ ଜଡ଼ିତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚୌଧୁରୀ ପ୍ରକାଶ କରିଛନ୍ତି। ଏ ପ୍ରସଙ୍ଗରେ କମିଟି ପକ୍ଷରୁ କୁହାଯାଇଛି, ଶିଶୁପୁତ୍ର ବିକ୍ରି ବେଳେ ଲକ୍ଷେ ଟଙ୍କା କାରବାର ହୋଇଥିଲା ବୋଲି ସମସ୍ତେ କହିଥିଲେ। କିନ୍ତୁ ଜନ୍ମଦାତ୍ରୀ ମା' ପାଖକୁ ୫୦ ହଜାର ଟଙ୍କା ଯାଇଥିଲା ବୋଲି ତାଙ୍କ ମାଉସୀ କହିଛନ୍ତି। ଅବଶିଷ୍ଟ ଟଙ୍କା ପିଲା ବିକ୍ରିରେ ସହଯୋଗ କରିଥିବା ୨ଜଣ ବ୍ୟକ୍ତି ନେଇଛନ୍ତି ବୋଲି ତଦନ୍ତ ବେଳେ ଜଣାପଡ଼ିଛି। ତଦନ୍ତ ଆରମ୍ଭ ପୂର୍ବରୁ ସମ୍ପୃକ୍ତା ମା'ଙ୍କୁ ଅଭିଯୁକ୍ତମାନେ କଟକ ବାରଙ୍ଗ ପାଖକୁ ନେଇ ଯାଇଛନ୍ତି। ତାଙ୍କୁ ଗୁରୁବାର ରାତି ମଧ୍ୟରେ ଠାବ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଜଣେ ସ୍ୱାମୀ ପରିତ୍ୟକ୍ତା ଅନୁସୂଚିତ ଜନଜାତି ମହିଳା ଭୁବନେଶ୍ୱରରୁ ପାରାଦୀପକୁ ଦୁଇବର୍ଷ ତଳେ ପଳାଇ ଆସିଥିଲେ। ତାଙ୍କର ୫ ବର୍ଷର ଝିଅ ଅଛି। ପିଲାଙ୍କୁ ପୋଷିବା ପାଇଁ ସେ ଦିନ ମଜୁରିଆ ଭାବେ କାମ କରନ୍ତି। ଏମିତି କାମ ମଧ୍ୟରେ କୌଣସି ଭୁଲ୍ ଯୋଗୁ ସେ ଗର୍ଭବତୀ ହୋଇଥିଲେ। ଏହା ଜାଣିବା ପରେ ସେ ଗର୍ଭ ନଷ୍ଟ କରିବା ପାଇଁ ତାଙ୍କ ସହ କାମ କରୁଥିବା ତେଲଗୁ ସମ୍ପ୍ରଦାୟର ଜଣେ ଲୋକଙ୍କୁ ଟଙ୍କା ମାଗିଥିଲେ। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଗର୍ଭ ନଷ୍ଟ ନ କରି ନିଜ ପାଖରେ ରଖିବାକୁ ପରାମର୍ଶ ଦେଇଥିଲେ। ଯେଉଁ ପିଲା ହେବ ସେ ତାକୁ ନେଇଯିବେ ବୋଲି କଥା ଦେଇଥିଲେ। ଏପରିକି ସମ୍ପୃକ୍ତା ମହିଳାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ କହିଥିଲେ। ଗତ ୧୫ ଦିନ ତଳେ ସମ୍ପୃକ୍ତ ତେଲଗୁ ସମ୍ପ୍ରଦାୟର ବ୍ୟକ୍ତି ଜଣକ ପୁଅ ବିବାହ ପାଇଁ ଆନ୍ଧ୍ର ପଳାଇ ଥିଲେ। ଜୁନ ୨୯ ରାତିରେ ସମ୍ପୃକ୍ତ ମହିଳା ବିଜୁ ମେମୋରିଆଲ ହସ୍ପିଟାଲରେ ଏକ ପୁତ୍ର ସନ୍ତାନ ଜନ୍ମ କରିଥିଲେ। ମା' ଜଣକ ସୋମବାର ଆଉ ଜଣେ ବ୍ୟକ୍ତିଙ୍କୁ ଶିଶୁପୁତ୍ରକୁ ଲକ୍ଷେ ଟଙ୍କାରେ ବିକ୍ରି କରି ଦେଇଥିଲେ।

# ଦିନକରେ ମିଳିବ ପ୍ରୋଭିଜନାଲ ଟ୍ରେଡ୍ ଲାଇସେନ୍ସ

### ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

### ନଗର ଉନ୍ନୟନ ବିଭାଗର ୫ ସେବା ଓଡ଼ିଶା ଲୋକସେବା ଅଧିକାର ଆଇନରେ ସାମିଲ ହେବ

**ଭୁବନେଶ୍ୱର,୪।୭(ଅନିଲ ଦାସ)**

ରାଜ୍ୟ ସରକାର ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ଆଉ ୫ଟି ସେବାକୁ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ, ୨୦୧୨ରେ ଅନ୍ତର୍ଭୁକ୍ତ କରିବେ। ଏହା କାର୍ଯ୍ୟକାରୀ କରିବା ପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ଗୃହ ଓ ନଗର ଉନ୍ନୟନ ବିଭାଗର ୨୬ଟି ସେବା ଏହି ଅଧିନିୟମ ଅନ୍ତର୍ଭୁକ୍ତ ହୋଇଛି । ନୂତନ ଭାବେ ସାମିଲ ହେବାକୁ ଥିବା ଆଉ ୫ଟି ସେବା ହେଉଛି ବିଲ୍ଡିଂ ପ୍ଲାନ୍ ପରିବର୍ତ୍ତନ ଏବଂ ସଂଯୋଗ/ସଂଶୋଧନ ୧୫ରୁ ୩୦ ଦିନ ମଧ୍ୟରେ ହେବ, ବିଲ୍ଡିଂ ପ୍ଲାନ୍‌ରେ ପୁନଃ ବୈଧୀକରଣ ନିମନ୍ତେ ଅନୁମତି ସମୟ ସୀମା ୭ ଦିନ ରହିବ। ସେହିପରି ପ୍ଲିନ୍ଥ ଅନୁମୋଦନ ସମୟ ସୀମା ୭ ଦିନ, ଟ୍ରେଡ୍ ଲାଇସେନ୍ସ ପ୍ରୋଭିଜନାଲ ସାର୍ଟିଫିକେଟ୍ ସମୟ ସୀମା ଗୋଟିଏ ଦିନ ଏବଂ ଟ୍ରେଡ୍ ଲାଇସେନ୍ସ ଫାଇନାଲ ସାର୍ଟିଫିକେଟ୍ ସମୟ ସୀମା ୯୦ ଦିନ ଧାର୍ଯ୍ୟ କରାଯାଇଛି । ଏହିସବୁ ସେବାକୁ ଖୁବ୍‌ଶୀଘ୍ର ବିଜ୍ଞାପିତ କରାଯାଇ ଜନସାଧାରଣଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯୋଗାଇ ଦିଆଯିବ । ଏହି ୫ ଗୋଟି ସେବାକୁ ମିଶାଇ ୩୧ଟି ବିଭାଗର ମୋଟ୍ ୪୨୨ଟି ସେବା ଉକ୍ତ ଅଧିନିୟମ ଅନ୍ତର୍ଭୁକ୍ତ ହୋଇଛି। ରାଜ୍ୟ ସରକାର ଜନସାଧାରଣଙ୍କୁ ଏହି ଅଧିନିୟମ ଅନ୍ତର୍ଭୁକ୍ତ ବିଜ୍ଞାପିତ ସମସ୍ତ ସେବାକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ରଦାନ କରିବା ନିମନ୍ତେ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

## ଆସନ୍ତା ୮ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୪।୭(ସୁନିତ୍ ମିଶ୍ର)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ଓଡ଼ିଶା ସରକାର ଆସନ୍ତା ୮ ତାରିଖକୁ ସରକାରୀ ଛୁଟିଦିନ ଭାବରେ ଘୋଷଣା କରିଛନ୍ତି। ଏଥିପାଇଁ ସେଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରକ୍ ପଛରେ ପିଟିହେଲା କାର୍, ଦମ୍ପତି ମୃତ

**ପାଣିକୋଇଲି (ବିକାଶ ମଲ୍ଲିକ)/ ସୋର(ଜନ୍ମେଜୟ ମିଶ୍ର) , ୪।୭**

ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ଡାଇଭର୍ସନଠାରେ ବୁଧବାର ରାତିରେ ଏକ ଟ୍ରକ ପଛରେ କାର୍ ପିଟିହୋଇଛି। ଫଳରେ ଘଟଣାସ୍ଥଳରେ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୌଭାଗ୍ୟବଶତଃ ଉକ୍ତ ଦୁର୍ଘଟଣାରେ ଅନ୍ୟ ୨ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ବିନୋଦ ବିହାରୀ ଜେନା ଓ ତାଙ୍କ ସ୍ତ୍ରୀ ସୁମିତ୍ରା। ଗୁରୁତର ହେଲେ ବିନୋଦଙ୍କ ପୁତୁରା ବୋହୂ ସୀମା ଜେନା ଓ ନାବାଳିକା ଝିଅାରୀ ବର୍ଷା ପ୍ରିୟଦର୍ଶିନୀ।

ବିନୋଦ ତାଙ୍କ ସ୍ତ୍ରୀ ସୁମିତ୍ରାଙ୍କ କଟକରେ ଚିକିତ୍ସା କରାଇ ପୁତୁରା ବୋହୂ, ନାବାଳିକା ଝିଅାରୀ ଏବଂ ସମ୍ପର୍କୀୟଙ୍କ ସହିତ ଏକ ୱାଗନର କାର (ଓଡି୦୧ଏପି୯୦୬୪) ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ରାଜପଥରେ ପାର୍କିଂ ହୋଇଥିବା ଏକ ଟ୍ରକ (ଡବ୍ଲ୍ୟୁବି୨୩ସି୦୬୯୬) ହଠାତ୍ ଡାହାଣକୁ ମାଡ଼ି ଆସିବାରୁ କାର୍ ଚାଳକ ନିୟନ୍ତ୍ରଣ ହରାଇ ଟ୍ରକ ପଛରେ ପିଟି ଦେଇଥିଲେ। ଦୁର୍ଘଟଣା ପରେ ଟ୍ରକଟି କାରକୁ ଦୁର୍ଘଟଣାସ୍ଥଳରୁ ୨୦୦ ମିଟର ଦୂରକୁ ଘୋଷାରି ନେଇ ଆସିଥିଲା। ସ୍ଥାନୀୟ ଲୋକେ ହୋହଲ୍ଲା କରିବାରୁ ଭୟଭୀତ ହୋଇ ଟ୍ରକ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ଖବର ପାଇ ପାଣିକୋଇଲି ପୋଲିସ ଓ ଆମେ ଆପଣଙ୍କ ପାଇଁ ହେଲ୍‌ପିଂ ଗ୍ରୁପର ସଦସ୍ୟ ପହଞ୍ଚି ସମସ୍ତ ଗୁରୁତରଙ୍କୁ କାରରୁ ବାହାର କରି ପିସିଆର ଭ୍ୟାନ ଏବଂ ରାଜପଥ ପାଟ୍ରୋଲିଂ ଭ୍ୟାନରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ସୁମିତ୍ରା ଓ ତାଙ୍କ ସ୍ୱାମୀ ବିନୋଦଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୨ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ପଠାଯାଇଥିଲା। ଏନେଇ ବିନୋଦଙ୍କ ସମ୍ପର୍କୀୟ ଉଦୟ ଜେନାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୩/୨୪) ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ କାରକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ମା'ଙ୍କୁ ହତ୍ୟା ଘଟଣା: ଦେଢବର୍ଷ ପରେ ଫେରାର ଥିବା ପୁଅ ଗିରଫ

**ବସ୍ତା, ୪।୭ (ହରିଶଙ୍କର ପାଢ଼ି)**

ମା'ଙ୍କୁ ହତ୍ୟା କରି ଫେରାର ଥିବା ପୁଅକୁ ବାଲେଶ୍ୱର ଜିଲା ସିଂଲା ପୋଲିସ ଦେଢବର୍ଷ ପରେ ଗିରଫ କରିଛି। ନିଶାସକ୍ତ ଅବସ୍ଥାରେ ଶାବଳରେ ବୃଦ୍ଧା ମା'ଙ୍କୁ ହତ୍ୟା କରିବା ପରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ ପୁଅ। ଏଭଳି ଘଟଣା ଘଟିଥିଲା ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସାର୍ଥା ଗ୍ରାମରେ। ସାର୍ଥା ଗ୍ରାମର ୭୫ ବର୍ଷୀୟା ବୃଦ୍ଧା ସାବିତ୍ରୀ ମଣ୍ଡଳ ସ୍ୱାମୀଙ୍କ ମୃତ୍ୟୁ ପରେ ଭିକ୍ଷାବୃତ୍ତି କରି ଏକୁଟିଆ ଚଳୁଥିଲେ। ତାଙ୍କର ୩ ଜଣ ପୁଅ ରହିଥିଲେ ମଧ୍ୟ ସମସ୍ତେ ଅଲଗା ହୋଇ ରହୁଛନ୍ତି। ବଡ଼ ପୁଅ ଅଜୟ ବୃଦ୍ଧା ମା'ଙ୍କ ଭତ୍ତା ଟଙ୍କା ନେବା ପାଇଁ ସବୁବେଳେ ମାର୍‌ପିଟ କରୁଥିଲେ। ୨୦୨୩ ଜାନୁଆରୀ ୯ ତାରିଖରେ ଅଜୟ ଘରକୁ ଆସି ବୃଦ୍ଧା ସାବିତ୍ରୀଙ୍କୁ ଭତ୍ତା ଟଙ୍କା ଦେବା ପାଇଁ ଜିଦ୍ କରିଥିଲେ। ମାତ୍ର ସାବିତ୍ରୀ ଭତ୍ତା ଟଙ୍କା ଦେବାକୁ ମନା କରିବାରୁ ସେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ବୃଦ୍ଧାଙ୍କ ଚିତ୍କାର ଶୁଣି ସାନ ବୋହୂ ସଞ୍ଜୁରାଣୀ ପହଞ୍ଚି ଅଜୟଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ପାଇ ସିଂଲା ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହ ମାମଲା (ନଂ. ୨/୨୦୨୩) ରୁଜୁ କରି ଅଭିଯୁକ୍ତଙ୍କ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଶେଷରେ ପୋଲିସ ବୁଧବାର ଘଟଣାର ୧ ବର୍ଷ ୫ ମାସ ପରେ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଗଣେଶ୍ୱର ଜେନା ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ସଚିବ ନିଯୁକ୍ତ

**ଭୁବନେଶ୍ୱର,୪।୭(ଅନିଲ ଦାସ)**

ଓଡ଼ିଶା ପଣ୍ୟାଗାର ନିଗମ ପରିଚାଳନା ନିର୍ଦ୍ଦେଶକ ଗଣେଶ୍ୱର ଜେନାଙ୍କୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅତିରିକ୍ତ ଶାସନ ସଚିବ ଭାବେ ବଦଳି କରାଯାଇଛି। ଏଥିସହିତ ସେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ବ୍ୟକ୍ତିଗତ ସଚିବ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଏ ନେଇ ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।





ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଟେଙ୍କା ମାଇପ ଖେଙ୍କା**
**ମାଠୁଆ ବଳଦ ଯା'ର**
**ଯମ ଘରେ ଯାଇ କି ଫଳ ହେବ**
**ନିଇତି ମରଣ ତା'ର ।**

ଅଳପ ଟଙ୍କା ପଇସା ବ୍ୟକ୍ତିକୁ ଅକଳରେ ପକେଇ ଦେଇଥାଏ। ସବୁ କ୍ଷେତ୍ରରେ ସେ ନାଚାର ହୋଇଯାଇଥାଏ। ଖେଙ୍କେଇକରି କଥା କହୁଥିବା ଘରଣୀ ମୁଣ୍ଡ ବ୍ୟଥାର କାରଣ ପାଲଟିଥାଏ। ଏପରି ସ୍ତ୍ରୀ ଥିଲେ ଘରେ ଅଶାନ୍ତି ହେବା ସୁନିଶ୍ଚିତ। ସେହିପରି ମାଠୁଆ ହଳ ଚାଷବାସ କରିବାରେ ଅନ୍ତରାୟ ସୃଷ୍ଟି କରିବସୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅଗା ପଡାଣ୍ଡି ବାଡ଼ ମୂଳକୁ**
**ଚୋର କାନ୍ଦଣା ସଞ୍ଜ ବେଳକୁ ।**

ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଆକର୍ଷଣ ଭାବ ଅଧିକ ରହିଥାଏ। ସ୍ୱାମୀ ପ୍ରତି ସ୍ତ୍ରୀର ରସିକ ମନୋଭାବ ବେଳକାଳ ଜାଣି ଉଦ୍ରେକ ହେଉଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ରଥଯାତ୍ରା ନିମନ୍ତେ ସ୍ୱତନ୍ତ୍ର ଟ୍ରେନ୍

**ପୂର୍ବ ତଟ ରେଳପଥ** ଦ୍ୱାରା ଉତ୍ସର୍ଗୀକୃତ ସେବା



**01. ରଥଯାତ୍ରା ନିମନ୍ତେ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍ (ତା. 06.07.2024 ଠାରୁ 13.07.2024 ରିଖ)**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08495 | ପାରାଦ୍ୱୀପ-ପୁରୀ | 06 ଠାରୁ 13.07.24 | 2100 | 0310 |
| 08433 | ଅନୁଗୁଳ-ପୁରୀ | 06 ଠାରୁ 13.07.24 | 2330 | 0355 |
| 08491 | ଭଦ୍ରକ-ପୁରୀ | 06 ଠାରୁ 13.07.24 | 2100 | 0335 |
| 08357 | ଖୋର୍ଦ୍ଧା ରୋଡ୍-ପୁରୀ | 07.07.24 | 0510 | 0620 |
| 08359 | ଖୋର୍ଦ୍ଧା ରୋଡ୍-ପୁରୀ | 07.07.24 | 1410 | 1530 |
| 08335 | ଦଶପଲ୍ଲା-ପୁରୀ | 07.07.24 | 0200 | 0445 |
| 08337 | ଦଶପଲ୍ଲା-ପୁରୀ | 07 ଠାରୁ 13.07.24 | 0800 | 1055 |
| 08339 | ଦଶପଲ୍ଲା-ପୁରୀ | 07.07.24 | 1100 | 1400 |
| 08435 | ଅନୁଗୁଳ-ପୁରୀ | 07.07.24 | 0130 | 0740 |
| 08493 | ଭଦ୍ରକ-ପୁରୀ | 07.07.24 | 0200 | 0825 |
| 08333 | ସୋମ୍ପେଟା-ପୁରୀ | 07.07.24 | 0515 | 1205 |
| 08497 | ପାରାଦ୍ୱୀପ-ପୁରୀ | 07 ଠାରୁ 13.07.24 | 0230 | 0810 |
| 08425 | ପଲାସା-ପୁରୀ | 06 ଠାରୁ 13.07.24 | 2100 | 0130 |
| 08341 | କେନ୍ଦୁଝରଗଡ଼-ପୁରୀ | 06 ଠାରୁ 13.07.24 | 2000 | 0145 |
| 08345 | ଗୁଣୁପୁର-ପୁରୀ | 06.07.24 | 2300 | 0415 |
| 08331 | ପଲାସା-ପୁରୀ | 07.07.24 | 0015 | 0535 |
| 08343 | କେନ୍ଦୁଝରଗଡ଼-ପୁରୀ | 07 ଠାରୁ 13.07.24 | 0415 | 0945 |
| 08347 | ବିଶାଖାପାଟଣା-ପୁରୀ | 06.07.24 | 1400 | 2245 |
| 08349 | ଜଗଦଲପୁର-ପୁରୀ | 06.07.24 | 1045 | 0045 |
| 08351 | କୁନାଗଡ଼ ରୋଡ୍-ପୁରୀ | 06.07.24 | 0900 | 2130 |
| 08355 | ସୋନପୁର-ପୁରୀ | 06.07.24 | 1500 | 0120 |
| 08353 | ସମ୍ବଲପୁର-ପୁରୀ | 06.07.24 | 2300 | 0755 |

**02. ରଥଯାତ୍ରା ନିମନ୍ତେ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍ (ତା. 07.07.2024 ଠାରୁ 14.07.2024 ରିଖ)**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08492 | ପୁରୀ-ଭଦ୍ରକ | 07 ଠାରୁ 14.07.24 | 1500 | 2135 |
| 08494 | ପୁରୀ-ଭଦ୍ରକ | 07.07.24 | 2100 | 0255 |
| 08496 | ପୁରୀ-ପାରାଦ୍ୱୀପ | 07 ଠାରୁ 14.07.24 | 1530 | 2230 |
| 08498 | ପୁରୀ-ପାରାଦ୍ୱୀପ | 07 ଠାରୁ 14.07.24 | 2130 | 0300 |
| 08434 | ପୁରୀ-ଅନୁଗୁଳ | 07 ଠାରୁ 14.07.24 | 1545 | 2045 |
| 08436 | ପୁରୀ-ଅନୁଗୁଳ | 07.07.24 | 2220 | 0230 |
| 08360 | ପୁରୀ-ଖୋର୍ଦ୍ଧା ରୋଡ୍ | 08.07.24 | 0330 | 0500 |
| 08426 | ପୁରୀ-ପଲାସା | 07 ଠାରୁ 14.07.24 | 1640 | 0025 |
| 08332 | ପୁରୀ-ପଲାସା | 08.07.24 | 0400 | 1005 |
| 08334 | ପୁରୀ-ସୋମ୍ପେଟା | 07.07.24 | 2300 | 0500 |
| 08342 | ପୁରୀ-କେନ୍ଦୁଝରଗଡ଼ | 07 ଠାରୁ 14.07.24 | 1745 | 2345 |
| 08344 | ପୁରୀ-କେନ୍ଦୁଝରଗଡ଼ | 07 ଠାରୁ 14.07.24 | 2330 | 0445 |
| 08346 | ପୁରୀ-ଗୁଣୁପୁର | 07.07.24 | 2120 | 0730 |
| 08336 | ପୁରୀ-ଦଶପଲ୍ଲା | 07.07.24 | 1845 | 2130 |
| 08338 | ପୁରୀ-ଦଶପଲ୍ଲା | 08 ଠାରୁ 14.07.24 | 0040 | 0330 |
| 08340 | ପୁରୀ-ଦଶପଲ୍ଲା | 08.07.24 | 0300 | 0540 |
| 08358 | ପୁରୀ-ଖୋର୍ଦ୍ଧା ରୋଡ୍ | 07.07.24 | 0830 | 0950 |
| 08348 | ପୁରୀ-ବିଶାଖାପାଟଣା | 08.07.24 | 0145 | 1030 |
| 08350 | ପୁରୀ-ଜଗଦଲପୁର | 08.07.24 | 0015 | 1510 |
| 08352 | ପୁରୀ-କୁନାଗଡ଼ ରୋଡ୍ | 07.07.24 | 1925 | 0850 |
| 08356 | ପୁରୀ-ସୋନପୁର | 08.07.24 | 0140 | 1040 |
| 08354 | ପୁରୀ-ସମ୍ବଲପୁର | 08.07.24 | 0230 | 1030 |

**03. ତା. 14 ଏବଂ 15.07.2024 ରିଖ (ବାହୁଡ଼ା ଯାତ୍ରା) ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08495 | ପାରାଦ୍ୱୀପ-ପୁରୀ | 14 ଏବଂ 15.07.24 | 2100 | 0310 |
| 08433 | ଅନୁଗୁଳ-ପୁରୀ | 14 ଏବଂ 15.07.24 | 2330 | 0355 |
| 08491 | ଭଦ୍ରକ-ପୁରୀ | 14 ଏବଂ 15.07.24 | 2100 | 0335 |
| 08357 | ଖୋର୍ଦ୍ଧା ରୋଡ୍-ପୁରୀ | 15.07.24 | 0510 | 0620 |
| 08359 | ଖୋର୍ଦ୍ଧା ରୋଡ୍-ପୁରୀ | 14.07.24 | 1410 | 1530 |
| 08335 | ଦଶପଲ୍ଲା-ପୁରୀ | 15.07.24 | 0200 | 0445 |
| 08337 | ଦଶପଲ୍ଲା-ପୁରୀ | 14 ଏବଂ 15.07.24 | 0800 | 1055 |
| 08339 | ଦଶପଲ୍ଲା-ପୁରୀ | 15.07.24 | 1100 | 1400 |
| 08435 | ଅନୁଗୁଳ-ପୁରୀ | 15.07.24 | 0130 | 0740 |
| 08493 | ଭଦ୍ରକ-ପୁରୀ | 15.07.24 | 0200 | 0825 |
| 08333 | ସୋମ୍ପେଟା-ପୁରୀ | 15.07.24 | 0515 | 1205 |
| 08497 | ପରାଦ୍ୱୀପ-ପୁରୀ | 14 ଏବଂ 15.07.24 | 0230 | 0820 |
| 08425 | ପଲାସା-ପୁରୀ | 14 ଏବଂ 15.07.24 | 2100 | 0130 |
| 08341 | କେନ୍ଦୁଝରଗଡ଼-ପୁରୀ | 14 ଏବଂ 15.07.24 | 2000 | 0145 |
| 08345 | ଗୁଣୁପୁର-ପୁରୀ | 14.07.24 | 2300 | 0415 |
| 08331 | ପଲାସା-ପୁରୀ | 15.07.24 | 0015 | 0535 |
| 08343 | କେନ୍ଦୁଝରଗଡ଼-ପୁରୀ | 14 ଏବଂ 15.07.24 | 0415 | 0945 |
| 08347 | ବିଶାଖାପାଟଣା-ପୁରୀ | 14 ଏବଂ 16.07.24 | 1400 | 2245 |
| 08349 | ଜଗଦଲପୁର-ପୁରୀ | 14.07.24 | 1045 | 0045 |
| 08351 | କୁନାଗଡ଼ ରୋଡ୍-ପୁରୀ | 14.07.24 | 0900 | 2100 |
| 08355 | ସୋନପୁର-ପୁରୀ | 14.07.24 | 1500 | 0120 |
| 08353 | ସମ୍ବଲପୁର-ପୁରୀ | 14.07.24 | 2300 | 0745 |

**04. ତା. 15 ଏବଂ 16.07.2024 ରିଖ (ବାହୁଡ଼ା ଯାତ୍ରା) ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08492 | ପୁରୀ-ଭଦ୍ରକ | 15 ଏବଂ 16.07.24 | 1500 | 2135 |
| 08494 | ପୁରୀ-ଭଦ୍ରକ | 15 ଏବଂ 16.07.24 | 2100 | 0255 |
| 08496 | ପୁରୀ-ପାରାଦ୍ୱୀପ | 15 ଏବଂ 16.07.24 | 1530 | 2230 |
| 08498 | ପୁରୀ-ପାରାଦ୍ୱୀପ | 15 ଏବଂ 16.07.24 | 2130 | 0300 |
| 08434 | ପୁରୀ-ଅନୁଗୁଳ | 15 ଏବଂ 16.07.24 | 1540 | 2045 |
| 08436 | ପୁରୀ-ଅନୁଗୁଳ | 15 ଏବଂ 16.07.24 | 2220 | 0230 |
| 08426 | ପୁରୀ-ପଲାସା | 15 ଏବଂ 16.07.24 | 1640 | 0025 |
| 08332 | ପୁରୀ-ପଲାସା | 16.07.24 | 0400 | 1005 |
| 08334 | ପୁରୀ-ସୋମ୍ପେଟା | 15.07.24 | 2300 | 0500 |
| 08342 | ପୁରୀ-କେନ୍ଦୁଝରଗଡ଼ | 15 ଏବଂ 16.07.24 | 1745 | 2345 |
| 08344 | ପୁରୀ-କେନ୍ଦୁଝରଗଡ଼ | 15 ଏବଂ 16.07.24 | 2330 | 0445 |
| 08346 | ପୁରୀ-ଗୁଣୁପୁର | 15.07.24 | 2120 | 0730 |
| 08336 | ପୁରୀ-ଦଶପଲ୍ଲା | 15.07.24 | 1845 | 2130 |
| 08338 | ପୁରୀ-ଦଶପଲ୍ଲା | 16.07.24 | 0040 | 0330 |
| 08340 | ପୁରୀ-ଦଶପଲ୍ଲା | 16.07.24 | 0300 | 0540 |
| 08358 | ପୁରୀ-ଖୋର୍ଦ୍ଧା ରୋଡ୍ | 15.07.24 | 0830 | 0950 |
| 08360 | ପୁରୀ-ଖୋର୍ଦ୍ଧା ରୋଡ୍ | 16.07.24 | 0330 | 0500 |
| 08348 | ପୁରୀ-ବିଶାଖାପାଟଣା | 16 ଏବଂ 18.07.24 | 0145 | 1030 |
| 08350 | ପୁରୀ-ଜଗଦଲପୁର | 16.07.24 | 0015 | 1510 |
| 08352 | ପୁରୀ-କୁନାଗଡ଼ ରୋଡ୍ | 15 ଏବଂ 17.07.24 | 1925 | 0850 |
| 08356 | ପୁରୀ-ସୋନପୁର | 16.07.24 | 0140 | 1040 |
| 08354 | ପୁରୀ-ସମ୍ବଲପୁର | 16.07.24 | 0230 | 1030 |

**05. ତା. 16 ଏବଂ 17.07.2024 ରିଖ (ସୁନାବେଶ) ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08495 | ପାରାଦ୍ୱୀପ-ପୁରୀ | 16.07.24 | 2100 | 0310 |
| 08433 | ଅନୁଗୁଳ-ପୁରୀ | 16.07.24 | 2330 | 0355 |
| 08491 | ଭଦ୍ରକ-ପୁରୀ | 16.07.24 | 2100 | 0335 |
| 08351 | କୁନାଗଡ଼ ରୋଡ୍-ପୁରୀ | 16.07.24 | 0900 | 2100 |
| 08357 | ଖୋର୍ଦ୍ଧା ରୋଡ୍-ପୁରୀ | 17.07.24 | 0510 | 0620 |
| 08359 | ଖୋର୍ଦ୍ଧା ରୋଡ୍-ପୁରୀ | 17.07.24 | 1410 | 1530 |
| 08335 | ଦଶପଲ୍ଲା-ପୁରୀ | 17.07.24 | 0200 | 0445 |
| 08337 | ଦଶପଲ୍ଲା-ପୁରୀ | 16 ଏବଂ 17.07.24 | 0800 | 1055 |
| 08339 | ଦଶପଲ୍ଲା-ପୁରୀ | 17.07.24 | 1100 | 1400 |
| 08435 | ଅନୁଗୁଳ-ପୁରୀ | 16 ଏବଂ 17.07.24 | 0130 | 0740 |
| 08493 | ଭଦ୍ରକ-ପୁରୀ | 16 ଏବଂ 17.07.24 | 0200 | 0825 |
| 08333 | ସୋମ୍ପେଟା-ପୁରୀ | 17.07.24 | 0515 | 1205 |
| 08497 | ପାରାଦ୍ୱୀପ-ପୁରୀ | 16 ଏବଂ 17.07.24 | 0230 | 0820 |
| 08425 | ପଲାସା-ପୁରୀ | 16.07.24 | 2100 | 0120 |
| 08341 | କେନ୍ଦୁଝରଗଡ଼-ପୁରୀ | 16.07.24 | 2000 | 0145 |
| 08345 | ଗୁଣୁପୁର-ପୁରୀ | 16.07.24 | 2300 | 0415 |
| 08331 | ପଲାସା-ପୁରୀ | 17.07.24 | 0015 | 0535 |
| 08343 | କେନ୍ଦୁଝରଗଡ଼-ପୁରୀ | 16 ଏବଂ 17.07.24 | 0415 | 0945 |
| 08349 | ଜଗଦଲପୁର-ପୁରୀ | 16.07.24 | 1045 | 0045 |
| 08355 | ସୋନପୁର-ପୁରୀ | 16.07.24 | 1500 | 0120 |
| 08353 | ସମ୍ବଲପୁର-ପୁରୀ | 16.07.24 | 2300 | 0745 |

**06. ତା. 17 ଏବଂ 18.07.2024 ରିଖ (ସୁନାବେଶ) ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08492 | ପୁରୀ-ଭଦ୍ରକ | 17.07.24 | 1505 | 2135 |
| 08494 | ପୁରୀ-ଭଦ୍ରକ | 17.07.24 | 2100 | 0255 |
| 08496 | ପୁରୀ-ପାରାଦ୍ୱୀପ | 17.07.24 | 1530 | 2230 |
| 08498 | ପୁରୀ-ପାରାଦ୍ୱୀପ | 17.07.24 | 2130 | 0300 |
| 08434 | ପୁରୀ-ଅନୁଗୁଳ | 17.07.24 | 1540 | 2045 |
| 08436 | ପୁରୀ-ଅନୁଗୁଳ | 17.07.24 | 2220 | 0230 |
| 08426 | ପୁରୀ-ପଲାସା | 17.07.24 | 1640 | 0025 |
| 08332 | ପୁରୀ-ପଲାସା | 18.07.24 | 0400 | 1005 |
| 08334 | ପୁରୀ-ସୋମ୍ପେଟା | 17.07.24 | 2300 | 0500 |
| 08342 | ପୁରୀ-କେନ୍ଦୁଝରଗଡ଼ | 17.07.24 | 1745 | 2345 |
| 08344 | ପୁରୀ-କେନ୍ଦୁଝରଗଡ଼ | 17.07.24 | 2330 | 0445 |
| 08346 | ପୁରୀ-ଗୁଣୁପୁର | 17.07.24 | 2120 | 0730 |
| 08336 | ପୁରୀ-ଦଶପଲ୍ଲା | 17.07.24 | 1845 | 2130 |
| 08340 | ପୁରୀ-ଦଶପଲ୍ଲା | 18.07.24 | 0300 | 0540 |
| 08358 | ପୁରୀ-ଖୋର୍ଦ୍ଧା ରୋଡ୍ | 17.07.24 | 0830 | 0950 |
| 08360 | ପୁରୀ-ଖୋର୍ଦ୍ଧା ରୋଡ୍ | 18.07.24 | 0330 | 0500 |
| 08350 | ପୁରୀ-ଜଗଦଲପୁର | 18.07.24 | 0015 | 1510 |
| 08356 | ପୁରୀ-ସୋନପୁର | 18.07.24 | 0140 | 1040 |
| 08354 | ପୁରୀ-ସମ୍ବଲପୁର | 18.07.24 | 0230 | 1030 |

**07. ତା. 17 ଏବଂ 18.07.2024 ରିଖ (ଅଧରପଣା) ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08495 | ପାରାଦ୍ୱୀପ-ପୁରୀ | 17.07.24 | 2100 | 0310 |
| 08433 | ଅନୁଗୁଳ-ପୁରୀ | 17.07.24 | 2330 | 0355 |
| 08491 | ଭଦ୍ରକ-ପୁରୀ | 17.07.24 | 2100 | 0335 |
| 08337 | ଦଶପଲ୍ଲା-ପୁରୀ | 18.07.24 | 0800 | 1055 |
| 08435 | ଅନୁଗୁଳ-ପୁରୀ | 18.07.24 | 0130 | 0740 |
| 08493 | ଭଦ୍ରକ-ପୁରୀ | 18.07.24 | 0200 | 0825 |
| 08497 | ପାରାଦ୍ୱୀପ-ପୁରୀ | 18.07.24 | 0230 | 0810 |
| 08425 | ପଲାସା-ପୁରୀ | 17.07.24 | 2100 | 0130 |
| 08341 | କେନ୍ଦୁଝରଗଡ଼-ପୁରୀ | 17.07.24 | 2000 | 0145 |
| 08343 | କେନ୍ଦୁଝରଗଡ଼-ପୁରୀ | 18.07.24 | 0415 | 0945 |
| 08357 | ଖୋର୍ଦ୍ଧା ରୋଡ୍-ପୁରୀ | 18.07.24 | 0510 | 0620 |

**08. ତା. 18 ଏବଂ 19.07.2024 ରିଖ (ଅଧରପଣା) ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08492 | ପୁରୀ-ଭଦ୍ରକ | 18 ଏବଂ 19.07.24 | 1500 | 2135 |
| 08494 | ପୁରୀ-ଭଦ୍ରକ | 18.07.24 | 2100 | 0255 |
| 08496 | ପୁରୀ-ପାରାଦ୍ୱୀପ | 18 ଏବଂ 19.07.24 | 1530 | 2230 |
| 08498 | ପୁରୀ-ପାରାଦ୍ୱୀପ | 18.07.24 | 2130 | 0300 |
| 08434 | ପୁରୀ-ଅନୁଗୁଳ | 18.07.24 | 1545 | 2045 |
| 08436 | ପୁରୀ-ଅନୁଗୁଳ | 18.07.24 | 2220 | 0230 |
| 08426 | ପୁରୀ-ପଲାସା | 18.07.24 | 1640 | 0025 |
| 08342 | ପୁରୀ-କେନ୍ଦୁଝରଗଡ଼ | 18 ଏବଂ 19.07.24 | 1745 | 2345 |
| 08344 | ପୁରୀ-କେନ୍ଦୁଝରଗଡ଼ | 18.07.24 | 2330 | 0445 |
| 08338 | ପୁରୀ-ଦଶପଲ୍ଲା | 19 ଏବଂ 20.07.24 | 0040 | 0330 |
| 08358 | ପୁରୀ-ଖୋର୍ଦ୍ଧା ରୋଡ୍ | 18.07.24 | 0830 | 0950 |
| 08362 | ପୁରୀ-ଭଦ୍ରକ | 19.07.24 | 1505 | 2135 |
| 08434 | ପୁରୀ-ଅନୁଗୁଳ | 19.07.24 | 1540 | 2045 |
| 08370 | ପୁରୀ-ବ୍ରହ୍ମପୁର | 19.07.24 | 2300 | 0500 |
| 08336 | ପୁରୀ-ଦଶପଲ୍ଲା | 19.07.24 | 1845 | 2130 |
| 08399 | ପୁରୀ-ଖୋର୍ଦ୍ଧା ରୋଡ୍ | 20.07.24 | 0045 | 0230 |

**09. ରଥଯାତ୍ରା ସମୟରେ ଅନ୍ୟ ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 02419 | ମାଲ୍‌ଦା-ମାଳତୀପାଟପୁର | 04 ଏବଂ 11.07.24 | 0930 | 0355 |
| 03101 | ସିଆଲଦା-ଖୋର୍ଦ୍ଧା ରୋଡ୍ | 06 ଏବଂ 13.07.24 | 0005 | 0830 |
| 08376 | ରାଉରକେଲା-ପୁରୀ | 06 ଏବଂ15.07.24 | 2150 | 1645 |
| 08379 | ବାଦାମପାହାଡ଼-ପୁରୀ | 06 ଏବଂ 14.07.24 | 0600 | 2115 |
| 08381 | ବାଙ୍ଗିରିପୋଷି-ପୁରୀ | 07 ଏବଂ 14.07.24 | 0730 | 1815 |
| 08383 | ରାୟପୁର-ପୁରୀ | 06 ଏବଂ 14.07.24 | 0600 | 2300 |
| 08385 | ରାଉରକେଲା-ପୁରୀ | 06 ଏବଂ 14.07.24 | 1130 | 2315 |
| 08387 | ବାଲେଶ୍ୱର-ପୁରୀ | 06 ଏବଂ 14.07.24 | 1740 | 2345 |

**10. ରଥଯାତ୍ରା ସମୟରେ ଅନ୍ୟ ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 03420 | ମାଳତୀପାଟପୁର- ମାଲ୍‌ଦା | 05 ଏବଂ 12.07.24 | 0600 | 2345 |
| 03102 | ଖୋର୍ଦ୍ଧା ରୋଡ୍-ସିଆଲଦା | 06 ଏବଂ 13.07.24 | 1640 | 0200 |
| 08377 | ପୁରୀ-ରାଉରକେଲା | 08 ଏବଂ 16.07.24 | 0200 | 1530 |
| 08380 | ପୁରୀ-ବାଦାମପାହାଡ଼ | 08 ଏବଂ 16.07.24 | 0230 | 1815 |
| 08382 | ପୁରୀ-ବାଙ୍ଗିରିପୋଷି | 08 ଏବଂ 16.07.24 | 0130 | 1345 |
| 08384 | ପୁରୀ-ରାୟପୁର | 08 ଏବଂ 16.07.24 | 0245 | 1600 |
| 08386 | ପୁରୀ-ରାଉରକେଲା | 08 ଏବଂ 16.07.24 | 0315 | 1600 |
| 08388 | ପୁରୀ-ବାଲେଶ୍ୱର | 08 ଏବଂ 16.07.24 | 0115 | 0800 |

ରଥଯାତ୍ରା ସମୟରେ ସଂରକ୍ଷିତ ସୁବିଧା ସ୍ୱତନ୍ତ୍ର ଭଡ଼ା ବିଶିଷ୍ଟ ଟ୍ରେନ୍‌ଗୁଡ଼ିକ ବ୍ୟତୀତ ପୁରୀରୁ ଏବଂ ପୁରୀକୁ ଯାତାୟାତ କରିବାକୁ ଥିବା ସମସ୍ତ ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ୍ ଅଣସଂରକ୍ଷିତ ସ୍ୱତନ୍ତ୍ର ଭଡ଼ା ଟ୍ରେନ୍ ରୂପେ ଚଳାଚଳ କରିବ। ପଲାସା ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ବିଶେଷ ଟ୍ରେନ୍ ଖୋର୍ଦ୍ଧା ରୋଡ୍ ନଯାଇ ଭାୟା-ଅରଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟାତ କରିବ।

UTS ON MOBILE
ଅଣସଂରକ୍ଷିତ କାଗଜବିହୀନ ଟିକେଟ୍ ପାଇଁ

ECOR YATRA APP | UTS ON MOBILE

or DOWNLOAD from Play Store

ଡାଏଲ୍ କରନ୍ତୁ 139
ଟ୍ରେନ୍ ସହିତ ଜଡ଼ିତ କୌଣସି ସହାୟତା ସୂଚନା ଏବଂ ଅଭିଯୋଗ ନିମନ୍ତେ ଏକିକୃତ ନମ୍ବର

**Rath Yatra on Mobile App**
ସମସ୍ତ ସୂଚନା ପାଇଁ ECoR Rath Yatra ମୋବାଇଲ୍ ଆପ୍ ECOR YATRA ପରିଦର୍ଶନ କରନ୍ତୁ
Google Play Store ରୁ ଏହି ଆପ୍ ଡାଉନ୍‌ଲୋଡ୍ କରନ୍ତୁ

ପୂର୍ବ ତଟ ରେଳପଥ

D-4/24-25

www.facebook/@EASTCOASTRailway1 www.twitter/@EastCoastRail www.instagram.com/cproecor

**ନିମାଇଲର 'ଶୁଦ୍ଧ ଶୁଭାରମ୍ଭ'**

**ନୂଆଦିଲ୍ଲୀ:** ଆଇଟିସି ଲିମିଟେଡ୍‌ର ପ୍ରମୁଖ ବ୍ରାଣ୍ଡ ନିମାଇଲ'ର ନୂତନ ଅଭିଯାନ 'ଶୁଦ୍ଧ ଶୁଭାରମ୍ଭ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ପ୍ରମୁଖ ନୀତି ଛେରା ପହଁରାରୁ ପ୍ରେରଣା ନେଇ ଆଇଟିସି ନିମାଇଲ ରଥଯାତ୍ରା ସମୟରେ ରଥଗୁଡିକର ସମଗ୍ର ମାର୍ଗକୁ ସଫା କରିବା ପାଇଁ ପ୍ରସ୍ତୁତ ହୋଇଛି। ଏହି କାର୍ଯ୍ୟକ୍ରମ ୨୦୨୪ ଜୁଲାଇ ୬ (ଶନିବାର)ରେ ଆୟୋଜନ ହେବ। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ପ୍ରକୃତି ମିଶ୍ର, ଶିବାନୀ ସଙ୍ଗୀତା ଓ ସଞ୍ଜୟ ଶ୍ରୀନିବାସଙ୍କ ସମେତ ଅନ୍ୟମାନେ ମଧ୍ୟ ଯୋଗଦେବେ। କାର୍ଯ୍ୟକ୍ରମ ରହିଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................




ଗୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମୌସୁମୀରେ କାର୍ ମାଲିକଙ୍କ ବୀମା ଚିନ୍ତା



ଭୁବନେଶ୍ୱର,୪।୭(ଅନୁରାଧା ମହାରଣା)

ଭୁବନେଶ୍ୱର ସମେତ ସାରା ରାଜ୍ୟରେ ମୌସୁମୀଜନିତ ବର୍ଷା ଲାଗିରହିଛି। ବର୍ଷା ଲୋକଙ୍କୁ ତାତିରୁ ମୁକ୍ତି ଦେଇଥିବାବେଳେ ବିଭିନ୍ନ ସମସ୍ୟା ମଧ୍ୟ ବଢ଼ାଇଦେଇଛି। ବିଶେଷକରି ତଳିଆ ଅଞ୍ଚଳ ତଥା ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଥିବାରୁ କାର୍ ମାଲିକଙ୍କ ଚିନ୍ତା ବଢ଼ିଛି। ଇଞ୍ଜିନରେ ପାଣି ପଶିବାର ଭୟ ରହୁଛି। ସେହିଭଳି ବଡ଼ ଗଛ ଉପୁଡ଼ିବା କିମ୍ବା ଡାଳ ଭାଙ୍ଗିବା ଦ୍ୱାରା କାର୍‌ର କ୍ଷୟକ୍ଷତି ହେବା ଆଶଙ୍କା ଏଡ଼ାଇଦିଆଯାଇ ନ ପାରେ। ତେବେ ଏସବୁ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ କାର୍‌କୁ ପହଞ୍ଚୁଥିବା ହାନି ପାଇଁ ବୀମା କମ୍ପାନୀ କ୍ଷତିପୂରଣ ଦେଉ ନ ଥିବାରୁ କାର୍ ମାଲିକମାନଙ୍କ ଚିନ୍ତା ବଢ଼ିଛି। ତେବେ ଏଭଳି ପରିସ୍ଥିତିରେ କାର୍‌କୁ ଏପରି କ୍ଷୟକ୍ଷତିରୁ ରକ୍ଷା କରିବା ପାଇଁ ଗାଡ଼ି କମ୍ପାନୀ, ବୀମା କମ୍ପାନୀ, ଅର୍ଥନୀତି ବିଶେଷଜ୍ଞମାନେ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଯଦି ପଲିସି ଦ୍ୱାରା ଦିଆଯାଇଥିବା କଭରେଜ ବାହାରେ କ୍ଷତି ହୁଏ ତେବେ ବୀମା କମ୍ପାନୀ ଦାବିକୁ ପ୍ରତ୍ୟାଖ୍ୟାନ କରିପାରିବେ। ସେହି ଅତି ପୁରୁଣା ଗାଡ଼ିର ବାହ୍ୟ ଆବରଣରେ ଆସିଥିବା କ୍ଷତିପୂରଣ ମଧ୍ୟ ଅନେକାଂଶରେ ମିଳେ ନାହିଁ। ଦୁର୍ଘଟଣା ବ୍ୟତୀତ ଅନ୍ୟ ସମୟରେ ଟାୟାର ଏବଂ ଟ୍ୟୁବଗୁଡ଼ିକର କ୍ଷତି ହୋଇଥିଲେ ଏହା ବୀମା ଅଧୀନରେ ଯାଏ ନାହିଁ। ବୀମା କ୍ରୟ ପୂର୍ବରୁ ଥିବା କ୍ଷତି ଏବଂ ଭୁଲ୍ ତଥ୍ୟ ପ୍ରଦାନ ଦ୍ୱାରା ମଧ୍ୟ କାର୍ ମାଲିକ କ୍ଷତିପୂରଣ ପାଆନ୍ତି ନାହିଁ। ତେବେ ବନ୍ୟା ପ୍ରବଣ ଅଞ୍ଚଳରେ ବ୍ୟାପକ ମୋଟର ବୀମା ସୁପାରିସ କରାଯାଏ । ତେବେ ଇଞ୍ଜିନ ସ୍ୱିକ୍ୱୋର୍, ଟାୟାର ସ୍ୱିକ୍ୱୋର୍ ଏବଂ ରୋଡ୍ ସାଇଡ୍ ଆସିଷ୍ଟାନ୍ସ ଭଳି ଆଡ୍-ଅନ୍ ଅତିରିକ୍ତ ଆର୍ଥିକ ସୁରକ୍ଷା ପ୍ରଦାନ କରିପାରେ। ଅନ୍ୟପଟେ କେତେଜଣ ଗାଡ଼ି ମାଲିକ ଗାଡ଼ି ତଥା ବୀମା କ୍ରୟ ଓ ଗାଡ଼ିର ସୁରକ୍ଷା ସହ ଗାଡ଼ିର କ୍ଷୟକ୍ଷତି ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖିଛନ୍ତି।

### 'କାର୍ ବୀମାଧାରୀମାନେ ଆଡ୍‌ଅନ ନେବା ଉଚିତ'



"ମୁଁ ଟାଟା କମ୍ପାନୀର ସଫାରି ଏକ୍ସଜେଡଏ+ ବ୍ୟବହାର କରେ। ସହରରେ ପାଣି ଜମିବା ସମସ୍ୟା ରହିଛି। ବର୍ଷାଦିନେ କାର୍ ବାହ୍ୟ ଅଂଶରେ ଦାଗ ହେବା, ରଙ୍ଗ ଛାଡ଼ିଯିବା, ଭିତର ଅଂଶରେ ପାଣି ପଶିଯିବା କିମ୍ବା ଇଞ୍ଜିନ ଭିତରେ ଓ ଅନ୍ୟ ଯନ୍ତ୍ରାଂଶରେ ପାଣି ପଶି ଗାଡ଼ିକୁ ଅଚଳ କରିଦିଏ। ତେଣୁ କାର୍‌କୁ ବର୍ଷା ସମୟରେ ସୁରକ୍ଷିତ ସ୍ଥାନରେ ପାର୍କ କରିବା ଆବଶ୍ୟକ। ଯଦି କାର୍ ଭିତରେ ପାଣି ପଶିଯାଏ, ଷ୍ଟାର୍ଟ କରିବା ପାଇଁ ଚେଷ୍ଟା କରିବା କଥା ନୁହେଁ ନ ହେଲେ କାର୍ ଇଞ୍ଜିନରେ ପାଣି ପଶି ଇଞ୍ଜିନ ଲକ୍ କରିଦିଏ। ଯଦି କେହି ଏସବୁ ସତର୍କତା ଅବଲମ୍ବନ କରନ୍ତି ନାହିଁ ତେବେ ବୀମା କମ୍ପାନୀ ଏହାକୁ ଏକ ଇଚ୍ଛାକୃତ କ୍ଷତି ଭାବରେ ଗ୍ରହଣ କରେ ଏବଂ କ୍ଷତିପୂରଣ ପ୍ରଦାନ କରେ ନାହିଁ। ସେହିପରି ଇନ୍‌ସ୍ୟୁରାସ ନେବା ବେଳେ ଇଞ୍ଜିନ ପ୍ରୋଟେକ୍ସନ ଆଡ୍ ଅନ ଯୋଡ଼ିବା ନିଶ୍ଚିତ ପକ୍ଷେ ଲାଭଦାୟକ ହୋଇଥାଏ। ଅନେକ ଲୋକ ୩୦୦-୪୦୦ ଟଙ୍କା ସଞ୍ଚୟ କରିବାକୁ ଚେଷ୍ଟା କରନ୍ତି ଓ ଆଡ୍ ଅନ୍ ସେବା ନିଅନ୍ତି ନାହିଁ। ଅନେକ ଜାଣନ୍ତି ନାହିଁ ଏହି ଆଡ୍ ଅନ୍ ଦ୍ୱାରା ବୀମା କମ୍ପାନୀ ଇଞ୍ଜିନର କ୍ଷତି ପୂରଣ କରିଥା'ନ୍ତି, ଯାହାକି ଗାଡ଼ି ମାଲିକଙ୍କୁ ବହୁ ପରିମାଣର ଆର୍ଥିକ ଆଶ୍ୱସ୍ତି ଦେଇଥାଏ।

**-ମହେଶ ଜେନା, ଭୁବନେଶ୍ୱର**

### 'ବୀମା ଓ କାର୍ ସମ୍ପର୍କରେ ଗ୍ରାହକଙ୍କୁ ଅବଗତ କରାଯାଉନାହିଁ'

"ମୁଁ ମାରୁତି ସୁଜୁକି କମ୍ପାନୀର ୱାଗନଆର୍ କାର୍ ବ୍ୟବହାର କରୁଛି। ବର୍ଷାଦିନେ ଯାତାୟାତ ସମୟରେ ହେଉ କି ଗାଡ଼ି ପାର୍କ ଥିବା ସମୟରେ କାର୍‌ରେ ପାଣି ପଶିବାର ଅନେକାଂଶରେ ଭୟ ରହିଛି। ତେବେ ଏହି ସମୟରେ ଅନ୍ୟ କାରଣରୁ କ୍ଷତି ହୋଇଥିଲେ ମଧ୍ୟ ବର୍ଷା ବା ପ୍ରାକୃତିକ ବିପର୍ଯ୍ୟୟ ଦର୍ଶାଇ ବୀମା କଭରେଜ୍ ପ୍ରଦାନରୁ ଓହରିଯାଆନ୍ତି। ତେଣୁ ପ୍ରଥମେ କାରକୁ କିପରି ସୁରକ୍ଷିତ ରଖିବା ସେ ସମ୍ପର୍କରେ ଚିନ୍ତା କରିବା ଆବଶ୍ୟକ। ତେବେ କାର୍ ମାଲିକ ହୁଅନ୍ତୁ କି ଚାଳକ ଆର୍ଥିକ କ୍ଷତିରୁ ବର୍ତ୍ତିବା ପାଇଁ ବୀମା ସମ୍ପର୍କିତ ନିୟମ କୋହଳ ହେବାର ଆବଶ୍ୟକତା ରହିଛି। ତେବେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କାର୍ କିଣିବା ସମୟରେ କିମ୍ବା ବୀମା କିଣିବା ସମୟରେ ଗ୍ରାହକଙ୍କୁ ବିଷୟରେ କେହି ବୁଝାନ୍ତି ନାହିଁ ଏବଂ ଗ୍ରାହକମାନେ ମଧ୍ୟ ଏ ସମ୍ପର୍କରେ ଜାଣିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି ନାହିଁ । ଫଳରେ ଏହି ସମସ୍ୟା ସମ୍ପର୍କରେ ଜାଣିବା ସହଜ ହୁଏ ନାହିଁ ।



**- ରଶ୍ମିତା ବିଶ୍ୱାଳ, ଭୁବନେଶ୍ୱର**

### 'ବୀମା କମ୍ପାନୀ ମିସ୍ ସେଲିଂ କରିବା ଉଚିତ ନୁହେଁ'



"ମୁଁ ମାରୁତି ସୁଜୁକି ବାଲେନୋ ଜେଟା କାର୍ ବ୍ୟବହାର କରୁଛି। କାର୍ ମାଲିକମାନେ କାର ବୀମା ଡିଫଲ୍ଟର ଥିଲେ ବର୍ଷାଜନିତ କ୍ଷତି ପରେ କ୍ଷତିପୂରଣ ଦାବିକଲେ ବୀମା କମ୍ପାନୀ କଭରେଜ୍ ପ୍ରଦାନ କରନ୍ତି ନାହିଁ। ଏହା କଭରେଜ୍ ପ୍ରଦାନ ସମୟରେ ଗ୍ରାହକ ଜାଣିପାରନ୍ତି ନାହିଁ। ତେଣୁ କାର୍ କିଣିବା ସମୟରେ ଏସବୁ ବିଷୟ ଭଲ ଭାବରେ କେହି ଜଣେ ବୁଝାଇବା ସହ ମାଲି ଗାଡ଼ିର ମାନୁଆଲ ପଢ଼ିବା ଦରକାର। ଏହାର ରକ୍ଷଣାବେକ୍ଷଣା ସେହି ଅନୁସାରେ କରିପାରିବେ। ବୀମାଧାରୀମାନେ କିଣିଥିବା ବୀମା ସମ୍ପର୍କରେ ଯଦି ବୀମା ଏଜେଣ୍ଟ ଏ ସମ୍ପର୍କରେ ସବିଶେଷ ତଥ୍ୟ ନ ଦେଇ ମିସ୍‌ସେଲିଂ କରିବା ଅନୁଚିତ। ଏ ସମ୍ପର୍କିତ ଆଇନରେ ସୁଧାର ଆସିବା ଆବଶ୍ୟକତା ରହିଛି। ନଚେତ୍ ଯେଉଁ ଆଶା ନେଇ ଗାଡ଼ି ମାଲିକ ବୀମା କରିଥା'ନ୍ତି ତାହା ଆଦୌ ପୂରଣ ହେବ ନାହିଁ।

**- ଆଶୁତୋଷ ମହାରଣା, ଭୁବନେଶ୍ୱର**

## ଜୁନ୍‌ରେ ସୋନାଲିକାର ୧୪,୦୬୨ ୟୁନିଟ୍ ବିକ୍ରି

ଭୁବନେଶ୍ୱର,୪।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଟ୍ରାକ୍ଟର ବ୍ରାଣ୍ଡ୍ ତଥା ଭାରତର ୧ ନମ୍ବର ରପ୍ତାନିକାରୀ 'ସୋନାଲିକା'ଟ୍ରାକ୍ଟର୍ସର ମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ମଧ୍ୟରେ ବ୍ରାଣ୍ଡ୍ ଏକ ନୂଆ ସଫଳତା ସୃଷ୍ଟି କରିବା ପାଇଁ ଉତ୍ସାହିତ ରହିଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଜୁନ୍‌ରେ କମ୍ପାନୀ ମୋଟ ୧୪,୦୬୨ ୟୁନିଟ୍ ଟ୍ରାକ୍ଟର ବିକ୍ରି କରିବା ସହ ଘରୋଇ ବଜାରରେ ସର୍ବୋତ୍ତମ ପ୍ରଦର୍ଶନ ମଧ୍ୟ ହାସଲ କରିଛି। ଏଥିରେ ୧୬.୬%ର ବିକ୍ରି ଅଭିବୃଦ୍ଧି ଓ ବଜାର ଅଂଶରେ ୧.୪%ର ବୃଦ୍ଧି ସାମିଲ ରହିଛି। ସେହିଭଳି କମ୍ପାନୀ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ମଧ୍ୟରେ ମୋଟ ୪୧,୪୬୫ ୟୁନିଟ୍ ଟ୍ରାକ୍ଟର ବିକ୍ରି କରିଛି, ଯାହା ତା'ର ସର୍ବୋତ୍ତମ ପ୍ରଥମ ତ୍ରୈମାସିକ ପ୍ରଦର୍ଶନ ।

ସେହିପରି କମ୍ପାନୀ ଏହି ତ୍ରୈମାସିକ ମଧ୍ୟରେ ୧୪.୪%ର ସାମଗ୍ରିକ ବଜାର ଅଂଶ ହାସଲ କରିବା ସହ ଶିଳ୍ପର ପ୍ରଦର୍ଶନ ତୁଳନାରେ ୨ଗୁଣ ଅଭିବୃଦ୍ଧି ରେକର୍ଡ ହାସଲ କରିଛି।

ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଆମେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ମଧ୍ୟରେ ମୋଟ ୪୧,୪୬୫ ୟୁନିଟ୍ ଟ୍ରାକ୍ଟର ବିକ୍ରି ସହ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ପ୍ରଦର୍ଶନ ଏବଂ ୧୪.୪%ର ସର୍ବୋଚ୍ଚ ବଜାର ଅଂଶ ସମେତ ଶିଳ୍ପ ତୁଳନାରେ ୨ଗୁଣ ଅଭିବୃଦ୍ଧି ହାସଲକରି ଉତ୍ସାହିତ ରହିଛୁ। ବିଶେଷକରି ଏହା ୨୦୨୪ ଜୁନ୍‌ରେ ୧୪,୦୬୨ ୟୁନିଟ୍ ଟ୍ରାକ୍ଟର ବିକ୍ରିର ଉଲ୍ଲେଖନୀୟ ଘରୋଇ ବଜାର ପ୍ରଦର୍ଶନ ଦ୍ୱାରା ପରିଚାଳିତ ହୋଇଛି ; ଯାହା ୧୬.୬%ର ରେକର୍ଡ ବିକ୍ରି ଅଭିବୃଦ୍ଧି ଓ ୧.୪%ର ବଜାର ଅଂଶ ବୃଦ୍ଧିକୁ ଚିହ୍ନିତ କରିଛି।

ସେହିପରି ଅଗ୍ରଗାମୀ ସଂସ୍ଥାଗୁଡିକ ମଧ୍ୟରେ ସାମିଲ ହୋଇ ସୋନାଲିକା ଗର୍ବିତ ଅନୁଭବ କରୁଛି,ଯାହା ଆମର ଶୃଙ୍ଖଳିତ ଓ ଗୁଣାତ୍ମକ ଆଭିମୁଖ୍ୟ ସହ ଭାରତରେ କୃଷି ବିକାଶକୁ ତ୍ୱରାନ୍ୱିତ କରୁଛି। ଏପରିକି ଆମର ଟିମ୍ ନୂଆ ଫାର୍ମ-ଟେକ୍ ଯନ୍ତ୍ରପାତିଗୁଡିକର ପରିକଳ୍ପନା, ଡିଜାଇନ ଓ ବିକାଶ ପାଇଁ ପ୍ରଭାବୀ ରୂପେ ସହଯୋଗିତା କରୁଛନ୍ତି। ଏହା କୃଷିକୁ ଅଧିକ ସ୍ଥାୟୀ ଏବଂ କୃଷକମାନଙ୍କର ସାମଗ୍ରିକ ପ୍ରଗତି କ୍ଷେତ୍ରରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

## ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୪।୭ (ଅଭୟ ଦାଶ)

କ୍ରମାଗତ ୨ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି।



ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୩ (୬୨.୮୭) ପଏଣ୍ଟ ବଢି ୮୦,୦୫୦ (୮୦,୦୪୯.୬୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୬ (୧୫.୬୫) ପଏଣ୍ଟ ବୃଦ୍ଧି ଘଟି ୨୪,୩୦୨(୨୪,୩୦୨.୧୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

**Birthday Wish**






**Arshit (Gunu)**

IRC Village, Bhubaneswar

"To our son: Every year, you amaze us more."

May God bless you today and forever.

Jay Jagannath

Family, Friends

ଧ-୬୫୧

## ଅଭିପ୍ସା ଚୌଧୁରୀଙ୍କୁ ପ୍ରଫେସର ଘନଶ୍ୟାମ ଦାଶ ଛାତ୍ରବୃତ୍ତି

### ବିଆଇପିଏଫ୍ ପକ୍ଷରୁ ପିଜିଡିଏସ୍ ବୃତ୍ତି ବିଜେତା ସମ୍ମାନିତ

ଭୁବନେଶ୍ୱର,୪।୭ (ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉଚ୍ଚ ଶିକ୍ଷା ନିମନ୍ତେ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ୍ (ବିଆଇପିଏଫ୍) ପକ୍ଷରୁ ଇଞ୍ଜିନିୟରିଂ, ମେଡିସିନ ଏବଂ ଲିବରାଲ ଆର୍ଟସ୍ କ୍ଷେତ୍ରରେ ପେସାଦାର ଡିଗ୍ରୀ ହାସଲ ପାଇଁ ୬ ଜଣ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରଫେସର ଘନଶ୍ୟାମ ଦାଶ ଛାତ୍ରବୃତ୍ତି (ପିଜିଡିଏସ୍-୨୦୨୩) ପ୍ରଦାନ କରାଯାଇଛି। ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟେଜ୍ ବା ଇମ୍ଫାର ସାମାଜିକ ବିକାଶ ସଂସ୍ଥା ବିଆଇପିଏଫ୍ ପକ୍ଷରୁ ଉଚ୍ଚଶିକ୍ଷା ନିମନ୍ତେ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଚୟନ ହୋଇଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପିଜିଡିଏସ୍ ସମ୍ମାନରେ ସମ୍ମାନିତ କରାଯାଇଛି। ପ୍ରତି ବର୍ଷ ୬ଜଣ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ (ଓଡ଼ିଶାର ବାସିନ୍ଦା) ଏହି ବୃତ୍ତି ପ୍ରଦାନ କରାଯାଇଥାଏ।




ଅପରପକ୍ଷରେ ପିଜିଡିଏସ୍‌ର ୧୯ତମ ସଂସ୍କରଣରେ ବାଲେଶ୍ୱର ଜିଲାର ବାସିନ୍ଦା ତଥା ଭୁବନେଶ୍ୱର ଏମ୍ସର ଡାକ୍ତରୀ ଛାତ୍ରୀ ଅଭିପ୍ସା ଚୌଧୁରୀଙ୍କୁ ପ୍ରଫେସର ଘନଶ୍ୟାମ ଦାଶ ଛାତ୍ରବୃତ୍ତି-୨୦୨୩ ପ୍ରଦାନ କରାଯାଇଛି। ସେହିଭଳି ଇଞ୍ଜିନିୟରିଂ ପାଠ୍ୟକ୍ରମ ପାଇଁ ୪ ଜଣ କେ.ଭି.ଏମ୍.ପ୍ରସନ୍ନ କୁମାର ( ଆଇଆଇଆଇଟି , ଧାରୱାଡ଼), ପ୍ରିୟାଂଶୁ ପଣ୍ଡା (ଆଇଆଇଟି, ମାଡ୍ରାସ୍), ହିମାଂଶୁ ଶେଖର ପାତ୍ର (ଆଇଜିଆଇଟି ସାରଙ୍ଗ), ପ୍ରିୟଙ୍କା ଦଳାଇ (ଦୀନଦୟାଲ ଉପାଧ୍ୟୟ କଲେଜ) ଏବଂ ମେଡିସିନ ପାଠ୍ୟକ୍ରମ ପାଇଁ ପ୍ରୟାସ ରାଉତ (ଭୁବନେଶ୍ୱର ଏମ୍ସ) ଓ ଅଭିପ୍ସା ଚୌଧୁରୀ (ଭୁବନେଶ୍ୱର ଏମ୍ସ)ଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲାବେଳେ ବିଆଇପିଏଫ୍‌ର ଟ୍ରଷ୍ଟି ତଥା ସିଇଓ ଶୈଫାଳିକା ପଣ୍ଡା ଏବଂ ଇମ୍ଫାର ଏମଡି ଶୁଭ୍ରକାନ୍ତ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଛାତ୍ରବୃତ୍ତି ପାଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିଥିଲେ।

## ବଜାରରେ ରିଅଲ୍‌ମି ସି୬୩

ଭୁବନେଶ୍ୱର,୪।୭ (ଅଭୟ ଦାଶ)

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ୍ 'ରିଅଲ୍‌ମି'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ରିଅଲ୍‌ମି ସି୬୩'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ୪୫ ୱାଟ୍ ଫାଷ୍ଟ ବିଶିଷ୍ଟ ଚାର୍ଜିଂ ଫିଚର ସହ ସୁସଜ୍ଜିତ ହୋଇ ଆସୁଛି,ଯାହା ଦ୍ରୁତ ଚାର୍ଜିଂ ଓ କମ୍ ଡାଉନ୍ ଟାଇମ୍ ସୁନିଶ୍ଚିତ କରୁଛି। ଏଥିରେ ଏକ ଉନ୍ନତ ୫୦୦୦ ଏମ୍‌ଏଏଚ୍‌ର ବ୍ୟାଟେରି ରହିଛି, ଯାହା ସାରା ଦିନର ବ୍ୟବହାର ପାଇଁ ଦୀର୍ଘସ୍ଥାୟୀ ଶକ୍ତି ପ୍ରଦାନ କରୁଛି। ସେହିଭଳି ରିଅଲ୍‌ମି ସି୬୩ ଏଆର୍ ଗେସ୍‌ଚର, ରେନ୍‌ୱାଟର ସ୍ମାର୍ଟ ଟଚ୍ ଓ ମିନି କ୍ୟାପ୍‌ସୁଲ୨.୦ ଭଳି ଅଭିନବ ଫିଚରଗୁଡିକ ସହ ଫ୍ଲାଗ୍‌ଶପ-ଲେଭେଲ ଏଆଇ ଅନୁଭୂତି ଦେଉଛି। ଉଲ୍ଲେଖଯୋଗ୍ୟ,ରିଅଲ୍‌ମି ସି୬୩ ହେଉଛି ଏକ ସୁଲଭ ମୂଲ୍ୟର ସ୍ମାର୍ଟଫୋନ୍,ଯାହା ଉକ୍ତ ବିଭାଗରେ ଏକମାତ୍ର ଭେଗାନ ଲେଦର ଡିଜାଇନ ସହ ଆସୁଛି।

ଏ ସମ୍ପର୍କରେ ରିଅଲ୍‌ମିର ପ୍ରବକ୍ତା କହିଛନ୍ତି, ଆମେ ଆମର ଚାମ୍ପିୟନ ସିରିଜରେ ନୂତନ ରିଅଲ୍‌ମି ସି୬୩'ର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ରିଅଲ୍‌ମିରେ ଆମେ ଆମର ଯୁବ ଉପଭୋକ୍ତାଙ୍କ ଆବଶ୍ୟକତା ଓ ଆକାଂକ୍ଷାଗୁଡିକୁ ପୂରଣ କରିବା ପାଇଁ ଅଭିନବ ଟେକ୍ନୋଲୋଜି ପ୍ରଦାନ କରିବା ପ୍ରତି ପ୍ରତିବଦ୍ଧ ରହିଛୁ। ସେହିପରି ରିଅଲ୍‌ମି ସି୬୩ ହେଉଛି, ଉକ୍ତ ପ୍ରତିବଦ୍ଧତା ପ୍ରତି ଏକ ପ୍ରମାଣ,ଯାହା ଏକ ପହଞ୍ଚଯୋଗ୍ୟ ମୂଲ୍ୟ ବର୍ଗରେ ଆଧୁନିକ ଫିଚରଗୁଡିକର ଶୃଙ୍ଖଳା ପ୍ରଦାନ କରୁଛି। ଏପରିକି ଆମେ ବିଶ୍ୱାସ କରୁଛୁ ଯେ ରିଅଲ୍‌ମି ସି୬୩,ତା'ର ଷ୍ଟାଇଲ, ସ୍ଥାୟିତ୍ୱ ଓ ଅତ୍ୟାଧୁନିକ ଟେକ୍ନୋଲୋଜିର ସ୍ୱତନ୍ତ୍ର ମିଶ୍ରଣ ସହ ବଜେଟ ସ୍ମାର୍ଟଫୋନ ସେଗ୍‌ମେଣ୍ଟରେ ଏକ ନୂଆ ବେଞ୍ଚମାର୍କ ଧାର୍ଯ୍ୟ କରିବ।ଅପରପକ୍ଷରେ ରିଅଲମି ସି୬୩କୁ ଏକ ପ୍ରିମିୟମ ଭେଗାନ ଲେଦର ବ୍ୟାକ୍ କଭର ସହ ଡିଜାଇନ କରାଯାଇଛି,ଯାହା ସାଧାରଣତଃ ଫ୍ଲାଗ୍‌ଶିପ-ଲେଭେଲ ସ୍ମାର୍ଟଫୋନ୍‌ଗୁଡିକରେ ବ୍ୟବହୃତ ହୋଇଥାଏ।

## ଇଫ୍‌କୋ ଇଣ୍ଡିଆର ନୂତନ ଅଭିଯାନ

ଭୁବନେଶ୍ୱର,୪।୭ (ଅଭୟ ଦାଶ)

ଇଣ୍ଡିଆନ ଫାରମର୍ସ ଫର୍ଟିଲାଇଜର କୋଅପରେଟିଭ ଲିମିଟେଡ ବା ଇଫକୋ ଇଣ୍ଡିଆର ନୂତନ ଅଭିଯାନ 'ନାନୋ ଫର୍ଟିଲାଇଜର ପ୍ରୋମୋଓନ କ୍ୟାମ୍ପେନିଂ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ନାନୋ ସାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଇଫକୋ ପକ୍ଷରୁ ୨୦୨୪ ଜୁଲାଇ ପହିଲାରେ ନାନୋ ସାର ବ୍ୟବହାର ପ୍ରୋତ୍ସାହନ ମହାଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଏହା ଅଧୀନରେ ଇଫକୋ ପକ୍ଷରୁ ୨୦୦ଟି ମଡେଲ ନାନୋ ଗ୍ରାମୀଣ କ୍ଲଷ୍ଟର ଚୟନ କରାଯାଇଛି। ଏହା ଜରିଆରେ ୮୦୦ଗାଁର ଚାଷୀଙ୍କୁ ଇଫକୋ ପକ୍ଷରୁ ନାନୋ ୟୁରିଆ ପ୍ଲସ, ନାନୋ ଡିଏପି ଓ ସାଗରିକାର ମୂଲ୍ୟ (ଏମଆରପି) ଉପରେ ୨୫%ର ସବସିଡି ଦିଆଯାଉଛି, ଯାହାଦ୍ୱାରା ଚାଷୀମାନେ ନିଜ କ୍ଷେତରେ ଅଧିକରୁ ଅଧିକ ନାନୋ ସାର ବ୍ୟବହାର କରିପାରିବେ। ଏହା ସହିତ ଇଫକୋ ଡ୍ରୋନ୍ ଉଦ୍ୟୋଗୀଙ୍କୁ ଏକର ପିଛା ୧୦୦ଟଙ୍କା ଅନୁଦାନ ଦେବ। ଯାହାଦ୍ୱାରା କୃଷକମାନେ କମ୍ ଦରରେ ସିଞ୍ଚନ କରିବାର ସୁବିଧା ମଧ୍ୟ ପାଇ ପାରିବେ। ଏହି ମଡେଲ ନାନୋ ଗ୍ରାମଗୁଡ଼ିକରେ ଫସଲର ଗୁଣବତ୍ତା ଓ ଉତ୍ପାଦନ ବୃଦ୍ଧି ନେଇ ଚାଷୀମାନଙ୍କୁ ସଚେତନ କରାଯିବ। ପ୍ରଧାନମନ୍ତ୍ରୀ କୃଷିକ୍ଷେତ୍ରରେ ନାନୋ ସାରର ବ୍ୟବହାର ବଢ଼ାଇବା ପାଇଁ ୧୦୦ ଦିନିଆ ଆକ୍ସନ ପ୍ଲାନ୍‌ର ଶୁଭାରମ୍ଭ କରିଛନ୍ତି, ଯେଉଁଥିରେ ୪୧୩ ଜିଲାରେ ନାନୋ ଡିଏପି (ତରଳ) ର ୧୨୭୦ଟି ପ୍ରଦର୍ଶନ ଏବଂ ୧୦୦ଟି ଜିଲାରେ ନାନୋ ୟୁରିଆ ପ୍ଲସ୍ (ତରଳ)ର ୨୦୦ଟି ପରୀକ୍ଷଣ କରାଯିବ। ଏହି ପରୀକ୍ଷଣରେ କୃଷି ବିଜ୍ଞାନ କେନ୍ଦ୍ର, ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଗବେଷଣା ଅନୁଷ୍ଠାନର ସହାୟତା ନିଆଯିବ ଓ ଭାରତ ସରକାର ତାହାର ତଦାରଖ କରିବେ। ସମବାୟ ସମିତି ଓ ଅନ୍ୟାନ୍ୟ ବିକ୍ରୟ କେନ୍ଦ୍ରକୁ ଇଫକୋ ପକ୍ଷରୁ ନାନୋ ସାର ଉପଲବ୍ଧ କରାଯିବ। କୃଷକମାନଙ୍କୁ ନାନୋ ସାରର ଉପକାରିତା ବିଷୟରେ କୁହାଯିବ। ନାନୋ ସାର ସିଞ୍ଚନ ପାଇଁ ଇଫକୋ କୃଷକମାନଙ୍କୁ ୨୫୦୦କୃଷି ଡ୍ରୋନ୍ ଯୋଗାଇ ଦେଉଛି, ଯେଉଁଥିପାଇଁ ୩୦୦ 'ନମୋ ଡ୍ରୋନ୍ ଦିଦି' ଏବଂ ଡ୍ରୋନ୍ ଉଦ୍ୟୋଗୀ ପ୍ରସ୍ତୁତ ହୋଇଛନ୍ତି। ଏହା ବ୍ୟତୀତ ଅନ୍ୟାନ୍ୟ ପ୍ରକାରର ସ୍ପ୍ରେୟର ମଧ୍ୟ ଉପଲବ୍ଧ କରାଯାଇଛି, ଯାହା ମାଧ୍ୟମରେ ଚାଷୀମାନେ ନିଜ ଜମିରେ ନାନୋ ସାର ସିଂଚନ ସହଜରେ କରିପାରିବେ। ୧୫ଟି ଅନୁଷ୍ଠାନ ସହ ୨୪୫ ଲକ୍ଷ ଏକର ଜମିରେ ଡ୍ରୋନ୍ ଜରିଆରେ ସିଂଚନ କରିବାକୁ ଚୁକ୍ତି ହୋଇଛି, ଯାହା ଚାଷୀଙ୍କ କ୍ଷେତରେ ସିଂଚନ କରିବ। ପ୍ରତି ସ୍ପ୍ରେ ଉପରେ ଏକର ପିଛା ୧୦୦ ଟଙ୍କା ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯିବ। ୨୦୨୧ ଅଗଷ୍ଟରୁ ୨୦୨୪ ଜୁନ ୨୬ମଧ୍ୟରେ ଇଫକୋ ଦ୍ୱାରା ଉତ୍ପାଦିତ ମୋଟ ୭.୫୫କୋଟି ନାନୋ ୟୁରିଆ ଏବଂ ୦.୬୯କୋଟି ନାନୋ ଡିଏପି ବୋତଲକୁ ଚାଷୀମାନେ ବ୍ୟବହାର କରିଛନ୍ତି। କୃଷକମାନଙ୍କୁ ସର୍ବାଧିକ ଲାଭ ଦେବା ପାଇଁ ଇଫକୋ ୨୦୨୪-୨୫ରେ ୪କୋଟି ନାନୋ ୟୁରିଆ ପ୍ଲସ ଏବଂ ୨କୋଟି ନାନୋ ଡିଏପି ବୋତଲ ଉତ୍ପାଦନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି କ୍ରମରେ ୨୦୨୪ଏପ୍ରିଲରୁ ଇଫକୋ କୃଷକମାନଙ୍କୁ ନାନୋ ୟୁରିଆ ପ୍ଲସ (ତରଳ) ୨୦% ଡବ୍ଲ୍ୟୁଭି ଏନ ଅଧିକ ସାନ୍ଦ୍ରତା ଉପଲବ୍ଧ କରାଇଛି। ଯାହା ଗୁଣାତ୍ମକ ଫସଲ ଉତ୍ପାଦନ ଏବଂ ପରିବେଶ ସୁରକ୍ଷା ବୃଦ୍ଧିରେ ସହାୟକ ହେବ।

**Classified Everyday**

**0674-2580101, 2549949**




**REAL ESTATE**

**SALE**

Prime location building at Palasuni and BDA, MIG House at Lingaraj Vihar, Bhubaneswar. Contact-8917520527. D-616

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-655

କଟକ- ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar ଏବଂ Sum-2 ହସ୍ପିଟାଲଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-75970

**(1) Commercial plot, facing to NH Road Nakhara to Niali NH 10000sqft. 3 sides road, (2) Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 K.M. to BBSR. Personal plots, No builders. 7809525452.** D-75756

BDA plot for sale 50x75 Kalinga Nagar, paper ready (1.80cr. negotiable). Only owners to contact- (7008717032, 9437028705). D-565

ଭୁବନେଶ୍ୱର **KEC** ନିକଟ ଗୁଡ଼ିଆପୋଖରି ଛକରୁ **1.5 K.M.** ମଧ୍ୟରେ **1380sqft.** ଘରବାରି, **Boundary, 30' road, Electricpoll** ଥାଇ **North facing plot** ତୁରନ୍ତ ବିକ୍ରି ହେବ। **Direct owner-9078726651.** D-75968

Plot for sale Balasore 40 dismil near Hotel Zaika International, both side road, Owner. 8763066010. D-586




Relax, refresh your body, mind by expert therapist. Contact: 9938843929. D-76132

Newly open health benefits spa special offer @999 Bapujinagar, 8018429809. D-76131

Fully relaxed body massage trained therapist. Central SPA. 9556483961. D-75757

Kerala body Massage best Therapist Bhubaneswar. 9337672475. D-614

PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

**AFFIDAVIT**

By affidavit sworn before Notary in PAN- Kabita Satapathy, D/o- Kanhu Charan Satapathy and in Aadhaar- Kabita Satapathy, C/o- Sandip Kumar Badajena, and in resident Certificate Kabita Badajena, D/o- Basanti Satapathy and Kanhu Charan Satapathy, W/o- Sandip Kumar Badajena, Patia I declare that Kabita Satapathy and Kabita Badajena is one and same person. D-656

As per affidavit before Executive Magistrate, I, Harekrushna Behera and Harihar Behera is one and same person. My name is in LIC document bearing No.-585076043 Harihar Behera. Henceforth I shall be known as Harekrushna Behera for all purposes in future. D-657

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ ।

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ମହିଳାଙ୍କ ପ୍ରତି ଅପରାଧ ବଢୁଥିବା ଅଭିଯୋଗ କରି ଅଖିଳ ଭାରତ ମହିଳା କଂଗ୍ରେସ ସଦସ୍ୟାମାନେ ଗୁରୁବାର ଭାଜପା ସରକାର ବିରୋଧରେ ଡେରାଡୁନସ୍ଥିତ ଉତ୍ତରାଖଣ୍ଡ ପୋଲିସ ମୁଖ୍ୟାଳୟ ବାହାରେ ବିକ୍ଷୋଭ କରୁଛନ୍ତି।

# ବିଜେଡି କର୍ପୋରେଟରଙ୍କୁ ଦଳୀୟ କଟକଣା

## ଭୁବନେଶ୍ୱର ମହାନଗର ନିଗମ

### ବିନା ଅନୁମତିରେ ରଖିପାରିବେନି ପ୍ରତିକ୍ରିୟା

ଭୁବନେଶ୍ୱର, ୪।୭ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ ବିଜେଡିରେ ଫାଟ ସୃଷ୍ଟିକୁ ନେଇ ଚର୍ଚ୍ଚା ଲାଗିରହିଛି। ଏପରିସ୍ଥିତିରେ ଏହାକୁ ନେଇ ବିଜେଡି କର୍ପୋରେଟରଙ୍କ ବୈଠକ ଏବଂ ପରସ୍ପରକୁ ଆରୋପ ପ୍ରତ୍ୟାରୋପ ପରେ ଦଳ ପକ୍ଷରୁ କଟକଣା ଜାରି ହୋଇଛି। ଏଣିକି ଦଳର ବିନା ଅନୁମତିରେ କୌଣସି କର୍ପୋରେଟର ଗଣମାଧ୍ୟମରେ ପ୍ରତିକ୍ରିୟା ରଖିପାରିବେ ନାହିଁ। ଏନେଇ ଗୁରୁବାର ବିଜେଡିର ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ତଥା ବିଧାୟକ ସୁଶାନ୍ତ ରାଉତ ତାଗିଦା କରିଛନ୍ତି। ବୁଧବାର ବିଧାୟକ ପ୍ରତାପ ଦେବଙ୍କ ଘରେ ବୈଠକ ବସିଥିବାବେଳେ ସେଠାରୁ ବାହାରି କର୍ପୋରେଟର ଅମରେଶ ଜେନା ବିଜେଡିରେ ବିଭୀଷଣ ଥିବା ମନ୍ତବ୍ୟ ଦେଇଥିଲେ। ଅନ୍ୟପଟେ ସ୍ଥାନୀୟ ଏକ ହୋଟେଲରେ ପ୍ରାୟ ୨୫ଜଣ କର୍ପୋରେଟର ଏକାଠି ହୋଇ ବିଜେଡିର ସମସ୍ତ କର୍ପୋରେଟର ଏକାଠି ଥିବା କଥା କହିଥିଲେ। ଏଥିସହ ଉଭୟ ଗୋଷ୍ଠୀ ପରସ୍ପରକୁ ଦୋଷାରୋପ କରିଥିଲେ। ଏହାକୁ ନେଇ ଦଳ ମଧ୍ୟରେ କନ୍ଦଳ ରହିଥିବା ଏବଂ ବିଜେଡି ଭାଙ୍ଗିଯିବା ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଥିଲା। ତେଣୁ ଏହି ଅପ୍ରୀତିକର ସ୍ଥିତିକୁ ଏଡାଇବା ପାଇଁ ଦଳ ପକ୍ଷରୁ ଏଭଳି ଅଙ୍କୁଶ ଲଗାଯାଇଛି। ତେବେ ଦଳର ଜିଲା ସଭାପତିଙ୍କ ଏଭଳି କଟକଣା ଜାରିକୁ ନେଇ କେତେଜଣ ବିଜେଡି କର୍ପୋରେଟର ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ୧୫ରୁ ଊର୍ଦ୍ଧ୍ୱ ଦିନ ହେବ ସମ୍ପୃକ୍ତ ଦୁଇଜଣ କର୍ପୋରେଟର ଦଳର ପୂର୍ବତନ ବିଧାୟକ ଏବଂ ବର୍ତ୍ତମାନର ବିଧାୟକଙ୍କ ନାମରେ ବିଭ୍ରାନ୍ତିକର ମନ୍ତବ୍ୟ ଦେଇ ଆସୁଛନ୍ତି। ଏଥିସହ ଦଳର କେତେଜଣ କର୍ପୋରେଟର ଭାଜପାକୁ ଯିବାକୁ ଚାହୁଁଥିବା ଭଳି ଅଭିଯୋଗ ମଧ୍ୟ କରୁଛନ୍ତି। ସେତେବେଳେ ଦଳ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହିଁ। ମାତ୍ର ଦଳର ସମସ୍ତ କର୍ପୋରେଟର ଏକାଠି ଅଛନ୍ତି ଜଣାଇବା ପାଇଁ କରାଯାଇଥିବା ବୈଠକ ପରେ ଏଭଳି ନିର୍ଦ୍ଦେଶ ମିଳିବା ଅତ୍ୟନ୍ତ କଷ୍ଟଦାୟକ ବୋଲି ସେମାନେ କହିଛନ୍ତି।

### ତାଗିଦା ପରେ ବି ମୁହଁ ଖୋଲିଲେ

ଭୁବନେଶ୍ୱର ବିଜେଡିର ସାଙ୍ଗଠନିକ ଜିଲା ସଭାପତି ସୁଶାନ୍ତ ରାଉତଙ୍କ ତାଗିଦା ପରେ ବି ମୁହଁ ବନ୍ଦ କରିପାରିନାହାନ୍ତି ବିଜେଡି କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର। ଗଣମାଧ୍ୟମକୁ ବିବୃତ୍ତି ଦେଇ ସେ କହିଛନ୍ତି, ଦଳର ସଭାପତି ନବୀନ ପଟ୍ଟନାୟକ ସର୍ବାଗ୍ରେ ରହିଛନ୍ତି। ତାଙ୍କ ଅନୁମତି ବିନା ଆମେ କିଛି କରିପାରିବୁ ନାହିଁ। ଯେଉଁମାନେ ଖବରଦାତା ସମ୍ମିଳନୀ କରିଥିଲେ ଏବଂ ଯେଉଁଭଳି ବକ୍ତବ୍ୟ ବାହାରେ ରଖୁଛନ୍ତି, ତାହା ଠିକ୍ ନୁହେଁ। ଏଭଳି ସମ୍ମିଳନୀ କରିବା ସମ୍ପୃକ୍ତ କର୍ପୋରେଟରଙ୍କ ବୁଦ୍ଧି ନୁହେଁ, ଏଥିପାଇଁ ତାଙ୍କୁ କୌଣସି ବିଧାୟକ କିମ୍ବା ହାରିଥିବା ବିଧାୟକ ପ୍ରବର୍ତ୍ତାଇଛନ୍ତି। ଏହା ଠିକ୍ ନୁହେଁ ବୋଲି ବିରଞ୍ଚି କହିଛନ୍ତି।

# କଂଗ୍ରେସରେ ମିଶିଯାଉ ବିଜେଡି: ସପ୍ତଗିରି

## କାର୍ଯ୍ୟାନୁଷ୍ଠାନ ପାଇଁ ଆଜି ଭୁବନେଶ୍ୱର ଡିସିପିଙ୍କୁ ଦାବିପତ୍ର ଦିଆଯିବ: ଶରତ

ଭୁବନେଶ୍ୱର, ୪।୭(ସୁନିତ୍ ମିଶ୍ର)



ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ, କୋରାପୁଟ ସାଂସଦ ସପ୍ତଗିରି ଉଲାକା ଓ ଅନ୍ୟ ନେତୃବୃନ୍ଦ।

ଦୀର୍ଘ ୧୦ ବର୍ଷ ଧରି କେନ୍ଦ୍ରରେ ଏନ୍‌ଡିଏ ସରକାରର ସବୁ ନିଷ୍ପତ୍ତିକୁ ବିଜେଡି ସମର୍ଥନ କରିଆସୁଥିଲା। ହେଲେ ଏବେ ରାଜ୍ୟରେ ୨୧ ଲୋକ ସଭା ଆସନ ମଧ୍ୟରୁ ଗୋଟିଏ ହେଲେ ବି ସିଟ୍ ବିଜେଡି ଜାତିପାରିଲା ନାହିଁ। ଭାଜପାକୁ ୨୦ଟି ଆସନ ମିଳିଥିବା ବେଳେ କଂଗ୍ରେସ କୋରାପୁଟ ଆସନକୁ ବଜାୟ ରଖିବାରେ ସକ୍ଷମ ହେଲା। ଏବେ ବିଜେଡି କେନ୍ଦ୍ରରେ ଭାଜପାକୁ ବିରୋଧ କରିବ ବୋଲି ରାଜି ହୋଇଛି। ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବିରୋଧ କରି ଇଣ୍ଡିଆ ମେଣ୍ଟର ସଦସ୍ୟମାନଙ୍କ ସହ ବିଜେଡି ମଧ୍ୟ ରାଜ୍ୟ ସଭାରେ କକ୍ଷତ୍ୟାଗ କରିଛି। ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ କଂଗ୍ରେସରେ ଥିଲେ। ତେଣୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ବିଜେଡି ବର୍ତ୍ତମାନ କଂଗ୍ରେସରେ ମିଶିଯାଉ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଭୁବନେଶ୍ୱରସ୍ଥିତ ବାସଭବନଠାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀ ଏହା କହିଛନ୍ତି କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା।

ଏଥିରେ ଶରତ କହିଛନ୍ତି, ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ଭାଜପା ଅଶାନ୍ତିର ବୀଜ ବୁଣୁଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଓଡ଼ିଶା ଭାଜପା ଯୁବମୋର୍ଚ୍ଚା ଯେଉଁଭଳି ବ୍ୟବହାର ପ୍ରଦର୍ଶନ କଲା ଏବଂ କଂଗ୍ରେସ ଭବନ ଆଗରେ ହିଂସାକାଣ୍ଡ ଘଟାଇଲା, ତାହା ନିନ୍ଦନୀୟ। ଏହାଦ୍ୱାରା ଭାଜପାର ଅସଲ ଚେହେରା ପଦାରେ ପଡ଼ିଛି। କ୍ଷମତାକୁ ଆସିବାର ମାତ୍ର ମାସେ ହୋଇଛି, ଭାଜପା ନେତାମାନେ ଯେଉଁଭଳି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କଲେଣି ତାହା ଘୋର ଚିନ୍ତାର ବିଷୟ। ନିର୍ବାଚନ ସମୟରେ ଭାଜପା ଯେଉଁ ପ୍ରତିଶ୍ରୁତି ଦେଇଥିଲା, ତାହା ପୂରଣ ନ କରି ରାଜ୍ୟବାସୀଙ୍କୁ ଠକି ଚାଲିଛି। କଂଗ୍ରେସ ଭବନ ଆଗରେ ହିଂସାକାଣ୍ଡ ଘଟାଇଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର ଯୁବ ଓ ଛାତ୍ର କଂଗ୍ରେସ ଓ ଅନ୍ୟ କାର୍ଯ୍ୟକର୍ତ୍ତା ଭୁବନେଶ୍ୱର ଡିସିପିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବେ ବୋଲି ସେ କହିଛନ୍ତି। ଏହି ଅବସରରେ ସପ୍ତଗିରି ଉଲାକା କହିଛନ୍ତି ଯେ, ପାର୍ଲାମେଣ୍ଟରେ ବିରୋଧୀ ଦଳର କ୍ଷମତା ବୃଦ୍ଧି ଓ ରାହୁଲ ଗାନ୍ଧୀଙ୍କ ଜବାବକୁ ଭାଜପା ନେତାମାନେ ସହିପାରୁନାହାନ୍ତି। ତେଣୁ ସେମାନେ ହିଂସ୍ର ହୋଇପଡ଼ିଛନ୍ତି। ରାହୁଲ ଗାନ୍ଧୀ ଭାଜପା ଓ ଆରଏସ୍ଏସ୍ ହିନ୍ଦୁତ୍ୱ ନାମରେ ହିଂସାକାଣ୍ଡ ଘଟାଉଥିବା କହିଥିଲେ। କିନ୍ତୁ ଭାଜପା ନେତାମାନେ ରାହୁଲ ଗାନ୍ଧୀ ପୁରା ହିନ୍ଦୁ ସମାଜକୁ ଆକ୍ଷେପ କରୁଥିବା ମିଥ୍ୟା ଅଭିଯୋଗ ଆଣି ବିଶୃଙ୍ଖଳା ସୃଷ୍ଟି କଲେ। ଓଡ଼ିଶାରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଆଚରଣ ନିନ୍ଦନୀୟ। ସାମ୍ପ୍ରଦାୟିକତାବାଦ ପାଇଁ ୨୦୦୯ରେ ବିଜେଡି-ଭାଜପା ମେଣ୍ଟ ଭାଙ୍ଗିଥିଲା। ବର୍ତ୍ତମାନ ଓଡ଼ିଶାରେ ଭାଜପା ଶାସନକୁ ଆସିବାର ମାସେ ହୋଇଥିବାବେଳେ ପୁଣିଥରେ ରାଜ୍ୟରେ ସାମ୍ପ୍ରଦାୟିକତାବାଦ ଆଳରେ ହିଂସାକାଣ୍ଡ ସୃଷ୍ଟି କରୁଛି। ତାମିଲ ଶାସନ ହଟାଇବାକୁ ଯାଇ ଓଡ଼ିଶାରେ ଗୁଜୁରାଟ ମଡେଲ ଥୋଇଲେଣି। ସଂସଦରେ ଆମେ ମଣିପୁର ସମସ୍ୟା ସମ୍ପର୍କରେ ଆଲୋଚନା ପାଇଁ ପ୍ରସ୍ତାବ ରଖିଥିଲୁ। ସେଠାରେ ୬୦ ହଜାର ଲୋକ ଶରଣାର୍ଥୀ ଶିବିରରେ ଘୋର ସମସ୍ୟା ଭିତରେ ଅଛନ୍ତି। ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆମେ ଦାବି କଲୁ। ମାତ୍ର ମଣିପୁରରୁ ବିଜୟୀ କଂଗ୍ରେସ ଏମ୍‌ପିମାନଙ୍କୁ ସଂସଦରେ କହିବାକୁ ସୁଯୋଗ ଦିଆଗଲା ନାହିଁ ବୋଲି ଉଲାକା କହିଛନ୍ତି। ସେହିପରି ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି ଯେ, ଏମ୍ଏସ୍‌ପିକୁ ଆଇନଗତ କରିବା ପାଇଁ ଆମେ ଦାବି ରଖିଥିଲୁ। କିନ୍ତୁ ପାର୍ଲାମେଣ୍ଟ ସେ ସମ୍ପର୍କରେ ଆଲୋଚନା କରିବାକୁ ଦିଆଗଲା ନାହିଁ ବୋଲି ବିଶ୍ୱରଞ୍ଜନ କହିଛନ୍ତି।

# ୬ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଅନୁଗୋଳ ଗସ୍ତ

ତାଳଚେର,୪।୭ (ମନୋଜ ନନ୍ଦ)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୬ ତାରିଖରେ ଅନୁଗୋଳ ଜିଲା ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। ୬ ତାରିଖ ଶନିବାର ସକାଳେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଛେଣ୍ଡିପଦାର ବ୍ରାହ୍ମଣବିଲ ଗ୍ରାମରେ ମା’ ଡାକେଶ୍ୱରୀ ଓ ପାତ୍ରପଡାରେ ମା’ ବାୟାଣୀଙ୍କୁ ଦର୍ଶନ କରିବେ। ପରେ ତାଳଚେର ଯାଇ ଗୋପାଳପ୍ରସାଦ ସ୍ଥିତ ମା’ ହିଙ୍ଗୁଳା ଠାକୁରାଣୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିବେ। ସେଠାରୁ ତାଳଚେର ଧରମପୁର ପଞ୍ଚାୟତସ୍ଥିତ ଦିନଦୟାଲନଗର ଯାଇ କିଛି ସମୟ ବିତାଇବା ପରେ ଅନୁଗୋଳ ଯାଇ ମା’ ବୁଢ଼ୀ ଠାକୁରାଣୀଙ୍କୁ ଦର୍ଶନ କରିବେ। ଏହାପରେ ତଳମୂଳ ଗ୍ରାମରେ ମା’ କନକ ଦୁର୍ଗା ମନ୍ଦିରରେ ଦର୍ଶନ କରିବେ। ସେଠାରୁ ଢେଙ୍କାନାଳ ଜିଲା ଆମ୍ବିଠି ଯାଇ ମା’ ବନଦୁର୍ଗା ମନ୍ଦିରରେ ଦର୍ଶନ କରିବେ। ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ଏମ୍‌ପି ଭାବେ ନିର୍ବାଚିତ ହୋଇ କେନ୍ଦ୍ରମନ୍ତ୍ରୀ ହେବା ପରେ ଧର୍ମେନ୍ଦ୍ରଙ୍କ ଏହା ପ୍ରଥମ ଅନୁଗୋଳ ଓ ଢେଙ୍କାନାଳ ଜିଲା ଗସ୍ତ ହୋଇଥିବାରୁ ତାଙ୍କୁ ସ୍ୱାଗତ କରିବା ପାଇଁ ଭାଜପା ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ହେଉଥିବା ସୂଚନା ମିଳିଛି।

# ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କଲେ ବିଜେଡି ନେତ୍ରୀ ଏଲିନା

## ବଲେ ବଲେ ଢାବା ବିବାଦ

କଟକ,୪।୭ (କାର୍ତ୍ତିକ ସାହୁ)




ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳର ଚର୍ଚ୍ଚିତ ବଲେ ବଲେ ଢାବା ବିବାଦ ଏବେ ହାଇକୋର୍ଟରେ ପହଞ୍ଚିଛି। ବିଜେଡି ନେତ୍ରୀ ଏଲିନା ଦାସ ଓ ତାଙ୍କ ପରିବାରର ସମ୍ପୃକ୍ତିକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଚାଲିଥିବା ପ୍ରଚାର ବନ୍ଦ କରିବା ପାଇଁ ହାଇକୋର୍ଟରେ ଏକ ରିଟ୍ ପିଟିଶନ୍ ଗୁରୁବାର ଦାଖଲ ହୋଇଛି। ଏଲିନା ଏହି ରିଟ୍ ପିଟିଶନ୍ ଦାଖଲ କରି ଅପପ୍ରଚାର ବନ୍ଦ ପାଇଁ ନିବେଦନ କରିଛନ୍ତି।

ଆବେଦନ ଅନୁସାରେ, ବଲେ ବଲେ ଢାବା ସହ ଏଲିନା କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟଙ୍କ କିଛି ସମ୍ପର୍କ ନାହିଁ। ଦିନେ ହେଲେ ଏଲିନା, ତାଙ୍କ ସ୍ୱାମୀ କିମ୍ବା ପରିବାର ସଦସ୍ୟ ସେଠିକି ଯାଇନାହାନ୍ତି। ଏନେଇ କୌଣସି ପ୍ରମାଣ ନାହିଁ। ତଥାପି ଏହି ଢାବା ସମ୍ପର୍କିତ ଖବରରେ ଏଲିନାଙ୍କ ନାଁ ଯୋଡ଼ାଯାଇ ତାଙ୍କ ଚରିତ୍ର ସଂହାର କରାଯାଉଛି। ବିଜେଡିର ଜଣେ ଆଗଧାଡ଼ିର ନେତ୍ରୀ ବୋଲି ସୋସିଆଲ ବା ମେନ୍‌ଷ୍ଟ୍ରିମ୍ ମିଡିଆରେ ଚରିତ୍ର ସଂହାର କରାଯାଉଛି। ବିଜେଡି କ୍ଷମତାରୁ ଯିବା ପରେ ତାଙ୍କୁ ଅଯଥାରେ ବିଭିନ୍ନ ପ୍ରସଙ୍ଗରେ ସମ୍ପୃକ୍ତ କରାଯାଉଛି। ଏହାଦ୍ୱାରା ତାଙ୍କର ମାନହାନି ହୋଇଛି। ଏଭଳି ଅପପ୍ରଚାର କିପରି ବନ୍ଦ କରାଯିବ, ଘଟିଥିବା ଘଟଣାର କେତେଦୂର ସତ୍ୟତା ରହିଛି ତାହାର ଉପଯୁକ୍ତ ତଦନ୍ତ ହେବା ନେଇ ସେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗୃହ ବିଭାଗ ସଚିବ, ଡିଜିପି, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ, ଧର୍ମଶାଳା ବିଡିଓ, ଧର୍ମଶାଳା ଥାନା ଆଇଆଇସିଙ୍କୁ ଏଥିରେ ପକ୍ଷଭୁକ୍ତ କରାଯାଇଛି ବୋଲି ଏଲିନାଙ୍କ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ କହିଛନ୍ତି। ଏଥିସହ ଅନେକ କହୁଛନ୍ତି ଏଲିନା ବାହାର ଲୋକ। ମାତ୍ର ସେ ବାହାର ଲୋକ ନୁହନ୍ତି ଧର୍ମଶାଳା ଲୋକ ହୋଇଥିବା ସମସ୍ତେ ଜାଣିବା ଦରକାର ବୋଲି ଆଇନ୍‌ଜୀବୀ ତ୍ରିପାଠୀ କହିଛନ୍ତି। ସେହିପରି ଏଲିନା କହିଛନ୍ତି, ଗଣମାଧ୍ୟମରେ ତାଙ୍କ ନାଁରେ ଯେଉଁ ଖବର ପ୍ରଚାର କରାଯାଉଛି, ସେଥିପାଇଁ ସେ ହାଇକୋର୍ଟ ଆସିଥିଲେ। ତାଙ୍କ ଆଇନଜୀବୀଙ୍କ ସହ ଖୁବ୍‌ଶୀଘ୍ର ଖବରଦାଦା ସମ୍ମିଳନୀ କରି ସବୁ ସ୍ପଷ୍ଟ କରିବି।

ସୂଚନାଯୋଗ୍ୟ, ବଲେ ବଲେ ଢାବା ବେଆଇନ ଭାବେ ନିର୍ମାଣ ହୋଇଥିବା ଦର୍ଶାଇ ରାଜ୍ୟ ସରକାର ଏବେ ଭାଙ୍ଗିବା ଆରମ୍ଭ କରିଛନ୍ତି। ଏହି ଢାବା ଭାଙ୍ଗିବା ପାଇଁ ପ୍ରଶାସନ ପଦକ୍ଷେପ ନେବା ପରେ ଏଥିସହ ଏଲିନାଙ୍କ ନାମ ଏବଂ ପରିବାର ଲୋକଙ୍କ ନାମକୁ ଯୋଡ଼ି ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହି ଢାବାରେ ବିଭିନ୍ନ ବେଆଇନ କାମ ହେଉଥିଲା। ରାତି ପର୍ଯ୍ୟନ୍ତ ଖୋଲା ରହୁଥିଲା। ଏଭଳି ମିଥ୍ୟା ଆରୋପ କେତେକ ମୁଖ୍ୟସ୍ରୋତ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା।

# ଜିଲାପାଳଙ୍କ ନୋଟିସ୍ ହାଇକୋର୍ଟରେ ଖାରଜ

## ଫୁଲବାଣୀ ପୌରପାଳିକା ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ମାମଲା

କଟକ,୪।୭ (କାର୍ତ୍ତିକ ସାହୁ)

ଫୁଲବାଣୀ ପୌରପାଳିକା ଅଧ୍ୟକ୍ଷା ସ୍ମିତାରାଣୀ ମହାନ୍ତିଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ବିରୋଧରେ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ କନ୍ଧମାଳ ଜିଲାପାଳଙ୍କ ନୋଟିସ୍‌କୁ ଖାରଜ କରିଛନ୍ତି। ତେବେ ଜିଲାପାଳ ଚାହିଁଲେ ପରିଷଦର ସମସ୍ତ କାଉନ୍‌ସିଲର୍ ଓ ପୌରପାଳିକା ଅଧ୍ୟକ୍ଷାଙ୍କୁ ନୋଟିସ୍ କରି ଆଇନ ଅନୁଯାୟୀ ସାନି ବୈଠକ ଡାକିପାରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏନେଇ ଆବେଦନକାରୀ ସ୍ମିତାରାଣୀଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ବି. ପି. ରାଉତରାୟ ଉପରୋକ୍ତ ଆଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଫୁଲବାଣୀ ପୌରପାଳିକାର ୧୩ ଜଣ କାଉନ୍‌ସିଲରଙ୍କ ମଧ୍ୟରୁ ୧୧ଜଣ କାଉନସିଲର ଅଧ୍ୟକ୍ଷା ସ୍ମିତାରାଣୀ ମହାନ୍ତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବ ଉପରେ ଭୋଟ ଗ୍ରହଣ ନିମନ୍ତେ ଏପ୍ରିଲ ୨୩ ତାରିଖ ପୂର୍ବାହ୍ନ ୧୦ଟାରେ ପରିଷଦ ବୈଠକ ବସିବ ବୋଲି ଦର୍ଶାଇ କନ୍ଧମାଳ ଜିଲାପାଳ ୨୦୨୪ ଏପ୍ରିଲ ୧୫ରେ ସମସ୍ତ କାଉନସିଲରଙ୍କୁ ନୋଟିସ୍ ଜାରି କରିଥିଲେ। ଅପରପକ୍ଷରେ ଏହି ନୋଟିସ୍ ସ୍ମିତାରାଣୀଙ୍କୁ ପ୍ରଦାନ କରାଯାଇ ନ ଥିବା ଦର୍ଶାଇ ସେ ହାଇକୋର୍ଟରେ ଆବେଦନ କରିଥିଲେ। ରୁଜୁ ମାମଲାରେ ସେ ଦର୍ଶାଇଥିଲେ ଯେ, ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ପରିଷଦ ବୈଠକ ନିମନ୍ତେ ତାଙ୍କୁ ନୋଟିସ୍ ଜାରି କରାଯାଇ ନ ଥିବାରୁ ଏହା ଓଡ଼ିଶା ପୌର ପରିଷଦ ଆଇନକୁ ବିରୋଧ କରୁଛି। ତେଣୁ ଏପରି ନୋଟିସ୍‌କୁ ସେ ବେଆଇନ ଦର୍ଶାଇ ଏହାକୁ ଖାରଜ କରିବାକୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ‘ଛାତ୍ର ସଂସଦ ନିର୍ବାଚନ କରାଯାଉ’

## ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କୁ ଦାବିପତ୍ର ଦେଲା ଏଆଇଏସ୍ଏଫ୍

ଭୁବନେଶ୍ୱର,୪।୭(ଅନୁରାଧା ମହାରଣା)



ଚଳିତବର୍ଷ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ କରାଯାଉ। ଏଥିସହ ଏନ୍ଇଇଟି ପରୀକ୍ଷା ଉଚ୍ଛେଦ କରାଯାଉ ବୋଲି ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଫୋରମ୍ (ଏଆଇଏସ୍ଏଫ) ପକ୍ଷରୁ ଦାବି କରାଯାଇଛି। ଏନେଇ ଗୁରୁବାର ଏଆଇଏସ୍ଏଫ୍ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୧୮ ମସିହାରୁ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ଥିବାରୁ ଛାତ୍ରୀଛାତ୍ର ନିଜ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଉଥିବା ସଂଗଠନ ପକ୍ଷରୁ ଦର୍ଶାଯାଇଛି। ନିର୍ବାଚନ ନ ହେବା ଫଳରେ ନେତୃତ୍ୱର ସଂକଟ ବୃଦ୍ଧି ପାଇବା ସହ କ୍ୟାମ୍ପସ୍‌ରେ ରାଗିଂ ଓ ଅନ୍ୟାନ୍ୟ ସମସ୍ୟା ମଧ୍ୟ ବୃଦ୍ଧି ପାଉଛି। ତେଣୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନିର୍ବାଚନ ପାଇଁ ଏଆଇଏସ୍ଏଫ୍ ଦାବି କରିଛି। ସେହିଭଳି ଏନ୍ଇଇଟି ଭଳି କେନ୍ଦ୍ରୀୟ ପରୀକ୍ଷା ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳ ଓ ଗରିବ ଶ୍ରେଣୀର ପିଲା ଡାକ୍ତରୀ ଶିକ୍ଷାରୁ ବଞ୍ଚିତ ହେଉଥିବାରୁ ଏହି ପରୀକ୍ଷା ଉଚ୍ଛେଦ ପାଇଁ ଓଡ଼ିଶା ବିଧାନସଭାରେ ପ୍ରସ୍ତାବ ପାରିତ କରାଯାଇ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଉ। ଏହାଦ୍ୱାରା ଓଡ଼ିଶାର ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଦୁଇ ଦାବି ସମ୍ପର୍କରେ ଆଲୋଚନା ଅବସରରେ ମନ୍ତ୍ରୀ କହିଲେ, ଏଥିପାଇଁ ଏକ ବୈଠକ ବସିବ। ସମସ୍ତଙ୍କ ମତ ଆଧାରରେ ସୁବ୍ୟବସ୍ଥିତ ଢଙ୍ଗରେ ନିର୍ବାଚନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏନ୍ଇଇଟି ଉଚ୍ଛେଦ ଦାବି ଉପରେ ନିରବ ରହିଥିବା ସଂଘର ରାଜ୍ୟ ସଭାପତି ସଂଘମିତ୍ରା ଜେନା ସୂଚନା ଦେଇଛନ୍ତି। ଜେନାଙ୍କ ନେତୃତ୍ୱରେ ଏକ ୫ଜଣିଆ ପ୍ରତିନିଧିମଣ୍ଡଳୀ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ଏଥିରେ ସଂଘର ଉପସଭାପତି ମନୋରଞ୍ଜନ ରାଉତ, ଯୁଗ୍ମ ସମ୍ପାଦକ ଦେଶପ୍ରିୟ ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ଅମରେଶ ପରିଡ଼ା ଓ ସୌମ୍ୟରଞ୍ଜନ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

# ସମବାୟ ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ: ମନ୍ତ୍ରୀ ବଳସାମନ୍ତ

ଭୁବନେଶ୍ୱର, ୪।୭(ସୁନିତ୍ ମିଶ୍ର)




ବିଭାଗୀୟ ଅଧିକାରୀଙ୍କ ସହ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ।

ଓଡ଼ିଶା ରାଜ୍ୟ ସମବାୟ ବିଭାଗ ତରଫରୁ ଗୁରୁବାର ପୂର୍ବାହ୍ନରେ କୃଷି ଭବନ ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏଥିରେ ଯୋଗଦେଇ ଚାରାରେ ଜଳପ୍ରଦାନ ପୂର୍ବକ କର୍ମଶାଳାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ବଳସାମନ୍ତ କହିଛନ୍ତି ଯେ, ରାଜ୍ୟ ସରକାର ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ କରିବା ପାଇଁ ସଂକଳ୍ପବଦ୍ଧ। ଏ ଦିଗରେ ସମବାୟ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ବିଭାଗର ପ୍ରତ୍ୟେକ କର୍ମଚାରୀ ଦଳଗତ ମନୋଭାବ ନେଇ କାର୍ଯ୍ୟକଲେ ରାଜ୍ୟରେ ବିକାଶର ଲକ୍ଷ୍ୟ ହାସଲ ସହ ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ ହୋଇପାରିବ। ଏହି ବିକାଶ ପ୍ରକ୍ରିୟାରେ ଅଂଶୀଦାର ହେବା ପାଇଁ ସେ ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ କହିବା ସହ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। କର୍ମଶାଳାରେ ସମବାୟ ବିଭାଗ ଏବଂ ବିଭାଗ ଅଧୀନ ବିଭିନ୍ନ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ଆଗାମୀ ୧୦୦ ଦିନର କାର୍ଯ୍ୟପନ୍ଥା ସହ ଚଳିତ ବର୍ଷ ଏବଂ ଆସନ୍ତା ୫ ବର୍ଷର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଛନ୍ତି।

ଶେଷରେ ବିଭାଗର କାର୍ଯ୍ୟକ୍ରମ ଉପରେ ଆସିଥିବା ବିଭିନ୍ନ ମତାମତକୁ ପ୍ରାଧାନ୍ୟ ଦେଇ ଏସବୁର କାର୍ଯ୍ୟାନ୍ୱୟନ ଉପରେ ଆଲୋଚନା ହୋଇଥିଲା। ବିଭାଗୀୟ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ବିଭାଗର କାର୍ଯ୍ୟକ୍ରମ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇ କହିଛନ୍ତି ଯେ, ସମବାୟ ବିଭାଗ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ, ଯାହା କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟ କରୁଛି। ଆମେ ଯେତିକି କାର୍ଯ୍ୟ କରୁଛୁ, ତା’ଠାରୁ ଆହୁରି ଅଧିକ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରିବା। ଆମେ ଯେତେ ଅଧିକ କାର୍ଯ୍ୟ କରିବା ସେତିକି ଅଧିକ ଚାଷୀଙ୍କ ଉନ୍ନତି ହେବ। ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ସମ୍ଭବପର ହୋଇପାରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଛନ୍ତି। ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡର ସଦସ୍ୟ ସଚିବ ତଥା କୃଷି ବିପଣନ ନର୍ଦ୍ଦେଶକ ଏବଂ ସମବାୟ ମହାସମୀକ୍ଷକ ପ୍ରଭୁ କଲ୍ୟାଣ ପଟ୍ଟନାୟକ ଯୋଗଦେଇ ସମବାୟ ସମୀକ୍ଷା ନିର୍ଦ୍ଦେଶାଳୟର କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରଛନ୍ତି।

# ଅଲିମ୍ପିକ୍ସରେ କମୁଛି ଓଡ଼ିଶାର ପ୍ରତିନିଧିତ୍ୱ



**ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି। ଏଠାରେ ଏବେ ଅନେକ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ। ପାଖାପାଖି ଏକ ଡଜନ ହାଇପରଫର୍ମାନ୍ସ ସେଣ୍ଟର ଖେଳାଳିଙ୍କ ଦକ୍ଷତା ବଢ଼ାଇବାପାଇଁ କାର୍ଯ୍ୟ କରୁଛି। ଖେଳାଳିମାନଙ୍କୁ ପ୍ରୋତ୍ସାହନରେ ମଧ୍ୟ କମ୍ ରହିନାହିଁ। ଭାରତର ଅଘୋଷିତ କ୍ରୀଡ଼ା ରାଜଧାନୀ ପାଲଟିଛି ଓଡ଼ିଶା। ମାତ୍ର ଏଥିରୁ ଫାଇଦା ଉଠାଇ ରାଜ୍ୟର ପ୍ରତିଯୋଗୀମାନେ ନିଜକୁ ବଡ଼ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିପାରିଥିବା ପରିଲକ୍ଷିତ ହେଉନାହିଁ। ପ୍ୟାରିସ ଅଲିମ୍ପିକ୍ସ ପାଇଁ ମାତ୍ର ୨ ଜଣ ଖେଳାଳି ଯୋଗ୍ୟ ବିବେଚିତ ହେବା ଏହାର ଏକ ସଦ୍ୟତମ ଉଦାହରଣ। ଏ ଦୁଇ କ୍ରୀଡ଼ାବିତ୍ ହେଲେ ଜାଭେଲିନ ଥ୍ରୋ ପ୍ରତିଭା କିଶୋର କୁମାର ଜେନା ଓ ହକି ତାରକା ଅମିତ ରୋହିଦାସ...**

–ପ୍ରସ୍ତୁତି: ତପନ ସ୍ୱାଇଁ

ପାଖେଇ ଆସିଛି ପ୍ୟାରିସ ଅଲିମ୍ପିକ୍ସ। କ୍ରୀଡ଼ା ଜଗତର ଏହି ମହାକୁମ୍ଭକୁ ନେଇ ଉଷ୍ମତା କ୍ରମେ ବଢ଼ିବାରେ ଲାଗିଛି। ପ୍ୟାରିସ–୨୦୨୪ ନାମରେ ବିଶେଷ ପରିଚିତ ହେଉଥିବା ଏହି ମେଗା ପ୍ରତିଯୋଗିତା ଫ୍ରାନ୍ସର ପ୍ୟାରିସରେ ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥର ଅଲିମ୍ପିକ୍ସରେ ୩୨ଟି କ୍ରୀଡ଼ାର ୩୨୯ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ପାଖାପାଖି ୧୦,୫୦୦ ଆଥଲେଟ୍ ସମ୍ମିଳିତ ହେବେ। ପ୍ରତିଯୋଗିତାର ମୁଖ୍ୟ ଭେନ୍ୟୁ ହେଉଛି ପ୍ୟାରିସ। ଏହା ବ୍ୟତୀତ ଅନ୍ୟ ୧୬ଟି ସହରର ୩୩ଟି ଭେନ୍ୟୁରେ ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହେବ। ଅଲିମ୍ପିକ୍ସରେ ଏଥର ଭାରତର ୧୦୩ ପ୍ରତିଯୋଗୀ ୨୬ଟି ଇଭେଣ୍ଟରେ ଭାଗନେବାର କାର୍ଯ୍ୟକ୍ରମ ରହିଛି। ଯାହାକି ପୂର୍ବ ଅଲିମ୍ପିକ୍ସ ତୁଳନାରେ ସାମାନ୍ୟ କମ୍। ଟୋକିଓ ଅଲିମ୍ପିକ୍ସରେ ୧୮ଟି କ୍ରୀଡ଼ା ଇଭେଣ୍ଟରେ ଭାରତର ୧୨୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରୁ ଭାରତକୁ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ମିଳିଥିଲା।

ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି। ଏଠାରେ ଏବେ ଅନେକ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ। ପାଖାପାଖି ଏକ ଡଜନ ହାଇପରଫର୍ମାନ୍ସ ସେଣ୍ଟର ଖେଳାଳିଙ୍କ ଦକ୍ଷତା ବଢ଼ାଇବା ପାଇଁ କାର୍ଯ୍ୟ କରୁଛି। ଖେଳାଳିମାନଙ୍କୁ ପ୍ରୋତ୍ସାହନରେ ମଧ୍ୟ କମ୍ ରହିନାହିଁ। ଭାରତର ଅଘୋଷିତ କ୍ରୀଡ଼ା ରାଜଧାନୀ ପାଲଟିଛି ଓଡ଼ିଶା। ମାତ୍ର ଏଥିରୁ ଫାଇଦା ଉଠାଇ ରାଜ୍ୟର ପ୍ରତିଯୋଗୀମାନେ ନିଜକୁ ବଡ଼ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିପାରିଥିବା ପରିଲକ୍ଷିତ ହେଉନାହିଁ। ପ୍ୟାରିସ ଅଲିମ୍ପିକ୍ସ ପାଇଁ ମାତ୍ର ୨ ଜଣ ଆଥଲେଟ୍/ଖେଳାଳି ଯୋଗ୍ୟ ବିବେଚିତ ହେବା ଏହାର ଏକ ସଦ୍ୟତମ ଉଦାହରଣ। ଏ ଦୁଇ କ୍ରୀଡ଼ାବିତ୍ ହେଲେ ଜାଭେଲିନ ଥ୍ରୋ ପ୍ରତିଭା କିଶୋର କୁମାର ଜେନା ଓ ହକି ତାରକା ଅମିତ ରୋହିଦାସ। ପୂର୍ବ ଦୁଇ ଅଲିମ୍ପିକ୍ସକୁ ଦେଖିଲେ ରିଓ ଡି ଜେନିରୋ ଅଲିମ୍ପିକ୍ସ ପାଇଁ ଓଡ଼ିଶାରୁ ୬ ଜଣ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଦୀପ୍ ଗ୍ରେସ୍ ଏକ୍କା, ସୁନୀତା ଲାକ୍ରା, ଲିଲିମା ମିଞ୍ଜ ଓ ନମିତା ଟପ୍ପୋ ଯୋଗ୍ୟତା ପାଇଥିଲେ। ସେହିପରି ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଦୂତୀ ଚାନ୍ଦ, ଅମିତ ରୋହିଦାସ, ବୀରେନ୍ଦ୍ର ଲାକ୍ରା ଓ ଦୀପ୍ ଗ୍ରେସ୍ ଏକ୍କା ଭାରତ ପକ୍ଷରୁ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ଅତୀତ ରେକର୍ଡ ଦେଖିଲେ ୧୯୯୬ରେ ପଦ୍ମଶ୍ରୀ ଦିଲୀପ ତିର୍କୀ, ୨୦୦୦ରେ ଦିଲୀପଙ୍କ ସମେତ ଲାଜରୁସ ବାର୍ଲା, ରଚିତା ମିସ୍ତ୍ରୀ ପଣ୍ଡା ଓ ଅନୁରାଧା ବିଶ୍ୱାଳ, ୨୦୦୪ରେ ଦିଲୀପ ତିର୍କୀ, ଇଗ୍ନେସ ତିର୍କୀ, ୱିଲିୟମ୍ ଖାଲ୍‌କୋ ଓଡ଼ିଶାରୁ ଖେଳିଥିଲେ। ୨୦୧୨ରେ ଇଗ୍ନେସ ତିର୍କୀ, ବୀରେନ୍ଦ୍ର ଲାକ୍ରା ଓ କେ. ରବି କୁମାର ଓଡ଼ିଶା ଟେକ ରଖିଥିଲେ। ତେଣୁ ରେକର୍ଡ ଦେଖିଲେ ପୂର୍ବ ସଂସ୍କରଣ ସୁଦ୍ଧା ୨୦୧୬ରେ ଓଡ଼ିଶାରୁ ସର୍ବାଧିକ ୬ ଜଣ, ୨୦୧୨ରେ ୩ ଜଣ, ୨୦୦୪ରେ ୩ ଜଣ, ୨୦୦୦ରେ ୪ ଜଣ, ୨୦୨୦ରେ ୪ ଜଣ ଏବଂ ୧୯୯୬ରେ ଜଣେ ଓଡ଼ିଶା ପକ୍ଷରୁ ଅଲିମ୍ପିକ୍ସରେ ଭାଗନେବାର ଗୌରବ ପାଇଛନ୍ତି। ୨୦୦୮ ବେଜିଂ ଅଲିମ୍ପିକ୍ସରେ ଜଣେ ହେଲେ ଓଡ଼ିଆ ଖେଳାଳି ପ୍ରତିନିଧିତ୍ୱର ସୁଯୋଗ ପାଇ ନ ଥିଲେ। ଏହାକୁ ବାଦ୍ ଦେଲେ ୧୯୯୬ପରେ ଏତେ କମ୍ ସଂଖ୍ୟକ ପ୍ରତିଯୋଗୀ ଓଡ଼ିଶାରୁ କେବେହେଲେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ନ ଥିଲେ। ପଦକ ହାସଲ କ୍ଷେତ୍ରରେ ମଧ୍ୟ ଓଡ଼ିଶା ପ୍ରତିଯୋଗୀମାନେ ବହୁ ପଛରେ। ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏହାର ସଦସ୍ୟଭାବେ ଅମିତ ଓ ବୀରେନ୍ଦ୍ର ବ୍ରୋଞ୍ଜ ସଫଳତା ପାଇଥିଲେ। ଏହା ଏପର୍ଯ୍ୟନ୍ତ ଅଲିମ୍ପିକ୍ସରେ ଓଡ଼ିଶା କ୍ରୀଡ଼ାବିତ୍ଙ୍କ ସର୍ବଶ୍ରେଷ୍ଠ ପ୍ରଦର୍ଶନ ହୋଇ ଆସିଛି। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାର ସମୟ ଆସିଛି। ଏଥର କିଶୋର ଓ ଅମିତଙ୍କ ଉପରେ ଓଡ଼ିଶା କ୍ରୀଡ଼ାପ୍ରେମୀଙ୍କର ଅନେକ ଆଶା ରହିଛି।

## କିଶୋର ଜେନା

୧୯୯୫ ମସିହା ସେପ୍ଟେମ୍ବର ୬ରେ ପୁରୀ ଜିଲ୍ଲା ବ୍ରହ୍ମଗିରିସ୍ଥିତ କୋଠସାହିରେ କିଶୋରଙ୍କ ଜନ୍ମ। ତାଙ୍କ ମା'ଙ୍କ ନାମ ହରପ୍ରିୟା ଓ ବାପା କେଶବ ଜେନା। ବାପା ଜଣେ କୃଷକ। ସମ୍ପ୍ରତି ମଧ୍ୟପ୍ରଦେଶର ଭୋପାଳସ୍ଥିତ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍ଏଫ୍)ରେ କାର୍ଯ୍ୟରତ କିଶୋର ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରୁ ହିଁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ନୀଳମାଧବ ଦେଓ ଓ ରୂପାନ୍ୱିତା ପଣ୍ଡାଙ୍କଠାରୁ ପ୍ରଶିକ୍ଷଣ ପାଇ ଆଗକୁ ବଢ଼ିଥିବା ଏହି ତାରକା ଆଥ୍‌ଲେଟ୍ ସମ୍ପ୍ରତି ସମରଜିତ ସିଂ ମାଲ୍‌ହିଙ୍କଠାରୁ ଟ୍ରେନିଂ ନେଉଛନ୍ତି। ତାଙ୍କର ଶ୍ରେଷ୍ଠ ଥ୍ରୋ ହେଉଛି ୮୭.୫୪ ମିଟର। ୨୦୨୩ ଅକ୍ଟୋବର ୪ରେ ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ୧୯ଶ ଏସିଆନ ଗେମ୍ସରେ କିଶୋର ଏହି ସଫଳତା ଲାଭ କରିଥିଲେ। ୨୦୧୫ରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରେ ଭର୍ତ୍ତି ହେବାବେଳେ ସେ ଭଲିବଲ ଖେଳୁଥିଲେ। ୨୦୧୯ରେ ପାଖାପାଖି ୨୨ ବର୍ଷ ବୟସରେ ସେ ଜାଭେଲିନ୍ ଥ୍ରୋକୁ ଆପଣେଇ ନେଇଥିଲେ। ତା' ପରଠାରୁ ଆଉ ପଛକୁ ଫେରି ଚାହିଁ ନାହାନ୍ତି ଏହି ସାହସୀ ଯୁବକ। ଅଲିମ୍ପିକ୍ସ ବ୍ୟତୀତ ସେ ଓଡ଼ିଶାର ପ୍ରଥମ ଆଥ୍‌ଲେଟ୍‌ଭାବେ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ରାଜ୍ୟ, ଜୋନାଲ ଏବଂ ଜାତୀୟ ସ୍ତରରେ ଅନେକ ସଫଳତା ଲାଭ କରିଥିବା କିଶୋର ୨୦୨୩ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଏହିବର୍ଷ ଜୁଲାଇ ୨୧ରେ ଲେବାନନର ବେରୁଟରେ ଅନୁଷ୍ଠିତ ଲେବାନନ ନ୍ୟାଶନାଲ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍‌ରେ ସେ ୭୮.୯୬ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ୨୦୨୩ ଜୁଲାଇ ୨୮ରେ କଲମ୍ବୋରେ ଆୟୋଜିତ ଶ୍ରୀଲଙ୍କା ନ୍ୟାଶନାଲ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ବ୍ୟକ୍ତିଗତ ଶ୍ରେଷ୍ଠ ୮୪.୩୮ ମିଟର ଥ୍ରୋ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ୨୦୨୩ ଅଗଷ୍ଟ ୨୭ରେ ହଙ୍ଗେରିର ବୁଦାପେଷ୍ଟରେ ଅନୁଷ୍ଠିତ ୧୯ଶ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ୮୪.୭୭ ମିଟର ଥ୍ରୋ କରି ନିଜ ରେକର୍ଡରେ ଉନ୍ନତି ଆଣିଥିଲେ ହେଁ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ୨୦୨୩ ଅକ୍ଟୋବର ୪ରେ ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ୧୯ଶ ଏସିଆନ ଗେମ୍ସରେ ୮୭.୫୪ ମିଟର ଜାଭେଲିନ୍ ଥ୍ରୋ କରି ଇତିହାସ ରଚିଥିଲେ। କାରଣ ଏହାଥିଲା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। କେବଳ ସେତିକି ନୁହେଁ ଏସିଆନ ଗେମ୍ସରେ ରୌପ୍ୟ ପଦକ ଜିତିବା ସହ ସେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଚଳିତ ବର୍ଷ ମେ' ୧୦ରେ ୟୁଏଇର ଦୋହାଠାରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍‌ରେ ସେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୭୬.୩୧ ମିଟର ଥ୍ରୋ କରିବାରୁ ୯ମ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ।



## ଅମିତ ରୋହିଦାସ

ଅମିତ ରୋହିଦାସଙ୍କ ଜନ୍ମ ୧୯୯୩ ମେ ୧୦ ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରାର ସଉନାମୁରା ଗ୍ରାମରେ। ମା' ଗୋଲାପ ରୋହିଦାସ ଓ ବାପା ଗୋପାଳ ରୋହିଦାସ। ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ଡିଫେଣ୍ଡର (ଫୁଲ୍‌ବ୍ୟାକ୍)ଭାବେ ପରିଚିତ ଅମିତ ୨୦୧୪ରେ ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରେ ଯୋଗଦେଇ ହକିର ଅୟମାରମ୍ଭ କରିଥିଲେ। ୨୦୦୯ରେ ଜାତୀୟ ଜୁନିୟର ଏବଂ ୨୦୧୩ରେ ସେ ସିନିୟର ସ୍ତରରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେହିବର୍ଷ ଇପୋରେ ଅନୁଷ୍ଠିତ ଏସିଆ କପ୍‌ରେ ଭାରତୀୟ ଦଳର ରୌପ୍ୟ ପଦକ ବିଜୟୀ ସଦସ୍ୟଭାବେ ଅଭିଯାନ ଆରମ୍ଭ କରିଥିଲେ। ପରେ ୨୦୧୭ରେ ସେ ପୁଣି ଦଳକୁ ପ୍ରତ୍ୟାବର୍ତ୍ତନ କରି ଏପର୍ଯ୍ୟନ୍ତ ଦକ୍ଷତା ପ୍ରଦର୍ଶନ କରି ଆସୁଛନ୍ତି। ଓଡ଼ିଶାର ୧୦ମ ଅନ୍ତର୍ଜାତୀୟ ଓ ୬ଷ୍ଠ ପୁରୁଷ ହକି ଖେଳାଳିଭାବେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ଗୌରବ ବହନ କରୁଛନ୍ତି ଅମିତ। ଏକ ଗରିବ ପରିବାରରୁ ଆସି ଭାରତୀୟ ସିନୟର ପୁରୁଷ ହକି ଦଳର ଅଧିନାୟକ ହେବା ଏବଂ ଅଲିମ୍ପିକ୍ସରେ ପଦକ ଜିତିବାର ଜ୍ୱଳନ୍ତ ଉଦାହରଣ ହେଲେ ଅମିତ ରୋହିଦାସ। ଓଡ଼ିଶାର ଅନେକ ଆଥଲେଟ୍/ଖେଳାଳି ଅଲିମ୍ପିକ୍ସରେ ଭାଗ ନେଇଥିଲେ ହେଁ କେବଳ ଅମିତ ଓ ବୀରେନ୍ଦ୍ର ଲାକ୍ରା ପଦକ ଜିତିବାର ଗୌରବ ଲାଭ କରିଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଏହା ବ୍ୟତୀତ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ବ୍ରୋଞ୍ଜ ଓ ୨୦୨୨ ହାଙ୍ଗଝୋରେ ସ୍ୱର୍ଣ୍ଣ, ୨୦୧୩ ଏସିଆ କପ୍‌ରେ ରୌପ୍ୟ ଓ ୨୦୧୭ ଢାକାରେ ସ୍ୱର୍ଣ୍ଣ ଏବଂ ୨୦୨୩ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ ଜିତିବାର ସୌଭାଗ୍ୟ ମଧ୍ୟ ପାଇଥିଲେ ଅମିତ। କେବଳ ସେତିକି ନୁହେଁ ୨୦୧୮ ବ୍ରେଡା ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୨୦୧୬–୧୭ ଭୁବନେଶ୍ୱର ହକି ୱାର୍ଲ୍ଡ ଲିଗ୍‌ରେ ବ୍ରୋଞ୍ଜ ପଦକ ବିଜୟ ମଧ୍ୟ ତାଙ୍କ ଦକ୍ଷତାର ପ୍ରମାଣ ଦିଏ।

### ଓଡ଼ିଶାର ଅଲିମ୍ପିଆନ

ଦିଲୀପ ତିର୍କୀ: ୧୯୯୬ ଆଟଲାଣ୍ଟା, ୨୦୦୦ ସିଡ୍‌ନୀ, ୨୦୦୪ ଏଥେନ୍ସ
ଲାଜରୁସ ବାର୍ଲା: ୨୦୦୦ ସିଡ୍‌ନୀ
ରଚିତା ପଣ୍ଡା ମିସ୍ତ୍ରୀ: ୨୦୦୦ ସିଡ୍‌ନୀ
ଅନୁରାଧା ବିଶ୍ୱାଳ: ୨୦୦୦ ସିଡ୍‌ନୀ
ଇଗ୍ନେସ ତିର୍କୀ: ୨୦୦୪ ଏଥେନ୍ସ, ୨୦୧୨ ଲଣ୍ଡନ
ୱିଲିୟମ ଖାଲ୍‌କୋ: ୨୦୦୪ ଏଥେନ୍ସ
ବୀରେନ୍ଦ୍ର ଲାକ୍ରା: ୨୦୧୨ ଲଣ୍ଡନ, ୨୦୨୦ ଟୋକିଓ
କେ. ରବିକୁମାର: ୨୦୧୨ ଲଣ୍ଡନ
ଦୂତୀ ଚାନ୍ଦ: ୨୦୧୬ ରିଓ ଡି ଜେନିରୋ, ୨୦୨୦ ଟୋକିଓ
ଶ୍ରାବଣୀ ନନ୍ଦ: ୨୦୧୬ ରିଓ ଡି ଜେନିରୋ
ଦୀପ୍ ଗ୍ରେସ୍ ଏକ୍କା: ୨୦୧୬ ରିଓ ଡି ଜେନିରୋ, ୨୦୨୦ ଟୋକିଓ
ସୁନୀତା ଲାକ୍ରା: ୨୦୧୬ ରିଓ ଡି ଜେନିରୋ
ଲିଲିମା ମିଞ୍ଜ: ୨୦୧୬ ରିଓ ଡି ଜେନିରୋ
ନମିତା ଟପ୍ପୋ: ୨୦୧୬ ରିଓ ଡି ଜେନିରୋ
ଅମିତ ରୋହିଦାସ: ୨୦୨୦ ଟୋକିଓ

**ଭାଗନେବେ**

କିଶୋର କୁମାର ଜେନା: ୨୦୨୪ ପ୍ୟାରିସ
ଅମିତ ରୋହିଦାସ: ୨୦୨୪ ପ୍ୟାରିସ

### ପ୍ୟାରିସରେ ତୃତୀୟ

ପ୍ୟାରିସରେ ଏହା ହେବ ତୃତୀୟ ସମର ଅଲିମ୍ପିକ୍ସ। ପୂର୍ବରୁ ୧୯୦୦ ଓ ୧୯୨୪ରେ ପ୍ୟାରିସରେ ଅଲିମ୍ପିକ୍ସ ଆୟୋଜିତ ହୋଇଥିଲା। ତେଣୁ ଇତିହାସରେ ଦ୍ୱିତୀୟ ସହରଭାବେ ପ୍ୟାରିସ ତୃତୀୟ ଥରପାଇଁ ଏହି ମେଗା ପ୍ରତିଯୋଗିତାକୁ ଆୟୋଜନ କରିବାକୁ ଯାଉଛି। କେବଳ ଲଣ୍ଡନରେ ୩ ଥର (୧୯୦୮, ୧୯୪୮, ୨୦୧୨) ଅଲିମ୍ପିକ୍ସ ଅନୁଷ୍ଠିତ ହୋଇଛି। ୨୬ ତାରିଖରେ ହେବାକୁଥିବା ଉଦ୍‌ଘାଟନୀ ସମାରୋହକୁ ପ୍ରଥମଥର ପାଇଁ ପାରମ୍ପରିକ ଷ୍ଟାଡିୟମ ବାହାରେ କରିବାକୁ ନିଷ୍ପତ୍ତି ହୋଇଛି। ୭୭୭ କିଲୋମିଟର (୪୮୩ ମାଇଲ) ବିଶିଷ୍ଟ ସିଏନ ନଦୀରେ ଉଦ୍‌ଘାଟନୀ ସମାରୋହ ହେବ ଆଗାମୀ ଅଲିମ୍ପିକ୍ସର ମୁଖ୍ୟ ଆକର୍ଷଣ। ପ୍ୟାରିସ ଅଲିମ୍ପିକ୍ସରେ 'ବ୍ରେକ୍ ଡ୍ୟାନ୍ସିଂ' କ୍ରୀଡ଼ା ଡେବ୍ୟୁ କରିବ। ସେହିପରି ସ୍କେଟବୋର୍ଡିଂ, ସ୍ପୋର୍ଟ୍ସ କ୍ଲାଇମ୍ବିଂ ଓ ସର୍ଫିଂଗ୍ ପୁଣି ପ୍ରତ୍ୟାବର୍ତ୍ତନ କରିଛି। ଭାରୋତ୍ତୋଳନରୁ ୪ଟି ଇଭେଣ୍ଟ ବାଦ୍ ଦିଆ ଯାଇଥିବାବେଳେ କାନୋଇଂରେ ୨ଟି ସ୍ପ୍ରିଣ୍ଟ ଇଭେଣ୍ଟ ସ୍ଥାନରେ୨ଟି ସ୍ଲାଲୋମ ଇଭେଣ୍ଟକୁ ସ୍ଥାନିତ କରାଯାଇଛି।

## କିପଟୁମ୍‌ଙ୍କ ଆଶା ଅଧୁରା

ଆଫ୍ରିକୀୟ ଦେଶ କେନିୟାର କେଲଭିନ୍ କିପଟୁମ୍ ମାରାଥନ୍ କ୍ରୀଡ଼ାର ସଦ୍ୟତମ ବିଶ୍ୱ ରେକର୍ଡ଼ଧାରୀ। ଗତବର୍ଷ ଅକ୍ଟୋବରରେ ଚିକାଗୋ ଅନ୍ତର୍ଜାତୀୟ ମାରାଥନ୍ ପ୍ରତିଯୋଗିତାରେ ସେ ନୂଆ ବିଶ୍ୱ ରେକର୍ଡ଼ ପ୍ରତିଷ୍ଠା କରିଥିଲେ। ୨୪ ବର୍ଷୀୟ କେଲଭିନ୍ ବିଶ୍ୱର ପ୍ରଥମ ଧାବକ ରୂପେ ୨ଘଣ୍ଟା ୩୫ସେକେଣ୍ଡରେ ମାରାଥନ୍ ସମ୍ପୂର୍ଣ୍ଣ କରିଥିଲେ। ଏହା ପୂର୍ବର ବିଶ୍ୱ ରେକର୍ଡ଼ ସମୟ ୨ଘଣ୍ଟା ୧ମିନିଟ୍ ୯ସେକେଣ୍ଡ ଥିଲା। କେନିୟାର ଏଲ୍ୟୁଡ୍ କିପଚୋଗ୍ ଏହି ରେକର୍ଡ଼ର ଅଧିକାରୀ ଥିଲେ। କେଲଭିନ୍‌ଙ୍କ ସମୟ କିପଚୋଗ୍‌ଙ୍କଠାରୁ ୩୪ ସେକେଣ୍ଡ କମ୍ ରହିଥିଲା। ଏଲ୍ୟୁଡ୍ କିପଚୋଗ୍ ମଧ୍ୟ ଜଣେ ମହାନ୍ ମାରାଥନ୍ ଧାବକ। ରିଓ ଏବଂ ଟୋକିଓ ଅଲିମ୍ପିକ୍ ମାରାଥନ୍‌ରେ ସେ କ୍ରମାଗତ ଦୁଇଥର ଚାମ୍ପିୟନ୍ ହୋଇଥିଲେ। ପ୍ୟାରିସ ଅଲିମ୍ପିକ୍ସରେ ଦୁଇ ବିଶ୍ୱ ରେକର୍ଡ଼ଧାରୀଙ୍କ ମଧ୍ୟରେ ମୁକାବିଲା ହେବ ବୋଲି ଆଶା ସଂଚାର ହୋଇଥିଲା। କେନିୟାର ରିଫ୍ଟ ଉପତ୍ୟକା ଅଞ୍ଚଳରେ ଥିବା ଚେପ୍‌କୋରିଓ ନାମକ ଏକ ଗାଁର ବାସିନ୍ଦା ହେଲେ କେଲଭିନ୍। ଯୁବ ବୟସରେ ସେ ମାରାଥନ୍ କ୍ରୀଡ଼ାରେ ପ୍ରବେଶ କରିଥିଲେ। କେନିଆର ଉଚ୍ଚ ପାର୍ବତ୍ୟାଞ୍ଚଳରେ ମାରାଥନ୍ ଧାବକମାନେ ଦୌଡ଼ ଅଭ୍ୟାସ କରନ୍ତି। ବରିଷ୍ଠମାନେ ଅଭ୍ୟାସ କରୁଥିଲା ବେଳେ କେଲଭିନ୍ ସେମାନଙ୍କ ପଛେ ପଛେ ଦୌଡ଼ୁଥିଲେ। ୨୦୨୨ରେ ଇଟାଲୀର ଭାଲେନ୍‌ସିଆ ମାରାଥନ୍‌ରେ ପଦାର୍ପଣ କରି କେଲଭିନ୍ ବିଶ୍ୱ ସମୁଦାୟକୁ ଚକିତ କରି ଦେଇଥିଲେ। ତାଙ୍କ ବିଜୟ ସମୟ ଥିଲା ୨ଘଣ୍ଟା ୧ମିନିଟ ୫୩ ସେକେଣ୍ଡ। ୱାର୍ଲ୍ଡ ଆଥଲେଟିକ୍ସ ଏହାକୁ ବିଶ୍ୱର ଦ୍ରୁତତମ ପଦାର୍ପଣ ବିଜୟ ଭାବେ ବର୍ଣ୍ଣନା କରିଥିଲା। ଚିକାଗୋ ଚାମ୍ପିୟନଶିପ୍ କେଲଭିନ୍‌ଙ୍କ କ୍ୟାରିୟରର ତୃତୀୟ ଟୁର୍ନାମେଣ୍ଟ ଥିଲା। ଚଳିତ ବର୍ଷ ଜାନୁଆରୀ ମାସରେ ସେ ତାଙ୍କ ଲକ୍ଷ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ। ରୋଟରଡାମ୍ ପ୍ରତିଯୋଗିତାରେ ସେ ଦୁଇ ଘଣ୍ଟାରେ ମାରାଥନ୍ ଶେଷ କରିବାକୁ ଆଶା ବାନ୍ଧିଥିବା କହିଥିଲେ। ଏପ୍ରିଲ ୫ରେ ରୋଟରଡାମ୍ ପ୍ରତିଯୋଗିତା ଅନୁଷ୍ଠିତ ହେଲା। ହେଲେ ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ କେଲଭିନ୍ ଆଉ ନଥିଲେ। ଫେବୃଆରୀ ୧୦ ଦିନ ଲିଫ୍‌ଟ ଉପତ୍ୟକା ଅଞ୍ଚଳରେ ସେ ନିଜ ଯାନରେ ଯାତ୍ରା କରୁଥିଲା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ଶୋଚନୀୟ ମୃତ୍ୟୁ ହୋଇ ଯାଇଥିଲା। ତାଙ୍କ ପ୍ରଶିକ୍ଷକ ରୁଆଣ୍ଡା ଦେଶର ଗାର୍ଭେସ ହକିଜିମାନା ମଧ୍ୟ ପ୍ରାଣ ହରାଇଥିଲେ। କେଲଭିନ୍‌ଙ୍କ ଅଚାନକ ମୃତ୍ୟୁ ମାରାଥନ୍ ଜଗତରେ ବିରାଟ ଶୁନ୍ୟସ୍ଥାନ ସୃଷ୍ଟି କରିଛି। ଜୁଲାଇ–ଅଗଷ୍ଟରେ ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେବା ଲାଗି ତାଙ୍କ ଯୋଜନା ଚୂରମାର ହୋଇଯାଇଥିଲା। କେଲଭିନ୍ କିପଟୁମ୍ ବିଶ୍ୱର ଅଦ୍ୱିତୀୟ ମାରାଥନ୍ ଧାବକ ଥିଲେ ବୋଲି ୱାର୍ଲ୍ଡ଼ ଆଥଲେଟିକ୍ସ ମୁଖ୍ୟ ସେବାଷ୍ଟିଆନ କୋ ଉଲ୍ଲେଖ କରିଥିଲେ।

–ସ୍ୱାଗତ ସମ୍ପଦ

### ମେମୋରେବଲ

ଡେଭିଡ ଭାବିଲା ସ୍କୁପ କରି ବଲ
ମାରିଦେବ ଛଅ ରନ
କେନସିଙ୍ଗଟନ ଫିଲ୍ଡ
ବାଉଣ୍ଡାରିଠାରେ
ଉଭା ସୂର୍ଯ୍ୟ ମାରି ମନ
ଶୂନ୍ୟରେ ଧରିଲା ଶୂନ
ଏ କ୍ୟାଚ ପୋଡ଼ିଦେଲା
ମାରକ୍ରମ ମନ
କଟା ଘା'ରେ ଯେମ୍ନେ ଚୂନ।

ପାଣ୍ଡ୍ୟା ଜାଣିଥିଲା ଡୋମିନେଟ ପାଇଁ
ଡେଭିଡ ମାରିବ ଛକା
ସେ ଲାଗି ବଲ୍ ସ୍ଲୋ କରିଦେଲା
ବାଡ଼ାରେ ଡେଭିଡ ବୋକା
ଏଇ ଛକା ଦେଲା ଧୋକା
ଅତି ଲୋଭକରି ସାଉଥ ଆଫ୍ରିକା
ମୁହଁ ପଡ଼ିଗଲା ଫିକା।



ଟିମ୍ ସ୍ପିରିଟ ଟିମ୍ ରେସ୍ପନ୍ସିବିଲିଟି
କଲା ବିଶ୍ୱ ଚାମ୍ପିୟନ
ରୋହିତ ଏଣ୍ଡ କୋ ଟି ଟ୍ୱେଣ୍ଟି ବିଜେତା
ସେନା ଆମ ୱିଶ୍ ଘେନ
ଏ ସ୍ମୃତି ଏ କୀର୍ତ୍ତି ଧନ୍ୟ
ସହିତ ସେ ଧନ୍ୟ ଯେଉଁ ବ୍ୟକ୍ତି କରେ
ଦେଶ ହିତେ ଶ୍ରମ ଦାନ।

–ସୁବାସ ଚନ୍ଦ୍ର ପ୍ରଧାନ

# ମୁମ୍ବାଇରେ ଟିମ୍ ଇଣ୍ଡିଆର ବିଜୟ ପରେଡ୍

ମୁମ୍ବାଇ,୪।୭(ପି.ଟି.)

ଟି୨୦ କ୍ରିକେଟ ବିଶ୍ୱକପ୍ ବିଜେତା ଭାରତୀୟ ଦଳ ଗୁରୁବାର ପହଞ୍ଚିବା ପରେ ମୁମ୍ବାଇରେ ବିଜୟ ପରେଡ୍ ହୋଇଥିଲା। ୱାଙ୍ଖେଡେ ଷ୍ଟାଡିୟମରେ ରୋହିତ ଶର୍ମାଙ୍କ ଦଳକୁ ୧୨୫ କୋଟି ଟଙ୍କାର ଚେକ୍ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତୀୟ ଖେଳାଳିମାନେ ଏକ ଖୋଲା ଛାତ ବସ୍‌ରେ ନରିମାନ ପଏଣ୍ଟରୁ ଷ୍ଟାଡିୟମ ଯାଏ ଯାତ୍ରା କରିଥିଲେ। ଅପରାହ୍ନ ୫ଟାରେ ଏହି ବିଜୟ ପରେଡ୍ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରି ଖେଳାଳିମାନେ ବିଳମ୍ବରେ ପହଞ୍ଚିବା କାରଣରୁ ସନ୍ଧ୍ୟା ୭.୩୦ ପରେ ଏହା ଆରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରି ଭାରତୀୟ ଦଳ ଅପରାହ୍ନ ୩.୪୨ ମିନିଟରେ ଦିଲ୍ଲୀ ଛାଡିଥିଲା। ଭାରତୀୟ ଖେଳାଳିଙ୍କ ଝଲକ ପାଇବା ପାଇଁ ମେରାଇନ୍ ଡ୍ରାଇଭ୍‌ର ସଡ଼କ ଜନସମୁଦ୍ର ପାଲଟିଥିଲା। ୱାଙ୍ଖେଡେ ଷ୍ଟାଡିୟମ ସାଧାରଣ ଜନତାଙ୍କ ପାଇଁ ମୁକ୍ତ ବୋଲି ଘୋଷଣା କରାଯିବାର କିଛି ମିନିଟ ମଧ୍ୟରେ ଏହା ଭରି ଯାଇଥିଲା।

ଭାରତୀୟ ଖେଳାଳି ଭିସ୍ତାରା ବିମାନରେ ଛତ୍ରପତି ଶିବାଜୀ ମହାରାଜ ବିମାନ ବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ପ୍ରଥମେ ୱାଟର ସାଲ୍ୟୁଟ ମିଳିଥିଲା। ଟର୍ମିନାଲ-୨ ଦେଇ ଭାରତୀୟ ଖେଳାଳି ବାହାରକୁ ଆସିବା ସହ ନରିମାନ ପଏଣ୍ଟରୁ ଖୋଲା ବସ୍‌ରେ ଚଢିଥିଲେ। ତୁହାକୁ ତୁହା ବର୍ଷା ଓ ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ପ୍ରାୟ ୨.୫ ଲକ୍ଷ କ୍ରିକେଟ ଫ୍ୟାନ୍ ଏକାଠି ହୋଇଥିଲେ। ଷ୍ଟାଡିୟମରେ ମଧ୍ୟ ଜଣେ ବି ଦର୍ଶକ ନିଜ ସ୍ଥାନ ଛାଡି ନ ଥିବା ଦେଖିବାକୁ ମିଳିଥିଲା। ଘଣ୍ଟା ଘଣ୍ଟା ଧରି ବିନା ଖାଦ୍ୟ ଓ ପାଣିରେ ବସିବାକୁ ପଡିଥିଲେ ମଧ୍ୟ କେହି ବି ନିଜ ସ୍ଥାନ ଛାଡି ନ ଥିଲେ। ଷ୍ଟାଡିୟମରେ ଡିଜେ ତାଳରେ ରେନ୍ ଡ୍ୟାନ୍ସ ଦେଖିବାକୁ ମିଳିଥିଲା। ଇଣ୍ଡିଆ ଇଣ୍ଡିଆ, ସଚିନ୍... ସଚିନ୍... ଓ ମୁମ୍ବାଇ ଚା ରାଜା, ରୋହିତ ଶର୍ମା ଭଳି ଧ୍ୱନିରେ ଷ୍ଟାଡିୟମ ପ୍ରକମ୍ପିତ ହୋଇଥିଲା।




ମୁମ୍ବାଇରେ ଗୁରୁବାର ଭାରତୀୟ କ୍ରିକେଟ ଦଳର ବିଜୟ ପରେଡ୍।



ବିସିସିଆଇ ସମ୍ପାଦକ ଜୟ ଶାହା ଅଧିନାୟକ ରୋହିତ ଶର୍ମାଙ୍କୁ କେକ୍ ଖୁଆଉଛନ୍ତି।

## ନାଚିଲେ ରୋହିତ, ସୂର୍ଯ୍ୟକୁମାର

ନୂଆଦିଲ୍ଲୀ,୪।୭(ପି.ଟି.)

ଆମେରିକା ଓ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ଟି୨୦ କ୍ରିକେଟ ବିଶ୍ୱକପ ବିଜେତା ଭାରତୀୟ ଦଳ ଗୁରୁବାର ପହଞ୍ଚିଥିବା ବେଳେ ଫ୍ୟାନଙ୍କ ମଧ୍ୟରେ ଉଚ୍ଛ୍ୱସିତ ଉତ୍ସାହ ଦେଖିବାକୁ ମିଳିଛି। ବାର୍ବାଡୋସରୁ ଆସିଥିବା ଭାରତୀୟ ଦଳ ସକାଳେ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିଥିଲା। ବର୍ଷା ଓ ପ୍ରତିକୂଳ ପାଗ ସତ୍ତ୍ୱେ ହଜାର ହଜାର ସମର୍ଥକ ପହଞ୍ଚି ଭାରତୀୟ ଖେଳାଳିଙ୍କୁ ସ୍ୱାଗତ କରିଥିଲେ। ୧୩ ବର୍ଷ ବ୍ୟବଧାନରେ ଭାରତ ଏକ ଆଇସିସି ଟ୍ରଫି ଜିତିଥିବା ବେଳେ ପ୍ରିୟ ଖେଳାଳିଙ୍କ ଏକ ଝଲକ ପାଇଁ ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ। କଡା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ରୋହିତ ଶର୍ମା, ବିରାଟ କୋହଲି ଓ ରାହୁଲ ଦ୍ରାବିଡଙ୍କୁ ଦେଖିବାକୁ ଅସମ୍ଭବ ଭିଡ ଲାଗି ରହିଥିଲା। ବିଶ୍ୱକପ ଫାଇନାଲ ପରେ ଭାରତୀୟ ଦଳ ବାର୍ବାଡୋସରେ ଅଟକି ରହିଥିବା ବେଳେ ଏୟାର ଇଣ୍ଡିଆର ଚାର୍ଟର ବିମାନରେ ଖେଳାଳି ମାନେ ପ୍ରତ୍ୟାବର୍ତ୍ତନ କରିଥିଲେ। ୧୬ ଘଣ୍ଟାର ଯାତ୍ରା ପରେ ଖେଳାଳି ମାନେ ଦିଲ୍ଲୀରେ ପହଞ୍ଚିବା ପରେ ଟି୩ ଟର୍ମିନାଲ ବାହାରେ ଖେଳାଳିଙ୍କୁ ନେବା ଲାଗି ଦୁଇଟି ବସ୍ ଅପେକ୍ଷା କରି ରହିଥିଲା। ବିମାନ ବନ୍ଦରରୁ ଖେଳାଳିଙ୍କୁ ଆଇଟିସି ମୌର୍ଯ୍ୟ ଶେରାଟନକୁ ନିଆ ଯାଇଥିଲା। ପାରମ୍ପରିକ ଢୋଲ ବାଦ୍ୟ ସହ ଖେଳାଳିଙ୍କ ସ୍ୱାଗତ କରାଯାଇଥିବା ବେଳେ ଏହି ତାଳରେ ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନାଚୁଥିବାର ଦେଖିବାକୁ ମିଳିଥିଲା। ଏହା ପରେ ହୋଟେଲ ପରିସରରେ ଭାରୀତୀୟ ଦଳ କେକ୍ ମଧ୍ୟ କାଟିଥିଲା। ବିଶ୍ୱକପ ଟ୍ରଫି ଆକୃତିର କେକ୍ କଟାଯିବାର କିଛି ସମୟ ପରେ ଭାରତୀୟ ଖେଳାଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାକୁ ଯାଇଥିଲେ।

## ୨ ଘଣ୍ଟା ପାଇଁ ଅଟକିଗଲା ମୁମ୍ବାଇ

**ମୁମ୍ବାଇ,୪।୭ (ପି.ଟି.):** ଭାରତର ଆର୍ଥିକ ରାଜଧାନୀ ମୁମ୍ବାଇ। କୁହାଯାଏ ଏହି ସହର କାହାପାଇଁ ଅପେକ୍ଷା କରି ନ ଥାଏ। ସର୍ବଦା ଚଳଚଞ୍ଚଳ ରହୁଥିବା ଏହି ସହର କିନ୍ତୁ ପାଖାପାଖି ୨ ଘଣ୍ଟା ପାଇଁ ଅଟକି ଯାଇଥିଲା। ଏହାର ରାଜରାସ୍ତା ଜନସମୁଦ୍ରରେ ପରିଣତ ହୋଇଥିବା ବେଳେ ସହରରେ ସମୟ ସ୍ଥିର ହୋଇ ଯାଇଥିଲା। ଦେଶର ଚାମ୍ପିୟନ ଖେଳାଳିଙ୍କୁ ସ୍ୱାଗତ କରିବା ପାଇଁ ଅନୁଷ୍ଠିତ ବିଜୟ ପରେଡରେ ଏମିତି କିଛି ଅଭୂତପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥିଲା। ନରିମାନ ପଏଣ୍ଟରୁ ୱାଙ୍ଖେଡେ ଷ୍ଟାଡିୟମର ୨.୨ କି.ମି. ରାସ୍ତା ଜନସମୁଦ୍ରରେ ପରିଣତ ହୋଇଥିଲା। ୧୦ ମିନିଟର ରାସ୍ତା ଅତିକ୍ରମ କରିବା ପାଇଁ ଚାମ୍ପିୟନ ଖେଳାଳି ମାନଙ୍କୁ ଲାଗିଥିଲା ୨ ଘଣ୍ଟା।

## ବିଶ୍ୱକପ ଚାମ୍ପିୟନଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୪।୭(ପି.ଟି.)

ଆମେରିକା ଓ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ଟି୨୦ କ୍ରିକେଟ ବିଶ୍ୱକପ୍ ବିଜେତା ଭାରତୀୟ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛି। ଗୁରୁବାର ଭାରତୀୟ ଦଳ ନୂଆଦିଲ୍ଲୀରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ପ୍ରାତଃଭୋଜନ ପାଇଁ ଆମନ୍ତ୍ରଣ ମିଳିଥିଲା। ଦକ୍ଷିଣ ଆଫ୍ରିକାକୁ କଡା ସଂଘର୍ଷପୂର୍ଣ୍ଣ ଫାଇନାଲରେ ୭ ରନ୍‌ରେ ହରାଇବା ପରେ ୫ ଦିନ ପାଇଁ ଭାରତୀୟ ଦଳ ବାର୍ବାଡୋସରେ ଅଟକି ରହିଥିଲା। ବାତ୍ୟା ହରିକେନ୍ ବେରିଲ୍ କାରଣରୁ ବିମାନ ଚଳାଚଳ ବନ୍ଦ ରହିଥିବା ବେଳେ ଭାରତୀୟ ଖେଳାଳିଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଭାରତୀୟ ଖେଳାଳିମାନେ ୭, ଲୋକକଲ୍ୟାଣ ମାର୍ଗସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପହଞ୍ଚିବା ପରେ ଦୀର୍ଘ ସମୟ ଧରି ଆଲୋଚନା ମଧ୍ୟ କରିଥିଲେ। 'ଆମର ଚାମ୍ପିୟନମାନଙ୍କ ସହିତ ଏକ ଚମତ୍କାର ଭେଟ ହୋଇଥିଲା। ବିଶ୍ୱକପ୍‌ରେ ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବରେ ଆଲୋଚନା କରିବାର ସୁଯୋଗ ମିଳିଲା ବୋଲି ପ୍ରଧାନମନ୍ତ୍ରୀ ନିଜ 'ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଅଧିନାୟକ ରୋହିତ ଶର୍ମା ଓ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ମଝିରେ ରହି ପ୍ରଧାନମନ୍ତ୍ରୀ ଟ୍ରଫି ସହିତ ଫଟୋ ଉଠାଇଥିଲେ।

ପରେ ଏକାଧିକ ଭାରତୀୟ ଖେଳାଳି ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପ୍ରଧାନମନ୍ତ୍ରୀଙ୍କ ସହ ନିଜର ଫଟୋ ଶେୟାର କରିଥିଲେ। ଫାଇନାଲରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିରାଟ କୋହଲି ସମଗ୍ର ଟିମ୍‌ର ଫଟୋ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିବା ସହ ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଆମନ୍ତ୍ରଣ ପାଇଁ ଧନ୍ୟବାଦ ବୋଲି ଲେଖିଥିଲେ। ସେହିପରି ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଯଶପ୍ରୀତ୍ ବୁମ୍‌ରା ନିଜ ପତ୍ନୀ ସଞ୍ଜନା ଗଣେଶନ ଓ ପୁଅ ଅଙ୍ଗଦଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ପ୍ରଧାନମନ୍ତ୍ରୀ ଅଙ୍ଗଦଙ୍କୁ ଧରିଥିବା ଦେଖିବାକୁ ମିଳିଥିଲା। ପେସ୍ ବୋଲର ଅର୍ଶଦୀପ ସିଂ ନିଜ ମାତାପିତାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଫଟୋ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଚାଇନାମ୍ୟାନ ସ୍ପିନର କୁଲଦୀପ ଯାଦବ ପ୍ରଧାନମନ୍ତ୍ରୀ ତାଙ୍କୁ ଆଲିଙ୍ଗନ କରୁଥିବାର ଫଟୋ ନିଜ 'ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରିଥିଲେ।

ଦିଲ୍ଲୀରେ ପହଞ୍ଚିବା ପରେ ଭାରତୀୟ ଖେଳାଳିଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମିଳିଥିଲା। ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପ୍ରାତଃଭୋଜନ ସହିତ ଆଲୋଚନାରେ ଖେଳାଳିମାନେ ପ୍ରାୟ ୨ ଘଣ୍ଟା ବିତାଇଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ମିନିଟର ଭିଡିଓ ଶେୟାର କରାଯାଇଥିଲା, ଯେଉଁଥିରେ ଖେଳାଳିମାନେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରୁଥିବାର ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପୂର୍ବରୁ ସମସ୍ତ ଖେଳାଳି ଚାମ୍ପିୟନ ଲେଖାଥିବା ଏକ ସ୍ୱତନ୍ତ୍ର ଭାରତୀୟ ଜର୍ସିରେ ନଜର ଆସିଥିଲେ। ଏହି ଆଲୋଚନାରେ ବିସିସିଆଇ ସଭାପତି ରୋଜର ବିନ୍ନି ଓ ସମ୍ପାଦକ ଜୟ ଶାହା ମଧ୍ୟ ଉପସ୍ଥିତ ଥିଲେ। ଉଭୟ ପ୍ରଧାନମନ୍ତ୍ରୀଙ୍କୁ ନମୋ ଲେଖାଥିବା ଭାରତୀୟ ଦଳର ଏକ ଜର୍ସି ମଧ୍ୟ ଉପହାର ଦେଇଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟୁଛନ୍ତି ଟିମ୍ ଇଣ୍ଡିଆ ସଦସ୍ୟ ଓ ବିସିସିଆଇ କର୍ମକର୍ତ୍ତା।




ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ବିସିସିଆଇ ଦ୍ୱାରା ସମ୍ବର୍ଦ୍ଧିତ ହେବା ଅବସରରେ ଭାରତୀୟ କ୍ରିକେଟ ଦଳ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୫/୨୦୨୪ Bhubaneswar, Friday, July 5/ 2024

# ଆଥ୍‌ଲେଟିକ୍ସ ଦଳର ନେତୃତ୍ୱ ନେବେ ନୀରଜ

ନୂଆଦିଲ୍ଲୀ, ୪।୭ (ପି.ଟି.)

ଚଳିତ ମାସ ୨୬ ତାରିଖରୁ ପ୍ୟାରିସରେ ଆରମ୍ଭ ହେବାକୁ ଯାଉଥିବା ଅଲିମ୍ପିକ୍ସରେ ଭାରତର ୨୮ ଜଣିଆ ଆଥ୍‌ଲେଟିକ୍ସ ପ୍ରତିନିଧି ଦଳ ଅଂଶଗ୍ରହଣ କରିବ। ଡିଫେଣ୍ଡିଂ ଚାମ୍ପିୟନ ଜାଭେଲିନ୍ ତାରକା ନୀରଜ ଚୋପ୍ରା ଏହି ଦଳର

**ପ୍ୟାରିସ୍ ଅଲିମ୍ପିକ୍ସ**

PARiS 2024

**ଆଉ ୨୧ ଦିନ**

ନେତୃତ୍ୱ ନେବେ। ଟୋକିଓ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ତଥା ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ୨୬ ବର୍ଷୀୟ ନୀରଜ ଚଳିତ ସପ୍ତାହ ଶେଷରେ ହେବାକୁଥିବା ଡାଇମଣ୍ଡ ଲିଗ୍‌ରେ ଭାଗ ନେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପ୍ୟାରିସ ଗେମ୍ସ ପାଇଁ ପ୍ରସ୍ତୁତିକୁ ସେ ଗୁରୁତ୍ୱ ଦେଉଛନ୍ତି। ଭାରତୀୟ ଦଳରେ ୧୧ ମହିଳା ଓ ୧୭



ନୀରଜ ଚୋପ୍ରା

ପୁରୁଷ ଆଥ୍‌ଲେଟ ସାମିଲ। ନୀରଜଙ୍କ ବ୍ୟତୀତ ଏହି ତାଲିକାରେ ସାମିଲଥିବା ପ୍ରତିଷ୍ଠିତ ଆଥ୍‌ଲେଟଙ୍କ ମଧ୍ୟରେ ଅବିନାଶ ସାବ୍‌ଲେ, ତାଜିନ୍ଦରପାଲ ସିଂ ତୁର୍, ସ୍ପ୍ରିଣ୍ଟ ହର୍ଡଲର ଜ୍ୟୋତି ୟାରାଜି ଅନ୍ୟତମ। ଓଡ଼ିଶାର ପ୍ରତିଭାସମ୍ପନ୍ନ ଜାଭେଲିନ୍ ଥ୍ରୋୟର କିଶୋର କୁମାର ଜେନା ମଧ୍ୟ ଏହି ତାଲିକାରେ ସାମିଲ ଅଛନ୍ତି। ୪x୪୦୦ ପୁରୁଷ ରିଲେ ଦଳରେ ମହମ୍ମଦ ଆନାସ, ମହମ୍ମଦ ଅଜମଲ, ଅମୋଜ ଜ୍ୟାକବ ଓ ରାଜେଶ ରମେଶ ସ୍ଥାନ ପାଇଛନ୍ତି। ଗତ ବିଶ୍ୱ ଚାମ୍ପିୟନଶିପ୍‌ରେ ହିଟ୍ ଅବସରରେ ଭାରତୀୟ ଦଳ ଆମେରିକାକୁ ପଛରେ ପକାଇ ଅନେକଙ୍କୁ ବିସ୍ମିତ କରିଥିଲା। ଅଲିମ୍ପିକ୍ସର ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ଷ୍ଟେଡ୍ ଡି ଫ୍ରାନ୍ସରେ ଅଗଷ୍ଟ ୧ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅଲିମ୍ପିକ୍ସ ପ୍ରୋଗ୍ରାମରୁ ପୁରୁଷ ୫୦ କିଲୋମିଟର ରେସ୍ ୱାକ୍‌କୁ ବାଦ୍ ଦିଆଯାଇଛି। ଏହା ସ୍ଥାନରେ ମାରାଥନ ରେସ୍ ୱାକ୍ ମିକ୍ସଡ-ରିଲେ ଇଭେଣ୍ଟକୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ ସାମିଲ କରିଛି।

## ଭାରତୀୟ ଆଥ୍‌ଲେଟିକ୍ସ ଦଳ

ପୁରୁଷ: ଅବିନାଶ ସାବ୍‌ଲେ (୩୦୦୦ ମିଟର ଷ୍ଟିପଲଚେଜ୍), ନୀରଜ ଚୋପ୍ରା, କିଶୋର କୁମାର ଜେନା (ଜାଭେଲିନ୍ ଥ୍ରୋ), ତାଜିନ୍ଦରପାଲ୍ ସିଂ ତୁର୍ (ଶଟ୍ ପୁଟ୍), ପ୍ରବୀଣ ଚିଥ୍ରାଭେଲ, ଅବ୍ଦୁଲା ଅବୁବାକର(ଟ୍ରିପଲ ଜମ୍ପ), ଆକାଶଦୀପ ସିଂ, ବିକାଶ ସିଂ, ପରବଜିତ ସିଂ ବିଷ୍ଟ (୨୦ କିଲୋମିଟର ରେସ୍ ୱାକ୍), ମହମ୍ମଦ ଆନାସ, ମହମ୍ମଦ ଆଜମଲ, ଅମୋଜ ଜ୍ୟାକବ, ସନ୍ତୋଷ ତାମିଲାରସନ, ରାଜେଶ ରମେଶ(୪x୪୦୦ ମିଟର ରିଲେ), ମିଜୋ ଚାକୋ କୁରିଆନ(୪x୪୦୦ ମିଟର ରିଲେ), ସୂରଜ ପନୱାର(ରେସ୍ ୱାକ୍ ମିକ୍ସଡ ମାରାଥନ), ସର୍ବେଶ ଅନିଲ କୁଶାରେ (ହାଇ ଜମ୍ପ)। ମହିଳା: କିରନ ପାହାଲ (୪୦୦ ମିଟର), ପାରୁଲ ଚୌଧାରୀ (୩୦୦୦ ମିଟର ଷ୍ଟିପଲଚେଜ୍ ଓ ୫,୦୦୦ ମିଟର), ଜ୍ୟୋତି ଆରାଜି (୧୦୦ ମିଟର ହର୍ଡଲ୍ସ), ଅନୁ ରାଣୀ (ଜାଭେଲିନ୍ ଥ୍ରୋ), ଆଭା ଖଟୁଆ (ଶଟ୍ ପୁଟ୍), ଜ୍ୟୋଥିକା ଶ୍ରୀ ଦଣ୍ଡି, ଶୁଭା ଭେଙ୍କଟେଶ୍, ଭିଥ୍ୟା ରାମରାଜ, ପୁଭମ୍ମା ଏମ୍.ଆର. (୪x୪୦୦ ମିଟର ରିଲେ), ପ୍ରାଚୀ (୪x୪୦୦ ମିଟର ରିଲେ), ପ୍ରିୟଙ୍କା ଗୋସ୍ୱାମୀ (୨୦ କିଲୋମିଟର ରେସ୍ ୱାକ୍/ରେସ୍ ୱାକ୍ ମିକ୍ସଡ ମାରାଥନ)।

# ଧାବିକା ଦୀପାଂଶି ଡୋପ୍ ଟେଷ୍ଟରେ ବିଫଳ

ନୂଆଦିଲ୍ଲୀ, ୪।୭ (ପି.ଟି.)

ଡୋପ୍ ଟେଷ୍ଟରେ ବିଫଳ ପାଇଁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଭାରତର ଟପ୍ ମହିଳା ୪୦୦ ମିଟର ଧାବିକା ଦୀପାଂଶିଙ୍କୁ ସସ୍‌ପେଣ୍ଡ କରିଛି। ନିକଟରେ ଅନୁଷ୍ଠିତ ଜାତୀୟ ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍‌ରେ ଏହି ଆଥଲେଟ ଜଣକ ଏକ ରୌପ୍ୟ ଜିତିଥିଲେ। ପଞ୍ଚକୁଲାଠାରେ ଅନୁଷ୍ଠିତ ମହିଳା ୪୦୦ ମିଟର ଫାଇନାଲରେ ୨୧ ବର୍ଷୀୟା ଦୀପାଂଶି ୫୨.୦୧ ସେକେଣ୍ଡ ଟାଇମିଂରେ ପିରଣ ପହଲ (୫୦.୯୨)ଙ୍କ ପଛକୁ ଦ୍ୱିତୀୟ ହୋଇଥିଲେ। ପ୍ରତିଯୋଗିତାରେ ଡୋପ୍ ସାମ୍ପଲ ଜୁନ ୨୭ରେ (ହିଟ୍ ରେସ୍ ପରେ କିମ୍ବା ସେମିଫାଇନାଲରେ) ସଂଗ୍ରହ କରାଯାଇଥିଲା। ସେଥିରେ ଆନାବୋଲିକ ଷ୍ଟେରଏଡ୍ ଠାବ କରାଯାଇଥିଲା। ଜାତୀୟ ଆନ୍ତଃ-ରାଜ୍ୟ ଚାମ୍ପିୟନଶିପ୍ (ଜୁନ୍ ୨୭ରୁ ୩୦)ରେ ଏହା ହେଉଛି ପ୍ରଥମ ଡୋପ୍ ପଜିଟିଭ ମାମଲା। ଏହି ଚାମ୍ପିୟନଶିପ୍‌କୁ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଅନ୍ତିମ କ୍ୱାଲିଫାଇଙ୍ଗ ଇଭେଣ୍ଟ ବିବେଚନା କରାଯାଉଛି।



ଜର୍ଜିଆର ବାଟୁମିଠାରେ ଅନୁଷ୍ଠିତ ୮ ବର୍ଷରୁ କମ୍ ଫିଡେ ବିଶ୍ୱକପରେ ବ୍ରୋଞ୍ଜ ପଦକ ଜିତି ଗୁରୁବାର ଭୁବନେଶ୍ୱର ଫେରିଥିବା ସାତ୍ତ୍ୱିକ ସ୍ୱାଇଁଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଏବଂ କ୍ରୀଡ଼ାପ୍ରେମୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

# ସର୍ବଭାରତୀୟ ମହିଳା ରଗ୍‌ବୀ: ଓଡ଼ିଶା ଚାମ୍ପିୟନ

ଭୁବନେଶ୍ୱର, ୪।୭ (ତପନ ସ୍ୱାଇଁ)

ମହାରାଷ୍ଟ୍ରର ପୁଣେସ୍ଥିତ ବେଲେୱାଡ଼ି ଷ୍ଟାଡିୟମରେ ଗୁରୁବାର ଉଦ୍‌ଯାପିତ ସର୍ବଭାରତୀୟ ସିନିୟର ମହିଳା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ଚାମ୍ପିୟନ ହୋଇଛି। କ୍ୱାର୍ଟର ଫାଇନାଲରେ କର୍ନାଟକକୁ ୩୬-୦ ଓ ସେମିଫାଇନାଲରେ ମହାରାଷ୍ଟ୍ରକୁ ୧୯-୫ରେ ହରାଇ ଓଡ଼ିଶା ଫାଇନାଲରେ ପ୍ରବେଶ କରିଥିଲା। ଟାଇଟଲ ମୁକାବିଲାରେ ବିହାରକୁ ୧୭-୫ରେ ପରାସ୍ତ କରି ଓଡ଼ିଶା ଦଳ ଚାମ୍ପିୟନ ହୋଇଥିଲା। ମାନସ କୁମାର ଜେନା ଦଳର କୋଚ୍‌ଭାବେ ପୁଣେ ଯାତ୍ରା କରିଥିଲେ। ଓଡ଼ିଶା ଦଳ: ନିର୍ମାଲ୍ୟ ରାଉତ, ସୋନି ମାଣ୍ଡାଙ୍ଗି, ଆରତୀ ମୁର୍ମୁ, ଡୁମୁନି ମାରାଣ୍ଡି, ତରୁଲତା ନାୟକ, ହୁପି ମାଝି, ସନ୍ଧ୍ୟାରାଣୀ ଟୁଡୁ, ସୁନୀତା ହାଁସଦା, କବିତା କସ୍ତୁରୀ ପଢ଼ିହାରୀ, ମାଳିନ ସୟ, ପୁଷ୍ପାଞ୍ଜଳି ଭୋଇ, ତିଳୋତ୍ତମା ସାହୁ। କୋଚ୍: ମାନସ କୁମାର ଜେନା, ମ୍ୟାନେଜର ସଞ୍ଜୁକ୍ତା ମୁଣ୍ଡା, ଫିଜିଓ: ସୌମ୍ୟାଶ୍ରୀ ମିଶ୍ର।



ସର୍ବଭାରତୀୟ ମହିଳା ରଗ୍‌ବୀରେ ଚାମ୍ପିୟନ ହୋଇଥିବା ଓଡ଼ିଶା ଦଳ।




E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP. Black glass on the vehicle is due to lighting effect

**JYOTE MOTORS**
BHUBANESWAR: LEWIS ROAD: 8093027518. NAYAPALLI: 7064470102. TAMANDO: 9776615007. KEONJHAR: 8599019854. NAYAGARH: 7381028519. BALUGAON: 8093154878. ANANDPUR: 8599019854. KENDRAPARA: 9776615048. PATTAMUNDAI: 7440016539. GOTHAPATNA: 7064470142. BALASORE: 9776003548. BHADRAK: 7381072074. BARIPADA: 9437102597. UDALA: 9437102597. RAIRANGPUR: 9437102597. JALESWAR: 9776003548. BASUDEVPUR: 7381072074. SORO: 9776003548.

**SKY AUTOMOBILES**
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9776900777, CHANDIKHOL: 9776900777, TANGI: 7381045356.

**NARAYANI MOTORS**
BHUBANESHWAR: RASULGARH: 9583022012, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/ 48. PURI HIGHWAY PIPLI: 9583022013. TIRTOL: 7381000159.

**ODYSSEY MOTORS**
ANGUL: 7752076136, 9776901481, PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450. BALIKUDA: 9078076450.

*Terms & Conditions apply. Offers applicable on selected models. Car models and accessories shown may vary from the actual product. Images used are for illustration purposes only.

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ